୪୭
# ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୧୦/୨୦୧୯ (୨୦ ପୃଷ୍ଠା) | Bhubaneswar, Tuesday, December 10/2019 | ★★★★
୪୭ଶ ଭାଗ ୧୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



**୧୦ ବର୍ଷ ପରେ ଫେରିବେ ସୁସ୍ମିତା**
ବଲିଉଡ୍ ଅଭିନେତ୍ରୀ ସୁସ୍ମିତା ସେନ୍ ବଲିଉଡ୍ ଛାଡ଼ିବାର ୧୦ ବର୍ଷ ପରେ ପୁଣି ଫେରିବେ। ନିଜ ଅଫିସିଆଲ ଇନ୍ଷ୍ଟାଗ୍ରାମରେ ସେ ଏକ ଫଟୋ ଶେୟାର କରି ଏଭଳି ସଙ୍କେତ ଦେଇଛନ୍ତି।
୧୪

୧୯
**ସାଇନାଙ୍କୁ ଦ୍ୱିତୀୟ ଡବ୍ଲ୍ୟୁଆଇଏମ୍ ନର୍ମ**
ଓଡ଼ିଶାର ଚେସ୍ ପ୍ରତିଭା ସାଇନା ସାଲୋନିକା କ୍ୟାରିୟରର ଦ୍ୱିତୀୟ ମହିଳା ଅନ୍ତର୍ଜାତୀୟ ମାଷ୍ଟର (ଡବ୍ଲ୍ୟୁଆଇଏମ୍) ନର୍ମ ହାସଲ କରିଛନ୍ତି।





ଆମେରିକାର ଆଟ୍ଲାଣ୍ଟାରେ ଆୟୋଜିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଦକ୍ଷିଣ ଆଫ୍ରିକାର ୨୬ ବର୍ଷୀୟା ସୁନ୍ଦରୀ ଜୋଜିବିନି ଟୁନ୍‌ଜିଙ୍କୁ ମିସ୍ ୟୁନିଭର୍ସ ମୁକୁଟ ପିନ୍ଧାଯାଉଛି।

## ■ ନାଗରିକତ୍ୱ ବିଲ୍ ଲୋକ ସଭାରେ ଆଗତ
# ସଂଖ୍ୟାଲଘୁ ନୁହେଁ, ଅନୁପ୍ରବେଶକାରୀଙ୍କୁ ରୋକ୍

ନୂଆଦିଲ୍ଲୀ,୯।୧୨(ପି.ଟି.)

ଲୋକ ସଭାରେ ପ୍ରବଳ ବିରୋଧ ମଧ୍ୟରେ ସୋମବାର ନାଗରିକତ୍ୱ (ସଂଶୋଧନ) ବିଲ୍, ୨୦୧୯ ଉପସ୍ଥାପନ କରାଯାଇଛି। ଏହା ସଂଖ୍ୟାଲଘୁଙ୍କ ବିରୋଧରେ ନୁହେଁ ବରଂ ଅନୁପ୍ରବେଶକାରୀଙ୍କ ବିରୋଧରେ ବୋଲି ବିଲ୍ ଉପସ୍ଥାପନ ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଥିଲେ। ବିଲ୍ ପ୍ରତି ଦେଶର ୧୩୦ କୋଟି ଲୋକଙ୍କ ସମର୍ଥନ ରହିଥିବା ସେ ଦାବି କରିଥିଲେ। କଂଗ୍ରେସ ଧର୍ମ ଆଧାରରେ ଦେଶକୁ ଭାଗ କରିଥିଲା, ଯେଉଁଥିପାଇଁ ଏବେ ବିଲ୍ ଆଣିବା ଜରୁରୀ ହୋଇପଡିଛି ବୋଲି ସେ କହିଥିଲେ। ସମ୍ବିଧାନ ପ୍ରଦତ୍ତ ଯଥାର୍ଥ ବର୍ଗୀକରଣ ଆଧାରରେ ପ୍ରସ୍ତାବିତ ବିଧେୟକ ଅଣାଯାଇଥିବାରୁ ଏହା କୌଣସି ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଂଘନ କରିବ ନାହିଁ। ପାକିସ୍ତାନ,ବାଂଲାଦେଶ ଓ ଆଫଗାନିସ୍ତାନରେ ଧର୍ମୀୟ ବିଦ୍ୱେଷର ସମ୍ମୁଖୀନ ହୋଇ ଭାରତରେ ରହିଥିବା ଅଣମୁସଲମାନ ଶରଣାର୍ଥୀଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ ଲାଗି ବିଲ୍ ଅଣାଯାଇଛି। ଅତୀତରେ ଅନେକ ଘଟଣାରେ ଲୋକଙ୍କୁ ନାଗରିକତ୍ୱ ପ୍ରଦାନ ଲାଗି ଆଇନ ପ୍ରସ୍ତୁତ ହୋଇଥିଲା। ୧୯୭୧ରେ ବାଂଲାଦେଶ ସୃଷ୍ଟି ହେବା ପରେ ଏବଂ ଉଗାଣ୍ଡାରେ ଭାରତୀୟଙ୍କ ଉପରେ ଆକ୍ରମଣ ପରେ ଏଭଳି ପଦକ୍ଷେପ ନେବାକୁ ପଡିଥିଲା ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ କହିଥିଲେ।

ପୂର୍ବରୁ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ, ସୌଗତ ରାୟ, ଏନ୍.କେ. ପ୍ରେମ୍‌ଚନ୍ଦ୍ରନ, ଗୌରବ ଗୋଗୋଇ, ଶଶୀ ଥରୁର୍, ଅସାଦୁଦ୍ଦିନ ଓୱାଇସି ପ୍ରମୁଖ ବିଲ୍



ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ନାଗରିକତ୍ୱ ବିଲ୍ ଉପସ୍ଥାପନ କରୁଛନ୍ତି।

ଉପସ୍ଥାପନକୁ ବିରୋଧ କରିଥିଲେ। ସୋମବାର ସକାଳେ ବରିଷ୍ଠ କଂଗ୍ରେସ ସଦସ୍ୟ ଶଶୀ ଥରୁର ଲୋକ ସଭାକୁ ନୋଟିସ ଦେଇ ନାଗରିକତ୍ୱ ବିଲ୍ ଉପସ୍ଥାପନକୁ ବିରୋଧ କରାଯିବ ବୋଲି କହିଥିଲେ। ନାଗରିକତ୍ୱ ସଂଶୋଧନ ବିଲ୍ ସମାନତା ମୌଳିକ ଅଧିକାରର ଉଲ୍ଲଂଘନ ବୋଲି ସେ କହିଥିଲେ। ଧର୍ମ ଆଧାରରେ ନାଗରିକତ୍ୱ ପ୍ରଦାନ ପାଇଁ ସରକାର ଉଦ୍ୟମ କରୁଥିବାରୁ ଏହା ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଂଘନ ବୋଲି ବିରୋଧୀ ନେତାମାନେ ଅଭିଯୋଗ କରିଥିଲେ। ପରେ ମତ ବିଭାଜନ ଜରିଆରେ ବିଲ୍‌କୁ ଆଗତ କରାଯାଇଥିଲା। ୨୯୩ ଏମ୍‌ପି ବିଲ୍ ସପକ୍ଷରେ ଏବଂ ୮୨ ଜଣ ବିପକ୍ଷରେ ଭୋଟ ଦେଇଥିଲେ। ନାଗରିକତ୍ୱ ସଂଶୋଧନ ବିଲ୍‌କୁ ବିଜେଡି ସମର୍ଥନ ଜଣାଇଥିଲା।

## ଶ୍ରୀଲଙ୍କାକୁ ସାମିଲ କରାଯାଉ:ଶର୍ମିଷ୍ଠା

### ବିଜେଡି କଲା ସମର୍ଥନ

**ନୂଆଦିଲ୍ଲୀ, ୯।୧୨:** ଲୋକ ସଭାରେ ସୋମବାର ଉପସ୍ଥାପିତ ହୋଇଥିବା ନାଗରିକତ୍ୱ ସଂଶୋଧନ ବିଧେୟକ(ବିଲ୍) ୨୦୧୯କୁ ବିଜୁ ଜନତା ଦଳ (ବିଜେଡି) ସମର୍ଥନ କରିଛି। ବିଜେଡିର ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଦଳ ପକ୍ଷରୁ ପ୍ରସ୍ତାବ ଦେଇଛନ୍ତି ଯେ, ସରକାର ଉକ୍ତ ବିଲ୍‌ରେ ଶ୍ରୀଲଙ୍କାକୁ ସାମିଲ କରନ୍ତୁ। କାରଣ ସେଠାରେ ସଂଖ୍ୟାଲଘୁ ବିବେଚିତ ହେଉଥିବା ହିନ୍ଦୁ ଓ ମୁସଲମାନ ଅତୀତରୁ ନିର୍ଯାତିତ ହୋଇଆସୁଛନ୍ତି। ଉଲ୍ଲେଖଯୋଗ୍ୟ, ନାଗରିକତ୍ୱ ସଂଶୋଧନ ବିଧେୟକରେ ପାକିସ୍ତାନ, ଆଫଗାନିସ୍ତାନ ଓ ବାଂଲାଦେଶରୁ ୩୧ ଡିସେମ୍ବର ୨୦୧୪ କିମ୍ବା ତା’ ପୂର୍ବରୁ ଭାରତକୁ ଫେରିଥିବା ହିନ୍ଦୁ, ଜୈନ, ପାର୍ସୀ, ଶିଖ୍, ଖ୍ରୀଷ୍ଟିଆନ ଏବଂ ବୌଦ୍ଧ ଧର୍ମାବଲମ୍ବୀଙ୍କୁ ନାଗରିକତ୍ୱ ପ୍ରଦାନ ଲାଗି ବ୍ୟବସ୍ଥା କରାଯାଇଛି। ଶର୍ମିଷ୍ଠା କହିଛନ୍ତି ଯେ, ଉକ୍ତ ବିଲ୍‌କୁ ରାଜନୀତିକରଣ କରା ନ ଯାଉ। ଏଥିରେ ମୁସଲମାନଙ୍କ ବିରୋଧରେ ଥିବା ଭୁଲ ବୁଝାମଣାକୁ ଦୂରାଇବା ଲାଗି ସେ ସରକାରଙ୍କୁ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ, ନାଗରିକତ୍ୱ ଆଇନ, ୧୯୫୫କୁ ଏହି ବିଲ୍ ସଂଶୋଧନ କରୁଛି। ଏହି ବିଧେୟକ ଇନ୍‌ର-ଲାଇନ୍ ପରମିଟ୍ (ଆଇଏଲ୍‌ପି) ରାଜ୍ୟ ଓ ସମ୍ବିଧାନର ଷଷ୍ଠ ଅନୁସୂଚୀରେ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଆସୁଥିବା ଇଲାକାରେ ଲାଗୁ ହେବ ନାହିଁ। ଆଇଏଲ୍‌ପି ହେଉଛି ଭାରତ ସରକାରଙ୍କ ଦ୍ୱାରା ଦିଆଯାଇଥିବା ଏକ ଭ୍ରମଣ ଦଲିଲ (ଟ୍ରାଭେଲ ଡକ୍ୟୁମେଣ୍ଟ), ଯଦ୍ୱାରା ଜଣେ ଭାରତୀୟ ନାଗରିକଙ୍କୁ ଅନ୍ତର୍ଦେଶରେ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବୁଲାବୁଲି କରିବା ଲାଗି ଅନୁମତି ଦିଆଯାଇଥାଏ। ଷଷ୍ଠ ଅନୁସୂଚୀରେ ମେଘାଳୟ, ତ୍ରିପୁରା, ଆସାମ ଏବଂ ମିଜୋରାମର କେତେକ ଅଞ୍ଚଳ ଆସୁଥିବା ବେଳେ ନାଗାଲାଣ୍ଡ, ମିଜୋରାମ ଓ ଅରୁଣାଚଳ ପ୍ରଦେଶରେ ଆଇଏଲ୍‌ପି ପ୍ରଯୁଜ୍ୟ। ବିଧେୟକରେ ଆହୁରି ଦର୍ଶାଯାଇଛି ଯେ, ବେଆଇନ ଭାବେ ସେମାନଙ୍କ ଦେଶାନ୍ତରଣ ବା ନାଗରିକତ୍ୱ ସଂକ୍ରାନ୍ତରେ ଥିବା ସମସ୍ତ ଆଇନଗତ ମାମଲାକୁ ବନ୍ଦ କରିଦିଆଯିବ।

## ସିପ୍ ରିସାଇକ୍ଲିଂ ୟୁନିଟ ସ୍ଥାପନ ଦାବି

ଭୁବନେଶ୍ୱର,୯।୧୨(ବ୍ୟୁରୋ)

ରାଜ୍ୟରେ ସିପ୍ ରିସାଇକ୍ଲିଂ (ଜାହାଜ ପୁନଃ ପ୍ରକ୍ରିୟାକରଣ) ୟୁନିଟ ସ୍ଥାପନ କରାଯାଉ। ସୋମବାର ପାର୍ଲାମେଣ୍ଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଗତ ସିପ୍ ରିସାଇକ୍ଲିଂ ବିଲ-୨୦୧୯କୁ ସମର୍ଥନ କରି ବିଜୁ ଜନତା ଦଳ(ବିଜେଡି) ଏହି ଦାବି କରିଛି। ବିଲ୍ ଆଗତ ହେବା ପରେ ବିଜେଡି ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ, ରାଜ୍ୟ ସରକାର ଓଡିଶାରେ ସିପ୍ ରିସାଇକ୍ଲିଂ ୟୁନିଟ ସ୍ଥାପନ କରିବାକୁ ପ୍ରସ୍ତାବ ଦେଇଥିଲେ। ଏଥିସହିତ କେନ୍ଦ୍ର ସରକାର ରାଜ୍ୟରେ ଅଧିକ ବନ୍ଦର ସ୍ଥାପନ କରିବାକୁ ପଦକ୍ଷେପ ନିଅନ୍ତୁ ବୋଲି ସେ କହିଥିଲେ। ଓଡିଶାର ୪୮୦ ବର୍ଗ କିଲୋମିଟର ବ୍ୟାପୀ ବିରାଟ ଉପକୂଳ ରହିଛି। ରାଜ୍ୟ ସରକାର ସିପ୍ ରିସାଇକ୍ଲିଂ ୟୁନିଟ ସ୍ଥାପନ କରିବାକୁ କେନ୍ଦ୍ରକୁ ଚିଠି ଲେଖି ସାରିଛନ୍ତି। ଏହି ଦାବି ସମ୍ପର୍କରେ କେନ୍ଦ୍ର ସରକାର ବିଚାର କରିବା ଦରକାର ବୋଲି ଆଚାର୍ଯ୍ୟ କହିଥିଲେ। ଦେଶକୁ ଡମ୍ପିଂୟାର୍ଡ କରା ନ ଯାଉ । ଭାରତରେ କେବଳ ୩୦ ପ୍ରତିଶତ ଭଗ୍ନାବଶେଷଗୁଡିକର ରିସାଇକ୍ଲିଂ କରାଯାଉଛି। ଏହି ବିଲ କାର୍ଯ୍ୟକାରୀ ହେଲେ ଦେଶରେ ନିଯୁକ୍ତିର କିଭଳି ସୁଯୋଗ ☞ପୃଷ୍ଠା-୪

**ଦମ୍ପତିଙ୍କ ଉପରେ ଓଲଟିଲା କ୍ରେନ ବୋଝେଇ ଟିପ୍ପର**
........୩........

## ନୂଆ ପିଆଜ ଆସିଲେ ଦର କମିବ

ଭୁବନେଶ୍ୱର,୯।୧୨(ବ୍ୟୁରୋ)

■ ଜାନୁୟାରୀ ପ୍ରଥମ ସପ୍ତାହରେ ଖସିବ ଦର
■ ପିଆଜ ଚାଷକୁ କେନ୍ଦ୍ର ପ୍ରୋତ୍ସାହନ ଦେବା ଦରକାର: ମନ୍ତ୍ରୀ


ଗତ ୨/୩ ମାସ ହେବ ପିଆଜର ଅହେତୁକ ଦର ବୃଦ୍ଧି ଲୋକମାନଙ୍କୁ ଅତିଷ୍ଠ କରି ରଖିଛି। ନୂଆ ଅମଳ ନ ଆସିବା ଯାଏ ରାଜ୍ୟରେ ପିଆଜ ଦର୍ କମିବା ଆଶା କ୍ଷୀଣ। ତେବେ ଆଉ ମାସେ ଏଭଳି ଦର୍ ବୃଦ୍ଧି କଷ୍ଟ ଭୋଗିବାକୁ ପଡ଼ିବ। ଆସନ୍ତା ଜାନୁୟାରୀ ମାସ ପ୍ରଥମ ସପ୍ତାହ ବେଳକୁ ନୂଆ ପିଆଜ ଆସିବାପରେ ଦର୍ କମିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ସୋମବାର ଲୋକସେବା ଭବନଠାରେ ଅନୁଷ୍ଠିତ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ଯେ, କେନ୍ଦ୍ର ସରକାର ପିଆଜ ଉତ୍ପାଦନ ବୃଦ୍ଧି ପାଇଁ ପ୍ରୋତ୍ସାହନ ଯୋଗାଇବା ସହ ଅଧିକ ଅଞ୍ଚଳରେ ଏହାର ଚାଷକୁ ପରିବ୍ୟାପ୍ତ କରିବା ଆବଶ୍ୟକ। ଗତବର୍ଷଠାରୁ ଚଳିତ ବର୍ଷ ୨୬ ପ୍ରତିଶତ କମ୍ ଅଞ୍ଚଳରେ ପିଆଜ ଚାଷ କରାଯାଇଛି। ଲଗାଣ ବର୍ଷା ଯୋଗୁ ପିଆଜ ଉତ୍ପାଦନରେ ବାଧା ସୃଷ୍ଟି ହୋଇଛି। ଏଥିଯୋଗୁ କେବଳ ରାଜ୍ୟରେ ନୁହେଁ ସମଗ୍ର ଦେଶରେ ପିଆଜ ଦର୍ ବହୁ ପରିମାଣ ବଢିଯାଇଛି। ଆଗରୁ ଯେଉଁ ଅଞ୍ଚଳରେ ୩ ମେଟ୍ରିକ ଟନ ଉତ୍ପାଦନ ହେଉଥିଲା ବେଳେ ବର୍ତ୍ତମାନ ୨୫ରୁ ୩୦ କୁଇଣ୍ଟାଲ ଉତ୍ପାଦନ ହେଉଛି। ଦେଶରେ ଦୈନିକ ୧୨ରୁ ☞ପୃଷ୍ଠା-୪

## କର୍ନାଟକରେ ଭାଜପାର ବାଜିମାତ

ବେଙ୍ଗାଲୁରୁ,୯।୧୨(ପି.ଟି.)

**ସିଦ୍ଧରାମାୟା, ଗୁଣ୍ଡୁ ରାଓଙ୍କ ଇସ୍ତଫା**

କର୍ନାଟକର ୧୫ ଆସନରେ ହୋଇଥିବା ଉପନିର୍ବାଚନରେ ଶାସକ ଭାଜପା ୧୨ଟି ଆସନରେ ବିଜୟୀ ହୋଇ ବାଜିମାତ୍ କରିଛି। ଫଳରେ ୪ ମାସର ବି.ଏସ୍. ୟେଦୁରପ୍ପା ସରକାର ବିଧାନସଭାରେ ସଂଖ୍ୟାଗରିଷ୍ଠତା ବଜାୟ ରଖିପାରିଛନ୍ତି। ବିରୋଧୀ ଦଳ କଂଗ୍ରେସ ମାତ୍ର ୨ଟି ଆସନ ଜିତିବାକୁ ସକ୍ଷମ ହୋଇଥିବାବେଳେ ଜେଡିଏସ୍ ଗୋଟିଏ ବି ଆସନ ଜିତିପାରି ନାହିଁ। ସ୍ୱାଧୀନ ପ୍ରାର୍ଥୀ ଗୋଟିଏ ଆସନରେ ବିଜୟୀ ହୋଇଛନ୍ତି। ଉପନିର୍ବାଚନରେ କଂଗ୍ରେସର ପରାଜୟ ଲାଗି ବିଧାୟକ ଦଳ ନେତା ପଦରୁ ସିଦ୍ଧରାମାୟା ଏବଂ ରାଜ୍ୟ କଂଗ୍ରେସ ସଭାପତି ପଦରୁ ଦିନେଶ ଗୁଣ୍ଡୁ ରାଓ ଇସ୍ତଫା ଦେଇଛନ୍ତି। ଡିସେମ୍ବର ୫ରେ ୧୫ଟି ଆସନରେ ଉପନିର୍ବାଚନ



ଉପନିର୍ବାଚନରେ ଭାଜପାର ବିଜୟ ପରେ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ଖୁସି ମନାଉଛନ୍ତି।

ହୋଇଥିଲା। ପୂର୍ବରୁ ଉକ୍ତ ଆସନ ମଧ୍ୟରୁ ୧୨ଟି କଂଗ୍ରେସ ଅକ୍ତିଆରରେ ଥିବାବେଳେ ଏଥର ମାତ୍ର ୨ଟିରେ ବିଜୟୀ ହୋଇଥିବାରୁ ପରାଜୟ ପାଇଁ ନିଜକୁ ଦାୟୀ କରି ସିଦ୍ଧରାମାୟା ଓ ଗୁଣ୍ଡୁ ରାଓ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ପାଖକୁ ଇସ୍ତଫାପତ୍ର ପଠାଇଦେଇଛନ୍ତି।

କଂଗ୍ରେସ ହୁନସୁରୁ ଏବଂ ଶିବାଜୀନଗର ଆସନରେ ଜିତିଥିବାବେଳେ ସ୍ୱାଧୀନ ପ୍ରାର୍ଥୀ ଶରଥ ବଚେଗୌଡ଼ା ହୋସ୍‌କୋଟେରୁ ବିଜୟୀ ହୋଇଛନ୍ତି। ଦଳବିରୋଧୀ କାର୍ଯ୍ୟ ଲାଗି ସେ ଭାଜପାରୁ ବହିଷ୍କୃତ ହୋଇଥିଲେ। ☞ପୃଷ୍ଠା-୪

### ଉପ ନିର୍ବାଚନ ଫଳାଫଳ
■ ଭାଜପାକୁ ୧୨, କଂଗ୍ରେସକୁ ୨ ଆସନ
■ ଜେଡିଏସ୍‌କୁ ଗୋଟିଏ ବି ଆସନ ମିଳିଲାନି
■ ସଂଖ୍ୟାଗରିଷ୍ଠତା ବଜାୟ ରଖିଲେ ୟେଦୁରପ୍ପା ସରକାର

### ଆଜିର ସମ୍ପାଦକୀୟ
**ସେଠି ଯାହା, ଏଠି ତାହା**

### ଆଜିର ମନ୍ତବ୍ୟ
“ ନ୍ୟାୟିକ ବ୍ୟବସ୍ଥା ଉପରୁ ଲୋକଙ୍କ ବିଶ୍ୱାସ କମିଯିବା, ରାଷ୍ଟ୍ର ପାଇଁ ବିପଜ୍ଜନକ।
-ଆନ୍ନା ହାଜାରେ, ସାମାଜିକ କର୍ମୀ




Vencobb Fresh Chicken
09.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 80 | 132 | 142 |
| CTC | 79 | 131 | 141 |
| DKL | 81 | 133 | 143 |
| BDK | 74 | 124 | 134 |
| BLS | 74 | 124 | 134 |
| ANG | 82 | 135 | 145 |
| BHM | 82 | 135 | 145 |

*Conditions Apply
Issued in the Interest of Consumers

## ଚଳିତବର୍ଷ ଧାନ ସଂଗ୍ରହ ବଢ଼ିଛି

ଭୁବନେଶ୍ୱର,୯।୧୨(ବ୍ୟୁରୋ)

■ ଡିସେମ୍ବର ୭ ସୁଦ୍ଧା ୩୯.୬୮ ଲକ୍ଷ ଧାନ ସଂଗ୍ରହ ହୋଇଛି
■ ଗତବର୍ଷ ତୁଳନାରେ ୨୮ ପ୍ରତିଶତ ବୃଦ୍ଧି
■ ୫୨ ହଜାର ଚାଷୀଙ୍କୁ ୫୮.୩୭ କୋଟି ଟଙ୍କା ପ୍ରଦାନ
■ ୨.୪୩ ଲକ୍ଷ ଚାଷୀଙ୍କୁ ୨.୪୯ ଲକ୍ଷ ଟୋକନ



ଚଳିତବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀ ରାଜ୍ୟକୁ ଭଲ ବର୍ଷା ଦେଇଛି। ରାଜ୍ୟର ମୁଖ୍ୟ ଫସଲ ଧାନ ଉତ୍ପାଦନ ବୃଦ୍ଧି ପାଇଛି। ଖରିଫ ଋତୁରେ ରାଜ୍ୟ ସରକାର ଗତବର୍ଷ ତୁଳନାରେ ୨୮ ପ୍ରତିଶତ ଧାନ ଅଧିକ ସଂଗ୍ରହ କରିଛନ୍ତି । ରାଜ୍ୟ ସରକାର ଡିସେମ୍ବର ୭ ତାରିଖ ସୁଦ୍ଧା ଚାଷୀଙ୍କ ଠାରୁ ୩୯ ଲକ୍ଷ ୬୮ ହଜାର ୪୬୫ କୁଇଣ୍ଟାଲ ଧାନ ସଂଗ୍ରହ କରି ସାରିଛନ୍ତି । ଏହି ସମୟ ସୁଦ୍ଧା ୨୦୧୮ରେ ୩୦ ଲକ୍ଷ ୮୯ ହଜାର ୯୦୮ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା। ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥାପନ କରାଯାଇଥିବା ମଣ୍ଡିରୁ ଗତବର୍ଷ ଅପେକ୍ଷା ଚଳିତ ବର୍ଷ ଅଧିକ ୨୮ ପ୍ରତିଶତ ଧାନ ସଂଗ୍ରହ ହୋଇଛି। ଧାନ ସଂଗ୍ରହରେ ସ୍ୱଚ୍ଛତା ରକ୍ଷା କରାଯାଇଛି। ଚାଷୀମାନଙ୍କୁ ଅନ୍‌ଲାଇନ ପଞ୍ଜୀକୃତ କରିବା ସହ ପି-ପାସ ବ୍ୟବସ୍ଥା ଓ ଆଗୁଆ ଟୋକନ ଦେବା ବ୍ୟବସ୍ଥା ଯୋଗୁ ଧାନ କ୍ରୟରେ ବୃଦ୍ଧି ଘଟିଛି ବୋଲି ସୋମବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ଗତ ୭ ତାରିଖ ସୁଦ୍ଧା ୧୮ଟି ଜିଲାର ୧ ହଜାର ୧୧୮ଟି ମଣ୍ଡିରେ ୨ଲକ୍ଷ ୪୩ ହଜାର ୨୧୯ ଜଣ ଚାଷୀଙ୍କୁ ଆଗୁଆ ୨ ଲକ୍ଷ ୪୯ ହଜାର ୯୩୨ ଟି ଟୋକନ ପ୍ରଦାନ କରାଯାଇଛି। ଚଳିତ ଖରିଫ ଋତୁରେ ବରଗଡ଼ ଜିଲାରୁ ସର୍ବାଧିକ ୨୬ ହଜାର ୬୦୮ ଜଣ ଚାଷୀଙ୍କଠାରୁ ୧୮ ଲକ୍ଷ ୩୪ ହଜାର ୨୧୪ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିବାବେଳେ ବଲାଙ୍ଗୀର ଜିଲାର ୩ ହଜାର ୯୫୯ ଜଣ ଚାଷୀଙ୍କଠାରୁ ୨ ଲକ୍ଷ ୮୩ ହଜାର ୩୫୯ କୁଇଣ୍ଟାଲ, ବୌଦ୍ଧ ଜିଲାର ୨୮୬ ଚାଷୀଙ୍କ ଠାରୁ ୧୪ ହଜାର ୭୮୯ କୁଇଣ୍ଟାଲ, କଳାହାଣ୍ଡି ଜିଲାର ୭ ହଜାର ୨୭୫ ଜଣ ଚାଷୀଙ୍କ ମଧ୍ୟରୁ ୪ ଲକ୍ଷ ୯୬ ହଜାର ୭୧୮ କୁଇଣ୍ଟାଲ, କୋରାପୁଟ ଜିଲାର ୧ ହଜାର ୮୩୯ ଜଣ ଚାଷୀଙ୍କ ଠାରୁ ୧ ଲକ୍ଷ ୨୬ ହଜାର ୬୪୧ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ସେହିପରି ମାଲକାନଗିରି ଜିଲାର ୪ ହଜାର ୭୧୨ ଜଣ ଚାଷୀଙ୍କଠାରୁ ୧ ଲକ୍ଷ ୮୩ ହଜାର ୨୩୩ କୁଇଣ୍ଟାଲ, ନବରଙ୍ଗପୁର ଜିଲାର ୧ ହଜାର ୨୧୧ ଜଣ ଚାଷୀଙ୍କଠାରୁ ୭୮ ହଜାର ୪୦୨ କୁଇଣ୍ଟାଲ, ନୂଆପଡ଼ା ଜିଲାର ୨ହଜାର ୯୮୧ ଜଣ ଚାଷୀଙ୍କଠାରୁ ୧ ଲକ୍ଷ ☞ପୃଷ୍ଠା-୪

## ଦାୟିତ୍ୱ ନେଲେ ଡିଜିପି ଅଭୟ

କଟକ ଅଫିସ, ୯।୧୨

ରାଜ୍ୟରେ ଆଉ ଚାଲିବନି ମାଫିଆ ରାଜ। ଏମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ୧୯୮୬ ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ଅଭୟ ସୋମବାର କଟକ ସ୍ଥିତ ପୋଲିସ ମୁଖ୍ୟାଳୟରେ ଡିଜିପି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା କହିଛନ୍ତି। ପୂର୍ବାହ୍ନରେ ଅଭୟ ମୁଖ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ବରିଷ୍ଠ ପୋଲିସ ଅଧିକାରୀମାନେ ତାଙ୍କୁ ସ୍ୱାଗତ କରିବା ପରେ ସେ ମୁଖ୍ୟାଳୟ ପରିସରରେ ଥିବା ଶହୀଦ ସ୍ମୃତିସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ତାଙ୍କୁ ତାଙ୍କ ନୂଆ ଚାମ୍ବରକୁ ପାଛୋଟି ନିଆଯାଇଥିଲା। ସେଠାରେ ଅନ୍ତରୀଣ ଡିଜି ଭାବେ କାର୍ଯ୍ୟ ତୁଲାଉଥିବା ସତ୍ୟଜିତ ମହାନ୍ତି ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ।

ଦାୟିତ୍ୱ ଗ୍ରହଣ କରିବା ପରେ ଅଭୟ ତାଙ୍କ କାର୍ଯ୍ୟପନ୍ଥା ବିଷୟରେ ଖବରଦାତାଙ୍କୁ ଅବଗତ କରାଇଥିଲେ। ମୁଖ୍ୟତଃ ୬ଟି ଦିଗକୁ ସେ ପ୍ରାଧାନ୍ୟ ଦେବେ ବୋଲି କହିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ମୋ ସରକାର ଯୋଜନାରେ ଲୋକମାନଙ୍କ ଅଭିଯୋଗର ସମାଧାନକୁ ବିଶେଷ ଗୁରୁତ୍ୱ ଦିଆଯିବ। ସେହିପରି ୫-ଟି ଦ୍ୱାରା ପୋଲିସ କାର୍ଯ୍ୟରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ ବୋଲି ସେ କହିଛନ୍ତି। ଉନ୍ନତମାନର ତଦନ୍ତ କରି ମହିଳାଙ୍କ ପ୍ରତି ବଢୁଥିବା ଅପରାଧ ନିୟନ୍ତ୍ରଣକୁ ଆଣିବା ଉପରେ ଗୁରୁତ୍ୱ ଦିଆଯିବା ସହ ମାଓବାଦୀ କାର୍ଯ୍ୟକଳାପ ଉପରେ ଅଙ୍କୁଶ ଲଗାଇବା କାର୍ଯ୍ୟ ତ୍ୱରାନ୍ୱିତ ହେବ। ରାଜ୍ୟରେ ଚାଲିଥିବା ମାଫିଆମାନଙ୍କୁ ଦୃଢ଼ହସ୍ତରେ ଦମନ କରାଯିବ ଓ ପୋଲିସର ତଦନ୍ତ ମାନକୁ ବୃଦ୍ଧି କରାଯିବ ବୋଲି ସେ କହିଥିଲେ।

ସୂଚନାଯୋଗ୍ୟ, ଅଭୟ ପୋଲିସ ବିଭାଗର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଜର ଦକ୍ଷତା ☞ପୃଷ୍ଠା-୪



କଟକସ୍ଥିତ ପୋଲିସ ମୁଖ୍ୟାଳୟରେ ସୋମବାର ନୂତନ ଡିଜିପି ଭାବେ ଅଭୟ ଦାୟିତ୍ୱ ଗ୍ରହଣ କରିବା ପରେ ଅନ୍ତରୀଣ ଡିଜିପି ଦାୟିତ୍ୱରେ ଥିବା ସତ୍ୟଜିତ ମହାନ୍ତି ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରୁଛନ୍ତି।

■ ୬ ଦିଗ ଉପରେ ପ୍ରାଧାନ୍ୟ ଦେବେ
■ ୫-ଟି ଦ୍ୱାରା ପୋଲିସ କାର୍ଯ୍ୟରେ ପରିବର୍ତ୍ତନ ଆଣିବେ
■ ମାଫିଆ ଦମନକୁ ଗୁରୁତ୍ୱ

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୦ ଡିସେମ୍ବର, ୨୦୧୯



"ନାଗରିକତ୍ୱ (ସଂଶୋଧନ) ବିଲ୍ ନାଁରେ ଭାଜପା ସମାଜକୁ ଭାଗ ଭାଗ କରିବା ପାଇଁ ଉଦ୍ୟମ କରୁଛି। ଏଭଳି ବିଲ୍ ଦେଶ ଓ ଏହାର ସମ୍ବିଧାନ ପ୍ରତି ଅପମାନ।

- ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ

# ନାଗରିକତ୍ୱ ବିଲ୍‌କୁ ବିରୋଧ

- ଆସାମ, ତ୍ରିପୁରାରେ ୪୮ ଘଣ୍ଟିଆ ବନ୍ଦ
- ଦିଲ୍ଲୀ ସମେତ ବିଭିନ୍ନ ସ୍ଥାନରେ ବିକ୍ଷୋଭ


**ନୂଆଦିଲ୍ଲୀ/ଗୁଆହାଟୀ/ଅଗରତାଲା,୯।୧୨(ପି.ଟି.)**

ନାଗରିକତ୍ୱ (ସଂଶୋଧନ) ବିଲ୍‌କୁ ବିରୋଧ କରି ଦିଲ୍ଲୀ ସମେତ ଦେଶର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲାବେଳେ ଆସାମ ଓ ତ୍ରିପୁରାରେ ୪୮ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ଲୋକ ସଭାରେ ବିପକ୍ଷ ଦଳଗୁଡିକର ଜୋର୍‌ଦାର ବିରୋଧ ମଧ୍ୟରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଏହି ବିଲ୍ ଆଗତ କରିଛନ୍ତି। ଏହାକୁ ବିରୋଧ କରି ପାର୍ଲାମେଣ୍ଟ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଇଣ୍ଡିଆନ୍ ୟୁନିୟନ ମୁସ୍‌ଲିମ ଲିଗ୍‌ର ଏମ୍‌ପିମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହିପରି ଅଲ୍ ଇଣ୍ଡିଆ ୟୁନାଇଟେଡ ଡେମୋକ୍ରାଟିକ୍ ଫ୍ରଣ୍ଟ (ଏଆଇୟୁଡିଏଫ୍) ସଦସ୍ୟମାନେ ଜନ୍ତରମନ୍ତରଠାରେ ବିକ୍ଷୋଭ କରିଥିଲେ। ଏହା ସମ୍ବିଧାନ ଓ ହିନ୍ଦୁ-ମୁସଲମାନ ଏକତାର ବିରୋଧୀ। ଆମେ ଏହି ବିଲ୍‌କୁ ପ୍ରତ୍ୟାଖ୍ୟାନ କରୁଛୁ ବୋଲି ଏଆଇୟୁଡିଏଫ୍ ଏମ୍‌ପି ବଦ୍‌ରୁଦ୍ଦିନ ଅଜମଲ କହିଛନ୍ତି।

ପଡୋଶୀ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରୁ ଧର୍ମୀୟ ବିଦ୍ୱେଷର ସମ୍ମୁଖୀନ ହୋଇ ଭାରତରେ ଶରଣ ନେଇଥିବା ଅଣମୁସଲମାନମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରିବା ଏହି ବିଲ୍‌ର ଉଦ୍ଦେଶ୍ୟ। ଏହା ଆଇନରେ ପରିଣତ ହେଲେ ୨୦୧୪ ଡିସେମ୍ବର ୩୧ ସୁଦ୍ଧା ଉପରୋକ୍ତ ୩ ଦେଶରୁ ଆସି ଭାରତରେ ଶରଣାର୍ଥୀ ଭାବେ ରହିଥିବା ହିନ୍ଦୁ, ଶିଖ୍, ଜୈନ, ବୌଦ୍ଧ, ପାର୍ସୀ ଓ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ସଦସ୍ୟମାନେ ଉପକୃତ ହୋଇପାରିବେ। ସେମାନଙ୍କୁ ଆଉ ବେଆଇନ ଦେଶାନ୍ତରୀ ଭାବେ ଗ୍ରହଣ କରା ନ ଯାଇ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଯିବ। ବିଲ୍‌କୁ ଦେଶର ବିଭିନ୍ନ ଭାଗରେ ବିଶେଷ କରି ଉତ୍ତରପୂର୍ବାଞ୍ଚଳରେ ଜୋର୍‌ଦାର ବିରୋଧ କରାଯାଇଛି।

ନାଗରିକତ୍ୱ ସଂଶୋଧନ ବିଲ୍ ବିରୋଧରେ ଆସାମ ଓ ତ୍ରିପୁରାରେ ୩୮ ଘଣ୍ଟିଆ ବନ୍ଦ ପାଳନ ଯୋଗୁ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହୋଇଛି। ଅଲ୍ ମୋରାନ ଛାତ୍ର ସଂଗଠନ (ଏଏମ୍‌ଏସ୍‌ୟୁ) ପକ୍ଷରୁ ଏହି ବନ୍ଦ ଡାକରା ଦିଆଯାଇଥିଲା। ବନ୍ଦ୍‌ର ପ୍ରଥମ ଦିନରେ ଅନେକ ଜିଲା ପ୍ରଭାବିତ ହୋଇଛି। ସ୍କୁଲ୍, କଲେଜ, ଦୋକାନବଜାର ବନ୍ଦ ରହିଥିଲା। ତେବେ ବଙ୍ଗାଳୀ ବହୁଳ କାଚର ଜିଲାର ବାରାକ ଭ୍ୟାଲି, କରିମଗଞ୍ଜ ଓ ହୈଲାକାଣ୍ଡି ସମେତ ପାର୍ବତ୍ୟ ଜିଲା କାର୍ବି ଆଙ୍ଗଲଙ୍ଗ ଏବଂ ଡିମା ହାସାଓରେ ବନ୍ଦ୍‌ର ପ୍ରଭାବ ଅନୁଭୂତ ହୋଇ ନ ଥିଲା। ସେହିପରି ଗୁଆହାଟୀରେ ମଧ୍ୟ ବନ୍ଦ୍‌ର ପ୍ରଭାବ ବିଶେଷ ଦେଖିବାକୁ ମିଳି ନ ଥିଲା। ବିକ୍ଷୋଭକାରୀ ଟାୟାର ଜାଳି ଜାତୀୟ ରାଜପଥ ଅବରୋଧ କରିଥିବାବେଳେ ପୋଲିସ ସେମାନଙ୍କୁ ହଟାଇଦେଇଥିଲା। ଡିବ୍ରୁଗଡ ଓ ଗୁଆହାଟୀରେ ପୋଲିସ-ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ହେବାରୁ ଆନ୍ଦୋଳନକାରୀଙ୍କୁ ଘଉଡାଇବାକୁ ଯାଇ ପୋଲିସ ଲାଠିଚାଳନା କରିଥିଲା।

ସେହିପରି ତ୍ରିପୁରାର ଟିଟିଏଏଡିସି (ଆଦିବାସୀ ଅଞ୍ଚଳ ସ୍ୱୟଂକ୍ରିୟ ଜିଲା ପରିଷଦ) ଅଞ୍ଚଳରେ ବନ୍ଦ ଯୋଗୁ ଜୀବନଯାତ୍ରା ଅଚଳ ହୋଇପଡିଥିଲା। ଭାଜପା ସହଯୋଗୀ ଆଇପିଏଫ୍‌ଟି ସମେତ ବିଭିନ୍ନ ଦଳ ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା। ଫଳରେ ରେଳ ଓ ଗାଡ଼ିମୋଟର ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବା ସହ ହଜାର ହଜାର ଯାତ୍ରୀ ବିଭିନ୍ନ ସ୍ଥାନରେ ଅଟକି ରହି ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟରେ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ ଏବଂ ତ୍ରିପୁରା ରାଜ୍ୟ ରାଇଫଲ୍ସ ବାହିନୀର ଯବାନମାନଙ୍କୁ ମୁତୟନ କରାଯାଇଥିଲା। ତ୍ରିପୁରା ସହ ଦେଶର ଅନ୍ୟ ଭାଗକୁ ସଂଯୋଗ କରୁଥିବା ଜାତୀୟ ରାଜପଥ ଓ ରେଳଲାଇନରେ ପିକେଟିଂ କରି ଏହାକୁ ବନ୍ଦ କରିଥିବା ଆନ୍ଦୋଳନକାରୀମାନଙ୍କୁ ପୋଲିସ ଗିରଫ କରିଛି। ତ୍ରିପୁରା ବିଶ୍ୱବିଦ୍ୟାଳୟ ଏବଂ ମହାରାଜା ବୀର ବିକ୍ରମ ବିଶ୍ୱବିଦ୍ୟାଳୟ ଆନ୍ଦୋଳନ ଯୋଗୁ ପରୀକ୍ଷା ସ୍ଥଗିତ ରଖିଛନ୍ତି। ଅଧିକାଂଶ ସ୍ଥାନରେ ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଦୋକାନବଜାର ବନ୍ଦ ରହିଥିଲା ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।




ଗୁଆହାଟୀରେ ନାଗରିକତ୍ୱ ବିଲ୍ ବିରୋଧୀ ବିକ୍ଷୋଭରେ ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ତରୁଣ ଗୋଗୋଇ ଯୋଗ ଦେଇଛନ୍ତି।

## ସଂକ୍ଷେପରେ

### ନ୍ୟୁଜିଲାଣ୍ଡରେ ଅଗ୍ନି ଉଦ୍‌ଗିରଣ: ୫ ମୃତ



**ୱେଲିଂଟନ,୯।୧୨(ଏଏଫ୍‌ପି)-** ନ୍ୟୁଜିଲାଣ୍ଡର ଲୋକପ୍ରିୟ ହ୍ୱାଇଟ୍ ଆଇଲାଣ୍ଡ ଆଗ୍ନେୟଗିରିରୁ ଅଗ୍ନି ଉଦ୍‌ଗିରଣ ହେବାରୁ ୫ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୧୮ ଜଣ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ଗୁରୁତର ରହିଛି। ଉକ୍ତ ଦ୍ୱୀପରେ ଫସିଥିବା ଅନ୍ୟ ଏକ ୧୦ ଜଣିଆ ଗ୍ରୁପ୍ ସହିତ ଯୋଗାଯୋଗ ହୋଇପାରୁ ନ ଥିବା ପୋଲିସ କହିଛି। ଅଗ୍ନି ଉଦ୍‌ଗିରଣ ବେଳେ ହ୍ୱାଇଟ୍ ଆଇଲାଣ୍ଡ ଦ୍ୱୀପରେ ବହୁସଂଖ୍ୟାରେ ପର୍ଯ୍ୟଟକ ଥିଲେ।

### ଦିଲ୍ଲୀ ଅଗ୍ନିକାଣ୍ଡ
### ନୀରବ ରହିବାକୁ ପଡ଼ୋଶୀଙ୍କୁ ମିଳିଥିଲା ଧମକ

**ନୂଆଦିଲ୍ଲୀ,୯।୧୨(ଆଇଏଏନ୍‌ଏସ୍)-** ଦିଲ୍ଲୀ ଅନାଜ ମଣ୍ଡି ଅଞ୍ଚଳରେ ଥିବା ଏକ ଫ୍ୟାକ୍ଟ୍ରି ବିଲ୍ଡିଂରେ ରବିବାର ନିଆଁ ଲାଗି ୪୩ ଜୀବନ ଯାଇଛି। ଉକ୍ତ ବିଲ୍ଡିଂର ବିପଜ୍ଜନକ ସ୍ଥିତି ସମ୍ପର୍କରେ ପଡୋଶୀମାନଙ୍କୁ ଜଣାଥିଲେ ମଧ୍ୟ ଧମକ ଯୋଗୁ ସେମାନେ ପ୍ରତିବାଦ କରିବା ବଦଳରେ ନୀରବ ରହିବାକୁ ବାଧ୍ୟ ହୋଇଥିଲେ। ଦୁର୍ନୀତି ଓ କ୍ଷମତାର ଭୟ ସେମାନଙ୍କୁ ପ୍ରତିବାଦର ସ୍ୱର ଉଠାଇବାରୁ ବିରତ କରିଥିଲା ବୋଲି ଜଣେ ପଡୋଶୀ କହିଛନ୍ତି। ଫ୍ୟାକ୍ଟ୍ରି ମାଲିକଙ୍କ ବିରୋଧରେ ପୂର୍ବରୁ ପ୍ରତିବାଦ କରିଥିଲେ ଅନେକଙ୍କ ଜୀବନ ବଞ୍ଚିଯାଇପାରିଥାନ୍ତା ବୋଲି ସେ କହିଛନ୍ତି। କିଛିଦିନ ପୂର୍ବରୁ ସେଠାରେ ଆଉ ଏକ ଅଗ୍ନିକାଣ୍ଡ ଘଟି ୩/୪ ଜଣଙ୍କ ମୃତ୍ୟୁ ହୋଇଥିଲା। ଧମକ ଓ ଲାଞ୍ଚ ଦେଇ ଏହାକୁ ଚାପି ଦିଆଗଲା ବୋଲି ଜଣେ ବାସିନ୍ଦା କହିଛନ୍ତି।

### ସୋନିଆଙ୍କ ଦୀର୍ଘ ଜୀବନ କାମନା କଲେ ମୋଦି

**ନୂଆଦିଲ୍ଲୀ,୯।୧୨-** କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ୭୩ ବର୍ଷରେ ପଦାର୍ପଣ କରିଥିବାବେଳେ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହ ଟୁଇଟ କରି ତାଙ୍କର ସୁସ୍ଥ ଓ ଦୀର୍ଘ ଜୀବନ କାମନା କରିଛନ୍ତି। ଦେଶବ୍ୟାପୀ ବଳାତ୍କାର ଘଟଣା ବଢ଼ିଚାଲିଥିବାବେଳେ ମହିଳାଙ୍କ ସୁରକ୍ଷା ବିପଦରେ ପଡ଼ିଥିବାରୁ ନିରାଡ଼ମ୍ବର ଭାବେ ସୋନିଆ ଜନ୍ମଦିନ ପାଳିଛନ୍ତି।

### ଇତିହାସର ଆଇନାରେ
### ଡିସେମ୍ବର ୧୦ର ପ୍ରମୁଖ ଘଟଣା

୧୯୫୩ ଡିସେମ୍ବର ୧୦ରେ ବ୍ରିଟେନ ପ୍ରଧାନମନ୍ତ୍ରୀ ସାର୍ ୱିନ୍‌ଷ୍ଟୋନ ଚର୍ଚ୍ଚିଲ ସାହିତ୍ୟରେ ନୋବେଲ ପୁରସ୍କାର ପାଇଥିଲେ। ଜଣେ ସେନା ଅଧିକାରୀ, ଲେଖକ, ସମାଜ ସଂସ୍କାରକ ଓ ବିଶିଷ୍ଟ ରାଜନେତା ଭାବେ ସେ ବେଶ୍ ଜଣାଶୁଣା।

୨୦୧୬ ଡିସେମ୍ବର ୧୦ରେ ତୁର୍କୀର ଇସ୍ତାନ୍‌ବୁଲସ୍ଥିତ ଏକ ଷ୍ଟାଡିୟମ୍ ନିକଟରେ ଦୁଇଟି ବିସ୍ଫୋରଣ ହେବା ଫଳରେ ୪୮ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିଲା। ଏମାନଙ୍କ ମଧ୍ୟରେ ୩୬ ପୋଲିସ ଅଧିକାରୀ ଥିଲେ। ୧୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିଲେ।

### ରାଜ୍ୟ ସଭାରେ ଦିଲ୍ଲୀ ଅଗ୍ନିକାଣ୍ଡକୁ ନେଇ ଆଲୋଚନା

**ନୂଆଦିଲ୍ଲୀ,୯।୧୨(ପ.ଟି.)**

ଦିଲ୍ଲୀ ଅନାଜ ମଣ୍ଡି ଅଞ୍ଚଳରେ ଅଗ୍ନିକାଣ୍ଡରେ ୪୩ ଜଣଙ୍କ ଜୀବନ ଯାଇଥିବାବେଳେ ଏହାକୁ ନେଇ ସୋମବାର ରାଜ୍ୟ ସଭାରେ ଜୋର୍‌ଦାର ଆଲୋଚନା ହୋଇଥିଲା। ଏଭଳି ଅଗ୍ନି ଦୁର୍ଘଟଣା ରୋକିବା ଦିଗରେ ବିଭିନ୍ନ ପଦକ୍ଷେପ ନେବାକୁ ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ। ଅଗ୍ନିକାଣ୍ଡରେ ଏତେ ସଂଖ୍ୟାରେ ଲୋକଙ୍କ ମୃତ୍ୟୁ ଘଟିବା ଦୁର୍ଭାଗ୍ୟଜନକ ଓ ଯନ୍ତ୍ରଣାଦାୟକ ବୋଲି ଗୃହର ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ କହିଥିଲେ। ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥାର ଅଭାବରୁ ଏଭଳି ଦୁର୍ଘଟଣା ଘଟିଲା ବୋଲି ସେ କହିଥିଲେ। ମୃତକଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା। ଦିଲ୍ଲୀର ଅନେକ ଅଞ୍ଚଳ ବାରୁଦଗଦା ଉପରେ ରହିଛି। ଅତୀତର ଘଟଣାରୁ ଆମେ ଏପର୍ଯ୍ୟନ୍ତ କିଛି ଶିଖିଲେ ନାହିଁ ବୋଲି ଭାଜପା ସଦସ୍ୟ ବିଜୟ ଗୋଏଲ କହିଥିଲେ। ହଜାର ହଜାର ବେଆଇନ ବିଲ୍ଡିଂରେ କାରଖାନା ଚାଲିଛି, ଯେଉଁଠି କୌଣସି ସୁରକ୍ଷା ପଦକ୍ଷେପ ଗ୍ରହଣ କରାଯାଇନି। ମାଜିଷ୍ଟ୍ରେଟ ସ୍ତରୀୟ ତଦନ୍ତ ଓ ୧୦ ଲକ୍ଷ ଟଙ୍କା ସହାୟତା ବିପଦକୁ ଦୂର କରିପାରିବ ନାହିଁ ବୋଲି ସେ କହିଥିଲେ। ବିଲ୍ଡିଂରେ ଭେଣ୍ଟିଲେସନ ସୁବିଧା ନ ଥିବାରୁ ଏତେ ସଂଖ୍ୟାରେ ଶ୍ରମିକଙ୍କ ମୃତ୍ୟୁ ଘଟିଲା ବୋଲି ଏଏପି ସଦସ୍ୟ ସଞ୍ଜୟ ସିଂ କହିଥିଲେ। ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ, ଦିଲ୍ଲୀ ସରକାର ଏବଂ ଡିଡିଏ ଏକାଠି ବସି ସୁରକ୍ଷା ପଦକ୍ଷେପ ବାହାର କରିବାକୁ ସେ ପରାମର୍ଶ ଦେଇଥିଲେ।

## ଜେଏନ୍‌ୟୁ ଛାତ୍ରୀଛାତ୍ରଙ୍କୁ ଲାଠିଚାର୍ଜ

**ବର୍ଦ୍ଧିତ ଦେୟ ପ୍ରତିବାଦରେ ରାଷ୍ଟ୍ରପତି ଭବନ ଅଭିମୁଖେ ଯାଉଥିଲେ**

**ନୂଆଦିଲ୍ଲୀ, ୯।୧୨**

ହଷ୍ଟେଲ ଫି ବୃଦ୍ଧି ପ୍ରତିବାଦରେ ନୂଆଦିଲ୍ଲୀର ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ର ଛାତ୍ରୀଛାତ୍ରମାନେ ବିକ୍ଷୋଭ କରିବା ସହ ସରୋଜିନୀ ନଗର ଅଞ୍ଚଳରୁ ରାଷ୍ଟ୍ରପତି ଭବନ ଆଡ଼କୁ ଯାଉଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇବାକୁ ଯାଇ ଲାଠିଚାର୍ଜ କରିଛି। ଭିକାଜି କାମା ପ୍ଲେସ୍ ମେଟ୍ରୋ ଷ୍ଟେଶନଠାରେ ବିକ୍ଷୋଭକାରୀମାନଙ୍କୁ ପୋଲିସ କର୍ଡନ କରି ଅଟକାଇବାବେଳେ ଠେଲାପେଲା ହୋଇଥିଲା। ପରେ ଛାତ୍ରୀଛାତ୍ରମାନେ ସେଠାରେ ଥିବା ବାରିକେଡ୍ ଡେଇଁ ଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ସେମାନଙ୍କ ଉପରେ ଲାଠିଚାର୍ଜ କରିଥିଲା। ମାସେବ୍ୟାପୀ ଏଭଳି ପ୍ରତିବାଦ ବିକ୍ଷୋଭ କରାଯାଉଥିଲେ ହେଁ ଜେଏନ୍‌ୟୁ କର୍ତ୍ତୃପକ୍ଷ ସେମାନଙ୍କ କଥା ଶୁଣୁ ନ ଥିବାରୁ ଛାତ୍ରୀଛାତ୍ରମାନେ କ୍ଷୋଭ ପ୍ରକାଶ କରିଛନ୍ତି। ହଷ୍ଟେଲ ଫି ୩୦୦% ବୃଦ୍ଧିକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବା ଲାଗି ସେମାନେ ଦାବି କରିଆସୁଛନ୍ତି। ଏମିତିକି ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ମଧ୍ୟ ଇ-ମେଲ୍ ଜରିଆରେ ଛାତ୍ରୀଛାତ୍ରମାନେ ଫି ବୃଦ୍ଧି ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ଏହାଛଡ଼ା କୁଳପତିଙ୍କ ଇସ୍ତଫା, ବିକ୍ଷୋଭକାରୀ ଛାତ୍ରୀଛାତ୍ରଙ୍କ ବିରୋଧରେ ଲଗାଯାଇଥିବା ପୋଲିସ ମାମଲା ପ୍ରତ୍ୟାହାର କରିବାକୁ ସେମାନେ ଦାବି କରିଥିଲେ। ପରିସ୍ଥିତିକୁ ସୁଧାରିବା ସହ ଶାନ୍ତି ବଜାୟ ରଖିବା ଲାଗି ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଏକ ୩ଜଣିଆ କମିଟି ଗଠନ କରାଯାଇ ବିକ୍ଷୋଭକାରୀ ଛାତ୍ରୀଛାତ୍ର ଓ ଜେଏନ୍‌ୟୁ ପ୍ରଶାସନ ମଧ୍ୟରେ ବୁଝାମଣା ଲାଗି ପ୍ରୟାସ କରାଯାଇଥିଲା। କମିଟି ମନ୍ତ୍ରଣାଳୟରେ ରିପୋର୍ଟ ଦାଖଲ କରିଥିଲେ ହେଁ ମାସେ ପରେ ବି କୌଣସି ନିଷ୍ପତ୍ତି ଗ୍ରହଣ କରାଯାଇ ପାରିନାହିଁ। ଏହାକୁ ନେଇ ଛାତ୍ର ଅଶାନ୍ତି ବଢ଼ିବାରେ ଲାଗିଛି।

### ୟୁପିରେ ସ୍ଥାପନ ହେବ ୨୧୮ ଫାଷ୍ଟଟ୍ରାକ୍ କୋର୍ଟ

**ଲକ୍ଷ୍ନୌ,୯।୧୨(ପ.ଟି.)-** ବଳାତ୍କାର ଓ ଶିଶୁମାନଙ୍କ ବିରୋଧରେ ହେଉଥିବା ଅପରାଧ ମାମଲାଗୁଡ଼ିକର ଶୀଘ୍ର ଫଇସଲା ପାଇଁ ଉତ୍ତରପ୍ରଦେଶରେ ୨୧୮ଟି ଫାଷ୍ଟଟ୍ରାକ୍ କୋର୍ଟ ପ୍ରତିଷ୍ଠା କରାଯିବ। ଏ ସମ୍ପର୍କିତ ପ୍ରସ୍ତାବକୁ ୟୁପି କ୍ୟାବିନେଟ ସୋମବାର ମଞ୍ଜୁରୀ ପ୍ରଦାନ କରିଛି। ମହିଳା ବିରୋଧୀ ଅପରାଧକୁ ନେଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଉଦ୍‌ବେଗ ପ୍ରକାଶ କରିଥିଲେ। ଏଭଳି ମାମଲାଗୁଡ଼ିକର ତୁରନ୍ତ ବିଚାର କରାଯାଇ ଅପରାଧୀଙ୍କୁ ଦଣ୍ଡ ଦେବା ପାଇଁ ଫାଷ୍ଟଟ୍ରାକ୍ କୋର୍ଟ ସ୍ଥାପନ ଜରୁରୀ ବୋଲି ରାଜ୍ୟ ଆଇନମନ୍ତ୍ରୀ ବ୍ରଜେଶ ପାଠକ କହିଛନ୍ତି। ସେଥିରୁ ୧୪୪ଟି ଫାଷ୍ଟଟ୍ରାକ୍ କୋର୍ଟ ବଳାତ୍କାର ମାମଲା ଓ ୭୪ଟି କୋର୍ଟ ପୋକ୍ସୋ ଅଧୀନରେ ଆସୁଥିବା ମାମଲାଗୁଡିକର ଶୁଣାଣି କରିବେ ବୋଲି ସେ କହିଛନ୍ତି।

### ମିର୍ଚିଙ୍କ ବିରୋଧରେ ଚାର୍ଜଶିଟ୍

**ମୁମ୍ବାଇ,୯।୧୨-** ମନି ଲଣ୍ଡରିଂ ମାମଲାରେ ସମ୍ପୃକ୍ତ ଗ୍ୟାଙ୍ଗଷ୍ଟର ଇକ୍‌ବାଲ ମିର୍ଚିଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୋମବାର ଚାର୍ଜଶିଟ୍ ଦାଖଲ କରିଛି। ୧୯୮୬ ସେପ୍ଟେମ୍ବରରେ ମିର୍ଚି ୬.୫ ଲକ୍ଷ ଟଙ୍କାରେ ୱର୍ଲିଠାରେ ସାର୍ ମହମ୍ମଦ ୟୁସୁଫ୍ ଟ୍ରଷ୍ଟର ୩ଟି ସମ୍ପତ୍ତି କିଣିଥିଲେ। ଇଡି ଏହାର ତଦନ୍ତ ଚଳାଇଛି।

- ହାଇଦ୍ରାବାଦ ଏନ୍‌କାଉଣ୍ଟର ମାମଲା

## ତଦନ୍ତ ଲାଗି ଏସ୍‌ଆଇଟି ଗଠିତ

**ହାଇଦ୍ରାବାଦ, ୯।୧୨**

ପ୍ରାଣୀ ଚିକିତ୍ସକ ପ୍ରିୟଙ୍କା ରେଡ୍ଡୀ ଗଣବଳାତ୍କାର ଓ ହତ୍ୟା ମାମଲାରେ ଗିରଫ ୪ ଅଭିଯୁକ୍ତଙ୍କୁ ତେଲଙ୍ଗାନା ପୋଲିସ ଏନ୍‌କାଉଣ୍ଟର କରି ମାରିବା ଘଟଣାର ତଦନ୍ତ ଲାଗି ରାଜ୍ୟ ସରକାର ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଗଠନ କରିଛନ୍ତି। ଅଭିଯୁକ୍ତଙ୍କ ଉପରେ ପୋଲିସ ଗୁଳିମାଡ଼ର କାରଣ ଓ କେଉଁ ପରିସ୍ଥିତି ପୋଲିସକୁ ଗୁଳି ଚଳାଇବା ଲାଗି ବାଧ୍ୟ କଲା, ସେନେଇ ତଦନ୍ତ ହେବ ବୋଲି ଜଣାପଡ଼ିଛି। ପ୍ରକୃତରେ ଅଭିଯୁକ୍ତମାନେ ବନ୍ଧୁକ ଛଡ଼ାଇ ପୋଲିସ ଉପରକୁ ଗୁଳିମାଡ଼ କରିଛନ୍ତି କି ନାହିଁ, ତା'ର ମଧ୍ୟ ତଦନ୍ତ ହେବ। ରଚକୋଣ୍ଡା ପୋଲିସ କମିଶନର ମହେଶ୍ ଏମ୍ ଭଗୱତ୍‌ଙ୍କ ନେତୃତ୍ୱରେ ଗଠିତ ୮ଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଏହାର ଟିକିନିଖି ତଦନ୍ତ କରିବ। ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନ ଅନୁଯାୟୀ ଏହାର ତଦନ୍ତ କରାଯିବ। ତଦନ୍ତ ଶେଷହେବା ପରେ ଏସ୍‌ଆଇଟି ରିପୋର୍ଟ କୋର୍ଟରେ ଦାଖଲ କରିବ।

ଏନ୍‌କାଉଣ୍ଟର ମାମଲାରେ ଜାତୀୟ ମାନବାଧିକାର ସୁରକ୍ଷା କମିଶନ (ଏନ୍‌ଏଚ୍‌ଆର୍‌ସି) ପକ୍ଷରୁ ମଧ୍ୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଏହାର ୭ଜଣିଆ କମିଟି ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ ଆରମ୍ଭ କରିଛନ୍ତି। ତଦନ୍ତ ରିପୋର୍ଟ ମିଳିବା ପରେ ଘଟଣାର ସତ୍ୟତା ଲୋକଲୋଚନକୁ ଆସିବ ବୋଲି କୁହାଯାଉଛି।

### ଏନ୍‌କାଉଣ୍ଟର ବିରୋଧରେ ଶୁଣାଣି


**ନୂଆଦିଲ୍ଲୀ,୯।୧୨(ପ.ଟି.)**

ତେଲଙ୍ଗାନାର ୨୬ ବର୍ଷୀୟା ମହିଳା ପ୍ରାଣୀ ଚିକିତ୍ସକଙ୍କୁ ଗଣବଳାତ୍କାର ଓ ହତ୍ୟା ମାମଲାରେ ୪ ଅଭିଯୁକ୍ତଙ୍କୁ ପୋଲିସ ଏନକାଉଣ୍ଟର ବିରୋଧରେ ଦାଏର ପିଟିଶନର ଶୁଣାଣି ସୋମବାର ଅନୁଷ୍ଠିତ ହୋଇଥିଲା। ୯ ତାରିଖ ପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କ ମୃତଦେହକୁ ସଂରକ୍ଷିତ ରଖିବାକୁ ଅଦାଲତ ଶୁକ୍ରବାର ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ୧୩ ପର୍ଯ୍ୟନ୍ତ ସଂରକ୍ଷିତ ରଖିବାକୁ କୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଏନ୍‌କାଉଣ୍ଟରକୁ ନ୍ୟାୟ ପୂର୍ବରୁ ହତ୍ୟା ବୋଲି ଅଭିହିତ କରି ଅଦାଲତର ହସ୍ତକ୍ଷେପ ନିମନ୍ତେ ମୁଖ୍ୟ ବିଚାରପତିଙ୍କୁ ଅନୁରୋଧ କରାଯାଇଥିଲା। ଅଭିଯୁକ୍ତଙ୍କ ମଧ୍ୟରୁ ୨ ଜଣ ପୋଲିସଠାରୁ ବନ୍ଧୁକ ଛଡ଼ାଇ ଗୁଳି ଚଳାଇବାରୁ ସେମାନେ ଆତ୍ମରକ୍ଷା ପାଇଁ ଏନ୍‌କାଉଣ୍ଟର କରିଥିଲେ ବୋଲି ପୋଲିସ କହିଥିଲା। ଅନ୍ୟପକ୍ଷରେ ସୁପ୍ରିମକୋର୍ଟରେ ମଧ୍ୟ ଏନ୍‌କାଉଣ୍ଟର ହତ୍ୟା ବିରୋଧରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଅଦାଲତ ଏହାର ବିଚାର ସମ୍ପର୍କରେ ବୁଧବାର ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ମାମଲାର ନିରପେକ୍ଷ ତଦନ୍ତ ଦାବିରେ ଆଇନଜୀବୀ ଜି.ଏସ୍. ମଣି ଏହି ପିଆଇଏଲ୍ ଦାଏର କରିଥିଲେ।






ଓଡ଼ିଶାରେ ଆର୍ଥିକ ମାନ୍ଦାବସ୍ଥା, କମୁଛି ରାଜସ୍ୱ




# ଦମ୍ପତିଙ୍କ ଉପରେ ଓଲଟିଲା କ୍ରୋମ ବୋଝେଇ ଟିପ୍ପର

## ଗୁରୁତର ଅବସ୍ଥାରେ ୩ ଉଦ୍ଧାର

କଳିଙ୍ଗନଗର/ଡୁବୁରୀ, ୯।୧୨(ଡି.ଏନ.ଏ)

ଯାଜପୁର ଜିଲା କଳିଙ୍ଗନଗର ଥାନା ପଙ୍କପାଳ ବଙ୍ଗଳା ଛକ ନିକଟରେ ସୋମବାର ଏକ କ୍ରୋମ ବୋଝେଇ ଟିପ୍ପର ଏକ ବାଇକ୍‌କୁ ଧକ୍କା ଦେଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଫଳରେ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଦମ୍ପତି କ୍ରୋମ ତଳେ ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ବାଇକ୍ ଆରୋହୀଙ୍କ ସମେତ ଦମ୍ପତିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଟାଟା ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ ସମସ୍ତଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଆହତ ଦମ୍ପତି ଢେଙ୍କାନାଳ ଜିଲା ନିହଲ ପ୍ରସାଦ ଥାନା ଖଣ୍ଡବନ୍ଧ ପଞ୍ଚାୟତର କାଲୁଣୀଗୋଡା ଗାଁର ଅଲେଖ ସିଂ(୩୦) ଓ ସୁଚିସ୍ମିତା ନାଥ(୨୨) ହୋଇଥିବାବେଳେ ବାଇକ୍ ଆରୋହୀ ଜେନାପୁର ଥାନା ରାଇଛନ୍ଦା ଗ୍ରାମର ସୁଶାନ୍ତ କୁମାର ସାହୁ ବୋଲି ଜଣାପଡ଼ିଛି।

ପ୍ରକାଶ ଯେ, ଉଭୟ ସ୍ୱାମୀ, ସ୍ତ୍ରୀ ଏକ ବାଇକ୍‌ରେ ଘରୁ ଦାନଗଦୀ ଯାଉଥିବାବେଳେ ବଙ୍ଗଳା ଛକ ନିକଟରେ ରାସ୍ତାକଡ଼ରେ ଛିଡ଼ା ହୋଇଥିଲେ। ଏହି ସମୟରେ ଡୁବୁରୀରୁ ଚଣ୍ଡିଖୋଲ ଆଡକୁ ଯାଉଥିବା ଏକ କ୍ରୋମ ବୋଝେଇ ଟିପ୍ପର (ନଂ. ଓଡି୧୬ସି୭୪୮୫) ସାମ୍ନାରୁ ବାଇକ୍‌ରେ ଆସୁଥିବା ସୁଶାନ୍ତଙ୍କୁ ଧକ୍କା ଦେଇ ରାସ୍ତାକଡ଼କୁ ଓଲଟି ପଡିଥିଲା। ଫଳରେ ସେଠାରେ ଛିଡ଼ା ହୋଇଥିବା ଦମ୍ପତିଙ୍କ ଉପରେ କ୍ରୋମ ଢାଳି ହୋଇଯାଇଥିଲା। ଏହାଦେଖି ସ୍ଥାନୀୟ ଲୋକେ ଏବଂ କଳିଙ୍ଗନଗର ପୋଲିସ ପହଞ୍ଚି କ୍ରୋମାଇଟ ଭିତରୁ ଦମ୍ପତିଙ୍କୁ ଉଦ୍ଧାର କରିଥିଲେ। ଅଲେଖଙ୍କ ଗୋଟିଏ ଗୋଡ଼ ସମ୍ପୂର୍ଣ୍ଣ ଛେଚେରା ହୋଇଯାଇଥିବା ଜଣାପଡ଼ିଛି। ଅପରପକ୍ଷରେ ସୁଚିସ୍ମିତା ଗର୍ଭବତୀ ଥିବାବେଳେ ତାଙ୍କର ଗର୍ଭସ୍ଥ ଶିଶୁଟି ନଷ୍ଟ ହୋଇଯାଇଥିବା ଶୁଣିବାକୁ ମିଳୁଛି। ଦୁର୍ଘଟଣା ଘଟାଇ ଥିବା ଟିପ୍ପରକୁ କଳିଙ୍ଗନଗର ପୋଲିସ ଜବତ କରି ଘଟଣାର ତଦନ୍ତ ଚଳାଇଛି। ଟିପ୍ପର ଚାଳକ ଫେରାର ହୋଇଯାଇଥିବା ଜଣାପଡ଼ିଛି।

## ଓଡ଼ିଶାକୁ ବିଶ୍ୱସ୍ତରୀୟ ସ୍ୱୀକୃତି

# ଜାଗା ମିଶନ ପାଇଁ ‘ୱାର୍ଲଡ ହାବିଟାଟ’ ପୁରସ୍କାର

ଭୁବନେଶ୍ୱର,୯।୧୨(ବ୍ୟୁରୋ)

ବସ୍ତିରେ ରହୁଥିବା ଲୋକମାନଙ୍କୁ ଥଇଥାନ କରିବା, ସେମାନଙ୍କୁ ଜମି ଅଧିକାର ଦେବା ଓ ଜୀବନ ଜୀବିକା ବିକାଶ କ୍ଷେତ୍ରରେ ନେଇଥିବା ପଦକ୍ଷେପ ପାଇଁ ରାଜ୍ୟ ସରକାରଙ୍କୁ ‘ୱାର୍ଲଡ ହାବିଟାଟ’(ବିଶ୍ୱ ଆବାସସ୍ଥଳୀ) ପୁରସ୍କାର ପ୍ରଦାନ କରାଯାଇଛି। ରାଜ୍ୟ ସରକାର ବସ୍ତିବାସିନ୍ଦାଙ୍କୁ ଜାଗା ମିଶନ ଜରିଆରେ ଭୂମି ଅଧିକାର ଦେଇଥିବାରୁ ଏହି ପୁରସ୍କାର ମିଳିଛି। ରାଜ୍ୟର ବିଭିନ୍ନ ବସ୍ତିରେ ରହୁଥିବା ଲକ୍ଷାଧିକ ବସ୍ତିବାସିନ୍ଦାଙ୍କ ଜୀବନକୁ ସୁରକ୍ଷା ଦେଇଥିବାରୁ ସରକାରଙ୍କୁ ବିଶ୍ୱସ୍ତରରେ ସ୍ୱୀକୃତି ମିଳିପାରିଛି। ପ୍ରଥମ ଥର ଲାଗି ରାଜ୍ୟ ସରକାରଙ୍କୁ ବସ୍ତିର ବିକାଶ ପାଇଁ ଏଭଳି ଏକ ବିଶ୍ୱସ୍ତରୀୟ ପୁରସ୍କାର ମିଳି ପାରିଛି। ୱାର୍ଲଡ ହାବିଟାଟର ମୁଖ୍ୟ ଡେଭିଡ ଆର୍ୟଲାଣ୍ଡ କହିଛନ୍ତି ଯେ ଏହି ପ୍ରକଳ୍ପ ଯେ କେବଳ ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ଦେଇ ନାହିଁ ବରଂ ସେମାନଙ୍କର ଜୀବିକା ବିକାଶ କ୍ଷେତ୍ରରେ ମଧ୍ୟ ଅଭୁତ ପୂର୍ବ କାର୍ଯ୍ୟ କରିପାରିଛି ବୋଲି ସେ କହିଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ଦେବାକୁ ଜାଗା ମିଶନ ଆରମ୍ଭ କରିଛନ୍ତି। ୨୦୧୭ ଅକ୍ଟୋବର ୧୬ ତାରିଖ ପୂର୍ବରୁ ଏନ୍‌ଏସି ଏବଂ ମ୍ୟୁନିସିପାଲିଟି ଗୁଡ଼ିକରେ ରହୁଥିବା ବସ୍ତି ଲୋକଙ୍କ ସ୍ଥାୟୀ ଜମି ପଟ୍ଟା ପ୍ରଦାନ କରାଯାଉଛି। ୧୦୯ଟି ପୌରାଞ୍ଚଳରେ ଜାଗା ମିଶନ କାର୍ଯ୍ୟକାରୀ ହେଉଛି। ମ୍ୟୁନିସିପାଲିଟିଗୁଡ଼ିକରେ ବସ୍ତି ଲୋକଙ୍କୁ ୪୮୯ ବର୍ଗଫୁଟ, ଏନ୍‌ଏସି ଅଞ୍ଚଳରେ ୬୪୬ ବର୍ଗଫୁଟର ସ୍ଥାୟୀ ଜମି ପଟ୍ଟା ଯୋଗାଇ ଦିଆଯାଉଛି। ଅନ୍ୟସ୍ଥାନକୁ ସ୍ଥାନାନ୍ତର ହେଲେ ୩୨୩ ବର୍ଗଫୁଟ ଜାଗା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ଏହି ମିଶନ ପ୍ରଥମେ ପୁରୀ ମ୍ୟୁନିସିପାଲିଟିରୁ ଆରମ୍ଭ ହୋଇଥିଲା। ୨୦୧୮ରେ ଜାଗା ମିଶନ ମାଧ୍ୟମରେ ୧୦୯ଟି ପୌରାଞ୍ଚଳର ୫୦ହଜାର ପରିବାରଙ୍କୁ ଜମିପଟ୍ଟା ଯୋଗାଇ ଦିଆଯାଇଛି। ଚଳିତ ବର୍ଷ ୩୫ ହଜାର ଜମି ପଟ୍ଟା ଯୋଗାଇ ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର ଏବଂ ରାଉରକେଲା ଆଦି ୫ ମହାନଗର ନିଗମକୁ ଛାଡି ସମସ୍ତ ପୌରାଞ୍ଚଳରେ ୨ ଲକ୍ଷ ଲୋକଙ୍କୁ ଜମି ପଟ୍ଟା ଯୋଗାଇ ଦିଆଯିବ ବୋଲି ନଗର ଉନ୍ନୟନ ବିଭାଗ ପକ୍ଷରୁ କୁହାଯାଇଛି।

### ଚଳିତ ବର୍ଷ ବସ୍ତିବାସିନ୍ଦାଙ୍କୁ ମିଳିବ ୩୫ ହଜାର ଜମି ପଟ୍ଟା

‘ଓଡ଼ିଶା ସାଂସ୍କୃତିକ କେନ୍ଦ୍ର ଓ ପାଠାଗାର’ ପ୍ରତିଷ୍ଠା ଲାଗି ତତ୍ପରତା


# ଦିଲ୍ଲୀରେ ଜମି ମାଗିଲେ ନବୀନ

ଭୁବନେଶ୍ୱର,୯।୧୨(ବ୍ୟୁରୋ)

## କେନ୍ଦ୍ର ସହରାଞ୍ଚଳ ବିକାଶ ମନ୍ତ୍ରୀଙ୍କୁ ଚିଠି ଲେଖି ଜଣାଇଲେ

ନୂଆଦିଲ୍ଲୀରେ ‘ଓଡ଼ିଶା ସାଂସ୍କୃତିକ କେନ୍ଦ୍ର ଓ ପାଠାଗାର’ ପ୍ରତିଷ୍ଠା ଲାଗି ସହଯୋଗ ଲୋଡ଼ି କେନ୍ଦ୍ର ସହରାଞ୍ଚଳ ବିକାଶ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କୁ ଚିଠି ଲେଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଦୀର୍ଘଦିନ ହେଲା ରାଜ୍ୟ ସରକାରଙ୍କ ଦ୍ୱାରା ଏହା ପ୍ରତିଷ୍ଠା ହେବାକୁ ଉଦ୍ୟମ ଚାଲିଥିବାବେଳେ ଏନେଇ ଜମି ଯୋଗାଇଦେବାକୁ କେନ୍ଦ୍ରମନ୍ତ୍ରୀଙ୍କୁ ଚିଠିରେ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ। ଓଡ଼ିଶା ସରକାର ନିଜସ୍ୱ ଉଦ୍ୟମରେ ଜମି ଅଧିଗ୍ରହଣ ପାଇଁ ଚେଷ୍ଟା କରୁଥିବାବେଳେ କେନ୍ଦ୍ର ହସ୍ତକ୍ଷେପ ଦ୍ୱାରା ଏହା ଶୀଘ୍ର ସମ୍ଭବ ହୋଇପାରିବ। ସାଂସ୍କୃତିକ କେନ୍ଦ୍ର ପ୍ରତିଷ୍ଠା ଦ୍ୱାରା ଦିଲ୍ଲୀରେ ରହୁଥିବା ଓଡ଼ିଆମାନେ ବିଶେଷଭାବେ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଉତ୍କୃଷ୍ଟ ଐତିହ୍ୟ ଓ କଳାର ରାଜ୍ୟ ଓଡ଼ିଶା ଏକାଧିକ ଆଦିମ ଜନଜାତିଙ୍କ ବାସସ୍ଥଳୀ ହୋଇଥିବାବେଳେ କୃଷପ୍ରାଧାନ ରାଜ୍ୟ ଭାବେ ଏହାର ପରିଚୟ ରହିଛି। ଦକ୍ଷିଣ-ପଶ୍ଚିମ ଓଡ଼ିଶା ହେଉ ବା ଉତ୍ତର-ଉପକୂଳ ଓଡ଼ିଶା ସବୁଠାରେ ସ୍ୱତନ୍ତ୍ର କଳା, ସଂସ୍କୃତି, ଐତିହ୍ୟ ଓ ଜନଜୀବନ ଦେଖିବାକୁ ମିଳେ। ଏହି ବିବିଧ ସାଂସ୍କୃତିକ ପରିଭାଷାକୁ ଜାତୀୟ ମଞ୍ଚରେ ପହଞ୍ଚାଇବା ଓ ପ୍ରଚାର ପ୍ରସାର କରାଇବାର ଆବଶ୍ୟକତା ରହିଛି। ଓଡ଼ିଶୀ ନୃତ୍ୟକୁ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ମିଳିଥିବାବେଳେ ଓଡ଼ିଆ ଭାଷା ଦେଶର ୬ଷ୍ଠ ଶାସ୍ତ୍ରୀୟ ଭାଷା ଭାବେ ମାନ୍ୟତା ପାଇଛି। ସେହିଭଳି ଓଡ଼ିଶାର ପାରମ୍ପରିକ ଖାଦ୍ୟ, ଚାଲିଚଳଣି, ହସ୍ତତନ୍ତ ଓ ହସ୍ତଶିଳ୍ପ, ବୟନକଳା, ଜନଜାତି ଚିତ୍ରକଳା ଆଦି ନିଜର ସ୍ୱତନ୍ତ୍ରତା ପାଇଁ ଦେଶ ଓ ଦେଶ ବାହାରେ ଲୋକପ୍ରିୟତା ଅର୍ଜନ କରିଛି। ହେଲେ ନିଜ କଳା, ସଂସ୍କୃତି, ନୃତ୍ୟ, ସଙ୍ଗୀତକୁ ଜାତୀୟ ରାଜଧାନୀରେ ଉପସ୍ଥାପନ କରିବା ପାଇଁ ଓଡ଼ିଶାର ଲୋକଙ୍କ ନିକଟରେ ନିଜସ୍ୱ ସ୍ଥାୟୀ କୋଠା କିମ୍ବା ସାଂସ୍କୃତିକ କେନ୍ଦ୍ର ନାହିଁ। ଦିଲ୍ଲୀରେ ସଂଖ୍ୟାଧିକ ଓଡ଼ିଆ ରହୁଥିବାବେଳେ ସେମାନେ ଓଡ଼ିଶାର ବିଭିନ୍ନ କଳାକୁ ସଂରକ୍ଷଣ ଓ ପ୍ରଚାର ପ୍ରସାର ପାଇଁ ଉଦ୍ୟମ କରୁଛନ୍ତି। ଏହି କେନ୍ଦ୍ର ପ୍ରତିଷ୍ଠା ଦ୍ୱାରା ଦିଲ୍ଲୀକୁ ଆସୁଥିବା ବିଦେଶୀ ଓ ଦେଶୀୟ ପର୍ଯ୍ୟଟକ ଓଡ଼ିଶାର ସାଂସ୍କୃତିକ ପ୍ରାଚୁର୍ଯ୍ୟ ସଂସ୍ପର୍ଶରେ ଆସିବା ସହ ଓଡ଼ିଶା ଭ୍ରମଣରେ ଆସିବାକୁ ଆଗ୍ରହୀ ହେବେ। ଫଳରେ ପର୍ଯ୍ୟଟନ ଦୃଷ୍ଟିକୋଣରୁ ମଧ୍ୟ ଏହି କେନ୍ଦ୍ର ବିଶେଷ ଗୁରୁତ୍ୱ ବହନ କରିବ। ତାମିଲନାଡୁ, କର୍ନାଟକ, ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟ ନିଜ ନିଜର ଭବନ ଓ ନିବାସ ବ୍ୟତୀତ ସାଂସ୍କୃତିକ ଓ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସ୍ୱତନ୍ତ୍ର ସ୍ଥାନ ଅଧିଗ୍ରହଣ କରିଛନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାକୁ ମଧ୍ୟ କେନ୍ଦ୍ର ସରକାର ଏକ ଉଚିତ ସ୍ଥାନ ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ଏହି ପତ୍ରରେ ଉଲ୍ଲେଖ କରିଛନ୍ତି।




**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................

ବୟସ: ..................................

ଜନ୍ମ ତାରିଖ: ..................................



ଜୁଏଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**କିଛି ତଥ୍ୟ**

ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ଚଳିତ ବର୍ଷ ନଭେମ୍ବର ୧ ସୁଦ୍ଧା ୧୦ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଋଣ ଯୋଗାଇ ଦିଆଯାଇଛି।

– ଅର୍ଥ ମନ୍ତ୍ରଣାଳୟ

# ଉଚ୍ଛେଦ ହେଲା ମଙ୍ଗୁ ମଠ

- ୫୦ ପ୍ରତିଶତ ବ୍ୟବସାୟିକ କୋଠା ଭଙ୍ଗାଯାଇଛି
- ସୁରକ୍ଷିତ ରହିବ ମନ୍ଦିର, ଗାଦିଘର, ବିଜେସ୍ଥଳୀ
- ସୁରକ୍ଷା ନେଇ ବିଭିନ୍ନ ସ୍ତରରୁ ହୋଇଥିଲା ଉଦ୍ୟମ

ପୁରୀ ଅଫିସ, ୯।୧୨: ବହୁ ବାଦ ବିବାଦ ପରେ ଶେଷରେ ଉଚ୍ଛେଦ ହୋଇଛି ମଙ୍ଗୁ ମଠ। ସୋମବାର ମଠର ବ୍ୟବସାୟିକ କୋଠା ଭଙ୍ଗା କାର୍ଯ୍ୟ ଆରମ୍ଭ ହୋଇଛି। ଏହି ମଠକୁ ସୁରକ୍ଷା ଦେବା ପାଇଁ ବିଭିନ୍ନ ସ୍ତରରେ ଉଦ୍ୟମ ହୋଇଥିଲା। ଏମିତି କି ହାଇକୋର୍ଟରେ ମଧ୍ୟ ମାମଲା ଦାଏର କରାଯାଇଥିଲା। ହେଲେ ଶ୍ରୀମନ୍ଦିର ସୁରକ୍ଷା ଜୋନରେ ଥିବା ଏହି ମଠର ବ୍ୟବସାୟିକ କୋଠାକୁ ସୁରକ୍ଷା ମିଳିପାରି ନ ଥିଲା। ପ୍ରଥମ ଦିନରେ ପ୍ରାୟ ୫୦ ପ୍ରତିଶତ ଭଙ୍ଗାଯାଇଛି। ଏହାକୁ ସମ୍ପୂର୍ଣ୍ଣ ଭାଙ୍ଗିବା ପାଇଁ ଆହୁରି ଦୁଇଦିନ ଲାଗିପାରେ ବୋଲି ପ୍ରଶାସନ କହିଛି।

ଶ୍ରୀମନ୍ଦିର ସୁରକ୍ଷା ଜୋନରେ ଥିବା ଲଙ୍ଗୁଳି ମଠ, ଏମାର ମଠ ଏବଂ ବଡ଼ ଆଖଡା ମଠ ଭଙ୍ଗାଯିବା ପରେ ମଙ୍ଗୁ ମଠ ଉଚ୍ଛେଦ ଲାଗି ପ୍ରଶାସନ ପ୍ରସ୍ତୁତ ହୋଇଥିଲା। ମଠର ବ୍ୟବସାୟିକ କୋଠା ମାପଚୁପ ମଧ୍ୟ କରିଥିଲା। ହେଲେ ଏହାକୁ ନେଇ ଏକାଧିକ ପ୍ରତିବନ୍ଧକ ସାମ୍ନାକୁ ଆସିଥିଲା। ମଙ୍ଗୁ ମଠ ଉଚ୍ଛେଦ ହେଲେ ଗୁରୁ ନାନକଙ୍କ ଶ୍ରୀକ୍ଷେତ୍ର ଆଗମନ ସ୍ମୃତି ଲୋପ ପାଇଯିବ ବୋଲି ଦିଲ୍ଲୀ ଗୁରୁଦ୍ୱାର ପ୍ରବନ୍ଧକ କମିଟି ଜିଲାପାଳଙ୍କୁ ଭେଟି ଜଣାଇଥିଲେ। ସେହିପରି ପଞ୍ଜାବ ମୁଖ୍ୟମନ୍ତ୍ରୀ ଏହି ମଠକୁ ନ ଭାଙ୍ଗିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟୁଇଟ୍ କରିଥିଲେ। ମଠରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ନିଜ ନିଜ ସ୍ତରରେ ଏହାକୁ ସୁରକ୍ଷା ଦେବା ପାଇଁ ଚେଷ୍ଟା କରିଥିଲେ। ଏ ନେଇ ହାଇକୋର୍ଟରେ ମାମଲା ବି ଦାଏର ହୋଇଥିଲା। ଏହାସତ୍ତ୍ୱେ ପ୍ରଶାସନ ଦୁଇଦିନ ପୂର୍ବରୁ ମଠ ମହନ୍ତଙ୍କୁ ଡାକି ଉଚ୍ଛେଦ ସଂକ୍ରାନ୍ତରେ ଜଣାଇବା ସହ ଏଠାକାର ବ୍ୟବସାୟୀଙ୍କୁ ଜିନିଷପତ୍ର ଖାଲି କରିବାକୁ କହିଥିଲା। ରବିବାର ରାତି ସୁଦ୍ଧା ସବୁ ଜିନିଷପତ୍ର ଖାଲି ହେବା ପରେ ସୋମବାର ସକାଳୁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ୪ ପ୍ଲାଟୁନ ଫୋର୍ସ, ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ସହ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୋଠାକୁ ଭଙ୍ଗାଯାଇଥିଲା। ଏହି ମଠରେ ଗୋଟିଏ ଲଜ୍, ହୋଟେଲ, ରେଷ୍ଟୁରାଣ୍ଟ ସହ ପ୍ରାୟ ୨୦ଟି ଦୋକାନ ରହିଥିଲା। ଏ ନେଇ ଅତିରିକ୍ତ ଜିଲାପାଳ ଦାଶ କହିଛନ୍ତି, ମଠର ମନ୍ଦିର, ଗାଦିଘର ଓ ଠାକୁରଙ୍କ ବିଜେସ୍ଥଳୀକୁ ବାଦ୍ ଦିଆଯାଇ ଆଉ ସବୁ ନିର୍ମାଣ ଭଙ୍ଗାଯିବ। ଏଥିପାଇଁ ସମସ୍ତଙ୍କ ସହ ଆଲୋଚନା ହୋଇଛି। ମଠ ଅନ୍ତେବାସୀଙ୍କୁ ଅନ୍ୟତ୍ର ରହିବା ପାଇଁ ବ୍ୟବସ୍ଥା କରାଯାଇଛି। ବ୍ୟବସାୟୀମାନଙ୍କୁ ମଧ୍ୟ ଥଇଥାନ କରାଯିବ। ସେହିପରି ଉପଜିଲାପାଳ କହିଛନ୍ତି, ମଙ୍ଗୁ ମଠର ବ୍ୟବସାୟିକ କୋଠା ପ୍ରାୟ ୫୦ ପ୍ରତିଶତ ଭଙ୍ଗା ସରିଛି। ବ୍ୟକ୍ତିଗତ ପ୍ଲଟରୁ ଉଚ୍ଛେଦ ବେଳେ ମଣିକର୍ଣ୍ଣିକା ସାହିରେ ଯେଉଁ ବିଦ୍ୟୁତ୍ ଖୁଣ୍ଟ ଯୋଗୁ ସମସ୍ୟା ଉପୁଜୁଥିଲା ତାହାକୁ ହଟାଇ ଦିଆଯାଇଛି।

## ଅଧିକାରୀ ଉଠାଇଲେ ଉଚ୍ଛେଦ ଫଟୋ

ଏହି ଉଚ୍ଛେଦ ସମୟରେ ବହୁ ପ୍ରଶାସନିକ ଅଧିକାରୀଙ୍କୁ ଦେଖିବାକୁ ମିଳିଥିଲା। ତେବେ ପୂର୍ବରୁ କୌଣସି ଅଧିକାରୀ ଉଚ୍ଛେଦର ଫଟୋ ଉଠାଉ ନ ଥିଲେ। କାରଣ ଏହାର ଫଟୋ ଓ ଭିଡ଼ିଓ ରେକର୍ଡିଂ ପାଇଁ ସ୍ୱତନ୍ତ୍ର ଭାବେ ଲୋକଙ୍କୁ ନିୟୋଜିତ କରାଯାଇଛି। କିନ୍ତୁ ମଙ୍ଗୁ ମଠ ଭଙ୍ଗାଯିବା ବେଳର ଫଟୋ ପ୍ରାୟ ସବୁ ଅଧିକାରୀ ନିଜ ମୋବାଇଲରେ ଉଠାଉଥିଲେ। ଯେମିତି ଏଥିପାଇଁ କୌଣସି ସ୍ତରରୁ ଅଲିଖିତ ନିର୍ଦ୍ଦେଶ ରହିଛି ବୋଲି ଲାଗୁଥିଲା।



ମଙ୍ଗୁ ମଠର ବ୍ୟବସାୟିକ କୋଠାକୁ ଭଙ୍ଗାଯାଉଛି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ପ୍ରଜ୍ଞାପାରମିତା ସାହୁ



ଅଙ୍କିତ୍ ନାୟକ



ଅଶୋକ କୁମାର ମହାନ୍ତି



ସୌଦାମିନୀ ମହାପାତ୍ର

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ପ୍ରଥମ ପୃଷ୍ଠାରୁ...

### ନୂଆ ପିଆଜ...

୧୩ ଲକ୍ଷ ମେଟ୍ରିକ ଟନ ପିଆଜର ଆବଶ୍ୟକତା ଥିବାବେଳେ କେନ୍ଦ୍ର ସରକାର ଇଜିପ୍ଟ ଓ ଅନ୍ୟ ଦେଶରୁ ମାତ୍ର ୧ ଲକ୍ଷ ମେଟ୍ରିକ ଟନ ପିଆଜ ଆମଦାନି କରିଛନ୍ତି। ଯାହାକି ସମୁଦ୍ରକୁ ଶଙ୍ଖେ । ଏହା ସ୍ଥାୟୀ ସମାଧାନ ନୁହେଁ ବୋଲି ମନ୍ତ୍ରୀ କହିଛନ୍ତି। ଦେଶରେ ଉତ୍ପାଦନ ହେଉଥିବା ନୂଆ ପିଆଜ ଚଳିତ ମାସ ଶେଷ ସପ୍ତାହ କିମ୍ବା ଜାନୁୟାରୀ ପ୍ରଥମ ସପ୍ତାହ ସୁଦ୍ଧା ବଜାରକୁ ଆସିବା ସମ୍ଭାବନା ରହିଛି। ଏହା ପରେ ଦର୍ ହ୍ରାସ ପାଇବ। ଆଗରୁ ରାଜ୍ୟକୁ ୫୦ ଟ୍ରକ ପିଆଜ ଆସୁଥିବାବେଳେ ଗତ କିଛିଦିନ ହେବ ଗୋଟିଏ କିମ୍ବା ଆଦୌ ପିଆଜ ଗାଡି ଆସୁ ନାହିଁ। ନୂଆ ପିଆଜ ଆସିଲା ପରେ ଦର୍ କମିବ ବୋଲି ମନ୍ତ୍ରୀ କହିଛନ୍ତି। କିଛିଦିନ ପୂର୍ବରୁ ମନ୍ତ୍ରୀ କହିଥିଲେ ଯେ ଦେଶରେ ଦେଖାଦେଇଥିବା ପିଆଜ ଅଭାବ ଏକ ଜାତୀୟ ବିପତ୍ତି।

### କର୍ନାଟକରେ...

ପୂର୍ବ ନିର୍ବାଚନରେ ଏଚ୍.ଡି. ଦେବେଗୌଡାଙ୍କ ଜେଡିଏସ୍‌ର ୩ ବିଧାୟକ ଜିତିଥିଲାବେଳେ ଏଥର ଗୋଟିଏ ହେଲେ ଆସନ ହାତେଇପାରିନାହିଁ। କଂଗ୍ରେସ ଓ ଜେଡିଏସ୍‌ର ୧୭ ବିଧାୟକଙ୍କ ବିଦ୍ରୋହ ଯୋଗୁ ଏଚ୍.ଡି. କୁମାରସ୍ୱାମୀଙ୍କ ନେତୃତ୍ୱାଧୀନ ୧୪ ମାସର କଂଗ୍ରେସ-ଜେଡିଏସ୍ ମେଣ୍ଟ ସରକାର ଗତ ଜୁଲାଇରେ ଭୁଶୁଡ଼ି ପଡିଥିଲା ଏବଂ ୟେଦୁରପ୍ପାଙ୍କ ନେତୃତ୍ୱରେ ଭାଜପା ସରକାର ଗଢ଼ିଥିଲା। ଆସ୍ଥାଭୋଟରେ ଯୋଗଦେଇ ନଥିବା ୧୭ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରାଯିବାରୁ ସମ୍ପୃକ୍ତ ଆସନଗୁଡ଼ିକ ଖାଲିପଡିଥିଲା। ସେଥିରୁ ୧୫ଟିରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ଆହୁରି ୨ ଆସନ ଖାଲି ରହିଛି। ୧୫ ନବନିର୍ବାଚିତ ବିଧାୟକଙ୍କ ସହିତ କର୍ନାଟକ ବିଧାନସଭାରେ ସଦସ୍ୟସଂଖ୍ୟା ୨୨୩କୁ ବୃଦ୍ଧି ପାଇଥିବାରୁ ସଂଖ୍ୟାଗରିଷ୍ଠତା ହାସଲ ପାଇଁ ଭାଜପାକୁ ଅନ୍ୟୂନ ୬ ଆସନରେ ଜିତିବା ଜରୁରୀ ଥିଲା। ଶାସକ ଭାଜପାର ସଦସ୍ୟ ସଂଖ୍ୟା ୧୦୫ରୁ ବଢ଼ି ୧୧୭ ହୋଇଥିବାରୁ ଏହା ସଂଖ୍ୟାଗରିଷ୍ଠତା ବଜାୟ ରଖିପାରିଛି। ଏଠାରେ ଏକ୍‌ଜିଟ୍ ପୋଲ୍ (ବୁଥଫେରନ୍ତା ଜନମତ) ଆକଳନ ସତ ପ୍ରମାଣିତ ହୋଇଛି।

### ସିପ୍ ରିସାଇକ୍ଲିଂ...

ସୃଷ୍ଟି ହେବ ସେ ନେଇ ସରକାର ଜଣାଇବା ଦରକାର। ଏହି ବିଲ୍ ଅଧୀନରେ କାହିଁକି ଅନ୍ୟ ଜାହାଜଗୁଡିକ ଆସୁ ନାହିଁ ବୋଲି ସେ ପ୍ରଶ୍ନ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ସୋମବାର ରିସାଇକ୍ଲିଂ ଅଫ ସିପ୍ସ ବିଲ-୨୦୧୯ ରାଜ୍ୟ ସଭାରେ ପାରିତ ହୋଇଯାଇଛି। ଏହି ବିଲ ଜାହାଜଗୁଡିକରେ ବିପଜ୍ଜନକ ପଦାର୍ଥ ବ୍ୟବହାର କରିବା ଉପରେ କଟକଣା ଲଗାଇବା ସହ ନଷ୍ଟ ହୋଇଯାଇଥିବା ଜାହାଜଗୁଡିକର ପୁନଃ ପ୍ରକ୍ରିୟାକରଣ କରିବାକୁ ନିୟନ୍ତ୍ରିତ କରିବ। ଜାହାଜରେ ବିପଜ୍ଜନକ ପଦାର୍ଥ ବ୍ୟବହାର କଲେ ୩ ମାସ ଜେଲଦଣ୍ଡ ସହ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବା ନେଇ ଏହି ବିଲରେ ବ୍ୟବସ୍ଥା ରହିଛି।

### ଚଳିତ ବର୍ଷ...

୨୮ ହଜାର ୯୮୬ କୁଇଣ୍ଟାଲ, ସମ୍ବଲପୁର ଜିଲାର ୪ହଜାର ୭୬୬ ଜଣଙ୍କ ଠାରୁ ୪ ଲକ୍ଷ ୨୮ ହଜାର ୯୪୮ କୁଇଣ୍ଟାଲ ଏବଂ ସୁବର୍ଣ୍ଣପୁର ଜିଲାର ୪ ହଜାର ୩୧୮ ଚାଷୀଙ୍କଠାରୁ ୩ ଲକ୍ଷ ୬୭ ହଜାର ୭୫୫ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ସେହିପରି ଧାନ କିଣା ବାବଦକୁ ରାଜ୍ୟ ସରକାର ୫୨ ହଜାର ୯୨୬ ଚାଷୀଙ୍କୁ ୫୮ କୋଟି ୩୭ ଲକ୍ଷ ୫୦ ହଜାର ୮୪୮ କୋଟି ଟଙ୍କା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇଛିବୋଲିମନ୍ତ୍ରୀ ସ୍ୱାଇଁକହିଛନ୍ତି।

### ଦାୟିତ୍ୱ ନେଲେ...

ପ୍ରତିପାଦନ କରିସାରିଛନ୍ତି। ପୋଲିସ ଡିଜି ଭାବେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ସେ ହାଇଦ୍ରାବାଦସ୍ଥିତ ଜାତୀୟ ପୋଲିସ ଏକାଡେମୀରେ ଡିଜି ଭାବେ କାର୍ଯ୍ୟ କରୁଥିଲେ। କିଛିଦିନ ତଳେ ବିଜୟ କୁମାର ଶର୍ମାଙ୍କୁ ଏହି ପଦବୀରୁ ହଟାଯିବା ପରେ ସତ୍ୟଜିତ୍ ମହାନ୍ତି ଅନ୍ତରୀଣ ଡିଜିଭାବେ କାର୍ଯ୍ୟ କରୁଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ସ୍ୱରାଶିରେ ଚନ୍ଦ୍ର ଅବସ୍ଥାନ କରିଥିବାରୁ କାମଗୁଡ଼ିକୁ ପୂରାଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ ଏବଂ କାମ ମଧ୍ୟ ହୋଇଯିବ । ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ। ଜଳ, ତୈଳ, ବିଦ୍ୟୁତ୍ ବ୍ୟବସାୟରୁ ଲାଭବାନ ହେବେ ଏବଂ ପରିବହନ ପାଇଁ ମଧ୍ୟ ମନ୍ଦ ହେବନି । ସଙ୍ଗଠନ ଓ ରାଜନୀତିରେ କୂଟନୀତି ପ୍ରୟୋଗ କରି କାର୍ଯ୍ୟ ସାଧନ କରିପାରିବେ।

**ବୃଷ** – ଆଜି ଆପଣ ଯାହାକୁ ଯାହା କହିବେ ସେହି ବ୍ୟକ୍ତି କଦାପି ଆପଣଙ୍କ କଥାକୁ ଅସ୍ୱୀକାର କରିବ ନାହିଁ। ଏହା ସଙ୍ଗକୁ ପ୍ରତ୍ୟେକ କ୍ଷେତ୍ରରେ ନିଜର ସମ୍ପର୍କୀୟମାନଙ୍କ ସହଯୋଗରୁ ଉପକୃତ ହେବେ। ପାଖ ପଡ଼ୋଶୀଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ। ବନ୍ଧୁଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ।

**ମିଥୁନ** – ପ୍ରତ୍ୟେକ କ୍ଷେତ୍ରରେ ଜଗିରଖି ସତର୍କରେ ଚଳନ୍ତୁ, ନତୁବା ଝମେଲା ବଢ଼ି ଯାଇପାରେ। ପରିବାରର ଖର୍ଚ୍ଚ ପରିମାଣ ଦି'ଗୁଣା ହୋଇପାରେ ଯାହାକି ଦୁଶ୍ଚିନ୍ତାର କାରଣ ହୋଇଯିବ। ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ଆଜିର ଯାତ୍ରା ସମୟରେ ଯାନ ବାହନରେ ସତର୍କ ରୁହନ୍ତୁ।

**କର୍କଟ** – କର୍ମକ୍ଷେତ୍ରରେ ସହକର୍ମୀ ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ ଫଳରେ ଟେନ୍‌ସନ ଲାଗି ରହିବ। ଘର କଥାନେଇ ସ୍ତ୍ରୀଙ୍କ ସହ ଆଲୋଚନା କଲେ ଆଶଙ୍କା ଅପରାହ୍ନେ ଦୂର ହୋଇଯିବ। ସାମାଜିକ ସ୍ତରରେ କିମ୍ବା ସଙ୍ଗଠନ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ସିଂହ** – କାମ ହାସଲ ସକାଶେ ଅର୍ଥ ପ୍ରାପ୍ତିର ଉତ୍କଟ ଚିନ୍ତା ପରିଲକ୍ଷିତ ହେବ। ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହୋଇପାରନ୍ତି। ଅଶାନ୍ତ ମନ ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ପରେ ଶାନ୍ତ ହେବ ଓ ମାନସିକ ସ୍ଥିତି ଠିକ୍ ରହିବ। କର୍ମକ୍ଷେତ୍ରରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାରେ ସୁଯୋଗ ପାଇବେ।

**କନ୍ୟା** – ଆଜି ଯାହା ଚାହିଁବେ ତାହା ପାଇବେ ମାତ୍ର ସମୟୋପଯୋଗୀ କାର୍ଯ୍ୟଶୈଳୀ ଠିକ୍ ରହିବା ଦରକାର। ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେବ ଅବଶ୍ୟ ବିଶେଷ ଅସୁବିଧା ହେବନାହିଁ। ସୁନା ଜିନିଷ କିମ୍ବା ମୂଲ୍ୟବାନ ବସ୍ତୁ କିଣା ବିକାରେ ସତର୍କତା ଅଭାବରୁ ଠକାମିରେ ପଡ଼ିପାରନ୍ତି। ଅପରିଚିତ ଲୋକଟି ମିତ୍ରତା ସ୍ଥାପନ ଛଳରେ ପାଖେଇ ଆସିପାରେ।

**ତୁଳା** – ପରିସ୍ଥିତି ଓ ପରିବେଶ ବଦଳି ଯିବା କାରଣରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି । ପ୍ରଶାସନିକ କ୍ଷେତ୍ରରେ ରହିଥିବା ସମସ୍ୟାର ସମାଧାନ ହୋଇଯିବ। ବ୍ୟବସାୟରେ ବିଶେଷ ଉନ୍ନତି ପରିଲକ୍ଷିତ ହେବ। ହଠାତ୍ ଜଣେ ବନ୍ଧୁଙ୍କ ପାଇଁ ମନ ଛଟପଟ ହୋଇପାରେ।

**ବିଛା** – ବିକ୍ଷିପ୍ତ ଚିନ୍ତାଧାରା ସଙ୍ଗକୁ ଏକାଧିକ କାମରେ ଅନୁପ୍ରବେଶଜନିତ ନାନା ସମସ୍ୟାରେ ପଡ଼ି ବିରସ ମନରେ ରହିପାରନ୍ତି। କଳା, ସାହିତ୍ୟ ଓ ରାଜନୀତି, ଆଲୋଚନା,ସଭାସମିତି ପ୍ରଭୃତି କ୍ଷେତ୍ରରେ ବେଶ୍ ଆଦୃତ ହେବେ। ଆନୁଷ୍ଠାନିକ କାମରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପରିସ୍ଥିତିରେ ପଡି ବହୁତ ଗୁଡ଼ିଏ ଟଙ୍କା ଖର୍ଚ୍ଚକରି ଦୁଃଖିତ ହୋଇପାରନ୍ତି।

**ଧନୁ** – ସ୍ୱାସ୍ଥ୍ୟ ଠିକ୍ ରହିବା ସହ ମାନସିକ ସ୍ଥିତି ମଧ୍ୟ ବହୁତ ଭଲ ରହିବ । ଏକ ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପ୍ରତିଯୋଗିତାରେ ସଫଳତା ହାସଲ କରିବା ସହ ଶିଳ୍ପ,ବାଣିଜ୍ୟରେ ଉନ୍ନତି କରିବେ। ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ।

**ମକର** – ଦୀର୍ଘଦିନରୁ ଅଟକି ରହିଥିବା କାମଗୁଡିକ ବନ୍ଧୁ ସୁବିଧାରେ କରାଇ ଦେଇ ପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ । ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଓ ଶ୍ରବଣା ନକ୍ଷତ୍ର ସହଜରେ କାମ ହାସଲ କରିବେ।

**କୁମ୍ଭ** – ଆଜି ଆପଣ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରିତ ହୋଇ ବନ୍ଧୁ ମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ। ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରି ପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ।

**ମୀନ** – ପ୍ରତ୍ୟେକ ଦିଗ ଅନୁକୂଳ ରହିଲେ ମଧ୍ୟ ଅନ୍ୟ କେତେକ କ୍ଷେତ୍ରରେ ପାରିବାରିକ ପ୍ରତିରୋଧ ହେତୁ କାମ ଗୁଡ଼ିକ ଅଟକି ଯିବାର ଆଶଙ୍କା ରହିଛି । ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବାରୁ ସାମୟିକ ମନ ଖୁସି ରହିବ । ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ଆକସ୍ମିକ ଭାବରେ ଗସ୍ତ କାର୍ଯ୍ୟକ୍ରମ ବଦଳି ଯାଇପାରେ।

ଆଜି ମାର୍ଗଶିର ଶୁକ୍ଳ ତ୍ରୟୋଦଶୀ ଯୁକ୍ତ ପାଷାଣ ଚତୁର୍ଦ୍ଦଶୀ ମଙ୍ଗଳବାର, ଅଦ୍ୟ ଗୀତା ଜୟନ୍ତୀ, ଡିସେମ୍ବର ୧୦ ତାରିଖ, ବିଶ୍ୱ ମାନବାଧିକାର ଦିବସ, ରାଶି ନକ୍ଷତ୍ର-କୃତ୍ତିକା/ମେଷ, ଘ୧୨।୧୩ମି. ଗତେ, ବୃଷ, ଚନ୍ଦ୍ର, ବିଛା ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଦିବା୭।୪୧ମି. ଗତେ ଘ୮।୨୪ମି. ମଧ୍ୟେ ଅମୃତ ବେଳା। ସକାଳ ଘ୯।୦୦ମି.ଗତେ ଘ୧୦।୨୦ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୨।୨୧ମି. ଗତେ ଘ୩।୪୨ମି. ମଧ୍ୟେ ରାହୁକାଳ।

**classifieds Everyday**
0674-2580101, 2549302

**automobile**

**HIRE**

JCB Machine Excavators 38T, 21T, 10T, 8T, Excavator & Loader- 2DX, 3DX, JCB Compactor, JCB Load all available for hire/sale. Contact immediately: 9556240228, 9937292015. Email- enquiry@kttorissa.com D-15185

**real estate**

**SALE**

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-15126

ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। Project ଭିତରେ 30ft road ଦିଆଯାଇଛି। 8018474890. D-68431

Bhubaneswar Uttarachhakaରୁ 5K.M sqft.-550/-, କଟକ ତ୍ରିଶୂଳିଆରୁ 4K.M- 280/-, ଜଟଣୀଗେଟ୍‌ଠାରେ 200/, ନଖରା DPS ପାଖରେ 700/-ର ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440. D-68433

ନଖରା ତ୍ରିନାଥବଜାରଠାରେ SC Plot 1200sqft. 4,44,000/-, ଘରବାରୀ ପାଚେରୀ ଥାଇ outrightରେ ମିଳୁଅଛି– 9348817649, 6371569855. D-68443

ଭୁବନେଶ୍ୱର Tamandoରେ yellozone plot 30ft ରାସ୍ତାଥାଇ କିଣନ୍ତୁ, ବାଲିଅନ୍ତାରେ ready to move Duplex, 9348767829. D-68441

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-68911

Fully developed 30'road, electricity, Gharabari residential corner plot at canalroad, Hanspal@7,80,000/- 9437033320. D-68444

Bhubaneswar Kesura SBI କଲୋନୀକୁ ଲାଗି ଘରବାଡି ପାଚେରି ସହ ଏବଂ Airportରୁ 5k.m ସୁନ୍ଦରପଦାରେ plot ମିଳୁଅଛି– 9078736851. D-68445

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ Boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି sqft.650/- 7008045582, 9692003948. D-15642

Flat for sale of 2/3BHK at Patrapada (walkable distance from N.H.) Bhubaneswar. Contact: 7008420151, 9337834312. D-68623

Versa hermitage- 1BHK, studio flats available for sales at the holy land of Puri (Hurry, few flats left) 9861930740, 9437030740. D-68913

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**healthcare**

Rejuvenate and ayurvedic full body massage by smart therapist. 9114402304. D-68904

Ayurvedic full body massage ladies/ gents smart experts therapist- 8480939300. D-68712

Refresh your mind and soul with best therapy at Orchid Salon/Spa. 9937287222. D-68716

Ayurvedic full body massage ladies and gents. Contact: 9861064981. D-68715

Ayurvedic full body massage ladies & gents smart therapist, 9668814589. D-68719

Full body herbal massage with refreshment expert therapist. 7381239385, 06 742540855. D-68915

Experience full body massage with us (expert). Call: 7377048581, 06742597822. D-68916

Herbal full body massage by smart / expert therapist. Contact: 8338067247. D-68917

Summer special mesmerizing offer expert therapeutic refreshing massage appointment. 9668374480. D-68918

**astrology**

ବାସ୍ତୁ Related ସମସ୍ୟାର permanent solution ପାଇଁ ନିର୍ଭରଯୋଗ୍ୟ ଅନୁଷ୍ଠାନ "AkankshyaVastu", 7978736177. D-68221

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ମାଈହାତୀ ମୃତଦେହ ଠାବ

**ଉଦଳା,୯।୧୨(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଉଦଳା ବନ ବିଭାଗ ଅଧୀନ ଶିମିଳିପାଳ ଅଭୟାରଣ୍ୟର ପର୍ଯ୍ୟଟନସ୍ଥଳୀ ଦେଇ ପ୍ରବାହିତ ଦେଓ ନଦୀ କୂଳରେ ସୋମବାର ଗୋଟିଏ ମାଈ ହାତୀର ମୃତଦେହ ଠାବ ହୋଇଛି। ବନ ବିଭାଗ କର୍ମଚାରୀ ଏବଂ ଶିମିଳିପାଳ ଏସଟିଆର୍ ଅଧିକାରୀମାନେ ପହଞ୍ଚି ହାତୀ ମୃତ୍ୟୁ ଘଟଣାର ତଦନ୍ତ ଜାରି ରଖିଛନ୍ତି। ଏନେଇ ଉଦଳା ରେଞ୍ଜ ଅଧିକାରୀ ଅଜୟ କୁମାର ଦାସଙ୍କୁ ପଚାରିବାରୁ ସେ ଏସମ୍ପର୍କରେ ଜାଣି ନାହାଁନ୍ତି ବୋଲି କହିଛନ୍ତି। ତେବେ ବନ ବିଭାଗ କର୍ମଚାରୀମାନେ ମୃତହାତୀକୁ ଜଗି ରହିଥିବା ଖବର ମିଳିଛି। ବନ୍ୟ ପ୍ରାଣୀ ବିଶେଷଜ୍ଞଙ୍କ ଦ୍ୱାରା ବ୍ୟବଚ୍ଛେଦ ପରେ ହାତୀ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବନ ବିଭାଗର ଜଣେ କର୍ମଚାରୀ କହିଛନ୍ତି।

### ପୃଥକ୍ ଦୁର୍ଘଟଣାରେ ୨ ମୃତ

**ଛତ୍ରପୁର,୯।୧୨(ଡି.ଏନ୍.ଏ.):** ଗଞ୍ଜାମ ଜିଲାରେ ସୋମବାର ପୃଥକ୍ ସଡ଼କ ଦୁର୍ଘଟଣାରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ଛତ୍ରପୁର ଏକାମ୍ର ନଗର ନିକଟ ଜାତୀୟ ରାଜପଥରେ ଏକ ବାଇକ୍ ଡିଭାଇଡରରେ ପିଟିହେବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ସେହେଲେ ଛତ୍ରପୁର ବ୍ଲକ ଆର୍ଯ୍ୟପଲ୍ଲୀ ପଞ୍ଚାୟତ ଅଧୀନ କଣ୍ଡରା ଆର୍ଜିପଲ୍ଲୀ ଗାଁର ଦୀପକ କୁମାର ବେହେରା। ଛତ୍ରପୁର ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ଲାଗି ସ୍ଥାନୀୟ ହସ୍ପିଟାଲକୁ ପଠାଇଥିଲେ। ସେହିପରି ରମ୍ଭା ଥାନା ଏଚ୍. ବୁରୁଡି ଗାଁର ଚାଷୀ ନୀଳକଣ୍ଠ ନାହାକ ଭୋର ସମୟରେ ବିଲକୁ ଯାଉଥିବାବେଳେ ଜାତୀୟ ରାଜପଥରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଛତ୍ରପୁର ହସ୍ପିଟାଲକୁ ପଠାଇଛି।

### ଭିଜିଲାନ୍ସ ଜାଲରେ ଉତ୍ରା ପିଇଓ

**ଭଞ୍ଜନଗର,୯।୧୨(ଡି.ଏନ.ଏ):** ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ଉତ୍ରା ପିଇଓ ମନୋଜ କୁମାର ସାହୁ ସୋମବାର ଅପରାହ୍ଣରେ ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସେ ପଞ୍ଚାୟତର ଅସ୍ଥାୟୀ ପିଅନ ପାଣୁ ଚନ୍ଦ୍ର ସେଠୀଙ୍କ ଦରମା ବଢ଼ାଇବାକୁ ୨ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଏନେଇ ବ୍ରହ୍ମପୁର ଭିଜିଲାନ୍ସ ଅଫିସ ପକ୍ଷରୁ ନଂ.୩୪।୧୯ରେ ଏକ ମାମଲା ରୁଜୁ କରାଯାଇଛି। ଏଥିସହ ଅଧିକ ପଚରାଉଚରା ପାଇଁ ମନୋଜଙ୍କୁ ଭିଜିଲାନ୍ସ ଟିମ୍ ବ୍ରହ୍ମପୁର ନେଇଛି। ପ୍ରକାଶ ଯେ, ପାଣୁ ପଞ୍ଚାୟତର ଅସ୍ଥାୟୀ ପିଅନ ଭାବେ କାର୍ଯ୍ୟରତ ଅଛନ୍ତି। ତାଙ୍କର ଦରମା ବୃଦ୍ଧି କରିବାକୁ ହେଲେ ପଞ୍ଚାୟତ ବୈଠକରେ ଅନୁମୋଦନ ଦରକାର। ବୈଠକରେ ବର୍ଦ୍ଧିତ ଦରମା ପ୍ରସଙ୍ଗ ଉପସ୍ଥାପନ କରିବାକୁ ପାଣୁଙ୍କୁ ୨ ହଜାର ଟଙ୍କା ଲାଞ୍ଚ ମାଗିଥିଲେ ମନୋଜ। ଏନେଇ ପାଣୁ ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପିଙ୍କୁ ଜଣାଇଥିଲେ। ଏହାପରେ ସୋମବାର ପୂର୍ବ ଯୋଜନା ପ୍ରକାରେ ପାଣୁ ପଞ୍ଚାୟତ କାର୍ଯ୍ୟାଳୟରେ ମନୋଜଙ୍କୁ ଲାଞ୍ଚ ଟଙ୍କା ଦେଇଥିଲେ। ଏହି ସମୟରେ ପୂର୍ବରୁ ସେଠାରେ ଛପି ରହିଥିବା ଭିଜିଲାନ୍ସ ଟିମ୍ ମନୋଜଙ୍କୁ କାବୁ କରିବା ସହ ତାଙ୍କ ନିକଟରୁ କେମିକାଲବୋଳା ଟଙ୍କା ଜବତ କରିଥିଲେ। ବିଗତ କିଛିମାସ ହେବ ଭିଜିଲାନ୍ସ ହାବୁଡ଼ରେ ଭଞ୍ଜନଗର, ବେଲଗୁଣ୍ଠା ଓ ଜଗନ୍ନାଥପ୍ରସାଦ ବ୍ଲକର ଏକାଧିକ କର୍ମଚାରୀ ପଡିଲେଣି, ତଥାପି ଲାଞ୍ଚ କାରବାର କମୁନାହିଁ।

## ଗୌରବିହାର ଆଶ୍ରମରେ ବ୍ୟଞ୍ଜନ ଦ୍ୱାଦଶୀ

# ରାଧାକୃଷ୍ଣଙ୍କୁ ଲାଗିହେଲା ୬୭୫ ପ୍ରକାର ବ୍ୟଞ୍ଜନ

**ପୁରୀ ଅଫିସ, ୯।୧୨**

ମାର୍ଗଶିର ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ତିଥିରେ ସୋମବାର ଶ୍ରୀଗୌରବିହାର ଆଶ୍ରମ (ମାତା ମଠ)ରେ ବ୍ୟଞ୍ଜନ ଦ୍ୱାଦଶୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପବିତ୍ର ତିଥିରେ ଶ୍ରୀଚୈତନ୍ୟ ମହାପ୍ରଭୁ ଏବଂ ଶ୍ରୀରାଧାକୃଷ୍ଣଙ୍କ ନିକଟରେ ୬୭୫ ପ୍ରକାର ବ୍ୟଞ୍ଜନ ନୈବେଦ୍ୟ ଅର୍ପଣ କରାଯାଇଛି। ମହନ୍ତ ସୁବଳ ଚରଣ ଦାସ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ଓଡ଼ିଶାର ବିଭିନ୍ନ ଜିଲାରୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଓଡ଼ିଶା ବାହାରୁ ବିଶେଷକରି ପଶ୍ଚିମବଙ୍ଗରୁ ବହୁ ଭକ୍ତ ବ୍ୟଞ୍ଜନ ପ୍ରସ୍ତୁତି ନିମନ୍ତେ ବିଭିନ୍ନ ପ୍ରକାର ସାମଗ୍ରୀ ଧରି ଆସିଥିଲେ। ଭୋରୁ ସମସ୍ତ ଦେବନୀତି ସମାପ୍ତ ପରେ ମଧ୍ୟାହ୍ନରେ ଶ୍ରୀଚୈତନ୍ୟ ଓ ଶ୍ରୀକୃଷ୍ଣଙ୍କୁ ନୈବେଦ୍ୟ ଅର୍ପଣ କରାଯାଇଥିଲା। ମଠ ମହନ୍ତ ସୁବଳ ଚରଣ ଦାସ ମହାରାଜ କହିଛନ୍ତି, ଆଶ୍ରମର ଆରାଧ ଶ୍ରୀରାଧାକୃଷ୍ଣ ଓ ଚୈତନ୍ୟ ମହାପ୍ରଭୁଙ୍କ ନିକଟରେ ୬୭୫ ପ୍ରକାର ବ୍ୟଞ୍ଜନ ସମର୍ପଣ କରାଯାଇଛି। ଏହି ସବୁ ବ୍ୟଞ୍ଜନ ପ୍ରସ୍ତୁତି ପାଇଁ ଦୁଇଦିନ ଲାଗିଥିବାବେଳେ ପ୍ରାୟ ୫୦ ଜଣ ସେବିକା ସେବକ ଏଥିରେ ନିୟୋଜିତ ଥିଲେ।

ଏହି ଅବସରରେ ମଠ ପରିସରରେ ଆୟୋଜିତ ସଭାରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ସ୍ୱାମୀ ପ୍ରଜ୍ଞାନାନନ୍ଦ ମହାରାଜ, ମହନ୍ତ ଡ. ରାମ ଚରଣ ଦାସ ମହାରାଜ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବ୍ୟଞ୍ଜନ ଦ୍ୱାଦଶୀର ମାହାତ୍ମ୍ୟ ସମ୍ପର୍କରେ କହିଥିଲେ। ମାତା ମଠକୁ ଦେଖି ମନ୍ତ୍ରୀ ଖୁସି ବ୍ୟକ୍ତ କରିଥିଲେ। ବଳିଆପଣ୍ଡା ପଟୁ ମଠକୁ ସଂଯୋଗ କରୁଥିବା ରାସ୍ତାର ଦୁରବସ୍ଥା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଠ ମହନ୍ତ। ଏ ଦିଗରେ ପଦକ୍ଷେପ ନେବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

ଏହି ବ୍ୟଞ୍ଜନ ଦ୍ୱାଦଶୀକୁ ନେଇ ଏକ ଜନଶ୍ରୁତି ରହିଛି। ମାଆ ଯଶୋଦା ହଠାତ୍ ଦିନେ ଦେଖିଲେ ପୁଅ କାହ୍ନାଙ୍କ ଦେହ ଝଡ଼ିଯାଇଛି। ମା'ଙ୍କ ଆଖିକୁ ସେ ଶୁଖି କଳାକାଠ ପଡ଼ିଯାଇ ଥିବା ଦେଖାଗଲେ। ଏତିକିରେ ମା' ଯଶୋଦା ଉଚ୍ଛନ୍ନ ହୋଇଗଲେ। ସେ ଭାବିଲେ ନ ଖାଇ ନ ପିଇ କାହ୍ନା ଏମିତି ହୋଇଗଲେଣି। ତେଣୁ ଯଶୋଦା ନିଜେ ରୋଷେଇ ଘରକୁ ଯାଇ ନାନାଦି ପ୍ରକାର ପୁଷ୍ଟିକର ତଥା ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରି ଏହି ପବିତ୍ର ତିଥିରେ ତାଙ୍କୁ ପରଷି ଦେଇଥିଲେ। ସେହିପରି ଚୈତନ୍ୟ ମହାପ୍ରଭୁ ବାଲ୍ୟକାଳରେ ନିଜ ମା'ଙ୍କ ପରଷା ବହୁବିଧ ବ୍ୟଞ୍ଜନ ଖାଇଥିବା ଶୁଣା କଥା ରହିଛି। ଏହି ଜନଶ୍ରୁତିକୁ ନେଇ ଗୌଡ଼ୀୟ ବୈଷ୍ଣବ ନିଷ୍ଠାର ସହିତ ବ୍ୟଞ୍ଜନ ଦ୍ୱାଦଶୀ ପାଳନ କରିଥାନ୍ତି।



ଶ୍ରୀଗୌରବିହାର ଆଶ୍ରମ (ମାତା ମଠ)ରେ ବ୍ୟଞ୍ଜନ ଦ୍ୱାଦଶୀ ଉତ୍ସବ ଅବସରରେ ଲାଗି କରାଯାଇଥିବା ବ୍ୟଞ୍ଜନ।

## ଲୋୟର ପିଏମ୍‌ଜିରେ ଅଙ୍ଗନୱାଡି କର୍ମୀ

# ୧୬ ଦଫା ଦାବି ନେଇ ଗର୍ଜିଲେ

**ଭୁବନେଶ୍ୱର, ୯।୧୨(ବ୍ୟୁରୋ)**

ଦୀର୍ଘ ଦିନରୁ ଦାବି ପୂରଣ ହେଉ ନ ଥିବାରୁ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ କର୍ମୀମାନେ ସୋମବାର ରାଜରାସ୍ତାକୁ ଓହ୍ଲାଇଛନ୍ତି। ଆସୋସିଏଶନ ପକ୍ଷରୁ ହଜାର ହଜାର ଅଙ୍ଗନୱାଡି କର୍ମୀ ମାଷ୍ଟରକାଣ୍ଟିନଠାରେ ଏକତ୍ର ହୋଇ ଏକ ବିଶାଳ ଶୋଭାଯାତ୍ରାରେ ବାହାରିଥିଲେ। ଏହାପରେ ଲୋୟର ପିଏମ୍‌ଜିଠାରେ ଧାରଣା ଦେବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଧାରଣା ସ୍ଥଳରେ ଅଲ୍ ଇଣ୍ଡିଆ ଅଙ୍ଗନୱାଡି ୱାର୍କର୍ସ ଆସୋସିଏଶନ ସାଧାରଣ ସମ୍ପାଦିକା ଅଞ୍ଜଳି ପଟେଲ, ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ ରାଜ୍ୟ ସଭାନେତ୍ରୀ ସୌଦାମିନୀ ଦାସ, କୋଷାଧ୍ୟକ୍ଷ ଗୀତାରାଣୀ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଅଙ୍ଗନାୱାଡ଼ି କର୍ମୀଙ୍କ ବିଭିନ୍ନ ସମସ୍ୟା ଉପରେ ଉଦ୍‌ବୋଧନ ଦେଇଥିଲେ।

ସଂଘର କହିବାନୁଯାୟୀ ୧୬ ଦଫା ଦାବିପତ୍ର ନେଇ ସେମାନେ ବିକ୍ଷୋଭ ପ୍ରଦର୍ଶନର ବିକଳ୍ପ ବାଛିଛନ୍ତି। ଦାବିପତ୍ରରେ ଅଙ୍ଗନୱାଡ଼ି କର୍ମୀ, ସହାୟିକା, ମିନି ଅଙ୍ଗନୱାଡି କର୍ମଚାରୀଙ୍କୁ ସରକାରୀ ମାନ୍ୟତା ପ୍ରଦାନ, ସରକାରୀ ମାନ୍ୟତା ନ ମିଳିବା ପର୍ଯ୍ୟନ୍ତ ଅଙ୍ଗନୱାଡି କର୍ମୀଙ୍କୁ ସର୍ବନିମ୍ନ ମାସିକ ୧୮ହଜାର ଟଙ୍କା ଦରମା ପ୍ରଦାନ, ସହାୟିକାଙ୍କୁ ୯ହଜାର ଟଙ୍କା ଦରମା, ୨୦୧୮ ଆନ୍ଦୋଳନବେଳେ ଆକ୍ରୋଶମୂଳକ ଭାବେ ବହିଷ୍କାର କରାଯାଇଥିବା ଅଙ୍ଗନୱାଡ଼ି କର୍ମୀଙ୍କୁ ପୁନଃନିଯୁକ୍ତି, ବଜାର ଦର ଅନୁସାରେ ଗରମ ରନ୍ଧା ଖାଦ୍ୟର ମୂଲ୍ୟ ବୃଦ୍ଧି, ଛୁଟି ଦିବସରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀଙ୍କୁ ୨ଗୁଣା ଦରମା ପ୍ରଦାନ ଆଦି ପ୍ରମୁଖ ଦାବି ରହିଛି। ଏ ଦାବିକୁ ନେଇ ସଂଘ ପକ୍ଷରୁ ବାରମ୍ବାର ଆନ୍ଦୋଳନ କରାଯାଇ ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳୁଛି। ହେଲେ ସରକାର ପ୍ରତିଶ୍ରୁତି ପାଳନ କରୁନାହାନ୍ତି। ତେଣୁ ବାଧ୍ୟ ହୋଇ ଆମେ ଆନ୍ଦୋଳନକୁ ଓହ୍ଲାଇଛୁ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସଂଘର ଏକ ପ୍ରତିନିଧି ଦଳ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମହିଳା ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ ମନ୍ତ୍ରୀଙ୍କୁ ଭେଟି ୧୬ଦଫା ଦାବିପତ୍ର ପ୍ରଦାନ କରିଛନ୍ତି।



ଲୋୟର ପିଏମ୍‌ଜିଠାରେ ବିପୁଳ ସଂଖ୍ୟାରେ ଅଙ୍ଗନୱାଡ଼ି କର୍ମୀଙ୍କ ବିକ୍ଷୋଭ ପ୍ରଦର୍ଶନ।



## ଜିଲା ଚିଠି
## ଅନୁଗୋଳ

# ଅବହେଳିତ ପର୍ଯ୍ୟଟନ

ଶିଳ୍ପ ପାଇଁ ପରିଚିତ ଅନୁଗୋଳ ଜିଲାରେ ପ୍ରାକୃତିକ ସୌନ୍ଦର୍ଯ୍ୟ ବା ପର୍ଯ୍ୟଟନ ସ୍ଥଳୀର ଅଭାବ ନାହିଁ। ସାତକୋଶିଆ ଅଭୟାରଣ୍ୟ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହୋଇଥିବା ବେଳେ ଏହା ମଧ୍ୟରେ ଥିବା ମହାନଦୀ ଗଣ୍ଡ, ଟିକରପଡ଼ା କୁମ୍ଭୀର ପ୍ରଜନନ ଓ ସଂରକ୍ଷଣ କେନ୍ଦ୍ର, ବ୍ୟାଘ୍ର ପ୍ରକଳ୍ପ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ପ୍ରତିବର୍ଷ ସାତକୋଶିଆ ସହ ତାଳଚେରସ୍ଥିତ ମା' ହିଙ୍ଗୁଳାଙ୍କ ପୀଠ ଓ ଜିଲାର ବିଭିନ୍ନ ପର୍ଯ୍ୟଟନ କେନ୍ଦ୍ରକୁ ହଜାର ହଜାର ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ଏପରି କି ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇ ନ ଥିବା ଶୈଳଶ୍ରୀକ୍ଷେତ୍ର, ମନ୍ଦରଗିରି, କୁକୁଡ଼ାଙ୍ଗ, କୋଶଳାର ମା' ରାମଚଣ୍ଡୀ ପୀଠ, ଆଠମଲ୍ଲିକର ମାନଯୋର ଜଳସେଚନ ପ୍ରକଳ୍ପ, ଡେରଜାଙ୍ଗ ଡ୍ୟାମ୍ ବୁଲିବାକୁ ମଧ୍ୟ ବହୁ ସଂଖ୍ୟକ ପର୍ଯ୍ୟଟକ ଆସିଥାନ୍ତି। ଦୀର୍ଘବର୍ଷ ହେଲା ଏସବୁ ସ୍ଥାନକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବାକୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ ତାହା ପ୍ରସ୍ତାବରେ ହିଁ ରହିଯାଇଛି। ଜିଲା ପର୍ଯ୍ୟଟନ ପ୍ରତି ରାଜ୍ୟ ସରକାରଙ୍କ ଏପରି ଅବହେଳା ଓ ଅଣଦେଖାକୁ ଜିଲାବାସୀ ନାପସନ୍ଦ କରୁଛନ୍ତି।

ଓଡ଼ିଶାର କେନ୍ଦ୍ରସ୍ଥଳରେ ଥିବା ଅନୁଗୋଳ ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ଗମନାଗମନର ସୁବିଧା ରହିଛି। ପୁରୁଣା କଟକ-ସମ୍ବଲପୁର ରାଜପଥ ସହ ରେଳପଥ ଅନୁଗୋଳର ବିଭିନ୍ନ ବ୍ଲକକୁ ଛୁଇଁପାରିଛି। ଜିଲାର ପ୍ରତିଟି କ୍ଷେତ୍ରରେ ଉନ୍ନୟନ ପାଇଁ ଅର୍ଥର କୌଣସି ଅଭାବ ମଧ୍ୟ ନାହିଁ। ଶିଳ୍ପକ୍ଷେତ୍ରରୁ ଆସୁଥିବା ରାଜସ୍ୱ ରାଜ୍ୟରେ ଜିଲାକୁ ଏକ ନମ୍ବର କରୁଥିବା ବେଳେ ଜିଲା ଖଣିଜ ପାଣ୍ଠିରେ ହଜାର ହଜାର କୋଟି ଟଙ୍କା ଉନ୍ନତୀକରଣ କାର୍ଯ୍ୟରେ ଖର୍ଚ୍ଚ କରାଯିବାକୁ ରଖାଯାଇଛି। ଏହା ସତ୍ତ୍ୱେ ଜିଲାର ପ୍ରାକୃତିକ ପରିବେଶ ବା ପର୍ଯ୍ୟଟନସ୍ଥଳୀଗୁଡ଼ିକର ଉନ୍ନତି ପ୍ରତି କାହିଁକି ଅଣଦେଖା କରାଯାଉଛି ତାହା ବୁଦ୍ଧିଜୀବୀଙ୍କ ପାଇଁ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରତିବର୍ଷ ପର୍ଯ୍ୟଟନ ଋତୁ ଆସିଲେ ରାଜନେତାଙ୍କଠାରୁ ଜିଲା ପ୍ରଶାସନ ଯାଏ ସମସ୍ତେ ଏ ଦିଗରେ ତତ୍ପରତା ଦେଖାଇଥାନ୍ତି। କିନ୍ତୁ ଏଯାଏ ଅବସ୍ଥା ଯଥା ପୂର୍ବଂ ତଥା ପରମ୍। ୨୦୧୪-୧୫ରେ ଅନୁଗୋଳ ପର୍ଯ୍ୟଟନ କମିଟିର ବୈଠକ ବସି ୫ଟି କ୍ଷେତ୍ରକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ଏପରି କି ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗକୁ ସୁପାରିସ ମଧ୍ୟ କରାଯାଇଥିଲା। କିନ୍ତୁ ଏଯାଏ ସେ ଦିଗରେ କିଛି ବି ସୁଫଳ ମିଳିନାହିଁ। ସେହିପରି ୨୦୧୮ ଜାନୁୟାରୀ ୨୪ରେ ତତ୍କାଳୀନ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ପର୍ଯ୍ୟଟନ କମିଟିର ବୈଠକ ବସି ରିପୋର୍ଟ ଉପସ୍ଥାପନ କରାଯାଇଥିଲା। ଏଥିରେ ଶୈଳଶ୍ରୀକ୍ଷେତ୍ର, ପୁରୁଣାଗଡ଼ ଜଗନ୍ନାଥ ମନ୍ଦିର, ମନ୍ଦରଗିରି, କୋଶଳାର ମା' ରାମଚଣ୍ଡୀ ପୀଠ, ନାରାୟଣ ସେବାଶ୍ରମ, କୁକୁଡ଼ାଙ୍ଗ ପର୍ଯ୍ୟଟନସ୍ଥଳୀକୁ ସରକାରୀ ମାନ୍ୟତା ପ୍ରଦାନ ପାଇଁ ଜିଲାସ୍ତରୀୟ ପର୍ଯ୍ୟଟନ କମିଟି ରାଜ୍ୟ ପର୍ଯ୍ୟଟନ ବିଭାଗକୁ ସୁପାରିସ କରିଥିଲା। କିନ୍ତୁ ରାଜ୍ୟ ସରକାରଙ୍କଠାରୁ ଅଦ୍ୟାବଧି କୌଣସି ଉତ୍ତର ଆସି ନାହିଁ।

– ଅମିତ୍ କୁମାର ସାମଲ

# ପାଠ୍ୟପୁସ୍ତକରେ ବାଲୁକା ଶିଳ୍ପୀ ସୁଦର୍ଶନ

**ପୁରୀ ଅଫିସ, ୯।୧୨**



ବାଲୁକା କଳାକୁ ନେଇ ଓଡ଼ିଶାର ଯେଉଁ କେତେଜଣ ବେଶ୍ ପ୍ରସିଦ୍ଧି ଲାଭ କରିଛନ୍ତି ସେମାନଙ୍କ ମଧ୍ୟରୁ ପ୍ରମୁଖ ହେଉଛନ୍ତି ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ। ତାଙ୍କ ବାଲୁକା କଳା କେବଳ ଓଡ଼ିଶା କି ଭାରତ ନୁହେଁ ବିଦେଶକୁ ମଧ୍ୟ ଛୁଇଁଯାଇଛି। ଜଣେ ଶିଳ୍ପୀ ବାଲିକୁ ବି ଜୀବନ୍ତ ଭଳି ରୂପ ଦେଇପାରେ ତାହା ସୁଦର୍ଶନଙ୍କ କଳାରୁ ହିଁ ବାରି ହୋଇଯାଏ। ବାଲିକୁ ନେଇ ସର୍ବଦା ନୂଆ କିଛି କରିବାର ସ୍ୱପ୍ନ ଦେଖୁଥିବା ଏହି ବିଶିଷ୍ଟ ବ୍ୟକ୍ତି ଜଣକ ଏବେ ପାଠ୍ୟ ପୁସ୍ତକରେ ସ୍ଥାନ ପାଇଛନ୍ତି। ସିବିଏସ୍‌ଇ ଷ୍ଟାଣ୍ଡାର୍ଡ-୪ର ଇଂଲିଶ ବହି ବଜ୍‌ୱାର୍ଡରେ ସୁଦର୍ଶନଙ୍କ ଉପରେ ଏକ ବିଷୟ 'ଦି ଗ୍ରେଟ୍ ସ୍ୟାଣ୍ଡ୍ ଆର୍ଟିଷ୍ଟ' ରହିଛି।

ସିବିଏସ୍‌ଇ ପାଠ୍ୟକ୍ରମରେ ସୁଦର୍ଶନଙ୍କ ଉପରେ ପିଲାଙ୍କୁ ପଢାଯାଉଥିବା ଏହି ବିଷୟରେ ତାଙ୍କ ସଂଘର୍ଷମୟ ଜୀବନୀ, କେମିତି ବାଲୁକା କଳା ଆରମ୍ଭ କଲେ, ତାଙ୍କ ବାଲୁକା କଳା କିପରି ଦେଶ ବିଦେଶକୁ ବ୍ୟାପିଲା, କେଉଁ ପ୍ରତିଯୋଗିତାରେ ଭାଗ ନେଇ ସଫଳତା ପାଇଛନ୍ତି ଏବଂ ଦେଶ ବିଦେଶରୁ କ'ଣ ପୁରସ୍କାର ଏବଂ ସମ୍ମାନ ପାଇଛନ୍ତି ତାହା ସ୍ଥାନିତ ହୋଇଛି। କେବଳ ଏତିକି ନୁହେଁ, ସୁଦର୍ଶନ ଓ ତାଙ୍କ ବାଲୁକା କଳା ଉପରେ ଆଲିଗଡ଼ ମୁସ୍‌ଲିମ ବିଶ୍ୱବିଦ୍ୟାଳୟର ଶୁଭାଙ୍ଗୀ ଅଗ୍ରୱାଲଙ୍କ ସମେତ ଅନେକ ପିଏଚ୍‌ଡି ରିସର୍ଚ୍ଚ ସ୍କଲାର ଗବେଷଣା କରୁଛନ୍ତି। ନିକଟରେ ଶୁଭାଙ୍ଗୀ ପୁରୀ ଆସି ସୁଦର୍ଶନଙ୍କଠାରୁ ତାଙ୍କ ଜୀବନୀ, ବାଲୁକା କଳା ଏବଂ ସଫଳତା ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରିଛନ୍ତି।






ଭଗବାନ ମୋଠାରୁ କ'ଣ ଚାହାନ୍ତି- ମୁଁ କିପରି ଜାଣିବି ? ସେଥିପାଇଁ ତୁମେ ଆଗ ତୁମର ଅହଂକାରକୁ ବିଲୋପ କର। ତୁମ ବ୍ୟକ୍ତିତ୍ୱର ସବୁ ଗର୍ତ୍ତ ଓ ଗୁହା ଭିତରେ ଲୁଚିଥିବା ଅହଂକାରକୁ ନିଷ୍କାସିତ କରିବାକୁ ହେବ। ତୁମର ଶୁଦ୍ଧ ନଗ୍ନ ଅନ୍ତରାତ୍ମାକୁ ଭଗବାନଙ୍କ ଅସୀମ କର୍ମ ଧାରାରେ ଅଭିଷିକ୍ତ କରିବାକୁ ହେବ। ତା'ହେଲେ ଯାଇ ସେ ତୁମ ଭିତରେ ନିଜକୁ ପ୍ରକାଶ କରି ତୁମକୁ ସବୁ ଜଣାଇ ଦେବେ। -ଶ୍ରୀଅରବିନ୍ଦ



# ସେଠି ଯାହା, ଏଠି ତାହା

ଦିଲ୍ଲୀର ଅନାଜ ମଣ୍ଡିରେ ୮ ଡିସେମ୍ବର ଭୋର ସମୟରେ ଭୟାବହ ଅଗ୍ନିକାଣ୍ଡ ଘଟିବାରୁ ୪୩ ଜଣ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୧୬ ଜଣ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଶର୍ଟ ସର୍କିଟ ଯୋଗୁ ଏଭଳି ଦୁର୍ଘଟଣା ଘଟିଛି। ଉଲ୍ଲେଖ କରାଯାଇପାରେ ଯେ, ଜୁନ୍ ୧୯୯୭ରେ ଦିଲ୍ଲୀର ଗ୍ରୀନ୍ ପାର୍କ ଅଞ୍ଚଳରେ ଥିବା ଉପହାର ସିନେମା ହଲ୍‌ରେ ନିଆଁ ଲାଗିବାରୁ ୫୭ ଜଣଙ୍କ ପ୍ରାଣହାନି ଘଟିଥିଲା। ଉପହାର ପରେ ଏହା ହେଉଛି ଦିଲ୍ଲୀରେ ଦ୍ୱିତୀୟ ବୃହତ୍ ଦୁର୍ଘଟଣା। ଏବେ ଜଣାପଡ଼ିଛି ଯେ, ଅନାଜ ମଣ୍ଡିରେ ଏକାଧିକ ବେଆଇନ କାରଖାନା ଚାଲୁଥିଲା। ବିଶେଷକରି ଚମଡ଼ା ଓ ପ୍ଲାଷ୍ଟିକ୍ ତିଆରି ଦ୍ରବ୍ୟ ଗଚ୍ଛିତ ଥିବାରୁ ନିଆଁ ଲାଗିବାରୁ ତାହାକୁ ଆୟତ୍ତ କରିବା ସମ୍ଭବ ହୋଇ ନ ଥିଲା। କେବଳ ସେତିକି ନୁହେଁ, ଉକ୍ତ କୋଠାଗୁଡ଼ିକ ଏଭଳି ଲଗାଲଗି ହୋଇ ରହିଛି ଯେ ତା' ଭିତରକୁ ଅଗ୍ନିଶମ ବାହିନୀର ଗାଡ଼ି ପଶିବା କଷ୍ଟକର ହୋଇପଡ଼ିଥିଲା। ସେହିସବୁ କାରଖାନା ଭିତରେ ଶ୍ରମିକମାନଙ୍କ ରହଣିର ବ୍ୟବସ୍ଥା ଥିଲା। ସେଥିରେ ଲୋକେ ଖୁନ୍ଦାଖୁନ୍ଦି ହୋଇ ରହୁଥିଲେ। ସକାଳେ ସମସ୍ତେ ଶୋଇଥିବା ବେଳେ ନିଆଁ ଲାଗିବା ପରେ ଉଠୁଥିବା ଧୂଆଁରେ ଶ୍ୱାସରୁଦ୍ଧ ହୋଇ ଅନେକଙ୍କ ପ୍ରାଣ ଚାଲିଯାଇଥିଲା। ସମ୍ପୃକ୍ତ କୋଠାରେ ଅଗ୍ନି ନିର୍ବାପକ ଯନ୍ତ୍ରାଂଶ ଖଞ୍ଜାଯାଇ ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିଯାଇଥିଲା। ଏହା କେବଳ ଦିଲ୍ଲୀରେ ସୀମିତ ରହିନାହିଁ। ପୂର୍ବରୁ ବମ୍ବେ, କୋଲକାତା, ଗୁଜରାଟର ସୁରଟଠାରୁ ଆରମ୍ଭ କରି ଭୁବନେଶ୍ୱରର ବଡ଼ ଘରୋଇ ଡାକ୍ତରଖାନାରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ନ ଥିବାରୁ ଅତୀତରେ ବହୁ ଲୋକଙ୍କ ଜୀବନ ଯାଇଛି। ସର୍ବଦା ଦେଖାଯାଉଛି ନିଆଁ ଲାଗି ଲୋକଙ୍କ ମୃତ୍ୟୁ ଘଟିବା ପରେ ସ୍ଥାନୀୟ ପ୍ରଶାସନଠାରୁ ଅଗ୍ନିଶମ ବିଭାଗ ପର୍ଯ୍ୟନ୍ତ ତତ୍ପର ହୋଇଉଠନ୍ତି। ଖୋଳତାଡ଼ କରାଯିବା ପରେ ଜଣାପଡ଼େ ଯେ ସମ୍ପୃକ୍ତ ବିଲଡିଂ, ମଲ୍ ବା ଡାକ୍ତରଖାନାଗୁଡ଼ିକରେ ଅଗ୍ନିରୁ ରକ୍ଷା ପାଇବା ପାଇଁ ସୁରକ୍ଷା ବ୍ୟବସ୍ଥା ନ ଥିଲା। ଏଭଳି କ୍ଷେତ୍ରରେ ବିଭାଗୀୟ କର୍ତ୍ତୃପକ୍ଷ ତତ୍‌କ୍ଷଣାତ୍ ବିଲଡିଂ ମାଲିକଙ୍କ ବିରୋଧରେ ମାମଲା ରୁଜୁ କରିଦେଇଥାଆନ୍ତି କିମ୍ବା ସ୍ଥଳବିଶେଷରେ ତାହାକୁ ସିଲ୍ କରିଦିଅନ୍ତି। ପରେ ଯେଉଁ କଥାକୁ ସେଇ କଥା ଦେଖିବାକୁ ମିଳେ। ଏହା ହୋଇଯାଇଛି ଭାରତୀୟ ବ୍ୟବସ୍ଥାର ଗତାନୁଗତିକ ପ୍ରତିକ୍ରିୟା। ବେଆଇନ ନିର୍ମାଣକୁ ଉଚ୍ଛେଦ କିମ୍ବା ଭାଙ୍ଗିବା ପରିବର୍ତ୍ତେ ବିଭିନ୍ନ ଉନ୍ନୟନ କର୍ତ୍ତୃପକ୍ଷ ଯଥା ଦିଲ୍ଲୀ ଉନ୍ନୟନ କର୍ତ୍ତୃପକ୍ଷ (ଡିଡିଏ) ସବୁବେଳେ ବେଆଇନ ଭାବେ ଗଢ଼ି ଉଠିଥିବା ବସ୍ତିକୁ ଆଇନଗତ କରାଇବା ପାଇଁ ବ୍ୟସ୍ତ। ଏଥିରେ ରାଜନେତାଙ୍କ ବେଶ୍ ସମ୍ପୃକ୍ତି ଥିବା ସହିତ ସରକାରୀ କର୍ମଚାରୀଙ୍କ ସକ୍ରିୟ ସହଯୋଗ ମିଳିବାର ଦେଖାଯାଉଛି। ଏହି ସହଯୋଗ କାହିଁପାଇଁ ମିଳୁଛି ତାହା ବୁଝିବା କାହାରି ସକାଶେ କଷ୍ଟକର ନୁହେଁ। ଭୁବନେଶ୍ୱରରୁ ଦିଲ୍ଲୀ ପର୍ଯ୍ୟନ୍ତ କୌଣସି ସମୟରେ ବେଆଇନ ବସ୍ତି ବା ବେଆଇନ ନିର୍ମିତ କୋଠାକୁ ଆଇନସମ୍ମତ କରାଇବାର ପ୍ରକ୍ରିୟା ଚାଲୁଥିବା ବେଳେ କେହି ଜଣେ ସରକାରୀ କର୍ମଚାରୀ ଲିଖିତ ବିରୋଧ କରିବାର ଉଦାହରଣ ନ ଥିବ। ଭୁବନେଶ୍ୱରରେ ନିର୍ମିତ ହୋଇଥିବା ଅନେକ ମଲ୍‌ରେ ଦୁର୍ଘଟଣା ଘଟିବାର ସବୁ ଆଶଙ୍କା ରହିଛି। ଦୃଷ୍ଟାନ୍ତ ଭାବେ ଏସ୍‌ପ୍ଲାନେଡ୍ ମଲ୍‌ର ପ୍ରସ୍ଥାନ ପଥକୁ ଦେଖିଲେ ସ୍ପଷ୍ଟ ବୁଝାପଡ଼େ, ଯେକୌଣସି ମୁହୂର୍ତ୍ତରେ ବିପଦ ଆସନ୍ନ ହୋଇପାରେ। ଏଥିରେ ବିଡିଏ, ବିଏମ୍‌ସି, ଅଗ୍ନିଶମ ବିଭାଗ ଏବଂ ପୋଲିସ ସହିତ ଗଣମାଧ୍ୟମର ସମର୍ଥନ ଥିବା ହେତୁ ଦୁଷ୍ଟ ପ୍ରକୃତିର ଲୋକ ମନଇଚ୍ଛା କାର୍ଯ୍ୟ କରିପାରୁଛନ୍ତି। ଯାହା ଆମେ ଓଡ଼ିଶାରେ ଦେଖୁଛେ, ତାହା ଆମେ ଦିଲ୍ଲୀରେ ମଧ୍ୟ ହୃଦ୍‌ବୋଧ କରିପାରୁଛେ। ଏଠି ଯାହା, ସେଠି ତାହା।

ସହର ଜୀବନ ଅନେକଙ୍କୁ ଆକୃଷ୍ଟ କରୁଥିବାରୁ ଭାରତର ସହରାଞ୍ଚଳକୁ ଲୋକେ ଛୁଟୁଛନ୍ତି। ସ୍ଥାନାଭାବ ଯୋଗୁ ଅନେକେ ବେଆଇନ ହେଉ ବା ଅନଧିକାର ଭାବେ ଜାଗା ମାଡ଼ିବସି ଘର ତୋଳି ରହିଯାଉଛନ୍ତି। ସେମାନଙ୍କ ଏଭଳି ସାହସକୁ ବଳ ଦେଉଛନ୍ତି ରାଜନୈତିକ ଦଳ ବା ରାଜନେତା। ଏବେ ଦିଲ୍ଲୀରେ ଥିବା ୧,୭୧୩ ଅସିଦ୍ଧ କଲୋନୀକୁ କେନ୍ଦ୍ର ସରକାର ସିଦ୍ଧ ଘୋଷଣା କରିବା ହେଉଛି ଏହାର ସଦ୍ୟ ଦୃଷ୍ଟାନ୍ତ। ଦିଲ୍ଲୀ ସହରର ଭବିଷ୍ୟତ ସୁରକ୍ଷିତ ରଖିବା ପରିବର୍ତ୍ତେ ସେହି ବେଆଇନ କଲୋନୀଗୁଡ଼ିକୁ ଆଇନଗତ କରାଇ ଭୋଟ ପାଇବା ପାଇଁ ଭାଜପାର ନିଷ୍ପତ୍ତି ନିଶ୍ଚିତ ନିନ୍ଦନୀୟ। ଆହୁରି ଅନେକ ଲୋକ ଏଭଳି କାର୍ଯ୍ୟରେ ଯୋଡ଼ି ହୋଇ ସହରକୁ ବିପଦମୁହଁକୁ ଠେଲିଦେବେ। କାରଣ ଦିଲ୍ଲୀ ସ୍ଥିତି ଦେଖିଲେ, ବେଆଇନ ଭାବେ ଗଢ଼ି ଉଠିଥିବା କଲୋନୀ କିମ୍ବା ବସ୍ତି ଅଞ୍ଚଳର ଲୋକଙ୍କ ବେଆଇନ କାର୍ଯ୍ୟକୁ ଏଭଳି ସମର୍ଥନ ମିଳିବା ଦ୍ୱାରା ଏହାର ସଂଖ୍ୟା ଅଧିକ ବଢ଼ିବ ପଛେ କମିବ ନାହିଁ। କାରଣ ଭୋଟ୍ ରାଜନୀତି ଏପରି ବସତି ସ୍ଥାପନକୁ ଆଇନସିଦ୍ଧ ବୋଲି ଷ୍ଟାମ୍ପ ଦେଇଦେଲା। ପରବର୍ତ୍ତୀ ସମୟରେ ଦେଶର ଅନ୍ୟାନ୍ୟ ପ୍ରାନ୍ତରେ ଯେତେବେଳେ ବେଆଇନ ଘର ନିର୍ମାଣ ଉପରେ ପ୍ରଶ୍ନ କରାଯିବ ସେତେବେଳେ ଦିଲ୍ଲୀ ଉଦାହରଣ ଦିଆଯିବା କାହାରିକୁ ଆଶ୍ଚର୍ଯ୍ୟ କରି ନ ପାରେ। ଅଧିକ ବେଆଇନ ନିର୍ମାଣ ବଢ଼ିଚାଲିଲେ ଏହା ସମ୍ପୃକ୍ତ ଅଞ୍ଚଳ ପାଇଁ ବିପଦ ସୃଷ୍ଟି କରିବ। ଅନାଜ ମଣ୍ଡି ଅଗ୍ନିକାଣ୍ଡ ସତର୍କଘଣ୍ଟି ଭାବେ ବୁଝାଯିବା ଦରକାର।

## ଚିରନ୍ତନୀ

ତୋଳରେ ସେ ମାଟି ମାଆର ତିଳକ ଲଗାଅ ପଳେ
ଦେଖ ଦେଖ ଆଜି କାହାର ରୁଧିର ପଡିଲା ତଳେ।
ପିଶାଚୀ ବସୁଧା କାହା ଲହୁ ଆଜି ପିଇଲା ବାଛି
ଗୁଣେ ତୀର ଯୋଖ ନବୀନ ଯୁଗର ସବ୍ୟସାଚୀ।
(ରକ୍ତ-ସ୍ରୋତ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 6 | | 8 | 7 | | | | | | D | 3 | C | |
| 8 | | | D | | 5 | | 4 | | | 0 | | | | |
| 0 | | 2 | 4 | | | 7 | | 9 | 3 | | E | | | |
| | | | | 9 | | | | | | | B | 7 | 1 | 4 |
| | | E | 3 | | | | 2 | | 7 | 6 | | | | |
| | | | | | | | 5 | | | | | | E | 8 |
| 9 | | | | | | | A | | 4 | | | | | |
| | 5 | 1 | | | | | 6 | | | | 0 | D | 2 | |
| | C | | | | | | 7 | E | | | 1 | 0 | | |
| 2 | | B | 6 | | 1 | 9 | 0 | | | E | | | | 5 |
| | | | | | 4 | D | | | C | | A | | | |
| | | | E | | | | B | | | | | C | D | |
| E | 4 | | | | | C | | | 0 | 3 | | | 9 | |
| | | 8 | 5 | 6 | | | | 0 | B | 4 | | E | | 3 |
| 5 | | A | | | | | | | | | 9 | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 1 | B | E | 0 | 5 | 9 | 6 | D | 4 | 3 | 8 | A | 2 | C |
| 4 | 0 | E | 2 | 8 | A | 5 | C | 3 | 7 | B | D | 6 | 1 | 9 |
| 6 | C | 9 | B | 4 | 3 | 7 | 1 | E | A | 5 | 2 | D | 8 | 0 |
| 8 | A | 2 | 7 | D | 6 | 0 | B | 4 | C | 9 | 1 | 5 | 3 | E |
| 5 | D | 3 | 1 | 9 | C | 2 | A | 8 | 0 | E | 6 | 4 | 7 | B |
| 0 | 8 | 7 | 4 | 2 | 1 | D | 5 | 6 | 3 | C | 9 | B | E | A |
| 9 | E | 6 | D | 5 | 0 | B | 3 | 2 | 1 | A | 4 | 8 | C | 7 |
| B | 4 | 1 | 9 | A | 7 | 8 | E | C | 6 | D | 0 | 2 | 5 | 3 |
| C | 2 | D | 3 | 6 | B | A | 7 | 9 | 5 | 8 | E | 0 | 4 | 1 |
| 3 | 5 | A | C | E | 8 | 4 | 0 | 1 | B | 2 | 7 | 9 | 6 | D |
| 2 | 7 | 8 | 6 | 1 | 4 | C | 9 | B | D | 0 | 3 | E | A | 5 |
| E | 9 | 5 | A | 7 | 2 | 1 | D | 0 | 8 | 6 | C | 3 | B | 4 |
| A | 6 | 4 | 0 | C | E | 3 | 8 | 5 | 9 | 7 | B | 1 | D | 2 |
| D | 3 | C | 8 | B | 9 | E | 4 | A | 2 | 1 | 5 | 7 | 0 | 6 |
| 1 | B | 0 | 5 | 3 | D | 6 | 2 | 7 | E | 4 | A | C | 9 | 8 |

ଗତକାଲିର ଉତ୍ତର

# ମୃତ ସମବାୟ ଦୀର୍ଘଜୀବୀ ହେଉ



ସହଦେବ ସାହୁ

ବିଲାତର ରାଜତନ୍ତ୍ର ବିଷୟରେ କୁହାଯାଏ କିଙ୍ଗ୍ ଇଜ୍ ଡେଡ୍, ଲଙ୍ଗ ଲିଭ୍ ଦି କିଙ୍ଗ୍ (ଏବେ କ୍ୱିନ୍)। 'ରାଜା ମଲେଣି, ରାଜା ଦୀର୍ଘଜୀବୀ ହୁଅନ୍ତୁ'। ସେମିତି କୋଅପରେଟିଭ୍ ବିଷୟରେ କୁହାଯାଏ, ଯାହାର ଓଡ଼ିଆ ହେଲା- 'ସମବାୟ ମଲାଣି, ସମବାୟ ଦୀର୍ଘଜୀବୀ ହେଉ'। ଏହି ଉକ୍ତିଟି କିଙ୍ଗ୍ ବା କୋଅପରେଟିଭ୍‌ର ଉପକାରିତା ଉପରେ ଜୋର୍ ଦିଏ। ଏଚ୍‌ଡିଏଫ୍‌ସିର ଚେୟାରମ୍ୟାନ ଦୀପକ ପାରିଖ କହନ୍ତି, ସାଧାରଣ ଲୋକର ସଞ୍ଚୟ କିପରି ସୁରକ୍ଷିତ ରହିବ, ସେଥିଲାଗି କୌଣସି ମେକାନିଜମ୍ (ବ୍ୟବସ୍ଥା) ସରକାର କରିନାହାନ୍ତି। ସରକାର ଭୁଲି ଯାଉଛନ୍ତି, ଯେକୌଣସି ଦେଶର ଅର୍ଥନୀତି ସେ ଦେଶର ପାରିବାରିକ ସଞ୍ଚୟ (ହାଉସ୍ ହୋଲ୍ଡ ସେଭିଂସ୍) ଉପରେ ନିର୍ଭର କରେ। ବ୍ୟକ୍ତିଗତ ସଞ୍ଚୟର ଏଭଳି ବଡ଼ ଭୂମିକାକୁ ଭୁଲିଗଲେ ସରକାରଙ୍କ ଅର୍ଥନୀତିରେ ଅନର୍ଥ ଘଟିବ। ଅନ୍ୟ ପକ୍ଷରେ ସଞ୍ଚୟକାରୀମାନେ ଚାହାନ୍ତି ସେମାନଙ୍କ ସଞ୍ଚୟ ଉପରେ ନିଶ୍ଚିତ ଆୟ ମିଳୁ। ସୁଧ ତ ଦୂରର କଥା, ମୂଳ ବି ମିଳିବ ନାହିଁ ଜାଣିଲେ ସାଧାରଣ ଲୋକର ବ୍ୟାଙ୍କ ଉପରେ ଆସ୍ଥା ରହିବ ନାହିଁ। ସେତେବେଳେ ଲୋକେ ପ୍ରଶ୍ନ କରନ୍ତି କାହିଁକି କୋଅପରେଟିଭ ବ୍ୟାଙ୍କ ଖୋଲା ଯାଉଛି? କାହିଁକି ସେମାନଙ୍କୁ ବ୍ୟାଙ୍କିଙ୍ଗ ସିଷ୍ଟମ୍‌ର ମୁଖ୍ୟ ସ୍ରୋତରେ ରଖାଯାଉନାହିଁ? ତାହା ହିଁ ଘଟିଛି ସମ୍ପ୍ରତି ପଞ୍ଜାବ ମହାରାଷ୍ଟ୍ର କୋଅପରେଟିଭ (ପିଏମ୍‌ସି) ବ୍ୟାଙ୍କ ହେରଫେର ଖବର ବାହାରିବା ପରେ। ଲୋକେ କହିବେ ଏ କୋଅପରେଟିଭ୍‌ଗୁଡାକ ମରିଯାଉ, କିନ୍ତୁ ସମାଜ-ଅର୍ଥନୀତିବାଲା କହିବେ କୋଅପରେଟିଭ ଦୀର୍ଘସ୍ଥାୟୀ ହେଉ। କାରଣ କୋଅପରେଟିଭ ବ୍ୟବସ୍ଥା କ୍ୟାପିଟାଲିଜମ୍ (ପୁଞ୍ଜିବାଦ)ର ବଦଗୁଣର ସମାଧାନ କରିପାରିବ।

ପିଏମ୍‌ସି ବ୍ୟାଙ୍କ୍ ୧୯୮୪ ଫେବୃୟାରୀ ୧୩ରେ ଏକ ବ୍ୟାଙ୍କ ରୂପେ ପ୍ରତିଷ୍ଠିତ ହେଲା। ସେତେବେଳେ କୌଣସି ବ୍ରାଞ୍ଚ ନ ଥିଲା, ଗତ ୩୫ ବର୍ଷ ଭିତରେ ୭ଟି ପ୍ରଦେଶରେ (ମହାରାଷ୍ଟ୍ର, ଗୁଜରାଟ, ଦିଲ୍ଲୀ, ଗୋଆ, କର୍ଣ୍ଣାଟକ, ମଧ୍ୟପ୍ରଦେଶ ଓ ଆନ୍ଧ୍ରପ୍ରଦେଶ) ୧୮୧୪ କର୍ମଚାରୀ ସହ ୧୩୭ ବ୍ରାଞ୍ଚ ଖୋଲିପାରିଛି ଏବଂ ଡିପୋଜିଟ୍ ପରିମାଣ ପ୍ରାୟ ୧୧୬୧୭.୩୪ କୋଟି କରିପାରିଛି। ୨୦୦୦ରେ ପିଏମ୍‌ସିକୁ ରିଜର୍ଭ ବ୍ୟାଙ୍କ ସିଡ୍ୟୁଲ୍ଡ (ସୂଚୀଭୁକ୍ତ) ବ୍ୟାଙ୍କ ପାହ୍ୟା ଦେଲା। ଦେଶର ଶୀର୍ଷରେ ଥିବା ୧୦ଟି କୋଅପରେଟିଭ୍ ବ୍ୟାଙ୍କ ଭିତରୁ ଏ ଗୋଟିଏ।

ପିଏମ୍‌ସି ବ୍ୟାଙ୍କର କ୍ରେଡିଟ୍ ଡିପାର୍ଟମେଣ୍ଟର ଦଳେ ମହିଳା କର୍ମଚାରୀ ଆର୍‌ବିଆଇର ପରିଦର୍ଶକ ଦଳକୁ କହିଦେଲେ ଯେ, ବ୍ୟାଙ୍କର ସଫ୍ଟୱେରକୁ ହେରଫେର କରି ଜଣକୁ ବହୁତ ଋଣ ଦିଆଯାଇଥିବା ଘଟଣା ଲୁଚାଯାଇଛି। ଆର୍‌ବିଆଇ ଦେଖିଲା, ପିଏମ୍‌ସି ବ୍ୟାଙ୍କ ହାଉସିଂ ଡେଭଲପ୍‌ମେଣ୍ଟ ଇନ୍‌ଫ୍ରାଷ୍ଟ୍ରକ୍ଚର ଲିମିଟେଡ୍ (ଏଚ୍‌ଡିଆଇଏଲ୍) ନାମକ ରିୟଲ ଇଷ୍ଟେଟ୍ ଡେଭଲପର୍ ବା ଜମିଜମାକାରବାରୀ ସଂସ୍ଥାକୁ ହଜାର ହଜାର କୋଟି ଟଙ୍କା ଋଣ ଦେବାର ସୁବିଧା କରିବା ଲାଗି ପ୍ରାୟ ୨୧୦୪୯ଟି ମିଛ କମ୍ପାନୀ ନାଁରେ ଆକାଉଣ୍ଟ ଖୋଲିଛି ଓ ସେମାନଙ୍କୁ ନୂଆ ପାସ୍‌ୱାର୍ଡ ଯୋଗାଇଛି; ତହିଁରେ ଅଛି ୪୪ଟି ଲୋନ୍ ଆକାଉଣ୍ଟ। ବ୍ୟାଙ୍କର ଏନ୍‌ପିଏ ପରିମାଣ ଅସମ୍ଭାଳ ହୋଇଥିବା ଦେଖି ଆର୍‌ବିଆଇ ଗ୍ରାହକମାନଙ୍କ ଉଠାଣ ସୀମା ନିର୍ଦ୍ଦିଷ୍ଟ କରିଦେଲା। ଏକଥା ଲୋକଙ୍କୁ ଜଣାପଡ଼ିଲା ପରେ ଗ୍ରାହକମାନେ ଜମାଟଙ୍କା ଉଠାଇ ନେବା ପାଇଁ ପିଏମ୍‌ସି ବ୍ୟାଙ୍କକୁ ଦୌଡ଼ିଲେ।

ପିଏମ୍‌ସି ବ୍ୟାଙ୍କ ଅଡିଟ୍ କଲାବେଳେ ଆର୍‌ବିଆଇ ଲକ୍ଷ୍ୟ କରିଥିଲା ଯେ ଗୋଟିଏ ସଂସ୍ଥା, ଏଚ୍‌ଡିଆଇଏଲ୍, ଲାଗ ଲାଗ ପ୍ରାୟ ୬୫୦୦ କୋଟି ଟଙ୍କା (ପିଏମ୍‌ସି ବ୍ୟାଙ୍କର ମୋଟ ଋଣ ଦେବା ସାମର୍ଥ୍ୟ ୮୮୮୦ କୋଟିର ଶତକଡ଼ା ୭୩ ଭାଗ) ଋଣ ନେଲାବେଳେ ତାହାର ଏନ୍‌ପିଏ କେତେ ଅଛି ଦେଖିଲା ନାହିଁ; କେବଳ ଜଣକୁ ଏତେ ଦେବା ବଡ଼ ଗର୍ହିତ କାର୍ଯ୍ୟ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏଚ୍‌ଡିଆଇଏଲ୍ କମ୍ପାନୀ-ଗୋଷ୍ଠୀର ୩୫୦୦ କୋଟି ଟଙ୍କାର ସମ୍ପତ୍ତି ସିଲ୍ କରିଛି। ଏଚ୍‌ଡିଆଇଏଲ୍‌ର ମୁଖ୍ୟ ରାକେଶ ୱାଧାୱାନ ଏବଂ ତାଙ୍କ ପୁଅ ସାରଙ୍ଗ ୱାଧାୱାନଙ୍କୁ ମୁମ୍ବାଇ ପୋଲିସ ଗିରଫ କରିଛି। ଦେୱାନ୍ ହାଉସିଂ ଫାଇନାନ୍ସ କର୍ପୋରେଶନ୍ ଲିମିଟେଡ୍‌ର ପ୍ରମୋଟର ଧୀରଜ୍ ୱାଧାୱାନ ଗ୍ୟାଙ୍ଗଷ୍ଟର ଇକ୍‌ବାଲ୍ ମେମନ (୨୦୧୩ରେ ମୃତ)ଙ୍କ ସନ୍ତ୍ରାସବାଦୀ ସଂସ୍ଥାକୁ ଅର୍ଥ ଯୋଗାଉଥିଲେ ବୋଲି ପୋଲିସ ପାଖରେ ଖବର ଅଛି। ଇକ୍‌ବାଲ୍ ମେମନଙ୍କ ଅନ୍ୟ ନାମ ଇକୱାଲ ମିର୍ଚ୍ଚି। ମିର୍ଚ୍ଚିଙ୍କ ସାଙ୍ଗ ହିମାୟୁନ ସୁଲେମାନ ମିର୍ଚ୍ଚି ସ୍ପେଶାଲ କୋର୍ଟଙ୍କୁ କହିଲେ ଯେ, ସେ ସବ୍‌ଲିଙ୍କ୍ ରିୟଲ ଇଷ୍ଟେଟ୍ କମ୍ପାନୀ ସହିତ କାରବାର କରିବା ପାଇଁ ୱାଧାୱାନ୍‌ଙ୍କଠାରୁ ୫ କୋଟି ନେଇଛନ୍ତି; ସବ୍‌ଲିଙ୍କ୍ କମ୍ପାନୀକୁ ଡିଏଚ୍‌ଏଫ୍‌ଏଲ୍ ୨୧୮୬ କୋଟି ଲୋନ୍ ଦେଇଛି। ମୃତ ମିର୍ଚ୍ଚି ସହିତ ସବ୍‌ଲିଙ୍କ୍‌ର ଜମି କାରବାର ଥିଲା।

ଏ କଥା କାହିଁକି ପିଏମ୍‌ସି ବ୍ୟାଙ୍କର ଅଡିଟ୍ ଫାର୍ମ ଧରିଲା ନାହିଁ? ବ୍ୟାଙ୍କର ଅଡିଟର୍ ଜୟେଶ ସାଂଘାଣୀ ଓ କେତନ ଲକଡୱାଲା ଉକ୍ତ ବ୍ୟାଙ୍କର ୫ଟି ଆର୍ଥିକ ବର୍ଷ (୨୦୧୪ରୁ ୨୦୧୯)ର ଅଡିଟ୍ କଲାବେଳେ କୌଣସି ପ୍ରତିକୂଳ ମନ୍ତବ୍ୟ ଦେଇନାହାନ୍ତି; ୨ ଜଣ ଷ୍ଟାଚୁଟୋରି ଅଡିଟର୍‌ଙ୍କ ପକ୍ଷରେ ଏହା ଏକ ଇଚ୍ଛାକୃତ ତ୍ରୁଟି ବୋଲି ଧରାଯାଉଛି। ପିଏମ୍‌ସି ବ୍ୟାଙ୍କର କରେଣ୍ଟ ଅଡିଟ୍ କରିଥିବା ଅର୍ଚ୍ଚିତା ଶାହ ଓ କମଳ ଶାହ (ଅର୍ଚ୍ଚିତା ଆଣ୍ଡ ଆସୋସିଏଟ୍‌ସ ସିଏ ଫାର୍ମର ଦୁହେଁ) ସାଂଘାଣିଙ୍କ ସୁପାରିସ କ୍ରମେ କରେଣ୍ଟ ଅଡିଟ୍ କରିଥିଲେ, ସେମାନଙ୍କୁ ମଧ୍ୟ ପୋଲିସ ଜେରା କରୁଛି। ଅଡିଟର୍‌ଙ୍କୁ ହାତ କଲେ ବ୍ୟାଙ୍କ ଟଙ୍କା ଚଳୁ କରିହେବ- ଏ ତ ରାଷ୍ଟ୍ରାୟତ୍ତ ଓ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ବି ଜାଣନ୍ତି, ତା'ଛଡା ହଜାର ହଜାର କୋଟି ଟଙ୍କାର ଏନ୍‌ପିଏକୁ ରାଇଟ୍ ଅଫ୍ (ଛାଡ଼) କରୁଛନ୍ତି। କୋଅପରେଟିଭ୍ ବ୍ୟାଙ୍କଗୁଡ଼ିକର କ୍ଷତି ତ ତୁଚ୍ଛ! ପାର୍ଲାମେଣ୍ଟରେ ପ୍ରଦତ୍ତ ତଥ୍ୟ ଅନୁଯାୟୀ ଦେଶରେ ସୂଚୀଭୁକ୍ତ (ସିଡ୍ୟୁଲ୍ଡ) ୪୨ ବାଣିଜ୍ୟିକ ବ୍ୟାଙ୍କ ୨୦୧୮-୧୯ରେ ୨.୧୨ଲକ୍ଷ କୋଟି ଟଙ୍କାର ଅନାଦେୟ ଋଣ ରାଇଟ୍ ଅଫ୍ କରିଛନ୍ତି, ଯାହା ୨୦୧୭-୧୮ (୧.୫ ଲକ୍ଷ)ଠାରୁ ୪୨% ଅଧିକ। ୨୦୧୪-୧୫ରେ ବ୍ୟାଙ୍କଗୁଡିକର ଏନ୍‌ପିଏ ୩.୨ ଲକ୍ଷ କୋଟି ରହିଥିଲା ବେଳେ ଗତ ୪ ବର୍ଷରେ ୩ ଗୁଣ ବଢି ୨୦୧୮-୧୯ରେ ୯.୪ ଲକ୍ଷ କୋଟି ଟଙ୍କା ଛୁଇଁଛି। ଏହା ତୁଳନାରେ ସମବାୟ ବ୍ୟାଙ୍କଗୁଡ଼ିକରେ ହେରଫେର ତୁଚ୍ଛ ମନେହୁଏ।

ସାହୁକାରମାନଙ୍କ ଅତ୍ୟଧିକ ସୁଧ ନେବା ମନୋବୃତ୍ତିକୁ ରୋକିବା ପାଇଁ ଊନବିଂଶ ଶତାବ୍ଦୀରେ ସମବାୟ ଋଣ ଆନ୍ଦୋଳନ ଆରମ୍ଭ ହେଲା। ୧୯୦୪ କୋଅପରେଟିଭ କ୍ରେଡିଟ ସୋସାଇଟିଜ୍ ଆକ୍ଟ ପାସ୍ ହେଲା। ୧୯୧୨ରେ ଏହାର ସଂଶୋଧନ ହୋଇଛି। କୋଅପରେଟିଭ ବ୍ୟାଙ୍କରେ ଜନତା ମାଲିକ ହୋଇଥିବାରୁ ବ୍ୟବସାୟ ଭଲ ହେବା କଥା। କିନ୍ତୁ ସେଥିରେ ପ୍ରଫେଶନାଲ ବୋର୍ଡ ନ ଥାଏ, ଜନତାର ବଳିଷ୍ଠ କାଣ୍ଡଜ୍ଞାନ ହିଁ ଯଥେଷ୍ଟ। ବ୍ୟାଙ୍କର ମେମ୍ବରମାନେ ଡାଇରେକ୍ଟରମାନଙ୍କୁ ନିର୍ବାଚିତ କରୁଥିବାରୁ ରାଜନୈତିକ ନେତାମାନେ ଏହାର ଫାଇଦା ଉଠାନ୍ତି। ସେମାନେ ନିର୍ବାଚନରେ ପ୍ରାର୍ଥୀ ହୋଇ ସମବାୟ ସମିତିଗୁଡ଼ିକୁ ନିଜ ଅକ୍ତିଆରକୁ ନେଇଯାଆନ୍ତି। ସମବାୟ ବ୍ୟାଙ୍କଗୁଡ଼ିକ ରାଜନେତାମାନଙ୍କର ଥଇଥାନ ସଂସ୍ଥା ହୋଇପଡିଥିବାରୁ କିଛି ଦେଣନେଣ ବଦଳରେ ତୋଷାମଦିଆ କୋଟିପତିଙ୍କୁ ବା ସାଙ୍ଗସାଥୀଙ୍କୁ ଋଣ ଯୋଗାଉଛନ୍ତି। ତେଣୁ କୋଅପରେଟିଭ ବ୍ୟାଙ୍କ କେଳେଙ୍କାରିର ଶିକାର ହେଉଛି।

ଇମେଲ୍ : sahadevas@yahoo.com

# ଅସୁରକ୍ଷିତ ମାନବାଧିକାର



ଭାଲଚନ୍ଦ୍ର ଷଡ଼ଙ୍ଗୀ

ବିଶ୍ୱ ମାନବାଧିକାର ଦିବସ ଉପଲକ୍ଷେ

ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ଜାତୀୟତା ଏପରି କି ରାଜନୈତିକ ବିଚାର ନିର୍ବିଶେଷରେ ବିଶ୍ୱର ସବୁ ମଣିଷଙ୍କର ଜଣେ ମଣିଷ ଭାବେ ରହିଥିବା ମୌଳିକ ଅଧିକାରକୁ ମାନବିକ ଅଧିକାର ବୋଲି କୁହାଯାଇପାରେ। ସ୍ୱାଧୀନତା, ଆତ୍ମସମ୍ମାନ, ସମାନତା, ସ୍ୱାଧୀନ ଚିନ୍ତା ପରି ମୂଲ୍ୟବୋଧ ଉପରେ ଆଧାରିତ ଏହି ଅଧିକାରଟି ଜଣେ ମଣିଷର ଜନ୍ମସିଦ୍ଧ ଅଧିକାର, ଯାହାକୁ ତା'ଠାରୁ କଦାପି ବିଚ୍ଛିନ୍ନ କରାଯାଇ ନ ପାରେ। କିନ୍ତୁ ଅନେକ କ୍ଷେତ୍ରରେ ମଣିଷକୁ ତା'ର ଏହି ଅଧିକାରରୁ ବଞ୍ଚିତ କରାଯାଉଛି।

ଶାସକ ଶ୍ରେଣୀର ଶୋଷଣ ଓ ନିର୍ଯ୍ୟାତନାରୁ ମୁକ୍ତ ହୋଇ ଏକ ସ୍ୱାଧୀନ ତଥା ସମ୍ମାନଜନକ ଜୀବନ ଯାପନ ପାଇଁ ମଣିଷର ଆକାଂକ୍ଷା ଓ ସଂଗ୍ରାମ ହିଁ ବିଶ୍ୱରେ ମାନବିକ ଅଧିକାରର ଧାରଣାଟିକୁ ଜନ୍ମ ଦେଇଛି। ବିଶେଷ କରି ୟୁରୋପରେ ଶିଳ୍ପବିପ୍ଳବ ସମୟରେ ସମାଜରେ ସାମନ୍ତବାଦୀ ଶାସନ ବିରୋଧରେ ଯେଉଁ ବିଦ୍ରୋହ ସୃଷ୍ଟି ହୋଇଥିଲା ତା'ର ଅନ୍ତରାଳରେ ଥିଲା ମାନବିକ ଅଧିକାରର ଧାରଣା। କିନ୍ତୁ ସେମାନଙ୍କ ସେହି ଅଧିକାର ମଧ୍ୟରେ ଲୋକଙ୍କର ଅର୍ଥନୈତିକ ଅଧିକାରଟି ସ୍ଥାନ ପାଇପାରି ନ ଥିଲା। ବିଶ୍ୱରେ ଶ୍ରମିକ ଶ୍ରେଣୀର ଆନ୍ଦୋଳନ ଗତିଶୀଳ ହେବା ପରେ ବିଶେଷ କରି ରୁଷର ସମାଜବାଦୀ ବିପ୍ଳବ ପରେ ହିଁ ଅର୍ଥନୈତିକ ଅଧିକାର ବି ମାନବିକ ଅଧିକାର ଭାବେ ସ୍ୱୀକୃତି ଲାଭ କଲା।

ବିଶ୍ୱରେ ମାନବିକ ଅଧିକାରର ଧାରଣାଟି ପୁରୁଣା ହେଲେ ବି ତା' ଉପରେ ଆନୁଷ୍ଠାନିକ ଆଲୋଚନା ବେଶି ପୁରୁଣା ନୁହେଁ। ବିଶେଷ କରି ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ କୋଟି କୋଟି ସାଧାରଣ ମଣିଷଙ୍କ ଉପରେ ହୋଇଥିବା ଅତ୍ୟାଚାର, ହତ୍ୟାର ଲୋମହର୍ଷଣକାରୀ ଘଟଣା ବିଶ୍ୱରେ ପ୍ରଥମ ଥର ପାଇଁ ମାନବିକ ଅଧିକାର ନେଇ ଆଲୋଚନାକୁ ବ୍ୟାପକ କରିବା ସହିତ ଏ ଦିଗରେ ହସ୍ତକ୍ଷେପ କରିବାକୁ ଦେଶଗୁଡ଼ିକୁ ବାଧ୍ୟ କରିଥିଲା। ଏହି କ୍ରମରେ ୧୯୪୮ ମସିହାରେ ମିଳିତ ଜାତିସଂଘ ଦ୍ୱାରା ଆହୂତ ବୈଠକରେ ବିଶ୍ୱର ଅନେକ ଦେଶର ମୁଖ୍ୟ ଅଂଶଗ୍ରହଣ କରି ମାନବିକ ଅଧିକାରର ସୁରକ୍ଷା ପାଇଁ ଏକ ସାର୍ବଜନୀନ ଘୋଷଣା ପତ୍ରରେ ସ୍ୱାକ୍ଷର କରିବା ସହିତ ପ୍ରତିବର୍ଷ ଡିସେମ୍ବର ୧୦ ତାରିଖକୁ ମାନବ ଅଧିକାର ଦିବସ ରୂପେ ପାଳନ କରିବାକୁ ସହମତି ହୋଇଥିଲେ।

ଆମଦେଶରେ ମଧ୍ୟ ମାନବିକ ଅଧିକାରର ଧାରଣାଟି ସର୍ବପ୍ରଥମେ ଉପନିବେଶ ବିରୋଧୀ ସଂଘର୍ଷ ମଧ୍ୟରୁ ଜନ୍ମ ନେଇଥିଲା। ବ୍ରିଟିଶ ଶାସନ ଦ୍ୱାରା ସ୍ୱାଧୀନତା ଆନ୍ଦୋଳନ ଉପରେ ବ୍ୟାପକ ଦମନ, ରାଓଲଟ୍ ଆଇନ, ଧାରା ୧୪୪, ଦେଶଦ୍ରୋହ ପରି କଳା ଆଇନର ପ୍ରଣୟନ ଜନଗଣ ବିଶେଷ କରି ଶିକ୍ଷିତ ଭାରତୀୟଙ୍କ ମଧ୍ୟରେ ବ୍ୟାପକ ପ୍ରତିକ୍ରିୟା ସୃଷ୍ଟି କରିଥିଲା।

୧୯୪୭ରେ ବ୍ରିଟିଶମାନେ ଯିବା ପରେ ଦେଶରେ କ୍ଷମତାସୀନ ଶାସକମାନେ କେବଳ ବ୍ରିଟିଶ ସରକାରର ପୋଲିସ, ସେନା ଓ ପ୍ରଶାସନ ପରି ଦମନକାରୀ ରାଷ୍ଟ୍ରଯନ୍ତ୍ରକୁ ଅବ୍ୟାହତ ରଖିଲେନି ବରଂ ସେମାନଙ୍କ କଳା ଆଇନ ଓ ଦମନ ନୀତିକୁ ଗୋଟାପଣେ ଆପଣେଇବା ଦେଖିବାକୁ ମିଳିଲା। ପୂର୍ବଭଳି ଦେଶଦ୍ରୋହ ଆଇନ ପରି ସବୁ କଳା ଆଇନକୁ ଅବ୍ୟାହତ ରଖିବା ସହ ସଶସ୍ତ୍ର ବଳ ସ୍ୱତନ୍ତ୍ର କ୍ଷମତା ଆଇନ ବା ଆଫ୍‌ସ୍ପା, ଜାତୀୟ ନିରାପତ୍ତା ଆଇନ, ପବ୍ଲିକ୍ ସେଫ୍ଟି ଆଇନ, ପ୍ରତିଷେଧକମୂଳକ ଅଟକ ଆଇନ, ପୋଟା ବା ସେପରି ଭଳିକି ଭଳି କଳା ଆଇନ ତିଆରି କରି ତା' ଜରିଆରେ ଜନଗଣଙ୍କ ଉପରେ ଦମନକୁ ବଢ଼ାଇବା ସହ ସେମାନଙ୍କ ଗଣତାନ୍ତ୍ରିକ ଅଧିକାରର କଣ୍ଠରୋଧ କଲେ। ନିକଟରେ ଏନ୍‌ଆଇଏ ଆଇନ ଓ ୟୁଏପିଏ ଆଇନରେ ସଂଶୋଧନ କରି ତାକୁ ଅଧିକ କଠୋର କରି ପୋଲିସର କ୍ଷମତାକୁ ବଢ଼ାଇବା ଏହି ପ୍ରକ୍ରିୟାର ହିଁ ଅଂଶ ବିଶେଷ ବୋଲି କୁହାଯାଇପାରେ। ଅତୀତରେ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ଦେଶରେ ଜରୁରୀ ପରିସ୍ଥିତିର ଘୋଷଣା ଏବଂ ବିରୋଧୀ ରାଜନୈତିକ କର୍ମୀ ଓ ଗଣମାଧ୍ୟମ ଉପରେ ରାଷ୍ଟ୍ର ପ୍ରାୟୋଜିତ ଦମନ ଏକ ଦେଶରେ ମାନବିକ ବା ନାଗରିକ ଅଧିକାର ଉପରେ ଆକ୍ରମଣର ଏକ ବଡ଼ ଘଟଣା ଥିଲା। ସେତେବେଳେ ରାଷ୍ଟ୍ର ସନ୍ତ୍ରାସ ବିରୋଧରେ ମାନବିକ ଅଧିକାରର ସୁରକ୍ଷା ପାଇଁ ଆନ୍ଦୋଳନ ବ୍ୟାପକ ହେବା ସହ ପ୍ରଥମ ଥର ପାଇଁ ଦେଶରେ ଏକ ମାନବିକ ଅଧିକାର ସଂଗଠନ ପିୟୁସିଏଲ୍ ଗଠିତ ହୋଇଥିଲା।

ଦିନଥିଲା ମାନବିକ ଅଧିକାର କହିଲେ କେବଳ ରାଷ୍ଟ୍ର ଦ୍ୱାରା ନିର୍ଦ୍ଧାରିତ ରାଜନୈତିକ ବା ଗଣତାନ୍ତ୍ରିକ ଅଧିକାରକୁ ହିଁ ବୁଝାଯାଉ ଥିଲା। କିନ୍ତୁ ସମାଜର ବିକାଶ ସହିତ ମାନବିକ ଅଧିକାରର ଏହି ପରିଭାଷା ଓ ପରିସୀମା ମଧ୍ୟ ବଦଳି ଅଧିକ ବ୍ୟାପକ ହୋଇଛି। ବର୍ତ୍ତମାନ ଖାଦ୍ୟ ଅଧିକାର, ବାସଗୃହ ଅଧିକାର, ପ୍ରଦୂଷଣମୁକ୍ତ ପରିବେଶର ଅଧିକାର, ଲିଙ୍ଗଗତ ବିଭେଦରୁ ମୁକ୍ତିର ଅଧିକାର, ଜାତିଗତ ନିର୍ଯ୍ୟାତନାରୁ ମୁକ୍ତିର ଅଧିକାର, ଜାତୀୟତାର ଅଧିକାର, ଶିଶୁ ଅଧିକାର ଏପରି କି ସମଲିଙ୍ଗୀମାନଙ୍କ ଅଧିକାର ବି ମାନବିକ ଅଧିକାରର ପରିଭାଷାରେ ସାମିଲ ହୋଇ ଏହାର ସୀମାକୁ ପ୍ରସାରିତ କରିପାରିଛି।

ତେବେ ଆଜି ଆମ ଦେଶରେ ମାନବିକ ଅଧିକାରର ସ୍ଥିତି ଉଦ୍‌ବେଗଜନକ। ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟସେବା ପରି ମାନବିକ ଅଧିକାର କ୍ଷେତ୍ରରେ ଆମେ ବିଶ୍ୱର ଅନେକ ପଛୁଆ ଦେଶଠାରୁ ବି ପଛରେ ରହିଛୁ। ନିକଟରେ ଆନ୍ତର୍ଜାତିକ ମାନବିକ ଅଧିକାର ସଂସ୍ଥା 'ହ୍ୟୁମାନ ରାଇଟସ୍ ୱାଚ୍'ର ରିପୋର୍ଟ ଅନୁସାରେ ଭାରତରେ ମାନବିକ ଅଧିକାର ଅତି ଭୟଙ୍କର ସ୍ଥିତିରେ ରହିଛି। ଦେଶରେ ଅନେକ କଳା ଆଇନ ଅବ୍ୟାହତ ଥିବା ବେଳେ ପୋଲିସ ଏବଂ ସାମରିକ ବାହିନୀ ଦ୍ୱାରା ମାନବିକ ଅଧିକାର ଉଲ୍ଲଂଘନର ହଜାର ହଜାର ଘଟଣା ସାମନାକୁ ଆସୁଛି। ଅନ୍ୟପଟେ ଦେଶରେ ପୋଲିସ ଓ ସେନା ହାଜତରେ ହତ୍ୟା ଘଟଣା ପ୍ରତିବର୍ଷ ବୃଦ୍ଧି ପାଉଥିବା ବେଳେ ମାଓବାଦୀ ଓ ଉଗ୍ରବାଦୀ ନାଁରେ ଅବିଚାରିତ ଗିରଫଦାରି ଏବଂ ଏନ୍‌କାଉଣ୍ଟରରେ ହତ୍ୟା ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। ନିକଟରେ ହାଇଦ୍ରାବାଦ ବଳାତ୍କାର ଓ ହତ୍ୟା ଘଟଣାରେ ପୋଲିସ ହେପାଜତରେ ଥିବା ଚାରିଜଣ ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟର ନାଁରେ ହତ୍ୟା କରିବା ପୋଲିସ ଦ୍ୱାରା ମାନବିକ ଅଧିକାର ଉଲ୍ଲଂଘନର ସଦ୍ୟତମ ଉଦାହରଣ।

ମୋ- ୯୪୩୭୧୬୬୩୯୧

## ଏଇ ଭାରତରେ

ପୁନର୍ଜନ୍ମକୁ ନେଇ ବିଜ୍ଞାନ ଭିନ୍ନମତ ପୋଷଣ କରୁଥିବା ବେଳେ ଡେରାଡୁନର ଶୁକ୍ଲାପୁରର ଲୋକମାନେ ଏହା ଉପରେ ବିଶ୍ୱାସ ରଖିଛନ୍ତି। ପରିବେଶକୁ ଭାବନାତ୍ମକ ରୂପରେ ଜନମାନସରେ ଯୋଡି ପୁନର୍ଜନ୍ମ ବିଶ୍ୱାସକୁ ଗଛ ଉପରେ ପ୍ରକଟ କରିବାର ନିଆରା ପରମ୍ପରା ଦେଖାଯାଏ ଶୁକ୍ଲାପୁରରେ। ଏମିତିକି ପୁନର୍ଜନ୍ମ ବିଶ୍ୱାସରୁ ଏଠାରେ 'ପୁନର୍ଜନ୍ମ ସ୍ମୃତିବନ' ସୃଷ୍ଟି ହୋଇଛି। କାହାର ମୃତ୍ୟୁ ହେଲେ ପରିବାର ଲୋକମାନେ ଗୋଟିଏ ଫଳଦାୟୀ ଗଛ ଲଗାଉଛନ୍ତି। ତା' ମୂଳରେ ମାଟି ଓ ମୃତବ୍ୟକ୍ତିଙ୍କ ଚିତାଭସ୍ମକୁ ବି ପୋତି ଦେଉଛନ୍ତି। ଏବେ ଏହି ସ୍ମୃତିବନରେ ୩୨ ଜଣଙ୍କ 'ପୁନର୍ଜନ୍ମ ବୃକ୍ଷ' ଶୋଭା ପାଉଛନ୍ତି। ଏଭଳି ବିଶ୍ୱାସ ସୃଷ୍ଟି କରି ପରିବେଶ ସୁରକ୍ଷା କରିବାର ଭିନ୍ନ ପ୍ରୟାସରେ ସଫଳ ହୋଇଛନ୍ତି ହିମାଳୟ ପରିବେଶ ଅଧ୍ୟୟନ ସଂଗଠନର ମୁଖ୍ୟ ପଦ୍ମଶ୍ରୀ ଡ. ଅନିଲ ପ୍ରକାଶ ଜୋଷୀ। ଉତ୍ତରାଖଣ୍ଡ ଡେରାଡୁନ୍‌ଠାରୁ ୧୬କିମି ଦୂର ଶୁକ୍ଲାପୁର ନିକଟରେ ବହିଯାଉଥିବା ଅସନ ନଦୀକୂଳରେ ଥିବା ଶ୍ମଶାନଘାଟର ନାମ ରଖାଯାଇଛି ପୁନର୍ଜନ୍ମ। ଶୁକ୍ଲାପୁର ଅମ୍ବିବାଲା ଅଞ୍ଚଳର ଲୋକେ କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ହେଲେ ଏହି ଘାଟରେ ତାଙ୍କର ଅନ୍ତିମ ସଂସ୍କାର କରୁଛନ୍ତି। ଡିସେମ୍ବର ୨୦୧୨ରେ ଏହି ଘାଟରେ 'ପୁନର୍ଜନ୍ମ ବନ' ଆରମ୍ଭ କରାଯାଇଥିଲା। ସେବେଠାରୁ ସ୍ୱଜନଙ୍କ ମୃତ୍ୟୁ ହେବା ପରେ ଏଠାରେ ଅନ୍ତିମ ସଂସ୍କାର କରିବା ସହ ଲୋକମାନେ ଫଳଦାୟୀ ଗଛ ଲଗାଉଛନ୍ତି ଓ ତା' ମୂଳରେ ଚିତାଭସ୍ମ ଦେଉଛନ୍ତି। ଗଛର ଯତ୍ନ ମଧ୍ୟ କରୁଛନ୍ତି। ସେହି ଗଛରେ ପ୍ରିୟଜନଙ୍କ ନିକଟରେ ରହିବା ଭଳି ଅନୁଭବ କରୁଛନ୍ତି। ଗଛ ମୂଳରେ ଦିଆଯାଇଥିବା ଚିତାଭସ୍ମ ଗଛକୁ ପୋଷକ ତତ୍ତ୍ୱ ଯୋଗାଇ ବଡ କରେ ଓ ମୃତକଙ୍କ ଆତ୍ମା ମୁକ୍ତିପ୍ରାପ୍ତ ହୋଇଥାଏ ବୋଲି ସେମାନେ ବିଶ୍ୱାସ କରନ୍ତି। ଡ. ଜୋଷୀ କୁହନ୍ତି, ମୃତ୍ୟୁ ପୂର୍ବରୁ ଆମେ ଅଙ୍ଗଦାନ କରିବାର ନିଷ୍ପତ୍ତି ନେଉଛୁ, ତେବେ କାହିଁକି ଆମେ ଆମ ଅନ୍ତିମ ଅବଶେଷକୁ ବୃକ୍ଷ ରୂପରେ ଏହି ପୃଥିବୀକୁ ଲେଉଟାଇ ଆଣିବାନି। ଜୀବନରେ ଆମେ ପୃଥିବୀରୁ ଯେଉଁ ପାଣି, ପବନ ଓ ଅନ୍ୟ ଉପାଦାନ ଗ୍ରହଣ କରିଛୁ, ତାହାକୁ ଫେରାଇଦେବା ଲାଗି ଏହା ଏକ ସରଳ ଉପାୟ।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ଡିସେମ୍ବର ୧୯୯୪

- ଚୀନର ସିନ୍‌ସିଆଙ୍ଗ ପ୍ରଦେଶ ଅନ୍ତର୍ଗତ ଉରୁଙ୍କିଠାରେ ଥିବା ଏକ ପ୍ରେକ୍ଷାଳୟରେ ଅଗ୍ନିକାଣ୍ଡ ଘଟି ୫୦୦ ଛାତ୍ରୀଛାତ୍ରଙ୍କ ମୃତ୍ୟୁ।
- ଗାଟ୍ ରାଜିନାମାକୁ ଅନୁମୋଦନ କରିବାକୁ କେନ୍ଦ୍ର ସରକାର ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିଛନ୍ତି ବୋଲି ଆଜି ସରକାରଙ୍କ ପକ୍ଷରୁ ପାର୍ଲାମେଣ୍ଟରେ ଘୋଷଣା କରାଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ଜଳସମ୍ପଦରୁ ନିଜ ସମ୍ପଦ ବୃଦ୍ଧି

ମହାଶୟ,

କିଛିଦିନ ତଳେ ପ୍ରକାଶିତ ଖବର ଅନୁସାରେ ଜଳସମ୍ପଦ ବିଭାଗର ଜଣେ ନିର୍ବାହୀ ଯନ୍ତ୍ରୀଙ୍କର ୨ କୋଟିରୁ ଅଧିକ ଟଙ୍କାର ଆୟବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି। ରାଜ୍ୟରେ ଏପରି ବହୁ ମାମଲାରେ ଭିଜିଲାନ୍ସ କୋର୍ଟରେ ଦୋଷୀସାବ୍ୟସ୍ତ ହୋଇ ଜେଲ, ଜରିମାନା, ସମ୍ପତ୍ତି ବାଜ୍ୟାପ୍ତି ଓ ଚାକିରିରୁ ବିଦା ହେଲେ ମଧ୍ୟ ଅନ୍ୟମାନଙ୍କ ଉପରେ ଏହାର କୌଣସି ପ୍ରଭାବ ପଡୁନାହିଁ। ସତେ ଯେପରି ଏ ସବୁ ତାଙ୍କ ଚାକିରିଗତ ଅଧିକାର। କେନ୍ଦ୍ର ସରକାରଙ୍କର ଚାକିରିରୁ ବିଦା କରିବା ପଦ୍ଧତି ଅଲଗା। କୋର୍ଟର ନିର୍ଦ୍ଧାରଣକୁ ଅପେକ୍ଷା ନାହିଁ। ବିଭାଗୀୟ ତଦନ୍ତରୁ ପ୍ରମାଣ ମିଳିଲେ ସିଧା ଘରକୁ ବାଟ ଦେଖାଇ ଦିଆଯାଏ। ଏଇ କିଛି ମାସ ମଧ୍ୟରେ ଭାରତୀୟ ରାଜସ୍ୱ ଅଧିକାରୀଙ୍କ ମଧ୍ୟରୁ ୭୨ ଜଣଙ୍କୁ ଦୁର୍ନୀତି ଅଭିଯୋଗରେ ଚାକିରିରୁ ବହିଷ୍କାର କରାଯାଇଛି। ତେବେ ଆମେ କାହିଁକି ଭିଜିଲାନ୍ସ କୋର୍ଟର ରାୟକୁ ବର୍ଷ ବର୍ଷ ଧରି ଅନାଇ ରହିବୁ। ଦୁର୍ନୀତିର ଆପାତ ପ୍ରମାଣ ମିଳିଲେ ତୁରନ୍ତ ପ୍ରଥମ ଦଣ୍ଡ ଭାବେ ଚାକିରିରୁ ବହିଷ୍କାର କରାଯାଉ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

### ପାଇଖାନା ଅନ୍ତର୍ଦ୍ଧାନ


'ସ୍ୱଚ୍ଛ ଭାରତ' ଆହ୍ୱାନରେ ସ୍ୱଚ୍ଛତା ଦିଗରେ ଏକପାଦ ଆଗକୁ ଚାଲିବା ପରିବର୍ତ୍ତେ ପୂର୍ବ ସତ୍ୟବାଦୀର ଅନେକ ଗାଁର ଜନସାଧାରଣ ଖୋଲାସ୍ଥାନରେ ମଳତ୍ୟାଗ କରିବା ଦେଖାଯାଉଛି। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପାଇଖାନା ନିର୍ମାଣ କରିଛନ୍ତି। ଗୋଟିଏ ଗୋଟିଏ ପରିବାର ଦୁଇଟି ଲେଖାଏଁ ପାଇଖାନା ହିତାଧିକାରୀ ହୋଇଛନ୍ତି। ଆଉ କେତେକଙ୍କ ମିଥ୍ୟା ପାଇଖାନା ଫନୀ ବାତ୍ୟା ଉଡ଼ାଇ ନେଇଛି। ଭାରତ ସରକାରଙ୍କ ଏହି କାର୍ଯ୍ୟକ୍ରମକୁ ବାଟବଣା କରିବା ପାଇଁ କେତେଜଣ ଠିକା ନେଇଥିବା ବ୍ୟକ୍ତି ମିଳୁଥିବା ଅନୁଦାନକୁ ହାତଗୁଞ୍ଜା ନେଇ ଅନ୍ୟ କାହାର ପାଇଖାନା ଫଟୋରେ ଦେଖାଇ ସମ୍ପୂର୍ଣ୍ଣ ବିଲ୍ ନେଇଯାଉଛନ୍ତି। ତଦନ୍ତ କଲେ ଜଣାପଡ଼ିବ ଅଧାରୁ ଅଧିକ ପାଇଖାନା ବାସ୍ତବରେ ନାହିଁ ବା ଫନୀ ବାତ୍ୟା ଉଡ଼ାଇନେଇଛି।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ
## 'ଅକଳରେ ଅର୍ଥନୀତି'

ଧରିତ୍ରୀର ୪୬ତମ ଜନ୍ମଦିନ ଅବକାଶରେ ପ୍ରକାଶ ପାଇଛି ଆକର୍ଷଣୀୟ ବାର୍ଷିକ ବିଶେଷାଙ୍କ। ଆର୍ଥିକ ମାନ୍ଦାବସ୍ଥାକୁ ନେଇ ପରିକଳ୍ପିତ ଏହାର ପ୍ରଚ୍ଛଦ ପ୍ରସଙ୍ଗ 'ଅକଳରେ ଅର୍ଥନୀତି'। ଏଥି ସହିତ ରହିଛି ଜନଜୀବନ, ରାଜନୀତି, ବିଜ୍ଞାନ ଓ ସାହିତ୍ୟକୁ ନେଇ ବହୁ ଗୁରୁତ୍ୱପୂର୍ଣ୍ଣ ଫିଚର, ଆକର୍ଷଣୀୟ ଗଳ୍ପ, ପ୍ରବନ୍ଧ ଏବଂ କବିତା। କ୍ରୀଡ଼ା ଜଗତର ୩ଜଣ ପ୍ରଖ୍ୟାତ ଖେଳାଳି– ଦୂତୀ ଚାନ୍ଦ, ପ୍ରମୋଦ ଭଗତ, ଅମିତ ରୋହିଦାସଙ୍କ ସହିତ ଅନନ୍ୟ ସାକ୍ଷାତ୍କାର। ଭାରତର ଭାଷାନୀତି, ଧ୍ୱଂସର ପ୍ରାରମ୍ଭିକ ପର୍ଯ୍ୟାୟରେ ଆମେ, ପୃଥିବୀ ବାହାରେ କେହି ଅଛି କି, ଯୁଦ୍ଧ: ପଥର ଫିଙ୍ଗାରୁ ମହାକାଶ, ୩୭୦ର ବ୍ୟବଚ୍ଛେଦ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ସ୍ପେସ୍‌ରେସ୍, ନୋବେଲ ପୁରସ୍କାର ୨୦୧୯, ଶରଣାର୍ଥୀ ସଙ୍କଟରେ ବିଶ୍ୱ, ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ@ ନୂଆ ଠିକଣା ଏବଂ ସିନେମା ଓଡ଼ିଆ ନାୟିକା ଅଣଓଡ଼ିଆ ଭଳି ବହୁ ତଥ୍ୟଧର୍ମୀ ଲେଖାରେ ସମୃଦ୍ଧ ଏହାର କଳେବର। ସମଗ୍ର ୧୨୦ ପୃଷ୍ଠା ରଙ୍ଗୀନ୍ ଓ ସଚିତ୍ର।




ଧରିତ୍ରୀ ବିତରକଙ୍କ ପାଖରେ ବିଶେଷାଙ୍କ ଉପଲବ୍ଧ ହେବ

**ମୂଲ୍ୟ: ଟ ୮୦/-**

**ଯୋଗାଯୋଗ: ଯାଜପୁର/ନୟାଗଡ଼:** ଅଜୟ ଯାଦବ(୭୬୦୮୯୯୮୬୦୧), **କେନ୍ଦ୍ରାପଡ଼ା:** ଜ୍ଞାନେନ୍ଦ୍ର କର(୯୪୩୯୬୭୨୧୧୫)
**ଜଗତ୍‌ସିଂହପୁର:** ଦେବରାଜ ସାମଲ(୯୩୩୭୩୫୫୦୫୫)
ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨


**ସୁକିନ୍ଦା ମେଗା ଜଳଯୋଗାଣ ପ୍ରକଳ୍ପ**

# ୭ଦିନ ମଧ୍ୟରେ ରିପୋର୍ଟ ଦାଖଲ ନିର୍ଦ୍ଦେଶ

**ଧରିତ୍ରୀ ପ୍ରଭାବ**

**ଯାଜପୁର ଅଫିସ,୯।୧୨:** ଯାଜପୁର ଜିଲା ସୁକିନ୍ଦା ବ୍ଲକ ଖଣି ପ୍ରଭାବିତ ଅଞ୍ଚଳରେ ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍ଏଫ୍) ପାଣ୍ଠିରେ ନିର୍ମାଣାଧୀନ ମେଗା ଜଳ ଯୋଗାଣ ପ୍ରକଳ୍ପରେ ବ୍ୟାପକ ହେରାଫେରି ହେଉଛି। ଗତ ଜୁଲାଇରେ ଇଞ୍ଜିନିୟର୍ସ ଅଥରିଟି ପକ୍ଷରୁ ହୋଇଥିବା ତଦନ୍ତ ରିପୋର୍ଟରେ ଏହା ଜଳ ଜଳ ଦିଶୁଛି। ଇଞ୍ଜିନିୟର୍ସ ଅଥରିଟି ରିପୋର୍ଟକୁ ଅଣଦେଖା କରି ପୁଣି ନିମ୍ନମାନର କାର୍ଯ୍ୟ ହେବା ସହିତ ତ୍ରୁଟି ସୁଧାର ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଅପରପକ୍ଷେ ଇଞ୍ଜିନିୟର୍ସ ଅଥରିଟି ରିପୋର୍ଟ ଭୁଲ ଥିଲା ବୋଲି ଅନ୍ୟ ଏକ ପରୀକ୍ଷାଗାରରେ ପରୀକ୍ଷା କରି ନିମ୍ନମାନର ନିର୍ମାଣ ସାମଗ୍ରୀକୁ ପୁଣି ବ୍ୟବହାର ଉପଯୋଗୀ ବୋଲି ଦର୍ଶାଯାଇଛି। ଯଦି ଇଞ୍ଜିନିୟର୍ସ ଅଥରିଟି ଭୁଲ ରିପୋର୍ଟ ଦେଇଥିଲା ତେବେ ତାହା ବିରୋଧରେ କୌଣସି ଆଇନଗତ ଚ୍ୟାଲେଞ୍ଜ କରିବାକୁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ(ଆରଡବ୍ଲ୍ୟୁଏସ୍ଏସ୍) ବିଭାଗ କାହିଁକି ପଛଘୁଞ୍ଚା ଦେଉଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏହି ମର୍ମରେ ଧରିତ୍ରୀରେ ୯।୧୨।୨୦୧୯ରେ 'ସୁକିନ୍ଦା ମେଗା ଜଳଯୋଗାଣ ପ୍ରକଳ୍ପ: ନିମ୍ନମାନର କାର୍ଯ୍ୟକୁ ବିଭାଗୀୟ ଅନୁକମ୍ପା' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ସୋମବାର ବିଭାଗୀୟ ତତ୍ପରତା ପ୍ରକାଶ ପାଇଛି। ଆରଡବ୍ଲ୍ୟୁଏସ୍ଏସ୍ ଇଞ୍ଜିନିୟର-ଇନ୍-ଚିଫ୍ ବିଭାଗର ମିଡିଆ ସେଲ୍ ସୁପରିଟେଣ୍ଡିଂ ଇଞ୍ଜିନିୟର (ଏସ୍ଇ) ତୁରନ୍ତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସମସ୍ୟାର ସମାଧାନ କରିବା ସହିତ ୭ଦିନ ମଧ୍ୟରେ ସବିଶେଷ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍ଏଫ୍) ପାଣ୍ଠିରୁ ସୁକିନ୍ଦା ମେଗା ଜଳଯୋଗାଣ ପ୍ରକଳ୍ପ ପାଇଁ ୭୯.୫୬ କୋଟି ଟଙ୍କା ମଞ୍ଜୁର ହୋଇଛି। ଖଣି ସଂଲଗ୍ନ ଅଞ୍ଚଳଠାରୁ ୧୦ କି.ମି. ପରିଧି ମଧ୍ୟରେ ଥିବା ଦୁଧୁଯୋରୀ, କୁହିକା, କାଙ୍କଡପାଳ, ରାସେଁାଳ, କାଳିଆପାଣି, ଚିଙ୍ଗୁଡିପାଳ, କଅଁସ, ପିମ୍ପୁଡିଆ ପ୍ରଭୃତି ପଞ୍ଚାୟତର ୫୪ ଗ୍ରାମର ଅଧିବାସୀ ଏଥିରେ ଉପକୃତ ହେବେ ବୋଲି ପରିକଳ୍ପନା କରାଯାଇଛି। ଖଣି ଅଞ୍ଚଳର ବିଭିନ୍ନ ସ୍ଥାନରେ ଭୂତଳ ଜଳରେ ଅଧିକ ମାତ୍ରାରେ ଆଇରନ ମାତ୍ରା ଥିବା ପୂର୍ବରୁ ସରକାରୀ ଭାବେ ପ୍ରମାଣିତ ହୋଇଛି। ଏଥିପାଇଁ ସମ୍ପୃକ୍ତ ଅଞ୍ଚଳରେ କିଡ୍‌ନୀ ରୋଗର ଭୟାବହତା ମଧ୍ୟ ଦେଖାଦେଇଛି। ଏହି ସ୍ଥିତିରେ ବ୍ରାହ୍ମଣୀ ନଦୀଗର୍ଭରୁ ପାଇପ ଯୋଗେ ଜଳଯୋଗାଣ ପ୍ରକଳ୍ପ ଖଣି ପ୍ରଭାବିତ ଲୋକଙ୍କ ପାଇଁ ଜୀବନଦାନ ସଦୃଶ ହେବ ବୋଲି ଆଶା କରାଯାଇଛି। କିନ୍ତୁ ସମ୍ପୃକ୍ତ ଠିକାସଂସ୍ଥା ଏନସିସି(ନାଗାର୍ଜୁନ କନଷ୍ଟ୍ରକ୍ସନ କମ୍ପାନୀ) ଲିଃ ଅଧିକ ଲାଭ ଆଶାରେ ଅତି ନିମ୍ନମାନର କାର୍ଯ୍ୟ କରୁଥିବା ଖୋଦ୍ ଇଞ୍ଜିନିୟର୍ସ ଅଥରିଟି ରିପୋର୍ଟରେ ଦର୍ଶାଯାଇଛି। ତେବେ ଏ ସଂକ୍ରାନ୍ତରେ ସୋମବାର ପ୍ରକାଶିତ ଖବର ପରେ ବିଭାଗୀୟ ତତ୍ପରତା ପ୍ରକାଶ ପାଇଛି। ପୂର୍ବରୁ ଶ୍ୟାମ ଷ୍ଟିଲ ସାମଗ୍ରୀ ନିମ୍ନମାନର ଏବଂ ବ୍ୟବହାର ଅନୁପଯୋଗୀ ବୋଲି ଦର୍ଶାଇ ପୁଣି ପରବର୍ତ୍ତୀ ସମୟରେ କାହାର ଚାପରେ ସେହି ଷ୍ଟିଲ ସାମଗ୍ରୀକୁ ବ୍ୟବହାର ଉପଯୋଗୀ ବୋଲି ବିଭାଗୀୟ ନିର୍ଦ୍ଦେଶ ହୋଇଛି। ଏଭଳିସ୍ଥିତିରେ ବର୍ତ୍ତମାନ ବିଭାଗୀୟ ତତ୍ପରତା କେତେଦୂର କାର୍ଯ୍ୟକାରୀ ହେଉଛି ତାହା ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି। ମିଡିଆ ସେଲର ଏସଇ ତାଙ୍କ ପତ୍ରସଂଖ୍ୟା ୧୦୪୮୪/୯।୧୨।୨୦୧୯ରେ ପ୍ରକଳ୍ପର ଅନିୟମିତତା ସଂକ୍ରାନ୍ତରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ୭ ଦିନ ମଧ୍ୟରେ ସରକାରଙ୍କୁ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।


**ବିବାହ ବାର୍ଷିକୀ ଶୁଭେଚ୍ଛା**



ଆସ୍କା ସହର ବାଣୀବିହାର ସାହି ନିବାସୀ ଶ୍ରୀ ସିତେଶ ଚରଣ ମହାପାତ୍ର ଓ କୁମୁଦିନୀ ମହାପାତ୍ରଙ୍କର ୫୦ତମ ବିବାହ ବାର୍ଷିକୀ(୧୦।୧୨।୧୯୬୯–୧୦।୧୨।୨୦୧୯) ଅବସରରେ ପରିବାରବର୍ଗ ପିତାମାତାଙ୍କୁ ଶୁଭେଚ୍ଛା ଜ୍ଞାପନ ପୂର୍ବକ ସେମାନଙ୍କ ଦୀର୍ଘ, ନିରାମୟ ଓ ସୁସ୍ଥ ଜୀବନ ନିମନ୍ତେ ଈଶ୍ୱରଙ୍କୁ ପ୍ରାର୍ଥନା କରିଛନ୍ତି।

ଧ-୧୫୬୪୧


**କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ମନ୍ତ୍ରୀ ତୁଷାରକାନ୍ତି ବେହେରା**

## ଆଇଟି ନୀତି, ପୁଞ୍ଜିନିବେଶ ଉପରେ ଆଲୋଚନା

**ଭୁବନେଶ୍ୱର,୯।୧୨(ବ୍ୟୁରୋ):** ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ତୁଷାରକାନ୍ତି ବେହେରା ସୋମବାର ପୂର୍ବାହ୍ନରେ କର୍ଣ୍ଣାଟକର ଉପମୁଖ୍ୟମନ୍ତ୍ରୀ ଅଶ୍ୱଥ ନାରାୟଣଙ୍କ ସହ ସାକ୍ଷାତ କରିଛନ୍ତି। ଏଥିରେ ଉଭୟଙ୍କ ମଧ୍ୟରେ ଆଇଟି ନୀତି, ପୁଞ୍ଜିନିବେଶ ସୁଯୋଗ ସହ ଆଇଟି କ୍ଷେତ୍ରରେ ଉଭୟ ରାଜ୍ୟ ମିଳିତଭାବେ କାର୍ଯ୍ୟ କରିବା ନେଇ ଆଲୋଚନା ହୋଇଛି। ଓଡ଼ିଶାରେ ଆଇଟି ଇକୋ-ସିଷ୍ଟମ୍ ବିକାଶ ଓ ସହଯୋଗ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫-'ଟି' ସୂତ୍ରକୁ ଅନୁପାଳନ ପାଇଁ ଆଇଟି କ୍ଷେତ୍ରକୁ ଅଧିକ ସୁଦୃଢ଼ୀକରଣ ଉପରେ ରାଜ୍ୟ ଗୁରୁତ୍ୱ ଦେଉଛି। ଏଥିପାଇଁ ଆଇଟି ଇକୋ-ସିଷ୍ଟମ୍‌ର ବିକାଶ ଲାଗି ଉଭୟ ମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ହୋଇଛି। ଉଭୟ ରାଜ୍ୟରେ ଆଇଟି କ୍ଷେତ୍ରରେ ଥିବା ସମାନ ସମସ୍ୟାର ସମାଧାନ ନିମନ୍ତେ ଉଭୟ ରାଜ୍ୟ ମିଳିତଭାବେ କାର୍ଯ୍ୟ କରିବା ଉପରେ ଆଲୋଚନାରେ ମତ ପ୍ରକାଶ ପାଇଛି। ଓଡ଼ିଶାକୁ ଏକ ଆଇଟି ହବ୍‌ରେ ପରିଣତ କରିବା ସହିତ ରାଜ୍ୟରେ ପୁଞ୍ଜିନିବେଶ ପାଇଁ କମ୍ପାନୀଗୁଡ଼ିକୁ ସବୁ ପ୍ରକାର ସହଯୋଗ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବା ନେଇ ଆଲୋଚନା ହୋଇଥିବା ଜଣାପଡିଛି। ଉଭୟଙ୍କ ମଧ୍ୟରେ ହୋଇଥିବା ଆଲୋଚନା ବେଶ୍ ସଫଳ ହୋଇଥିବାବେଳେ ଆଗାମୀ ଦିନରେ ରାଜ୍ୟ ଆଇଟି କ୍ଷେତ୍ରରେ ପୁଞ୍ଜିନିବେଶ ଓ ନିଯୁକ୍ତି ସୁଯୋଗକୁ ବୃଦ୍ଧି କରିବା ଦିଗରେ ଏପରି ପ୍ରୟାସ ସହାୟକ ହେବ ବୋଲି ସୂଚନା ଦିଆଯାଇଛି।

## ବିଜେଡି-ଭାଜପା ମଧ୍ୟରେ ଅନୈତିକ ସନ୍ଧି ରହିଛି: ନିରଞ୍ଜନ

**ଭୁବନେଶ୍ୱର,୯।୧୨(ବ୍ୟୁରୋ)**

ବିଜେଡି ଏବଂ ଭାଜପା ମଧ୍ୟରେ ଅନୈତିକ ସନ୍ଧି ରହିଛି। ଲୋକ ସଭା ହେଉ କି ରାଜ୍ୟ ସଭାରେ ପ୍ରସଙ୍ଗ ଉତ୍ଥାପନ ନ କରିବା ଏବଂ ରାଜ୍ୟ ସ୍ୱାର୍ଥ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗର ଆଲୋଚନା ବେଳେ ସାମିଲ ନ ହେବା ବିଜେଡି-ଭାଜପା ମଧ୍ୟରେ ଅନୈତିକ ସନ୍ଧି ଥିବା ପ୍ରମାଣିତ କରୁଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ସୋମବାର କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ପାର୍ଲାମେଣ୍ଟରେ ପ୍ରସଙ୍ଗ ନ ଉଠାଇବା ଏବଂ କଂଗ୍ରେସ ଉଠାଉଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗର ଆଲୋଚନାରେ ଭାଗ ନେଉନାହିଁ। ଗତ ଅକ୍ଟୋବର ୨୬ତାରିଖରେ ଦେଶର ଅର୍ଥନୈତିକ ଦୁରବସ୍ଥା ସମ୍ପର୍କରେ ରାଜ୍ୟ ସଭାରେ ଆଲୋଚନା ପାଇଁ ବିଭିନ୍ନ ରାଜନୈତିକ ଦଳର ଏମ୍‌ପିମାନଙ୍କ ସହିତ ବିଜେଡିର ପ୍ରସନ୍ନ ଆଚାର୍ଯ୍ୟ, ସସ୍ମିତ ପାତ୍ର ଓ ଏନ୍.ଭାସ୍କର ରାଓ ଆଲୋଚନା ପାଇଁ ନୋଟିସ ଦେଇଥିଲେ। ଏହି ନୋଟିସକୁ ଆଧାର କରି ରାଜ୍ୟ ସଭା ପକ୍ଷରୁ ୨୭ତାରିଖ ଆଲୋଚନା ପାଇଁ ଗୃହର ରିଭାଇଜ୍‌ଡ ଲିଷ୍ଟ ଅଫ ବିଜ୍‌ନେସ୍‌ରେ ଉପରୋକ୍ତ ୩ ଜଣ ବିଜେଡି ଏମ୍‌ପିଙ୍କ ନାମ ପ୍ରକାଶିତ ହୋଇଥିଲା। କିନ୍ତୁ ଦୁର୍ଭାଗ୍ୟର କଥା ଓଡିଶାରୁ ପ୍ରତିନିଧିତ୍ୱ କରୁଥିବା ତିନିଜଣ ଯାକ ଏମ୍‌ପି ଏହି ଆଲୋଚନାରେ ଭାଗ ନେଲେନାହିଁ। ୨୭ ତାରିଖ ରାଜ୍ୟ ସଭାର ୨୫୭ପୃଷ୍ଠା ବିଶିଷ୍ଟ ପ୍ରୋସିଡିଙ୍ଗରେ ତାହା ପ୍ରମାଣିତ କରୁଛି। ଏହାର ଠିକ୍ ଦିନକ ପରେ ଅର୍ଥାତ୍ ୨୯ଅକ୍ଟୋବରରେ ଯାଜପୁର ଜିଲା ହରିଦାଶପୁର ପିଇଓ ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ଘଟଣାକୁ ନେଇ କଂଗ୍ରେସ ଏମ୍‌ପି ସପ୍ତଗିରି ଉଲାକା ଶୂନ୍ୟକାଳରେ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ବିଜେଡିର ୩ଜଣ ଏମ୍‌ପି ଏହାକୁ ବିରୋଧ କରିଥିଲେ। ଏତିକିବେଳେ ଭାଜପାର ଏମ୍‌ପିମାନେ ଏଥିରେ ନୀରବଦ୍ରଷ୍ଟା ସାଜିପରୋକ୍ଷରେ ପ୍ରସଙ୍ଗ ନ ଉଠାଇବା ପାଇଁ ନୀରବ ସମର୍ଥନ କରିଥିଲେ ବୋଲି ନିରଞ୍ଜନ ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି, ଏଆଇଆଇଏମ୍ଏସ୍‌ର ସଭ୍ୟପଦ ନିର୍ବାଚନରେ ଭାଜପାର ରାଜ୍ୟ ସଭାରେ ୮୧ ଏମ୍‌ପି ଥିବାବେଳେ ବିଜେଡି ଏମ୍‌ପି ଅମର ପଟ୍ଟନାୟକ ୭ଜଣ ଏମ୍‌ପିଙ୍କ ଭୋଟରେ ଭାଜପା ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବଙ୍କୁ ହରାଇ ନିର୍ବାଚିତ ହେଲେ। ଏହି ଦୁଇଟି ଘଟଣା ଓ ଏଆଇଆଇଏମ୍ଏସ୍ ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଭାଜପା-ବିଜେଡି ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ପାର୍ଲାମେଣ୍ଟରେ ଆଲୋଚନା ନ କରିବା ପାଇଁ ଏକ ଅବୈଧ ସନ୍ଧି କରିଛନ୍ତି, ଯାହା ରାଜ୍ୟ ସ୍ୱାର୍ଥର ସମ୍ପୂର୍ଣ୍ଣ ପରିପନ୍ଥୀ ଅଟେ ବୋଲି ନିରଞ୍ଜନ ଅଭିଯୋଗ କରିଛନ୍ତି।


**ପୂର୍ବ ତଟ ରେଳପଥ**

**OHE ରୂପାନ୍ତରଣ କାର୍ଯ୍ୟ**

(1)ଟେଣ୍ଡର ବିଜ୍ଞପ୍ତି ସଂ.45-KUR-TRD-OT-2019-20, ତା.29.11.2019ରିଖ

**କାର୍ଯ୍ୟର ନାମ:** ତାଳଚେର ସୀମା ସ୍ଥିତ NTPC ଏକ୍ସଚେଞ୍ଜ ୟାର୍ଡ ଠାରେ ଲାଇନ୍‌ଗୁଡ଼ିକର କ୍ଲିୟର ଷ୍ଟାଣ୍ଡାର୍ଡ ଲେଙ୍ଗ୍‌ଥ (CSL)ରେ ବୃଦ୍ଧି ସମ୍ବନ୍ଧୀୟ OHE ରୂପାନ୍ତରଣ।

**ଆନୁମାନିକ ମୂଲ୍ୟ (ଟଙ୍କାରେ):** 28,38,796/-, **EMD (ଟଙ୍କାରେ):** 56,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 3,540/-।

(2)ଟେଣ୍ଡର ବିଜ୍ଞପ୍ତି ସଂ.47-KUR-TRD-OT-2019-20, ତା.04.12.2019ରିଖ

**କାର୍ଯ୍ୟର ନାମ:** ସୁକିନ୍ଦା ରୋଡ୍, କପାଳି ରୋଡ୍ ପାସେଞ୍ଜର ହଲ୍ଟ, ଦୁଲଖାପାଟଣା ପାସେଞ୍ଜର ହଲ୍ଟ, ବ୍ରାହ୍ମଣୀ ପାସେଞ୍ଜର ହଲ୍ଟ ଷ୍ଟେସନରେ (ଶଗଡ଼ପଟା, ବାଘୁଆପାଳ ଏବଂ ଚିଲିକଦରା ଷ୍ଟେସନକୁ ଛାଡ଼ି) ପ୍ରଥମ ଫୁଟ ଓଭର ବ୍ରିଜ୍ (FOB) ସମ୍ବନ୍ଧୀୟ OHE ରୂପାନ୍ତରଣ।

**ଆନୁମାନିକ ମୂଲ୍ୟ (ଟଙ୍କାରେ):** 27,38,472/-, **EMD (ଟଙ୍କାରେ):** 54,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 3,540/-।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.20.12.2019 ରିଖ 1330 ଘଟିକା ପର୍ଯ୍ୟନ୍ତ (କ୍ରମ. ସଂ.1 ପାଇଁ) ଏବଂ ତା.26.12.2019 ରିଖ 1330 ଘଟିକା ପର୍ଯ୍ୟନ୍ତ (କ୍ରମ. ସଂ.2 ପାଇଁ),

**ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ:** ତା.20.12.2019 ରିଖ 1530 ଘଟିକାରେ (କ୍ରମ. ସଂ. 1 ପାଇଁ) ଏବଂ ତା.26.12.2019ରିଖ 1530 ଘଟିକାରେ (କ୍ରମ. ସଂ. 2 ପାଇଁ)।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ http://www.ireps.gov.in ରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD)/ ଖୋର୍ଦ୍ଧା ରୋଡ଼
PR-568/K/19-20



**ପ୍ରଶାନ୍ତ ବେଉରିଆଙ୍କ ଡକ୍ଟରେଟ୍ ଲାଭ**



ଶ୍ରୀଯୁକ୍ତ ପ୍ରଶାନ୍ତ ବେଉରିଆଙ୍କୁ KIIT ବିଶ୍ୱବିଦ୍ୟାଳୟ ତରଫରୁ ଗଣିତରେ ସମ୍ମାନ ସୂଚକ Ph.D ଉପାଧି ପ୍ରଦାନ କରାଯାଇଛି। ତାଙ୍କ ଦ୍ୱାରା ଲିଖିତ ଗବେଷଣାତ୍ମକ ସନ୍ଦର୍ଭ "Fractional Difference Sequence Spaces and Applications" ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଉକ୍ତ ସନ୍ଦର୍ଭଟି ଜାପାନର ପ୍ରଫେସର୍ Metin Basarir ଏବଂ IIT, Madras ର ପ୍ରଫେସର୍ V.Vetrivel ଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯାଇ ଉଚ୍ଚ ପ୍ରଶଂସିତ ହୋଇଛି। ଡକ୍ଟର ବେଉରିଆ ରାଜକନିକା ବ୍ଲକ ଅନ୍ତର୍ଗତ ହାଟସାହି ନିବାସୀ ଶ୍ରୀମତୀ ଯଶୋଦା ବେଉରିଆ ଏବଂ ସ୍ୱର୍ଗତ ରୋହିତାଶ୍ୱ ବେଉରିଆଙ୍କ ସୁପୁତ୍ର ତଥା ଶ୍ରୀଯୁକ୍ତ ପ୍ରଭାତ ବେଉରିଆଙ୍କ ସାନଭାଇ। ସେ ଯାଜପୁର ରୋଡ୍ ନିବାସୀ ଶ୍ରୀଯୁକ୍ତ ନିର୍ମଳ ମହାପାତ୍ର ଏବଂ ସ୍ୱର୍ଗତ ସରୋଜିନୀ ମହାପାତ୍ରଙ୍କ ଜ୍ୱାଇଁ। ଡକ୍ଟର ପ୍ରଶାନ୍ତ ବେଉରିଆ ବର୍ତ୍ତମାନ K.K.S. Govt. College, Balasore ର ଗଣିତ ବିଭାଗରେ Assistant Professer. ତାଙ୍କର ଏହି ସଫଳତାର ଶ୍ରେୟ ପିତାମାତାଙ୍କୁ ଦେବା ସହ ପରିବାରର ସମସ୍ତ ସଦସ୍ୟଙ୍କୁ ଅର୍ପଣ କରିଛନ୍ତି। ସେ ଡକ୍ଟର ପିନାକଧର ବଳିଆରସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କର ଏହି ସଫଳତା କଠିନ ପରିଶ୍ରମ ଏବଂ ସମସ୍ତ ପରିବାରବର୍ଗଙ୍କ ଶୁଭକାମନାର ଶୁଭଫଳ। ଏଥିପାଇଁ ଡକ୍ଟର୍ ବେଉରିଆ ସର୍ବ ଶୁଭେଚ୍ଛୁମାନଙ୍କ ନିକଟରେ କୃତଜ୍ଞ।

ଧ-୧୫୬୪୫



**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**



2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9650446732 9990987786


## ଜେଲରେ ବିଚାରାଧୀନ କଏଦୀଙ୍କ ଆତ୍ମହତ୍ୟା

**ଚୌଦ୍ୱାର,୯।୧୨(ଡି.ଏନ.ଏ):** ଚୌଦ୍ୱାର ସର୍କଲ ଜେଲରେ ସୋମବାର ଜଣେ ବିଚାରାଧୀନ କଏଦୀ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ମାଳିସାହିଗ୍ରାମର ଦେବପ୍ରକାଶ ବେହେରା(୨୧)। ସୋମବାର ଅପରାହ୍ନ ପ୍ରାୟ ୨ଟାରେ ଜେଲ ପରିସରରେ ଥିବା ଏକ ଆମ୍ବ ଗଛରେ ଦେବ ବେକରେ ଏକ ଗାମୁଛା ଗୁଡ଼ାଇ ଆତ୍ମହତ୍ୟା କରିଥିଲେ।


# ମନେ ପଡ଼ନ୍ତି

**ସପ୍ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ନଗେନ୍ଦ୍ର ନାଥ ପାତ୍ର**
ପ୍ଲଟ୍ ନଂ.୫, ଖାରବେଳ ନଗର, ଭୁବନେଶ୍ୱର
ଆବିର୍ଭାବ: ୧୭।୦୧।୧୯୪୮
ତିରୋଧାନ: ୧୦।୧୨।୨୦୧୨
ହଠାତ୍ ଆମକୁ ଛାଡ଼ି ଚାଲିଯିବ, କେବେ ଭାବି ନଥିଲୁ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆଗକୁ ଆଗକୁ ଚାଲିବାକୁ ପ୍ରେରଣା ଦେଇଛି। ସପ୍ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା।
**ଶୋକସନ୍ତପ୍ତ:**
ଝିଅ, ଜ୍ୱାଇଁ, ପୁଅ, ବୋହୂ, ନାତି, ନାତୁଣୀ, ସ୍ତ୍ରୀ, ପରିବାରବର୍ଗ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଏବଂ ସମସ୍ତ କଏର୍ ଇଣ୍ଡିଆ କର୍ମଚାରୀବର୍ଗ।
ଧ-୧୫୬୪୬

**ଶ୍ରଦ୍ଧାଞ୍ଜଳି**




**ସ୍ୱର୍ଗତ ହୃଦାନନ୍ଦ ମହାପାତ୍ର**
୧୭, ଗୌତମ ନଗର, ଭୁବନେଶ୍ୱର
ଆବିର୍ଭାବ: ୦୪।୧୨।୧୯୨୭
ତିରୋଧାନ: ୧୦।୧୨।୨୦୦୦
(ଚତୁର୍ଦ୍ଦଶୀ)
ସାଇରାମ୍‌ଙ୍କ ପାଦପଦ୍ମରେ ଥାଇ ଆମମାନଙ୍କୁ ସଦା ଆଶୀର୍ବାଦ କରୁଥାଅ। ତୁମର ବୁଲି, କିଶୋର, ପୁଷ୍ପ, ରୀନା, ସରୋଜ, ବାପୁ, ଲୀଟୁ, ବାବାଲୀ, ବିବେକ ଓ ରୁଶାଲୀ
ଧ-୧୫୬୪୦

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଶଙ୍କର୍ଷଣ ରାଉତ**
ଗିରିବନ୍ଧ, ଆଳି
ଆବିର୍ଭାବ: ୦୭।୦୯।୧୯୨୯
ତିରୋଧାନ: ୩୦।୧୧।୨୦୧୯
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଦିଗ୍‌ଦର୍ଶନ ଆମପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥ ଓ ଆଳିର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଲକ୍ଷ୍ମୀବରାହ ଜୀଉଙ୍କ ନିକଟରେ ପ୍ରାର୍ଥନା।
**ଶୋକସନ୍ତପ୍ତ:**
ପୁତ୍ର: ଉତ୍ତମ, ଗୌତମ, କେଦାର, ବିଦ୍ୟାଧର, ମହେନ୍ଦ୍ର, ନରୋତ୍ତମ, ଶରତ, ଧୀର, ସୁକଂ, ଅଭିନ, ପୁତ୍ରବଧୂ: ମମତା, ମାନୀ, ଅରୁଣୀ, ସାବିତ୍ରୀ, ଝିଅ: ଜ୍ୱାଇଁ, ନାତିନାତୁଣୀ ଓ ବନ୍ଧୁ ପରିଜନ।
ଧ-୧୫୬୪୪

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ଁ ହୃଷିକେଶ ଦାସ**
ପ୍ରଶାନ୍ତି ବିହାର, ଭୁବନେଶ୍ୱର
ଆବିର୍ଭାବ - ୦୪.୦୬.୧୯୩୯
ତିରୋଧାନ - ୦୪.୧୨.୨୦୧୪
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ
-: ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହ :-
ଅରବିନ୍ଦ, ଅନ୍ତର୍ଯ୍ୟାମୀ, ଅମରେଶ, ଆଶୁତୋଷ, ପରିବାରବର୍ଗ ଓ ବନ୍ଧୁବାନ୍ଧବ। ଆଦିତ୍ୟ ଫାର୍ମା କେୟାର, କିଟ ଲେନ୍, ଭୁବନେଶ୍ୱର-୨୪
ଧ-୬୮୯୨୧

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ରାମଚନ୍ଦ୍ର ମିଶ୍ର**
ରୁପଦେଇପୁର, ପୁରୀ
ଆପଣଙ୍କର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:**
ପୁତ୍ର: ଗତିକୃଷ୍ଣ, ଦ୍ୱୀତିକୃଷ୍ଣ, ପୁତ୍ରବଧୂ: ଅଞ୍ଜନା, ନାତୁଣୀ: ଆଭା, ପତ୍ନୀ: ବିନୋଦିନୀ।
ଧ-୬୭୬୦୯

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in


**ମହିଳାଙ୍କୁ ଗଣବଳାତ୍କାର ଘଟଣା**

## ୪ ଅଭିଯୁକ୍ତ ଗିରଫ

**ସମ୍ବଲପୁର,୯।୧୨(ବ୍ୟୁରୋ):** ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଅଞ୍ଚଳରେ ଶନିବାର ବିଳମ୍ବିତ ରାତିରେ ଜଣେ ମହିଳାଙ୍କୁ ଗଣବଳାତ୍କାର କରାଯାଇଥିଲା। ଏହି ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଅଇଁଠାପାଲି ଥାନା ଅଞ୍ଚଳର ଶିବ ଶଙ୍କର ନାଏକ(୨୫), ଡୋଲାମଣୀ ଭୋଇ (୩୦), ମହେଶ ସେଠ(୨୪), ଅଙ୍କୁର ଛୁରିଆ (୨୨)। ଅଭିଯୁକ୍ତଙ୍କମାନଙ୍କୁ ଡାକ୍ତରୀ ମାଇନା ପରେ ପୋଲିସ କୋର୍ଟ ଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା(ନଂ. ୫୫୭/୧୯) ରୁଜୁ ହୋଇଛି।

ପୀଡିତାଙ୍କୁ ନ୍ୟାୟ ଦେବା ପାଇଁ ନ୍ୟାୟିକ ପ୍ରକ୍ରିୟା ତ୍ୱରାନ୍ୱିତ କରାଯିବା ପାଇଁ କୋର୍ଟରେ ଅନୁରୋଧ କରାଯିବ। ପୋଲିସ ୨୦ ଦିନ ଭିତରେ ସମସ୍ତ ଦିଗରେ ତଦନ୍ତ କରି ଚାର୍ଜଶିଟ୍ ଦାଖଲ କରିବ। ଏହି ମାମଲାରେ ଡିଏସ୍‌ପି ସୁଜାତା ପଣ୍ଡାଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ଅଇଁଠାପାଲି ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସମ୍ବଲପୁର ଏସ୍‌ପି କନୱର ବିଶାଳ ସିଂ ସୂଚନା ଦେଇଛନ୍ତି। ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା ପୀଡିତାଙ୍କୁ ବୁର୍ଲା ଭୀମସାରରେ ଭେଟିଛନ୍ତି। ତାଙ୍କ ସହିତ ଅତିରିକ୍ତ ଏସ୍‌ପି ବିଜୟ ବରୁଆ, ଲିଗାଲ ଆଡଭାଇଜର ଅରବିନ୍ଦ ପଟ୍ଟନାୟକ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ,ଅଇଁଠାପାଲି ଥାନା ଅନ୍ତର୍ଗତ ବରେଇପାଲି ଛକ ନିକଟ ଏକ ଦୋକାନ ପାଖରେ ରବିବାର ପୂର୍ବାହ୍ନ ୧୧ଟାରେ ଜଣେ ୩୭ ବର୍ଷୀୟା ମହିଳା ମୂର୍ଚ୍ଛା ଅବସ୍ଥାରେ ପଡିଥିବା ସ୍ଥାନୀୟ ଲୋକ ଦେଖିଥିଲେ। ଖବର ପାଇ ପୋଲିସ ସଂପୃକ୍ତା ମହିଳାଙ୍କୁ ଉଦ୍ଧାର କରି ଭୀମସାରରେ ଭର୍ତ୍ତି କରିଥିଲା। ସନ୍ଧ୍ୟା ୬ ଟାରେ ପୀଡିତା ମହିଳାଙ୍କ ଚେତା ଫେରିଥିଲା। ପୋଲିସ ପଚରାଉଚୁରା କରିବାରୁ ତାଙ୍କୁ ଗଣ ବଳାତ୍କାର କରାଯାଇଥିବା ଜଣାପଡିଥିଲା। ସଂପୃକ୍ତା ମହିଳା ରବିବାର ରାତି ୧୨ ଟାରେ ରେମେଡ ନିକଟସ୍ଥ ଏକ ଦୋକାନ ପାଖରେ ଛିଡା ହୋଇଥିଲେ। ଜଣେ ଯୁବକ(ଶିବ ଶଙ୍କର) ତାଙ୍କ ପାଖକୁ ଆସି ତୁମକୁ ଘରେ ଛାଡି ଦେବି ବୋଲି କହିଥିଲେ। ଯୁବକଙ୍କ କଥାରେ ବିଶ୍ୱାସ କରି ସଂପୃକ୍ତ ମହିଳା ତାଙ୍କ ବାଇକରେ ଘରକୁ ଆସୁଥିଲେ। ହେଲେ ବାଟରେ ଥିବା ଏକ ନିଛାଟିଆ ସ୍ଥାନକୁ ସେ ନେଇଯାଇଥିଲେ। ସେଠାରେ ବଳାତ୍କାର କରିଥିଲେ। ପରେ ତାଙ୍କୁ ଆଉ ୩ ଜଣ ଯୁବକ ବଳାତ୍କାର କରିଥିଲେ। ଏପରି କି ଅଭିଯୁକ୍ତମାନେ ତାଙ୍କୁ ଜୋରଜବରଦସ୍ତ ନିଶା ଦ୍ରବ୍ୟ ସେବନ କରାଇ ଦେଇଥିଲେ। ବଳାତ୍କାର ପରେ ସମସ୍ତ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଏହି ଘଟଣା ପରେ ପୀଡିତା ବହୁ କଷ୍ଟରେ ଚାଲି ଚାଲି ଆସି ବରେଇପାଲି ଆସିଥିଲେ। ସେତେବେଳକୁ ଭୋର ହୋଇ ଆସୁଥିଲା। ଏହାପରଠୁ ତାଙ୍କର ଆଉ କିଛି ମନେ ନ ଥିବା ସଂପୃକ୍ତ ମହିଳା କହିଛନ୍ତି।

ଏସ୍‌ପି ସିଂଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ପ୍ରଥମେ ମୁଖ୍ୟ ଅଭିଯୁକ୍ତ ଶିବଶଙ୍କରଙ୍କୁ ତାଙ୍କ ଘରୁ ଗିରଫ କରିଥିଲା। ପରେ ଶିବଙ୍କୁ ଜେରା କରିବା ପରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି। ପୀଡିତାଙ୍କୁ ଜୋରଜବରଦସ୍ତ ନିଶାଦ୍ରବ୍ୟ ସେବନ କରାଯାଇଥିବାରୁ ତାଙ୍କ ଚେତା ଫେରିବାରେ ବିଳମ୍ବ ହୋଇଥିଲା ବୋଲି ପୋଲିସ କହିଛି। ଏହି ଘଟଣା ପରେ ଜିଲାସାରା ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଭିନ୍ନ ସଙ୍ଗଠନ ଓ ଅନୁଷ୍ଠାନ ପକ୍ଷରୁ ତୁରନ୍ତ ପୀଡିତାଙ୍କୁ ନ୍ୟାୟ ଦେବା ସହ ଅଭିଯୁକ୍ତମାନଙ୍କୁ କଠୋର ଦଣ୍ଡ ଦେବା ପାଇଁ ଦାବି କରାଯାଇଛି।


## ନିୟନ୍ତ୍ରିତ ବଜାର କମିଟି, ଜଟଣୀ, ଖୋର୍ଦ୍ଧା, ଓଡ଼ିଶା

**୨୦୧୯-୨୦ ବିପଣନ ବର୍ଷରେ ଖରିଫ୍ ଧାନ ବିକ୍ରୟ ପାଇଁ ବିଶେଷ ସୂଚନା:-**

**ବିଜ୍ଞାପନ ସଂଖ୍ୟା: ୩୬୬** ତା ୦୮।୧୨।୧୯ରିଖ

ଏତଦ୍ୱାରା ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ଉପଖଣ୍ଡ ଅନ୍ତର୍ଗତ ଜଟଣୀ, ଭୁବନେଶ୍ୱର, ବାଲିପାଟଣା ଓ ବାଲିଅନ୍ତା ବ୍ଲକ୍‌ର ସମସ୍ତ ଧାନଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶ ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ନିଷ୍ପତ୍ତି କ୍ରମେ ଉପରୋକ୍ତ ସମସ୍ତ ବ୍ଲକର ବିବେଚିତ ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃମାନଙ୍କରେ ଚଳନ୍ତି ଖରିଫ ୨୦୧୯-୨୦ ବିପଣନ ବର୍ଷ ପାଇଁ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ତା୦୯।୧୨।୨୦୧୯ରିଖ (ସୋମବାର) ଠାରୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ ଓ ଦିବସରେ ଧାନ କ୍ରୟ କରାଯିବାର ବ୍ୟବସ୍ଥା କରାଯାଇଅଛି। ଏଣୁ ସମ୍ପୃକ୍ତ ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃରେ ଅନ୍‌ଲାଇନ୍ ପ୍ରକ୍ରିୟାରେ ନାମ ପଞ୍ଜୀକରଣ କରିଥିବା ଚାଷୀ ଭାଇ ଓ ଭଉଣୀମାନେ ତାଙ୍କର ଉତ୍ପାଦିତ/ ବଳକା ଧାନ ସବୁକୁ ଖରାରେ ଶୁଖାଇ ବାଲି, ମାଟି, କୁଟା, ଅଗାଡ଼ି ଇତ୍ୟାଦିକୁ ଭଲଭାବରେ ସଫାକରି ବା ଏଫ୍.ଏ.କ୍ୟୁ. ମାନକୁ ଉନ୍ନତ କରାଇ ନିର୍ଦ୍ଧାରିତ ଦିବସରେ ସଂଲଗ୍ନ କ୍ରୟ କେନ୍ଦ୍ରକୁ ଆଣିବା ପାଇଁ ଅନୁରୋଧ। ଏଥି ସମ୍ବନ୍ଧୀୟ ସବିଶେଷ ବିବରଣୀ ନିକଟସ୍ଥ ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃର ସମ୍ପାଦକଙ୍କଠାରୁ ଅବଗତ ହୋଇପାରିବେ।

**ଧାନର ସମବିସ୍ତୃତ ବିବରଣୀ**

| କ୍ର. ନଂ. | ଧାନରେ ମିଶ୍ରିତ ନିକୃଷ୍ଟ ବା ବାହ୍ୟ ପଦାର୍ଥ | ଏଫ୍.ଏ.କ୍ୟୁ. ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (ଶତକଡ଼ା) | ଏଫ୍.ଏ.କ୍ୟୁ. ମାନର ସର୍ବନିମ୍ନ ସହାୟକ ମୂଲ୍ୟ (କ୍ୱିଣ୍ଟାଲ ପ୍ରତି) |
|---|---|---|---|
| ୧. (କ) | ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି (ଅଜୈବିକ ବାହ୍ୟ ପଦାର୍ଥ) | ୧.୦୦ | (୧) ସାଧାରଣ ଧାନ ଟ. ୧୮୧୫.୦୦ (୨) ଗ୍ରେଡ-ଏ ଧାନ ଟ. ୧୮୩୫.୦୦ |
| (ଖ) | କାଠି, କୁଟା, ଧୂସ, ଅଗାଡ଼ି ବା ପୋଲା ଇତ୍ୟାଦି (ଜୈବିକ ବାହ୍ୟ ପଦାର୍ଥ) | ୧.୦୦ | **ଯୋଗାଯୋଗ** |
| ୨. | ଖରାପ, ବେରଙ୍ଗୀ ପାଣିଫୁଲା ଓ ପୋକା ଇତ୍ୟାଦି (*ଖରାପ, ପାଣି ଫୁଲା ଓ ପୋକାମିଶି ୪%ରୁ ଅଧିକ ହୋଇ ନଥିବ।) | ୫.୦୦ | ୧. ଜିଲ୍ଲା ଯୋଗାଣ ଅଧିକାରୀ, ଖୋର୍ଦ୍ଧା-୯୪୩୮୨୦୦୦୪୯ ୨. ସହକାରୀ ଯୋଗାଣ ଅଧିକାରୀ, ଭୁବନେଶ୍ୱର-୯୪୩୮୮୭୮୫୭୧ |
| ୩. | ଅପରିପକ୍ୱ, (କଞ୍ଚା, ସବୁଜ), ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩.୦୦ | ୩. ସହକାରୀ ନିବନ୍ଧକ ସମବାୟ ସମିତି ସମୂହ, ଭୁବନେଶ୍ୱର-୦୬୭୪-୨୩୯୧୪୫୦ |
| ୪. | ସରୁ ଧାନରେ ମିଶ୍ରିତ ମୋଟା ଧାନ। (କେବଳ 'କ' ଶ୍ରେଣୀ ଧାନ ନିମନ୍ତେ) | ୬.୦୦ | ୪. ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃଙ୍କ କାର୍ଯ୍ୟାଳୟ-୦୬୭୫୫-୨୨୦୨୦୯ |
| ୫. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦୦ | ଉପଜିଲ୍ଲାପାଳ, ଭୁବନେଶ୍ୱର-୦୬୭୪-୨୪୩୨୩୦୧ |

**ବି.ଦ୍ର:-**
୧. ଓଡ଼ିଶା ସରକାରଙ୍କ ବେସାମରିକ ଯୋଗାଣ ବିଭାଗ ଦ୍ୱାରା ୨୦୧୯-୨୦ ବିପଣନ ବର୍ଷର ଖରିଫ୍ ଧାନ ତା୦୯।୧୨।୨୦୧୯ରିଖ ଠାରୁ ତା୩୧।୦୩।୨୦୨୦ରିଖ ମଧ୍ୟରେ ସଂଗ୍ରହ କରାଯିବ।
୨. ସମ୍ପୃକ୍ତ ସେବା ସମବାୟ ସମିତି ଲିଃର ଅନଲାଇନ ବ୍ୟବସ୍ଥାରେ ପଞ୍ଜୀକୃତ ଚାଷୀମାନେ ସଂଲଗ୍ନ ଧାନକ୍ରୟ କେନ୍ଦ୍ରକୁ ବିକ୍ରିଯୋଗ୍ୟ ଧାନ ଛୋଟ ଅଖାରେ ସକାଳ ୮ ଘ.ରୁ ଦିବା ୨ଘ. ମଧ୍ୟରେ ଆଣିବା ଜରୁରୀ।
୩. କିଷାନ୍ କ୍ରେଡିଟ୍ କାର୍ଡ, ବିଜୁ କୃଷକ କୃଷି ଯୋଜନା କାର୍ଡ, ଭୋଟ ପରିଚୟପତ୍ର, ଆଧାର କାର୍ଡ (ଯେ କୌଣସି ଗୋଟିଏ) ଅଥବା ନାମ ପଞ୍ଜୀକରଣ ସମୟରେ ଦେଇଥିବା ପରିଚୟ ପତ୍ର ସହ ବ୍ୟାଙ୍କ ପାସ୍ ବୁକ ଧାନ କ୍ରୟ କେନ୍ଦ୍ରକୁ ନିଶ୍ଚିତ ଆଣନ୍ତୁ।
୪. ବିକ୍ରୟ ପାଇଁ ଆସିଥିବା ଧାନ ବ୍ୟବସାୟ ଉପଯୋଗୀ, ଖାଦ୍ୟ ଉପଯୋଗୀ ଶୁଖିଲା, ପରିଷ୍କାର, ସମରଙ୍ଗୀ, ସମଆକାର ଓ ଏକ କିସମର ହୋଇଥିବା ଆବଶ୍ୟକ। ଏହା ପୋକରା, ଦୁର୍ଗନ୍ଧ ଓ ବିଷାକ୍ତ ପଦାର୍ଥ ମୁକ୍ତ ହୋଇଥିବା ଜରୁରୀ।
୫. ଧାନ ସଂଗ୍ରହର ଯଥେଷ୍ଟ ସମୟ ପୂର୍ବରୁ ଚାଷୀମାନଙ୍କୁ ସେମାନଙ୍କର ବିକ୍ରି ଯୋଗ୍ୟ ଧାନ ସହ ସଂଲଗ୍ନ ଧାନ କ୍ରୟ କେନ୍ଦ୍ରରେ ଉପସ୍ଥିତ ରହିବା ପାଇଁ sms ମାଧ୍ୟମରେ ପଞ୍ଜୀକୃତ ମୋବାଇଲ ନଂକୁ ବାର୍ତ୍ତାପ୍ରେରଣର ସୁବିଧା କରାଯାଇଅଛି। ଏଥିସହିତ ଅଗ୍ରିମ ଟୋକନର ତାଲିକା ଧାନ କ୍ରୟକାରୀ ସମିତି କାର୍ଯ୍ୟାଳୟରେ ମଧ୍ୟ ଉପଲବ୍ଧ ହେଉଅଛି।
୬. ପ୍ରତ୍ୟେକ କ୍ରୟଦିବସ/ତାରିଖରେ ଚାଷୀ ବିକ୍ରି କରିବା ପାଇଁ ସୁଯୋଗ ପାଇବେ ଏବଂ ନିର୍ଦ୍ଧାରିତ ଦିବସରେ ମଣ୍ଡିକୁ ଧାନ ଆଣି ନ ପାରିଲେ ପରବର୍ତ୍ତୀ ସମୟରେ ମଧ୍ୟ ବିକ୍ରି ପାଇଁ ସୁଯୋଗ ଦିଆଯିବ।
୭. ୨୦୧୯-୨୦ ଖରିଫ ଋତୁରେ-ଜଳସେଚିତ ଜମି ପାଇଁ ଏକର ପିଛା କ୍ୟୁ. ୧୯.୦୦ ଓ ଅଣସେଚିତ ଜମି ପାଇଁ ଏକର ପିଛା ୧୩ କ୍ୱିଣ୍ଟାଲ ଧାନ ବିକ୍ରି ନିର୍ଦ୍ଧାରଣ କରାଯାଇଛି।
୮. ଚାଷୀଭାଇ ଓ ଭଉଣୀମାନେ ବିକ୍ରି କରିଥିବା ଧାନର ପ୍ରାପ୍ୟ ସେମାନଙ୍କର ବ୍ୟାଙ୍କ ଖାତାକୁ ଅନଲାଇନ ପ୍ରକ୍ରିୟାରେ ୨୪ଘ.ରୁ ୪୮ଘ. ମଧ୍ୟରେ ପ୍ରଦାନ ବ୍ୟବସ୍ଥା କରାଯାଇଛି।
୯. ଧାନ ସଂଗ୍ରହ କାର୍ଯ୍ୟକୁ ଶୃଙ୍ଖଳିତ, ସ୍ୱଚ୍ଛତା, ଶୃଙ୍ଖଳା ଓ ପାରଦର୍ଶିତାର ସହ ସମ୍ପାଦନ କରିବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ।

**ଚାଷୀ ହସିଲେ ଦୁନିଆ ହସିବ।**

ସ୍ୱା./- ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ଜଟଣୀ, ଜି-ଖୋର୍ଦ୍ଧା
ସ୍ୱା./- ଉପ-ଜିଲ୍ଲାପାଳ ଭୁବନେଶ୍ୱର, ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ଜଟଣୀ, ଜି-ଖୋର୍ଦ୍ଧା

## ସଂକ୍ଷେପରେ

### ଗାଡ଼ିଯାଞ୍ଚ, ଜରିମାନା ଆଦାୟ

ଧର୍ମଶାଳା,୯।୧୨(ଡି.ଏନ୍.ଏ.): ଧର୍ମଶାଳା ପୋଲିସ ସୋମବାର ୧୬ନଂ ଜାତୀୟ ରାଜପଥ ନେଉଳପୁର ଓ ଶଙ୍କାରୀଡିହ ନିକଟରେ ଗାଡ଼ି ଯାଞ୍ଚକରି ୮ ବାଇକ୍ ଆରୋହୀଙ୍କଠାରୁ ୮ ହଜାର ଟଙ୍କା ଜରିମାନା ଆଦାୟ କରିଛି। ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ହେଲମେଟ୍ ବ୍ୟବହାର ନ କରି ବାଇକ୍ ଚଳାଉଥିବା ୫୦ରୁ ଊର୍ଦ୍ଧ୍ୱ ଆରୋହୀଙ୍କୁ ତନଖି କରିଥିଲେ। ସେଥିମଧ୍ୟରୁ ୮ଜଣ ହେଲମେଟ ବ୍ୟବହାର କରି ନ ଥିବାରୁ ତାଙ୍କଠାରୁ ୧ ହଜାର ଟଙ୍କା ଲେଖାଏଁ ଜରିମାନା ଆଦାୟ କରିଥିଲେ।

### ବିଜେଡିର ମିଶ୍ରଣ ପର୍ବ

ବରୀ,୯।୧୨(ସ୍ୱ.ପ୍ର.): ବରୀ ବ୍ଲକ ନିକଟ ବରୁହାଁ ଡାକ ବଙ୍ଗଳାରେ ରବିବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବ୍ଲକ ଅଧୀନ ମହାକାଳପଡା ପଞ୍ଚାୟତର ସରପଞ୍ଚ ପତିତପାବନ ଆରକ୍ଷ୍ୟ ଭାଜପା ଛାଡି ବିଜେଡିରେ ଯୋଗ ଦେଇଛନ୍ତି। ବିଧାୟିକା ସୁନନ୍ଦା ଦାସ ତାଙ୍କୁ ଫୁଲତୋଡା ଓ ଉତ୍ତରୀୟ ପ୍ରଦାନ କରି ଦଳକୁ ସ୍ୱାଗତ ଜଣାଇଥିଲେ। ଏହି ମିଶ୍ରଣ ପର୍ବ ପୂର୍ବରୁ ରତ୍ନଗିରି କଂଗ୍ରେସ ସମର୍ଥିତ ସମିତି ସଭ୍ୟ, ମଧୁସୂଦନପୁରର ଭାଜପା ସମର୍ଥିତ ସମିତି ସଭ୍ୟା, ଇଶାଣପୁର ସରପଞ୍ଚ ରଞ୍ଜୁଲତା ମହାନ୍ତି, କଳାମାଟିଆ ସରପଞ୍ଚ ସମିର ମଲିକ ଭାଜପା ଛାଡି ବିଜେଡିରେ ଯୋଗଦାନ କରିଛନ୍ତି। ସେହିପରି ଉଦୟନାଥପୁର ସମିତି ସଭ୍ୟା ନିର୍ଝରିଣୀ ସାମଲ, ଅଟିରା ସମିତି ସଭ୍ୟା ଅନ୍ନପୂର୍ଣ୍ଣା ମହାନ୍ତି, ଅମଠପୁର ପଞ୍ଚାୟତର ଭାରାପ୍ରାପ୍ତ ସରପଞ୍ଚ ପ୍ରଶାନ୍ତ ଜେନା ବିଜେଡିରେ ଯୋଗଦାନ କରିଛନ୍ତି। ତେବେ ସାଧାରଣ ନିର୍ବାଚନ ପରଠାରୁ ଏକାଧିକ ଭାଜପା ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ ବିଜେଡିରେ ସାମିଲ ହେବା ପରେ ଗୋଟିଏ ପଟେ ଭାଜପା ବରୀରେ ଦୁର୍ବଳ ହେଉଥିବାବେଳେ ବିଜେଡି ଶକ୍ତିଶାଳୀ ହେବାରେ ଲାଗିଛି। ଭବିଷ୍ୟତରେ ଆଉ କେତେଗୁଡିଏ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ନିଜ ଦଳ ଛାଡି ବିଜେଡିରେ ଯୋଗଦାନ କରିବେ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଆୟୋଜିତ ମିଶ୍ରଣ ପର୍ବରେ କେଦାର ନାୟକ, ବିଭୁ ପ୍ରସାଦ ରାଉତ, ପ୍ରଭାସ ଚନ୍ଦ୍ର ପରିଡା, ସୁଧାଂଶୁ ବିଶ୍ୱାଳଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ।

### କଳିଙ୍ଗନଗର ମହୋତ୍ସବ ଉଦ୍‌ଘାଟିତ

# ‘ପରିବେଶ ସୁରକ୍ଷା ପାଇଁ ଶିଳ୍ପ ସମୂହ ଆଗେଇ ଆସନ୍ତୁ’



କଳିଙ୍ଗନଗର ମହୋତ୍ସବରେ ଯୋଗଦେଇଥିବା ମଞ୍ଚାସୀନ ଅତିଥି।

କଳିଙ୍ଗନଗର,୯।୧୨(ଡି.ଏନ୍.ଏ.)

ଦାନଗଦୀ ବ୍ଲକ କଳିଙ୍ଗନଗର ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ତେଲିବାହାଲୀ ଗ୍ରାମ ମା' ମହାପାଟ ପଡ଼ିଆରେ ସୋମବାର ୩ୟ ବାର୍ଷିକ କଳିଙ୍ଗନଗର ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ମହୋତ୍ସବ ୫ ଦିନ ଚାଲିବ। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆନୁଷ୍ଠାନିକଭାବେ ରାଜ୍ୟ ଆଇନ ଓ ପଞ୍ଚାୟତି ରାଜ ଏବଂ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ କିଙ୍ଗୁବାବୁଙ୍କ ଗୋଟିଏ କଦମ୍ବ ଗଛରେ କୋଟିଏ ସ୍ୱପ୍ନ ଆଜି ବାସ୍ତବତାରେ ପରିଣତ ହୋଇଛି ବୋଲି ମନ୍ତ୍ରୀ ଜେନା କହିଥିଲେ। ଏଥିସହ ଶିଳ୍ପ ଶହ ପରିବେଶର ସୁରକ୍ଷା ପାଇଁ ଶିଳ୍ପ ସମୂହ ଆଗେଇ ଆସିବା ଦରକାର ବୋଲି କହିଥିଲେ। ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ, ବରୀ ବିଧାୟିକା ସୁନନ୍ଦା ଦାସ, ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, କୋରେଇ ବିଧାୟକ ଅଶୋକଚନ୍ଦ୍ର ବଳ, ଉପଜିଲାପାଳ ମିହିର ମହାନ୍ତି, ଜିଲା ପରିଷଦ ଅଧ୍ୟକ୍ଷ ନରେଶ ମହାନ୍ତି, କ୍ରୀଡାବିତ୍ ଦିବ୍ୟାଙ୍ଗ ରାଖାଲ ଚନ୍ଦ୍ର ସେଠୀ ଯୋଗଦେଇଥିଲେ। ଏହି ଅବସରରେ ଖେଳପଡା ଯାଜପୁରର ଦିବ୍ୟାଙ୍ଗ ଭଉଣୀ ଭାଇ ସାଗରୀକା ଓ ସତ୍ୟବ୍ରତ ସାହୁ, କେନ୍ଦୁଝରର ଦିବ୍ୟାଙ୍ଗ ତଥା ହ୍ୱିଲ୍ ଚେୟାର କ୍ରିକେଟ୍ ଅଧିନାୟକ ଅଭୟ କୁମାର ଜେନା, ଜାରକା ଦିବ୍ୟାଙ୍ଗ ବାସନ୍ତୀ ଜେନା ଯିଏକି ନିଜେ ଟେଲରିଂ ଶିଖିବା ସହ ୨୦ ଜଣ ମହିଳାଙ୍କୁ ଟେଲରିଂ ଶିଖାଇ ସ୍ୱାବଲମ୍ବୀ କରାଇଛନ୍ତି ଏବଂ ଯାଜପୁର ଜିଲା ଦିବ୍ୟାଙ୍ଗ ସଂଘ ସଭାପତି ମଞ୍ଜୁ ଦାସ, ଯିଏକି ସ୍ୱେଚ୍ଛାସେବୀ ସଂଗଠନ ମାଧ୍ୟମ୍ କରି ସାମାଜିକ କାର୍ଯ୍ୟକରୁଛନ୍ତି ତାଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ବ୍ୟାସନଗରର ଦିବ୍ୟାଙ୍ଗ ଦିବ୍ୟଦର୍ଶନୀ ଭୂୟାଁ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ସିନେ ତାରକା ଅର୍ଚ୍ଚିତା ସାହୁ ମଧ୍ୟ ଯୋଗଦେଇଥିଲେ।

# ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ

ଧର୍ମଶାଳା,୯।୧୨(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ପକ୍ଷରୁ ସୋମବାର ଜଣେ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଛି। ଏହି ବ୍ଲକ ରାଇଛଦା ଗ୍ରାମର ବିନୋଦ ପରିଡା(୪୦) ଗତ କିଛି ବର୍ଷ ତଳେ ଦୁର୍ଘଟଣାର ଶିକାର ହୋଇ ୨ଟି ଗୋଡ ଅଚଳ ହୋଇପଡିଛି। ସେ ଜଣେ ଶ୍ରମିକ ଶ୍ରେଣୀର ଲୋକ ହୋଇଥିବାରୁ ଅର୍ଥାଭାବ ଯୋଗୁ ଆବଶ୍ୟକ ଚିକିତ୍ସା କରିବା ତାଙ୍କ ପକ୍ଷରେ ସମ୍ଭବପର ହେଉନାହିଁ। ଦୁର୍ଘଟଣା ପରେ ପରିବାର ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ ହେବା ପରେ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଓ ବିଡିଓ ହେମନ୍ତ କୁମାର ସ୍ୱାଇଁ ବ୍ଲକ ପରିସରରେ ତାଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରିଛନ୍ତି। ଖୁବ୍‌ଶୀଘ୍ର ବିନୋଦଙ୍କୁ ଭିନ୍ନକ୍ଷମ ଭତ୍ତା ଯୋଗାଇ ଦିଆଯିବ ବୋଲି ବିଡିଓ ସ୍ୱାଇଁ ସୂଚନା ଦେଇଛନ୍ତି।



ଅଧ୍ୟକ୍ଷ ଓ ବିଡିଓଙ୍କ ସହ ଦିବ୍ୟାଙ୍ଗ ବିନୋଦ ପରିଡା।

### ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା, ଯୁବକ କୋର୍ଟଚାଲାଣ

କୋରେଇ,୯।୧୨(ସ୍ୱ.ପ୍ର.): କୋରେଇ ପୋଲିସ ସୋମବାର ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ଅଭିଯୋଗରେ ଜଣେ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ପଠାଯାଇଥିବା ଜଣାପଡିଛି। ଯୁବକ ଜଣଙ୍କ ଥାନା ଅନ୍ତର୍ଗତ ମନ୍ଦୁଳପୁର ପଞ୍ଚାୟତର ଚଉଲୁ ଖଟୁଆ। କୋରେଇ ଥାନା ଅନ୍ତର୍ଗତ ଜଣେ ଯୁବତୀଙ୍କ ସହ ଚଉଲୁଙ୍କ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ବିବାହର ପ୍ରତିଶ୍ରୁତି ଦେଇ ଚଉଲୁ ସମ୍ପୃକ୍ତ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ମାତ୍ର ବିବାହ କରିବାକୁ ଯୁବତୀ ଜଣଙ୍କ କହିବାରୁ ଚଉଲୁ ମନା କରିଦେଇଥିଲେ। ଏ ନେଇ ଯୁବତୀଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୨୯୧/୧୯) ରୁଜୁକରି ତଦନ୍ତ ଚଳାଇଥିଲା। ରବିବାର ଚଉଲୁଙ୍କୁ ପୋଲିସ ଗିରଫ କରିଥିଲା।

# ୨ ଟ୍ରକ୍ ଜବତ, ନିଶାସକ୍ତ ଚାଳକ କୋର୍ଟ ଚାଲାଣ

କୋରେଇ,୯।୧୨(ସ୍ୱ.ପ୍ର.)

ପାଣିକୋଇଲି ପୋଲିସ ୨ ନିଶାସକ୍ତ ଟ୍ରକ୍ ଡ୍ରାଇଭରଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭଦ୍ରକ ଧାମନଗର ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ଦେବାଶିଷ ମୁଦୁଲି (୩୧) ଓ ବନ୍ତ ଥାନା ଅନ୍ତର୍ଗତ ଗହିରାପଦି ଗ୍ରାମର ରମେଶ ପାତ୍ର (୪୦)। ରବିବାର ୧୬ ଓ ୨୦ନମ୍ବର ଜାତୀୟ ରାଜପଥରେ ପୋଲିସ ଗାଡ଼ି ଯାଞ୍ଚବେଳେ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଉଥିବା ଅଭିଯୋଗରେ ପୋଲିସ ଦେବାଶିଷ ଓ ରମେଶଙ୍କୁ ଗିରଫ କରିଥିଲା। ଏଥିସହ ଟ୍ରକ ୨ଟିକୁ ଜବତ କରିଥିଲା।

## ଡଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଡଗଡମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚଷା ଛୁଟିଲେ ବରଷେ**
**ଗଉଡ଼ ଛୁଟିଲେ ଦିନେ**
**ହାଟୁଆ ଛୁଟିଲେ ହାଟ ପାଳିଏ**
**ଏହା ରଖିଥାଅ ମନେ।**

ଚାଷବାସରେ ହେଳା କରିବା ଉଚିତ ହୋଇ ନ ଥାଏ। ଚାଷକାର୍ଯ୍ୟରେ ହେଳା କଲେ ଚାଷୀଟିକୁ ପୁନଶ୍ଚ ଚାଷକାର୍ଯ୍ୟ କରିବା ପାଇଁ ପୂରା ବର୍ଷଟିଏ ଅପେକ୍ଷା କରିବାକୁ ପଡ଼ିଥାଏ। ଗଉଡ଼ କୌଣସି କାରଣବଶତଃ କ୍ଷୀର ଦୁହିଁ ନ ପାରିଲେ କ୍ଷୀର ପାଇବା ପାଇଁ ତା' ପରଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥାଏ। ସେହିପରି ହାଟୁଆ ଯଦି ହାଟକୁ ଯାଇ ନ ପାରେ ତା'ହେଲେ ତାକୁ ହାଟସଉଦା କରିବାପାଇଁ ଆର ହାଟ ପାଳି ପର୍ଯ୍ୟନ୍ତ ଅପେକ୍ଷା କରିବା ଛଡ଼ା ଆଉ କିଛି ବାଟ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚୋର ସେବକ, ଚୋରଣୀ ଗାଈ,**
**ପଡ଼ୋଶୀ ଖଳ, ଦୁଷ୍ଟଭାଇ**
**ଦୁଷ୍ଟା ନାରୀ, ପୁତ୍ର କୁଆରି**
**ଡାକ ବୋଲେ ହରୁ ପରିହରି।**

ଉପର ବର୍ଣ୍ଣିତ ପ୍ରାଣୀ ନିଜ ନିଜ ପରିସର ମଧ୍ୟରେ ଅପର ପ୍ରତି ଖରାପ ତଥା ଅସୁବିଧାଜନକ ପରିସ୍ଥିତି ସୃଷ୍ଟି କରିଥାନ୍ତି। ତେଣୁ ଏମାନଙ୍କ ଠାରୁ ସଦା ଦୂରେଇ ରହିବା ବୁଦ୍ଧିମାନର କାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଡଗଡମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଧର୍ମଶାଳା ବରିଷ୍ଠ ନାଗରିକ ମଞ୍ଚର ସଚେତନତା ଶୋଭାଯାତ୍ରା



ଧର୍ମଶାଳା ବରିଷ୍ଠ ନାଗରିକ ମଞ୍ଚର ସଚେତନତା ଶୋଭାଯାତ୍ରା।

ଧର୍ମଶାଳା,୯।୧୨(ଡି.ଏନ୍.ଏ.)

ଧର୍ମଶାଳା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସୋମବାର ନିଶା ନିବାରଣ ଓ ପରିମଳ ସ୍ୱଚ୍ଛତା ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ବିଚାରପତି ତଥା ମଞ୍ଚର ସଭାପତି ଗୟାଧର ପଣ୍ଡାଙ୍କ ନେତୃତ୍ୱରେ ସଚେତନତା ଶୋଭାଯାତ୍ରା ଧର୍ମଶାଳା ଥାନା ନିକଟରୁ ବାହାରି ଚହଟା, ଭାଲୁଖାଇ ଗ୍ରାମ ପରିକ୍ରମା କରିଥିଲା। ଏହି ସମୟରେ ବରିଷ୍ଠ ନାଗରିକମାନେ ନିଶା ନିବାରଣ ସମ୍ପର୍କରେ ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଭାଲୁଖାଇ ଜଗନ୍ନାଥ ମନ୍ଦିର ପରିସରରେ ଏକ ସାଧାରଣ ସଭା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନାଗରିକଙ୍କ ପାଇଁ ପ୍ରଣୟନ ହୋଇଥିବା ଆଇନର କାର୍ଯ୍ୟକାରିତା, ବରିଷ୍ଠ ନାଗରିକଙ୍କ ଦାୟିତ୍ୱ ଓ ସେମାନେ ସାମାଜିକ କାର୍ଯ୍ୟରେ ନିୟୋଜିତ ରହିବା ସମ୍ପର୍କରେ ସଭାପତି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ କରୁଣାକର ବରାଳ, ଯୁଧିଷ୍ଠିର ସ୍ୱାଇଁ, ଗୋଲକଚନ୍ଦ୍ର ପଲେଇ, ନୃସିଂହ ଚରଣ ମହାନ୍ତି, ଅଞ୍ଜୁଲା ରହେମାନ, ସୁଦର୍ଶନ ଶତପଥୀ, ଭିକାରୀ ଚରଣ ମଲିକ, ଅଭୟାନନ୍ଦ ସାରଦା, ନିରଞ୍ଜନ ପଲାଇ, ରବି ନାରାୟଣ ମଲିକ ପ୍ରମୁଖ ବହୁ ବରିଷ୍ଠ ସଭ୍ୟ ଉପସ୍ଥିତ ରହିଥିଲେ।


# CLASSIFIED DISPLAY

## ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE
KUBER FINANCE
All Odisha
★ Mudra Loan
★ Cash Credit Loan
★ Vehicle Loan
★ Agriculture Loan
★ Personal Loan
★ Business Loan
★ Mortgage Loan
★ Housing Loan
All types of Loan@ 1% Interest 50% Subsidy
Fund Received in 24 Hours
7599779418, 9599068151
B-34/A Block, Vijay Enclave, Burari, New Delhi

ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ସବୁ ଯୋଜନା ଅଧୀନରେ ସବୁ ବ୍ୟାଙ୍କରୁ
କମ୍ କିମ୍ବା ଖରାପ CIBIL ସ୍କୋରଧାରୀଙ୍କୁ ମଧ୍ୟ ଋଣ
ମାର୍କେଟିଂ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ବ୍ୟବସାୟ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
୨% ସୁଧ - ୪୦% ରିହାତିରେ
୨୪ ଘଣ୍ଟା ମଧ୍ୟରେ ଘରେ ବସି ପାଆନ୍ତୁ
ସତ୍ୟମ୍ ଫାଇନାନ୍ସ
9953125459
9667227985
Sec-102, Sukh Complex, Noida (Delhi)

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କେଟିଂ, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : namonamoonlinem.p@gmail.com
9911321841
Add : 41/14, Sec-1 Pushp Vihar, Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କେଟିଂ, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : ridhifinanceonlinem.p@gmail.com
9911473748
Add : 41/14, Sec-1 Pushp Vihar, Delhi

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡ଼ା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟେଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୃହିଣୀରୋଗ, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କହିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେତିକି ବା କାହିଁକି ସମାଧାନ ଅଛି ମୋ ପାଖରେ ଏବେ
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଳେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସନ୍ତାନ ପ୍ରାପ୍ତି, ଶତ୍ରୁ ମୁକ୍ତି, ଯାଦୁ ଟୋନା ଯୋଗାଡ଼, କୁଆ-ଝଗଡ଼ା, ଗୃହିଣୀରୋଗ, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆସନ୍ତୁ ଅଛି ସ୍ଥାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ଯୋଗାଡ଼, ସତ୍ତା, କୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଜୀ
ତାଳିଆ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ନବବର୍ଷ ଧମାକା
ଗୋଟିଏ କଲ୍‌ରେ ଋଣ ପାଆନ୍ତୁ
ନୋ ଫାଇଲ୍‌ଚାର୍ଜ, ନୋ ଗ୍ୟାରେଣ୍ଟର
ASF FINANCE
ମାର୍କେଟିଂ, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ
ସବୁ ପ୍ରକାର ଋଣ
1% ସୁଧ 25% ଛାଡ଼
ଘରେ ବସି ପାଆନ୍ତୁ ଅଲ୍ପକାଳରେ ସୁବିଧା ଉଠାନ୍ତୁ
94634-86078
Email : financeabirami32@gmail.com
Airport Road, Gandhi Nagar, Bhopal (MP)

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

MAHESHWARI FINANCE
ବିନା ଗ୍ୟାରେଣ୍ଟିରେ ମହିଳା/ପୁରୁଷ (ଦୋକାନୀ) ୫ ଲକ୍ଷରୁ ୨୫ ଲକ୍ଷ ଲୋନ ୨% ସୁଧ ୫୦% ରିହାତି ମାର୍କେଟିଂ ଓ ପ୍ରପର୍ଟି ଲୋନ।
E-mail - maheshwarifinance11@gmail.com
Ph - 9716825082
9716001694

BUSINESS

ASTROLOGY

GTL Telecom Co.
ଦ୍ୱାରା ଖାଲି ଜମି, ଛାତ, କ୍ଷେତରେ ଡିଜିଟାଲ ଟାୱାର ଲଗାନ୍ତୁ
ଅଗ୍ରିମ - 60,00000/-
ଭଡ଼ା - 25,000/-
ଅନ୍ୟାନ୍ୟ ସୁବିଧା (ମାସିକ 15000/-)
ମେଡିକାଲ + ବୀମା ଫ୍ରି
9450647834
7027273944
Network Vision, ITC Industrial Area, Navi Mumbai, Maharashtra.

ଗୁରୁ ସାହି ଖାନ୍
ସମସ୍ୟା ବିଷୟରେ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଇଚ୍ଛାମତେ, ଗୃହକ୍ଳେଶ, କୋର୍ଟ କେସ୍, ଗୁପ୍ତରୋଗ, ପ୍ରେମ କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ ବଶୀକରଣ, ମୁଠକଣି
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390


ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

'ଧରିତ୍ରୀ' ଖବରକାଗଜର ୪୬ତମ ଜନ୍ମଦିବସ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା । ଶ୍ରୀ ଜଗନ୍ନାଥଙ୍କ କୃପାରୁ ସମସ୍ତଙ୍କ ମଙ୍ଗଳ କାମନା କରୁଛୁ ।





ପ୍ରିୟଙ୍କା କୁମାରୀ ସାହୁ | ରାହୁଲ କୁମାର ସାହୁ
ହିଞ୍ଜିଳିକାଟୁ




ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଜନସାଧାରଣଙ୍କୁ ଶୁଭେଚ୍ଛା ।

**କେ. ଧର୍ମା ରାଓ**
ସହକାରୀ ଶିକ୍ଷକ, ତାଡକା ସାହି



ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଅବସରରେ ପ୍ରଭୁ ଶ୍ରୀଗୋକୁଳାନନ୍ଦ ଜୀଉ ସମସ୍ତଙ୍କୁ ସୁଖରେ ରଖନ୍ତୁ, ଏତିକି ପ୍ରାର୍ଥନା ।
ନାଟ୍ୟ ନିର୍ଦ୍ଦେଶକ ଯୁଧିଷ୍ଠିର ସ୍ୱାଇଁ, ସହଯୋଗୀ ରଞ୍ଜନ ବେହେରା, ସୁବାସ ବେହେରା, ଡାକବାବୁ ଓ ଶରତ ଚନ୍ଦ୍ର ଦାସ

**ସୁଦର୍ଶନ ମନ୍ତ୍ରୀ**
ମ୍ୟାନେଜର ମା' ଦକ୍ଷିଣକାଳୀ ନାଟ୍ୟ ସଂସଦ, ସିଧାମୂଳା, ଖଣ୍ଡପଡା



ଦୈନିକ ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉପଲକ୍ଷେ ବାଣପୁର ପଞ୍ଚାୟତର ସମସ୍ତ ଗୁରୁଜନ ଓ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା । ଅଞ୍ଚଳର ଉନ୍ନତି ପାଇଁ ଆପଣମାନଙ୍କର ସହଯୋଗ ମୋର ଏକାନ୍ତ କାମ୍ୟ ।

**ପ୍ରଦୀପ କୁମାର କର**
ସରପଞ୍ଚ, ବଡବାଣପୁର, ଖଣ୍ଡପଡା



ନିରପେକ୍ଷ ତଥା ନିର୍ଭୀକ ଖବର ପରିବେଷଣ କରୁଥିବା ଦୈନିକ ଧରିତ୍ରୀର ୪୬ତମ ଜନ୍ମ ବାର୍ଷିକୀ ଅବସରରେ କଣ୍ଟିଲୋ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଛି ।

**ମାଧବ ଚନ୍ଦ୍ର ସାହୁ**
ସଭାପତି,
ବିଜୁ ଜନତା ଦଳ, କଣ୍ଟିଲୋ



ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ଏହାର ଉତ୍ତରୋତ୍ତର କାମନା କରୁଛୁ । ସମାଜରେ ସୁଧାର ଆଣିବା ଦିଗରେ ଧରିତ୍ରୀର ନିରପେକ୍ଷ ତଥା ସତ୍ୟନିଷ୍ଠ ଖବର ପ୍ରସାରଣରେ ପ୍ରୟାସ ଜାରି ରହୁ ଏତିକି କାମନା ।

**କାଶିନାଥ ମହାରଣା**
ପ୍ରଧାନ ଆଚାର୍ଯ୍ୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୀଳମାଧବ ବିହାର, କଣ୍ଟିଲୋ, ଖଣ୍ଡପଡା



'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ବପଲମେଣ୍ଡି(ଏଲ୍) ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

**ସାରଳା କହଁର**
ସରପଞ୍ଚ, ବପଲମେଣ୍ଡି(ଏଲ୍) ଗ୍ରାମପଞ୍ଚାୟତ



'ଧରିତ୍ରୀ' ଖବରକାଗଜର ୪୬ତମ ଜନ୍ମଦିବସ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା । ଶ୍ରୀ ଜଗନ୍ନାଥ ସମସ୍ତଙ୍କୁ ସୁଖ ଓ ଶାନ୍ତିରେ ରଖନ୍ତୁ ।

**ସଞ୍ଜୟ କୁମାର ପଣ୍ଡା**
ସଭାପତି, ଯୁବ ବିଜେଡି, ହିଞ୍ଜିଳିକାଟୁ ପୌରାଞ୍ଚଳ

ଓଡିଶାର ଅଗ୍ରଣୀ ନିରପେକ୍ଷ ଦୈନିକ ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଖଣ୍ଡପଡା ଓ ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ସମସ୍ତ ଗୁରୁଜନ ଓ ଯୁବ ବନ୍ଧୁମାନଙ୍କର ସୁଖ, ସମୃଦ୍ଧି କାମନା କରିବା ସହ ଅଞ୍ଚଳର ଉନ୍ନତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।



**ଦୀପ୍ତି ରଞ୍ଜନ ରଥ**
ଯୁବ ସମାଜସେବୀ, ବାହାଡା, ଖଣ୍ଡପଡା



ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ କୋସକା ପଞ୍ଚାୟତର ସମସ୍ତ ଗୁରୁଜନ, ଭାଇଭଉଣୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ । କୋସକା ଅଞ୍ଚଳର ଉନ୍ନତି ତଥା ବିକାଶ ପାଇଁ ଆପଣମାନଙ୍କ ସହଯୋଗ ଏକାନ୍ତ କାମ୍ୟ ।

**କୃଷ୍ଣଚନ୍ଦ୍ର ସାହୁ**
ସରପଞ୍ଚ, କୋସକା, ଖଣ୍ଡପଡା



'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଶଙ୍କରାଖୋଲ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

**ଚିତ୍ର କହଁର**
ସରପଞ୍ଚ, ଶଙ୍କରାଖୋଲ ଗ୍ରାମପଞ୍ଚାୟତ



'ଧରିତ୍ରୀ' ଖବରକାଗଜର ୪୬ତମ ଜନ୍ମଦିବସ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା । ଶୁଭେଚ୍ଛା ସହ

**ଭୀମସେନ ବେହେରା**
ସଭାପତି, ବିଜେଡି, ହିଞ୍ଜିଳିକାଟୁ ପୌରାଞ୍ଚଳ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଗଡିଆସାହି ପଞ୍ଚାୟତର ସମସ୍ତ ଗୁରୁଜନ ଓ ଭାଇଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛୁ । ଅଞ୍ଚଳର ଉନ୍ନତି ପାଇଁ ଆପଣମାନଙ୍କ ସହଯୋଗ ଏକାନ୍ତ କାମ୍ୟ ।




**ବିପିନ ସାମଲ** | **ପୁରୁଷୋତ୍ତମ ସାହୁ**
ସରପଞ୍ଚ, ଗଡିଆସାହି | ପିଇଓ



ଧରିତ୍ରୀର ୪୬ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ବେଣାଗାଡିଆ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ଉନ୍ନତି ସହ ଶୁଭ କାମନା କରୁଛି ।

**ଶ୍ରୀମତୀ ସୁଷମା ସ୍ୱାଇଁ**
ସରପଞ୍ଚ, ବେଣାଗାଡିଆ, ଖଣ୍ଡପଡା, ନୟାଗଡ



'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଚକାପାଦ ବ୍ଲକର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

**ରାଜେଶ କୁମାର ଦିଗାଲ**
ଚକାପାଦ ବ୍ଲକ, ବିଜେଡି ସଭାପତି

ଖବରକାଗଜ ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ।



ସୁବାସ ଚନ୍ଦ୍ର ମଣ୍ଡଳ | ପ୍ରଦୀପ କୁମାର ରାଉତ | ସୁଜିତ ପ୍ରଧାନ
ସଭାପତି | ସମ୍ପାଦକ | କୋଷାଧକ୍ଷ
ଏବଂ ସଦସ୍ୟ ବୃନ୍ଦ
ବାମନଘାଟି ଠିକାଦାର ସଂଘ, ରାଇରଙ୍ଗପୁର (ମୟୂରଭଞ୍ଜ)



'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଚକାପାଦ ବ୍ଲକର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

**ମୌସୁମୀ ରଞ୍ଜନ ପଟ୍ଟନାୟକ**
ଜଳପରିମଳ, କନିଷ୍ଠଯନ୍ତ୍ରୀ-୧, ଚକାପାଦ ବ୍ଲକ



ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉପଲକ୍ଷେ ପଥରଚକଡା ଓ ମାଧପୁର ଗ୍ରାମର ସମସ୍ତ ଗୁରୁଜନ ଓ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ସ୍ନେହ ଓ ଶୁଭେଚ୍ଛା । ଅଞ୍ଚଳର ଉନ୍ନତି ପାଇଁ ଆପଣମାନଙ୍କର ସହଯୋଗ ମୋର ଏକାନ୍ତ କାମ୍ୟ ।

**ତ୍ରିନାଥ ମୁଦୁଲି**
ସରପଞ୍ଚ, ପଥରଚକଡା, ଭାପୁର



ନିରପେକ୍ଷ ଓ ନିର୍ଭୀକ ଦୈନିକ ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉପଲକ୍ଷେ ଧାନଚେଙ୍ଗଡା ପଞ୍ଚାୟତ ଅଧୀନ ସମସ୍ତ ଗୁରୁଜନ ଓ ଭାଇଭଉଣୀମାନଙ୍କ ସ୍ନେହ ଓ ଆଶୀର୍ବାଦ କାମନା କରୁଛି ।

**କୃଷ୍ଣଚନ୍ଦ୍ର ସାହୁ**
ସରପଞ୍ଚ, ଧାନଚେଙ୍ଗଡା, ଭାପୁର



ଦୈନିକ ନିରପେକ୍ଷ ଖବରକାଗଜ ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ଏହାର ଉତ୍ତରୋତ୍ତର କାମନା କରିବା ସହ ସିଂଘାପଡା ଅଞ୍ଚଳର ସମସ୍ତ ଗୁରୁଜନ, ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।

**ଶ୍ରୀମତୀ ନମିତା ପଣ୍ଡା**
ସରପଞ୍ଚ, ସିଂଘାପଡା, ଖଣ୍ଡପଡା



'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଶଙ୍କରାଖୋଲ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

**ବୃନ୍ଦାବନ ନାଏକ**
ପ୍ରଧାନଶିକ୍ଷକ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଶଙ୍କରାଖୋଲ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଓଡିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ, ରାଇରଙ୍ଗପୁର ଶାଖା ତରଫରୁ ବାମନଘାଟି ସବ୍‌ଡିଭିଜନରେ କାର୍ଯ୍ୟରତ ଡିପ୍ଲୋମା ଇଞ୍ଜିନିୟର ଭାଇ ଓ ଭଉଣୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ, ଶୁଭେଚ୍ଛା ।

**ଇଂ. ନିଶିକାନ୍ତ ରାୟ, ସଭାପତି**




ଇଂ ଦିଲ୍ଲିପ କୁମାର ଗିରି | ଇଂ ନଗେନ୍ଦ୍ର ନାଥ ସାହୁ
ଉପଦେଷ୍ଟା | ସମ୍ପାଦକ

With best compliments from :-




Principal & Staff, Neelamadhab Mahavidyalaya, Kantilo, Nayagarh

**SUKANTA KUMAR NAYAK**
Principal, Neelamadhab Mahavidyalaya, Kantilo



ନିରପେକ୍ଷ ତଥା ନିର୍ଭୀକ ଦୈନିକ ଧରିତ୍ରୀର ଜନ୍ମ ବାର୍ଷିକୀ ଅବସରରେ 'ସର୍ବେ ଭବନ୍ତୁ ସୁଖୀନଃ', ସର୍ବେ ସନ୍ତୁ ନିରାମୟା, ସର୍ବେ ଭଦ୍ରାଣୀ ପଶ୍ୟନ୍ତୁ, ମା କଶ୍ଚିତ ଦୁଃଖଭାଗ ଭବେତ୍' ।

**ବିଭୂତି ଭୂଷଣ ପ୍ରଧାନ**
ପ୍ରୋପ୍ରାଇଟର, ମା' ବ୍ରାହ୍ମଣୀ ଦେବୀ ଷ୍ଟୋନ କ୍ରସର, କନାସିଂ, ଖଣ୍ଡପଡା, ନୟାଗଡ

ନାରାୟଣୀ ଲୌହଚର ଧାତୁ ସମବାୟ ଶିଳ୍ପ ସମିତି, କଣ୍ଟିଲୋ ତରଫରୁ ରାଜ୍ୟର ସମସ୍ତ ଜନସାଧାରଣ ଓ ସମବାୟପ୍ରେମୀ ବନ୍ଧୁମାନଙ୍କୁ ଅଭିନନ୍ଦନ ।



**ଶରତ ଚନ୍ଦ୍ର ମହାରଣା**
ସମ୍ପାଦକ, ନାରାୟଣୀ ଲୌହଚର ଧାତୁ ସମବାୟ ଶିଳ୍ପ ସମିତି, କଣ୍ଟିଲୋ





DHARITRI
Career appointment
Every Wednesday and Saturday

## ସଂକ୍ଷେପରେ

### କଜଳା ବସ୍ତିବାସୀଙ୍କୁ ମିଳିବ ଘର

**କେନ୍ଦ୍ରାପଡା ଅଫିସ, ୯।୧୨:** କେନ୍ଦ୍ରାପଡ଼ା ସହରର ୨୧ ନଂ. ୱାର୍ଡ କଜଳାସ୍ଥିତ ଅନୁସୂଚିତ ଜନଜାତିର୧୨୨ ପରିବାରଙ୍କୁ ସହରର ଓଡ଼ିଶୋ ମୌଜାରେ ଥଇଥାନ କରାଯିବ। ଏଥିସହ ଗୃହ ନିର୍ମାଣ ନିମନ୍ତେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରତ୍ୟେକଙ୍କୁ ୨ଲକ୍ଷ ଟଙ୍କା ଲେଖାଏଁ ଯୋଗାଇ ଦିଆଯିବ। ଜିଲାପାଳ ସମର୍ଥ ବର୍ମା ସୋମବାର ଅପରାହ୍ନରେ କଜଳା ବସ୍ତିରେ ପହଞ୍ଚି ବସ୍ତିବାସିନ୍ଦାଙ୍କ ସହ ଆଲୋଚନା କରିବା ପରେ ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ତୁରନ୍ତ ସରଜମିନ ତଦନ୍ତ ପାଇଁ ଜିଲାପାଳ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ବସ୍ତିର ମହିଳା ରମାମଣି କହିଛନ୍ତି ଯେ, ବସ୍ତିରେ ପ୍ରାୟ ୧୫୦ ବର୍ଷ ପୂର୍ବରୁ ପୂର୍ବପୁରୁଷମାନେ ଆସି ରହିଛନ୍ତି। ବାସସ୍ଥାନର ସ୍ୱତ୍ୱ ନ ଥିବାରୁ ଘର ନିର୍ମାଣ କରି ହେଉନାହିଁ। ଏ ନେଇ ଦୀର୍ଘବର୍ଷ ଧରି ବସ୍ତିବାସିନ୍ଦା ଦାବି କରି ଆସୁଥିଲେ। ଜିଲାପାଳଙ୍କ ସହ ବସ୍ତିବାସିନ୍ଦାଙ୍କ ଆଲୋଚନା ପରେ ଗୃହ ନିର୍ମାଣ ସ୍ୱପ୍ନ ପୂରଣ ହୋଇପାରିବ ବୋଲି ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ କହିଛନ୍ତି ଯେ, ବସ୍ତିରେ ରହୁଥିବା ୧୨୨ପରିବାରଙ୍କୁ ଓଡ଼ିଶୋ ମୌଜାରେ ୩୨୩ ବର୍ଗଫୁଟ ବାସୋପଯୋଗୀ ଜମି ଯୋଗାଇ ଦେବା ପାଇଁ ଜିଲାପାଳ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଲୋଚନାରେ କେନ୍ଦ୍ରାପଡ଼ା ତହସିଲଦାର ହେମଲତା ବାହାଲିଆ, ସର୍ଭେ କରିଥିବା ନିୟତି ଫାଉଣ୍ଡେଶନର ହରେକୃଷ୍ଣ ପଣ୍ଡା, ପୌରସଂସ୍ଥାର ୨ ଗୋଷ୍ଠୀ ସଂଗଠିକା ପ୍ରମୁଖ ସାମିଲ ହୋଇଥିଲେ।

### କଳାବ୍ୟାଜ୍ ପିନ୍ଧି ପରୀକ୍ଷା ପରିଚାଳନା

**ଡେରାବିଶ, ୯।୧୨ (ସ୍ୱ.ପ୍ର.) :** ଡେରାବିଶ ବ୍ଲକର ୨୧ ବିଦ୍ୟାଳୟରେ ଗରିମା ପରୀକ୍ଷା ସୋମବାର ଅନୁଷ୍ଠିତ ହୋଇଥିଲା। ବାଲିଆ ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଛାତ୍ରୀଛାତ୍ରମାନେ ସମସ୍ତ ସ୍କୁଲରେ ପରୀକ୍ଷା ପରିଚାଳନା କରିଥିଲେ। ତେବେ ପରୀକ୍ଷକମାନେ ହାତରେ କଳା ବ୍ୟାଜ୍ ପିନ୍ଧି ପରୀକ୍ଷା ପରିଚାଳନା କରୁଥିବା ଦେଖାଯାଇଥିଲା। ଏ ସମ୍ପର୍କରେ ସେମାନଙ୍କୁ ପଚାରିବାରେ ବାଲିଆସ୍ଥିତ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷାଙ୍କ ବଦଳି ଓ ଅନ୍ୟାନ୍ୟ କେତେକ ଅସୁବିଧା ଦୂର ପାଇଁ ପୂର୍ବରୁ ଧାରଣା ଦିଆଯାଇଥିଲା। ତେବେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରାଙ୍କ ପ୍ରତିନିଧି ଭାବେ ବ୍ଲକ ଅଧକ୍ଷ ଅନାମବନ୍ଧୁ ଧଳ ଧାରଣାସ୍ଥଳକୁ ଆସି ଦାବି ପୂରଣ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ହେଲେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ କଳାବ୍ୟାଜ୍ ଧାରଣ କରିବେ ବୋଲି ସେମାନେ କହିଛନ୍ତି।

### ଆମ୍ବେଡ଼କରଙ୍କ ୬୩ତମ ଶ୍ରାଦ୍ଧୋତ୍ସବ

**ପଟ୍ଟାମୁଣ୍ଡାଇ, ୯।୧୨ (ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ବ୍ଲକ ଆମ୍ବେଡ଼କର ଦଳିତ ଜାତିସଂଘ ପକ୍ଷରୁ ସମ୍ବିଧାନ ପ୍ରଣେତା ବାବା ସାହେବ ଡ. ଆମ୍ବେଦକରଙ୍କ ୬୩ତମ ଶ୍ରାଦ୍ଧୋତ୍ସବ ସ୍ଥାନୀୟ ଆମ୍ବେଡକର ଭବନଠାରେ ପାଳିତ ହୋଇଥିଲା। ସଂଘ ସଭାପତି କଳ୍ପତରୁ ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷକ ନେତା ପ୍ରଫୁଲ୍ଲ କୁମାର ଦାଶ ମୁଖ୍ୟଅତିଥି ଓ ଖବରଦାତା ସୁରେନ୍ଦ୍ର କୁମାର ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶାନ୍ତନୁ ଦାସ, ମାଧବାନନ୍ଦ ମଲିକ, ନଳିନୀକାନ୍ତ ସ୍ୱାଇଁ, ଦଳିତ ନେତା ଦିଲ୍ଲୀପ ମଲିକ, ଉତ୍ତମ ମଲିକ, ଈଶ୍ୱର ଚନ୍ଦ୍ର ମଲିକ, ଉଦୟ ମଲିକ, ସନ୍ତୋଷ ମଲିକ, ବାଞ୍ଛାନିଧି ମଲିକ, ରାଜକିଶୋର ମଲିକ, ଦିଲୀପ ଦାସ, ସରସ୍ୱତୀ ଗୋଛାୟତ, ଗୋପୀନାଥ ମଲିକ ପ୍ରମୁଖ ଯୋଗଦେଇ ଆମ୍ବେଡକରଙ୍କ ନୀତି ଆଦର୍ଶ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଶେଷରେ କୁମର ମଲିକ ଧନ୍ୟବାଦ ଦେଇଥିଲେ।ସେହିପରି ସର୍ବଭାରତୀୟ ସମତା ସୈନିକ ଦଳ ପଟ୍ଟାମୁଣ୍ଡାଇ ଶାଖା ପକ୍ଷରୁ ହରପାର୍ବତୀ ମନ୍ଦିର ପରିସରରେ ଆମ୍ବେଡକରଙ୍କ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଥିଲା। ଦଳ ସଭାପତି ଖଗେଶ୍ୱର ମଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ରାଜନଗର ଲୋହିଆ ବିଚାର ମଞ୍ଚ ଜିଲା ସଭାପତି ରବୀନ୍ଦ୍ର ସେଠୀ ମୁଖ୍ୟଅତିଥି, ରବୀନ୍ଦ୍ର ମଲିକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ରବୀନ୍ଦ୍ର ମଲିକ, ବାବାଜୀ ମଲିକ, ବିଷ୍ଣୁଚରଣ ମଲିକ, ଜିତେନ୍ଦ୍ର ଯେନା, ବିଜେଡି ଜିଲା ଦଳିତ ସେଲ୍ ସଭାପତି ବାରେଣୀ ସେଠୀ ପ୍ରମୁଖ ଯୋଗଦେଇଥିଲେ।

# ଜଙ୍ଗଲ ଭିତରେ ୨୦ ବର୍ଷ

## ଜୀବଜନ୍ତୁ ସେବାରେ ବିତୁଛି ସମୟ

**ମହାକାଳପଡା, ୯।୧୨ (ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପାନ୍ତ ଅଞ୍ଚଳରେ ଜଙ୍ଗଲୀ ଜନ୍ତୁଙ୍କ ଭୟ ଲୋକଙ୍କ ନିଦ ହଜାଇ ଦେଇଥିବା ବେଳେ ସେହି ନିକାଞ୍ଚନ ଜଙ୍ଗଲ ପାଲଟିଛି ଆଲାଦି ମିତ୍ରଙ୍କ ଠିକଣା। ଆଉ ଜଙ୍ଗଲ ଭିତରେ ଥିବା ଏକ ସରକାରୀ ପରିତ୍ୟକ୍ତ ଘର ପାଲଟିଛି ତାଙ୍କ ବାସଗୃହ। ଘର ପଛ ପଟେ ଅଶ୍ୱତ୍ଥ ଗଛ ମୂଳେ ପୂଜା ପାଉଥିବା ମା' ବନଦୁର୍ଗା ଆଉ ଅସିହା କାଳର ରେଡ଼ିଓ ତାଙ୍କର ସାହାଭରସା। ଖରା, ବର୍ଷା, ଶୀତ ହେଉ କି ଝଡ଼, ବାତ୍ୟା ସେହି ଘର ଛାଡ଼ି କୁଆଡେ ଯାଆନ୍ତି ନାହିଁ। ଆଧୁନିକ ଦୁନିଆରେ ସୁଖ ସ୍ୱଚ୍ଛନ୍ଦ୍ୟରେ ରହିବାକୁ ସମସ୍ତଙ୍କ ଇଚ୍ଛା। ହେଲେ ଜଙ୍ଗଲୀ ଜୀବଜନ୍ତୁଙ୍କ ସେବା କରିବାରେ କେମିତି ୨୦ବର୍ଷ ବିତିଗଲା ଜଣାପଡ଼ିଲାନି ବୋଲି କହିଛନ୍ତି ୭୫ ବର୍ଷୀୟା ଆଲାଦି। ସ୍ଥାନୀୟ କଳତୁଙ୍ଗା ଗ୍ରାମରେ ଆଲାଦିଙ୍କ ଘର। ସେ ପଶ୍ଚିମବଙ୍ଗର ପଶ୍ଚିମ ୨୪ ପ୍ରଗଣା ଜିଲା



ଆଲାଦି ମିତ୍ର।

ଅଞ୍ଚଳର କୃଷ୍ଣପଦଙ୍କୁ ବିବାହ କରିଥିଲେ। ହେଲେ ୧୯୭୧ ମସିହାରେ ଆଲାଦିଙ୍କୁ ଛାଡ଼ପତ୍ର ଦେଇ କୃଷ୍ଣପଦ ପଶ୍ଚିମବଙ୍ଗରେ ଅନ୍ୟତ୍ର ବିବାହ କରିଥିଲେ। ବାପଘରେ କିଛି ବର୍ଷ ରହିବା ପରେ ୧୯୯୯ ମସିହାଠାରୁ ସେ ଏହି ଜଙ୍ଗଲକୁ ଆପଣେଇ ସେଠାରେ ଥିବା ପରିତ୍ୟକ୍ତ ସରକାରୀ ଗୃହରେ ରହି ଆସୁଛନ୍ତି। ଦୀର୍ଘ ୨୦ବର୍ଷ ଜଙ୍ଗଲରେ କେମିତି କଟିଲା ବୋଲି ପଚାରିଲେ ଆଲାଦି କୁହନ୍ତି, ଜାଣିନି। ଏଇ ଜୀବଜନ୍ତୁ ଆଉ ଗଛଲତାଙ୍କ ଭଲପାଇବା ଯୋଗୁ ୨୦ ବର୍ଷ କ୍ଷଣିକେ କଟିଗଲା ଭଳି ଲାଗୁଛି। ଏଥିସହ ସେ କୁହନ୍ତି, ଘର ପଛପାଖରେ ମା' ବନଦୁର୍ଗା ତାଙ୍କୁ ସବୁ ବିପଦରୁ ରକ୍ଷା କରିଛନ୍ତି। ମା'ଙ୍କ ନିକଟରେ ମକର, ରଜ, ଦଶହରା ଓ ପ୍ରତ୍ୟେକ ସଂକ୍ରାନ୍ତୀରେ ମେଳା ମହୋତ୍ସବ ହୁଏ। ବହୁ ମାନସିକଧାରୀ ମା'ଙ୍କ ପୀଠରେ ଭିଡ଼ ଜମାନ୍ତି। ସନ୍ଧ୍ୟା ହେଲେ ବାଘ୍ହା, ହରିଣ, ମାଙ୍କଡ଼, କୁକୁରା ଆଦି ଜୀବଜନ୍ତୁ ନିକଟରେ ଥିବା ଏକ ପୋଖରୀକୁ ପାଣି ପିଇବାକୁ ଆସନ୍ତି। ଖରାଦିନେ ପୋଖରୀ ଶୁଖି ଯାଉଥିବାରୁ ନଳକୂପରୁ ପାଣି ନେଇ ଘରଠାରୁ କିଛି ଦୂରରେ ଏକ ନନ୍ଦରେ ଜୀବଜନ୍ତୁଙ୍କ ପାଇଁ ପାଣି ରଖେ। ତୃଷାର୍ତ୍ତ ଜୀବମାନେ ଖୁବ୍ ଆନନ୍ଦରେ ପାଣି ପିଉଥିବା ଦୃଶ୍ୟ ବେଶ୍ ମନୋରମ। ଦେଶଦୁନିଆର ଖବର ପାଇଁ ରେଡିଓ ଶୁଣେ। ବାଡ଼ିରେ କିଛି ଫସଲ କଲେ ବନ୍ୟଜନ୍ତୁ ଖାଇଦିଅନ୍ତି। ବାର୍ଦ୍ଧକ୍ୟ ଭତ୍ତା ଓ ୫ କିଗ୍ରା ଚାଉଳରେ ମାସ କାଟିବାକୁ ପଡ଼େ। ବେଳେବେଳେ କେତେକ ସରୀସୃପ ଘର ଆଖପାଖରେ ବୁଲିଥାନ୍ତି।

ସେ ରହୁଥିବା ଘରଟି ଜରାଜୀର୍ଣ୍ଣ ହୋଇପଡ଼ି ଥିବା ବେଳେ ଛାତରୁ ପାଣି ଗଳୁଛି। ହେଲେ ଏ ସବୁକୁ ଖାତିର ନ କରି ଜୀବଜନ୍ତୁଙ୍କ ସେବାରେ ଦିନ କାଟୁଛନ୍ତି ଆଲାଦି। ଏତେବର୍ଷ ଜଙ୍ଗଲରେ ରହିବା ପରେ ଏହି ଜନ୍ତୁମାନେ ମୋର ବନ୍ଧୁ ପାଲଟି ଯାଇଛନ୍ତି ବୋଲି ଆଲାଦି କହିଛନ୍ତି। ହେଲେ ଜଳବାୟୁ ପରିବର୍ତ୍ତନ ହେଉଥିବା ବେଳେ ଆଲାଦି ଜଙ୍ଗଲରେ ରହି ଜୀବଜନ୍ତୁଙ୍କ ସେବା କରିବା ସମାଜ ପାଇଁ ଏକ ମହାନ୍ ବାର୍ତ୍ତା ବୋଲି ପରିବେଶବିତ୍ ସମରେନ୍ଦ୍ର ମାହାଳୀ ଓ ସାମାଜିକ କର୍ମୀ ସୁବାସ ସ୍ୱାଇଁ କହିଛନ୍ତି।

## ଭିତରକନିକା ଜାତୀୟ ଉଦ୍ୟାନ

# ପର୍ଯ୍ୟଟକଙ୍କୁ ପିଟିଲେ ବନ କର୍ମଚାରୀ

**ରାଜନଗର, ୯।୧୨ (ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ବୁଲିବାକୁ ଆସିଥିବା ପର୍ଯ୍ୟଟକଙ୍କୁ ବନ କର୍ମଚାରୀ ମାଡ଼ ମାରିବା ସହ ହାଜତରେ ପୂରାଇ ଦେଇଛନ୍ତି। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏଭଳି ଘଟଣାକୁ ପରିବେଶବିତ୍ ଓ ବୁଦ୍ଧିଜୀବୀମାନେ ନିନ୍ଦା କରିଛନ୍ତି।

ପ୍ରକାଶ ଯେ, ରାଜନଗର ବ୍ଲକ କୁଷାଇଲୋ ଓ ହାତିନା ଗ୍ରାମର ୬ ପୁରୁଷ ଓ ୫ଜଣ ମହିଳା ଭିତରକନିକା ବୁଲିବାକୁ ଯାଇଥିଲେ। ସେମାନେ ଗୁପ୍ତିରୁ ବୋଟ ଯୋଗେ ବାହାରି ଡାଙ୍ଗମାଳରେ ମ୍ୟୁଜିୟମ, କୁମ୍ଭୀର ପ୍ରଜନନ କେନ୍ଦ୍ର ଦେଖିବା ପରେ ମୁଖ୍ୟ ଫାଟକ ବାହାରେ ଥିବା ହୋଟେଲକୁ ଖାଇବାକୁ ଯାଇଥିଲେ। ସେଠାରୁ ଫେରିବା ବେଳକୁ ଫାଟକରେ ଥିବା ବନ କର୍ମଚାରୀ ପରମିଟ କାଟିବାକୁ କହିଥିଲେ। ପର୍ଯ୍ୟଟକମାନେ ଏଣ୍ଟ୍ରି ପରମିଟ୍ ଦେଖାଇଥିଲେ ବି ବନ କର୍ମଚାରୀ ତାଙ୍କଠାରୁ ୧୧ଜଣ ପର୍ଯ୍ୟଟକଙ୍କ ପରମିଟ୍ ବାବଦରେ ୨୭୫ଟଙ୍କା ଓ କନଭେନ୍ସ ଫି ବାବଦକୁ

**ସୋସିଆଲ ମିଡିଆରେ ଭିଡିଓ ଭାଇରାଲ**

୫୦ଟଙ୍କା କାଟିଥିଲେ। ହେଲେ କନଭେନ୍ସ ଫି କ'ଣ ଜାଣିବା ପାଇଁ ପର୍ଯ୍ୟଟକମାନେ କନିକା ରେଞ୍ଜରଙ୍କୁ ପଚାରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପର୍ଯ୍ୟଟକମାନଙ୍କ ମଧ୍ୟରୁ ହାତିନା ଗ୍ରାମର ସରୋଜ ଦାସ ଏହି ସମୟର ଭିଡିଓ କରୁଥିବା ରେଞ୍ଜର ଦେଖିଥିଲେ। ଏହାପରେ ରେଞ୍ଜର ସରୋଜଙ୍କଠାରୁ ମୋବାଇଲ ଛଡ଼ାଇବା ସହ ଅନ୍ୟ ବନ କର୍ମଚାରୀମାନେ ମିଶି ତାଙ୍କୁ ମାଡ଼ ମାରି ହାଜତରେ ପୂରାଇ ଦେଇଥିଲେ। ଏବେ ଏହି ଭିଡିଓ ସୋସିଆଲ ମିଡିଆରେ ଘୂରି ବୁଲୁଛି। ଏ ସମ୍ପର୍କରେ ରାଜନଗର ଡିଏଫଓ ବିକାଶ ରଞ୍ଜନ ଦାଶଙ୍କୁ ପଚାରିବାରେ, ଭିଡିଓରେ ବନ କର୍ମଚାରୀ ପର୍ଯ୍ୟଟକଙ୍କୁ ମାଡ଼ ମାରୁଥିବା ଦେଖାଯାଉଛି। ହେଲେ ପର୍ଯ୍ୟଟକମାନେ ମଦ ପିଇ ହୋଟେଲରେ ଗଣ୍ଡଗୋଳ କରିବା ଓ ଦୀର୍ଘ ସମୟ ଧରି ଯୁକ୍ତି କରିଥିବା ବନ କର୍ମଚାରୀମାନେ ସୂଚନା ଦେଇଛନ୍ତି। ଏ ନେଇ ତଦନ୍ତ କରାଯିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଠିକାଦାର ସଂଘ ବୈଠକ




ବୈଠକରେ ଠିକାଦାର ସଂଘର କର୍ମକର୍ତ୍ତା।

**ମାର୍ଶାଘାଇ, ୯।୧୨ (ଡି.ଏନ୍.ଏ.)**

ମାର୍ଶାଘାଇ ବ୍ଲକ କୁସୁନପୁରସ୍ଥିତ ଆଖଣ୍ଡଳମଣି ମନ୍ଦିର ପରିସରରେ ମାର୍ଶାଘାଇ ଓ ମହାକାଳପଡା ବ୍ଲକ ଠିକାଦାର ସଂଘର ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ନିଖିଳ ଉତ୍କଳ ଠିକାଦାର ମହାସଂଘ ଆହ୍ୱାନକ୍ରମେ ଅନୁଷ୍ଠିତ ବୈଠକରେ ଶତାଧିକ ଠିକାଦାର ଯୋଗଦେଇ ଭବିଷ୍ୟତର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ରଞ୍ଜନ କୁମାର ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଏଣିକି ସମସ୍ତ ଠିକାଦାର ସରକାରୀ ରେଟ୍‌ରେ ଟେଣ୍ଡର ପକାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ଯେଉଁ ଠିକାଦାର ସଂଘ ନିଷ୍ପତ୍ତିକୁ ଅବମାନନା କରିବେ, ସେମାନଙ୍କୁ ସମସ୍ତ କ୍ଷେତ୍ରରେ ବିରୋଧ କରାଯିବ। ଆବଶ୍ୟକ ପଡିଲେ ସେମାନଙ୍କ କାମକୁ ଭିଜିଲାନ୍ସ ତଦନ୍ତ କରାଇବାକୁ ଚାପ ସୃଷ୍ଟି କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ବିକ୍ରମାଦିତ୍ୟ ସାହୁ, ଦୁଷ୍ମନ୍ତ ନାୟକ, ହେମନ୍ତ ସାମଲ, କୁଞ୍ଜବିହାରୀ ଦାସ, ରତ୍ନାକର ସାହୁ, ରମଣୀ ରଞ୍ଜନ ମଲ୍ଲ, ଆଶୁତୋଷ ପାତ୍ର, ମାଧବ ସେଠୀ, ନୃସିଂହ ଚରଣ ମହାପାତ୍ର, ସତ୍ୟପ୍ରକାଶ ଦାସ(ନିଲୁ), ସରୋଜ ସାମଲ, ସନ୍ତୋଷ ନାୟକ, ଜ୍ଞାନରଞ୍ଜନ ଦାସ, ଦେବପ୍ରକାଶ ବେହେରା, ଭାବଗ୍ରାହୀ ବେହେରା ପ୍ରମୁଖ ଯୋଗଦେଇଥିଲେ।

## ପୂର୍ବତନ ମନ୍ତ୍ରୀଙ୍କ ଶୋକସଭା

**ଆଳି, ୯।୧୨ (ଡି.ଏନ୍.ଏ.)**

ଓଡ଼ିଶାର ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଭାଗବତ ମହାନ୍ତିଙ୍କ ବିୟୋଗରେ ଆଳି ନିର୍ବାଚନ ମଣ୍ଡଳୀ କଂଗ୍ରେସ ପକ୍ଷରୁ ଏକ ଶୋକସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ନିଆଳିସ୍ଥିତ ବାସଭବନଠାରେ ଅନୁଷ୍ଠିତ ଶୋକସଭାରେ ପର୍ଶୁରାମ ରାଉତରାୟ ଅଧ୍ୟକ୍ଷତା କରିଥିଲେ। ସଭାରେ ଆଳି-ରାଜକନିକା ବ୍ଲକର ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇ ୨ ମିନିଟ ନୀରବ ପ୍ରାର୍ଥନା କରିବା ସହିତ ସ୍ୱର୍ଗତ ମହାନ୍ତିଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ। ସଭାରେ ବାବୁରାମ ଜେନା, ମଙ୍ଗୁଳି ଚରଣ ବେହେରା, ବସନ୍ତ କୁମାର ରଥ, ଅଜୟ କୁମାର ଦାସ, ମାନଗୋବିନ୍ଦ ଦାସ, ଦର୍ପନାରାୟଣ ସାହୁ, ସର୍ବେଶ୍ୱର ସାମଲ, ଉମେଶ ଚନ୍ଦ୍ର ପରିଡା, ରମେଶ ଜେନା, ପ୍ରମୋଦ ପତି ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷକ ନିଯୁକ୍ତି ଦାବିରେ ଧାରଣା

**ପଟ୍ଟାମୁଣ୍ଡାଇ, ୯।୧୨ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ୧୫ ନଂ. ୱାର୍ଡସ୍ଥିତ ଅଳଭା ୟୁଜିୟୁପି ସ୍କୁଲରେ ଆବଶ୍ୟକ ଶିକ୍ଷକ ଯୋଗାଇ ଦେବା ଦାବିରେ ସୋମବାର ଅଭିଭାବକମାନେ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ଶିକ୍ଷକ ନିଯୁକ୍ତି ପାଇଁ ଦୀର୍ଘ ଦିନ ହେବ ଦାବି ହୋଇ ଆସୁଥିଲେ ବି ଏ ଦିଗରେ ପଦକ୍ଷେପ ନିଆଯାଉ ନ ଥିବାରୁ ପିଲାଙ୍କ ପାଠପଢ଼ା ବ୍ୟାହତ ହୋଇଛି। ଉକ୍ତ ସ୍କୁଲରେ ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୨୦୫ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ହେଲେ ୮ଟି ଶ୍ରେଣୀ ପାଇଁ ମାତ୍ର ଜଣେ ଶିକ୍ଷକ ଓ ୨ଜଣ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତ କରାଯାଇଛି। ଫଳରେ ପିଲାଙ୍କୁ ଜଗିବା ପାଇଁ ଶିକ୍ଷକ ନ ଥିବା ବେଳେ ଶିକ୍ଷାଦାନ କରିବା ଅସମ୍ଭବ ହୋଇପଡିଛି ବୋଲି ଅଭିଭାବକ ଓ ଗ୍ରାମବାସୀ ଦର୍ଶାଇଛନ୍ତି।



ବିଇଓ ଅଫିସ ଆଗରେ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକଙ୍କ ଧାରଣା।

ବିଇଓ ଭ୍ରମରବର ବିଶ୍ୱାଳ ଧାରଣାସ୍ଥଳରେ ପହଞ୍ଚି ଧାରଣାରତ ସ୍କୁଲ ପରିଚାଳନା କମିଟି ସଭାପତି, ସଦସ୍ୟ ଓ ଅଭିଭାବକମାନଙ୍କ ସହିତ ଆଲୋଚନା କରିଥିଲେ। ଏଥିସହ ଆସନ୍ତା ମାସକ ମଧ୍ୟରେ ଜଣେ ଶିକ୍ଷକ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ବି ଧାରଣାକାରୀ ଏହାକୁ ମାନି ନ ଥିଲେ। ତେବେ ଧାରଣାକାରୀ ଦାବି ମୁତାବକ ଆଉ ୩ ଜଣ ଶିକ୍ଷକ ନିଯୁକ୍ତି ପାଇଁ ବିଇଓ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସନ୍ଧ୍ୟାରାଣୀ ଦାଶ, ଅନିତା ଜେନା, କବିତା ପାତ୍ର, ଶର୍ମିଷ୍ଠା ମଲ୍ଲିକ, ସଞ୍ଜୟ ପାତ୍ର, ଖୁଲଣା ପାତ୍ର, ପୀତବାସ ଦାଶ, ପ୍ରଶାନ୍ତ ଜେନା ପ୍ରମୁଖ ଧାରଣାରେ ବସି ରହିଥିଲେ। ଧାରଣାକାରୀଙ୍କୁ ସମର୍ଥନ ଜଣାଇ ପଟ୍ଟାମୁଣ୍ଡାଇ ଭାଜପା ନଗର ସଭାପତି ବିଶ୍ୱରଞ୍ଜନ ପାତ୍ର ପ୍ରମୁଖ ଧାରଣାରେ ବସି ରହିଥିଲେ।

# ବିଜ୍ଞାନମେଳା, ୪୦ ପ୍ରକଳ୍ପ ପ୍ରଦର୍ଶିତ

**ପାଟକୁରା, ୯।୧୨ (ଡି.ଏନ୍.ଏ.)**

ଗରଦପୁର ବ୍ଲକସ୍ତରୀୟ ବିଜ୍ଞାନମେଳା ପାଟକୁରା ସରକାରୀ ହାଇସ୍କୁଲ ପଡ଼ିଆଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଅଜୟ କୁମାର ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ମେଳାରେ ପାଟକୁରା ବିଜେଡି ନେତା ସଞ୍ଜୟ ଅଗ୍ରୱାଲ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ନାରିନେତ୍ରୀ ସୁଜାତା ମିଶ୍ର, ପାଟକୁରା ସରପଞ୍ଚ ସୂର୍ଯ୍ୟମଣୀ ସେଠୀ, ପଦ୍ମପୁର ସରପଞ୍ଚ ସ୍ୱର୍ଣ୍ଣପ୍ରଭା ରାଉତ ସମ୍ମାନିତ ଅତିଥି




ବିଜ୍ଞାନମେଳାରେ ମଞ୍ଚାସିନ ଅତିଥି।

ଭାବେ ଯୋଗଦେଇଥିଲେ। ବିଜ୍ଞାନ ମେଳାର ବ୍ଲକ ସଂଯୋଜକ ମଳୟ କୁମାର ପାଣି ମେଳା ପରିଚାଳନା କରିଥିଲେ। ବିଜ୍ଞାନମେଳାରେ ୪୦ ହାଇସ୍କୁଲ ଓ ୨୦ ପ୍ରାଥମିକ ବିଦ୍ୟାଳୟର ଷ୍ଟଲ୍ ପ୍ରଦର୍ଶିତ ହୋଇଥିଲା। ଜିଲାସ୍ତରୀୟ ବିଜ୍ଞାନମେଳା ପ୍ରତିଯୋଗିତା ପାଇଁ ୬ ଜଣ କୁନି ବୈଜ୍ଞାନିକମାନଙ୍କୁ ଚୟନ କମିଟି ମନୋନୀତ କରିଛନ୍ତି। ସେମାନେ ହେଲେ ଶୁଭାଶିଷ ପରିଡ଼ା, ଦିବ୍ୟାଂଶୁ ପରିଜା, ପ୍ରିୟାଂଶୁ ପାତ୍ର, ଅଙ୍କିତା ସାହୁ, ରାଉଳ ବେହେରା, ଭାଗ୍ୟଶ୍ରୀ ନାୟକ। ଉଦ୍‌ଯାପନୀ ଉତ୍ସବରେ ପାଟକୁରା ହାଇସ୍କୁଲର ପ୍ରଧାନ ଶିକ୍ଷକ ମଳୟ କୁମାର ପାଣିଙ୍କ ସଭାପତିତ୍ୱରେ ବ୍ଲକ ଶିକ୍ଷାଧିକାରୀ ଅଜୟ କୁମାର ସେଠୀ ମୁଖ୍ୟଅତିଥି, ଶିକ୍ଷାବିତ ନିରଞ୍ଜନ ଜେନା ମୁଖ୍ୟବକ୍ତା, ଶିକ୍ଷାଧିକାରୀ ଅଜୟ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ଆଦର୍ଶ ଶିକ୍ଷକଙ୍କ ପରଲୋକ

**ଡେରାବିଶ, ୯।୧୨ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅଧୀନ ଚାନ୍ଦୋଳ ଗ୍ରାମର ଆଦର୍ଶ ନିମାଇଁ ଚରଣ ସ୍ୱାଇଁ (୭୬)ଙ୍କର ରବିବାର ସନ୍ଧ୍ୟାରେ ପରଲୋକ ଘଟିଛି। ସ୍ୱର୍ଗତ ସ୍ୱାଇଁ ୧୯୭୩ ମସିହାରୁ ଡେରାବିଶ ଶିକ୍ଷା ସର୍କଲ ଅନ୍ତର୍ଗତ ମଲ୍ଲୀକେଶ୍ୱର ଉଚ୍ଚବିଦ୍ୟାଳୟରୁ ଶିକ୍ଷକତା ଆରମ୍ଭ କରି ସେହି ବିଦ୍ୟାଳୟରୁ ୨୦୦୩ରେ ଅବସର ନେଇଥିଲେ। ତାଙ୍କ ମୃତ୍ୟୁ ଖବରପାଇ ବହୁ ବିଶିଷ୍ଟବ୍ୟକ୍ତି, ଶିକ୍ଷୟିତ୍ରୀଶିକ୍ଷକ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ପୁଅ ପ୍ରିୟଦର୍ଶନ ମୁଖାଗ୍ନି ଦେଇଥିଲେ।

# ପୂର୍ବତନ ମନ୍ତ୍ରୀ ଭାଗବତଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡ଼ା ଅଫିସ, ୯।୧୨**

ପୂର୍ବତନ ମନ୍ତ୍ରୀ ଭାଗବତ ମହାନ୍ତିଙ୍କର ଶନିବାର ରାତିରେ ପରଲୋକ ହୋଇଛି। ତାଙ୍କ ବିୟୋଗରେ ସହରର ବିଭିନ୍ନ ସ୍ଥାନରେ ସୋମବାର ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ସହରର ପ୍ରେସ୍ କ୍ଲବଠାରେ କେନ୍ଦ୍ରାପଡ଼ା ବାଲିଯାତ୍ରା ମହୋତ୍ସବ କମିଟି ଓ ଆନନ୍ଦଚନ୍ଦ୍ର ଜେନା ସ୍ମୃତି କମିଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି ପ୍ରଦୀପ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ନନ୍ଦକିଶୋର ପରିଡ଼ା, ଅଧ୍ୟାପକ ଅଜୟ କୁମାର ରାଉତ, କମିଟି ସମ୍ପାଦକ ସଞ୍ଜୟ କୁମାର ଜେନା, ଆଶୁତୋଷ ମହାନ୍ତି, ରମଣୀରଞ୍ଜନ ରାଉତରାୟ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କଜଳାସ୍ଥିତ କେନ୍ଦ୍ରାପଡା ଅର୍ବାନ ବ୍ୟାଙ୍କ ପରିସରରେ ଏଥିପାଇଁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ନିର୍ଦ୍ଦେଶକ ଆକବର ଅଲ୍ଲୀ ଅଧକ୍ଷତା କରିଥିଲେ। ଏଥିରେ ପୂର୍ବତନ ସିଇଓ ମନ୍ମଥନାଥ ରାଉତ, ସିଇଓ ସୁଶୀଲ କୁମାର ସାମଲ ଓ ବରିଷ୍ଠ ପଦାଧିକାରୀମାନେ ଯୋଗଦେଇଥିଲେ। ସ୍ୱର୍ଗତ ମହାନ୍ତିଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରି ବ୍ୟାଙ୍କ ସମ୍ମୁଖରେ ସ୍ଥାପନା ପାଇଁ ସଭାରେ ପ୍ରସ୍ତାବ ଆଗତ କରାଯାଇଥିଲା। ସେହିପରି କେନ୍ଦ୍ରାପଡା ଜିଲା ବାର୍ ଆସୋସିଏଶନ ପକ୍ଷରୁ ସଭାପତି ଧ୍ରୁବଚରଣ ଜେନାଙ୍କ ଅଧକ୍ଷତାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଜିଲା ଜଜ୍ ବାସୁଦେବ ପଣ୍ଡା, ସମ୍ପାଦକ ଗଗନବିହାରୀ ଜେନା ଏଡିଜେଏମ୍ ଆରଶ ଦୋରା, ଏସଡିଜେଏମ୍ ଦିଗ୍‌ବିଜୟ ଦାସ ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ।

# ବ୍ଲକସ୍ତରୀୟ ବିଜ୍ଞାନମେଳା




ଉତ୍ସବରେ ବିଧାୟକ ଅତନୁ ସବ୍ୟସାଚୀ ନାୟକ ଉଦ୍‌ବୋଧନ ଦେଉଛନ୍ତି।

**ମହାକାଳପଡ଼ା, ୯।୧୨ (ଡି.ଏନ୍.ଏ.)**

ମହାକାଳପଡ଼ା ବ୍ଲକ ରାମନଗରସ୍ଥିତ ରାମଚଣ୍ଡୀ ବିଜୟାନନ୍ଦ ହାଇସ୍କୁଲ ପରିସରରେ ସୋମବାର ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଞ୍ଚଳ ସମସ୍ତ ସ୍କୁଲର ଛାତ୍ରୀଛାତ୍ର ଭାଗ ନେଇଥିବା ବେଳେ ମେଳାରେ ୧୪୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଅତନୁସବ୍ୟାସାଚୀ ନାୟକ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। କୁନି କୁନି ପିଲାମାନେ ଆଗାମୀ ଦିନରେ ବୈଜ୍ଞାନିକ ହୋଇ ଦେଶର ନାଁକୁ ଆହୁରି ଉଜ୍ଜ୍ୱଳ କରିବାକୁ ମୁଖ୍ୟଅତିଥି ପରାମର୍ଶ ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀ ଅଜୟ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଡ. ନାରାୟଣ ପ୍ରସାଦ ଜେନା, ବିଆର୍‌ସିସି ଅଦ୍ୱୈତ ପ୍ରସାଦ ମଲ୍ଲିକ,ଶିକ୍ଷକ ସଂଘ ନେତା ଅଶୋକ ମହାପାତ୍ର, ମାଧବଚନ୍ଦ୍ର ବାରିକ, ରମେଶଚନ୍ଦ୍ର ସାହାଣୀ, ସରୋଜ କାନ୍ତ ପାଇଟାଳ, ଆଦିକନ୍ଦ ସାହୁ ଓ ମୃତ୍ୟୁଞ୍ଜୟ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

## ମାର୍ଶାଘାଇ ବ୍ଲକରେ ଜନଶୁଣାଣି ଶିବିର

# ୧୪୫ ଅଭିଯୋଗ ଶୁଣିଲେ ଜିଲାପାଳ

**ମାର୍ଶାଘାଇ, ୯।୧୨ (ଡି.ଏନ୍.ଏ.)**

ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସମର୍ଥ ବର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ସମୁଦାୟ ୧୪୫ ଅଭିଯୋଗର ଶୁଣାଣି କରାଯାଇଥିଲା। ସେଥିମଧ୍ୟରୁ ୧୩୪ ବ୍ୟକ୍ତିଗତ ଅଭିଯୋଗ ଥିବା ବେଳେ ୧୧ଟି ସାମୂହିକ ଥିଲା। ଚିକିତ୍ସା ପାଇଁ ଆର୍ଥିକ ସହାୟତା, ରାଶନକାର୍ଡ, ଗୃହ ନିର୍ମାଣ, କାଳିଆ ଯୋଜନା ଓ ପ୍ରଧାନମନ୍ତ୍ରୀ କିଷାନ ଯୋଜନା, ଜମିଜମା ସମସ୍ୟା, ବିଦ୍ୟୁତ ସଂଯୋଗୀକରଣ ଆଦି ବ୍ୟକ୍ତିଗତ ଅଭିଯୋଗ ହୋଇଥିଲା। ଆଠବାଟିଆ ଗ୍ରାମରେ ଖେଳପଡିଆ ପାଇଁ ଜମି ସମସ୍ୟା, କୁରୁଡୁଙ୍ଗା ଗ୍ରାମରେ ଜଳପଥ ଅବରୋଧ, ବାଲିସାହି ଗ୍ରାମରେ ସରକାରୀ ଜମି ଜବରଦଖଲ ଯୋଗୁ ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ ହୋଇ ନ ପାରିବା, ଦଶିପୁର ଗ୍ରାମ୍ୟ ରାସ୍ତା ଅବରୋଧ, କଷୋଟିବାଲି-ନାରାୟଣପୁର ଲୁଣା ନଦୀରେ ଫେରିଘାଟ ଚାଲୁ କରିବା ପାଇଁ ଦାବି ଆଦି ସାମୂହିକ ଥିଲା।

ଜାତୀୟ ରାଜପଥର ବିଭିନ୍ନ ପୋଲ ଉପରେ ଭାରିଯାନ ରହୁଥିବାରୁ ପୋଲଗୁଡିକ ଦୁର୍ବଳ ହୋଇଯାଉଥିବା ନେଇ ସାମାଜିକ କର୍ମୀ ଉଦୟନାଥ ଚୌଧୁରୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୁକୁର କାମୁଡା, ସାପ କାମୁଡ଼ା, ମାଙ୍କଡ଼ କାମୁଡ଼ା ଇଞ୍ଜେକ୍ସନ ମହଜୁଦ ରଖିବାକୁ ଦାବି କରିଥିଲେ। ମହାକାଳପଡ଼ା ବ୍ଲକ ରାଜଗଡ ପଞ୍ଚାୟତ ନଛିପଡ଼ା ଗ୍ରାମର ଅସହାୟ ବିଧବା ମନୋରମା ଦାସଙ୍କ ଜାଗାରେ ସେହି ଗ୍ରାମର ଜଣେ ବ୍ୟକ୍ତି ଜବରଦସ୍ତି ଗୃହ ନିର୍ମାଣ କରୁଥିବା ନେଇ ମନୋରମା ଅଭିଯୋଗ କରିଥିଲେ। ଦୁମୁକା ରାଜସ୍ୱ ଗ୍ରାମରେ ଗୋଚର ଜବରଦଖଲ ଉଚ୍ଛେଦ କରିବାକୁ ତ୍ରୈଲୋକ୍ୟନାଥ ବେଉରା ଦାବି କରିଥିଲେ। ଦୁମୁକା ଗ୍ରାମରେ ଜମିଜମା ବନ୍ଦୋବସ୍ତ କରାଇବାକୁ ଗୌରାଙ୍ଗ ନାୟକ ଦାବି କରିଥିଲେ। ଏହି ଅବସରରେ ଦିବ୍ୟାଙ୍ଗ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିବା ୧୦ଜଣ କୃତୀ ପ୍ରତିଯୋଗୀଙ୍କୁ ଜିଲାପାଳ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ପରିଡା, ସିଡିଏମଓ ଡାକ୍ତର ଉର୍ମିଳା ମିଶ୍ର, ମାର୍ଶାଘାଇ ତହସିଲଦାର ନିରଞ୍ଜନ ସାହୁ, ବିଡିଓ ଦେବେନ୍ଦ୍ରନାଥ ସ୍ୱାଇଁ, ସହକାରୀ ଯନ୍ତ୍ରୀ ପ୍ରଦୀପ୍ତ କୁମାର କାନୁନ୍‌ଗୋ, ଜିଲା ସାମାଜିକ ଅଧିକାରୀ ଉଦୟନାଥ ଜେନା, ଉପଖଣ୍ଡ ଅଧିକାରୀ ପ୍ରତାପ ଚନ୍ଦ୍ର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା କୃଷି ଅଧିକାରୀ ଶରତ କୁମାର ଦାସ, ଜିଲା ଶିକ୍ଷାଧିକାରିଣୀ କଳ୍ପନା ବେହେରା, ଜଳସମ୍ପଦ କନିଷ୍ଠ ଯନ୍ତ୍ରୀ କୃପାସିନ୍ଧୁ ପ୍ରଧାନ, ଜଳପରିମଳ ଯନ୍ତ୍ରୀ ରତ୍ନାକର ଲେଙ୍କାଙ୍କ ସମେତ ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ।

## ସଂକ୍ଷେପରେ

### ବନ୍ଧିଲୋ ମଠରେ ବ୍ୟଞ୍ଜନ ଦ୍ୱାଦଶୀ ଉତ୍ସବ



ବିରିଡି,୯।୧୨(ଡି.ଏନ.ଏ.): ବିରିଡ଼ି ବ୍ଲକ ଅଧୀନ ବାଇଶିମୌଜା ବାସନ୍ଦରା ଗ୍ରାମପଞ୍ଚାୟତର ଦେବୀ ନଦୀ କୂଳରେ ଥିବା ବନ୍ଧିଲୋ ମଠରେ ସୋମବାର ବ୍ୟଞ୍ଜନ ଦ୍ୱାଦଶୀ ଉତ୍ସବ ପାଳିତ ହୋଇଯାଇଛି। ୩୦୦ ବର୍ଷର ଏହି ମଠରେ ଶ୍ରୀଗୋପାଳ ପୂଜା ପାଉଛନ୍ତି। ଚୈତନ୍ୟ ମହାପ୍ରଭୁଙ୍କ ଓଡ଼ିଶା ଆଗମନପରେ ବିଭିନ୍ନ ମଠମାନଙ୍କରେ ଗୌଡ଼ିୟ ବୈଷ୍ଣବ ସମ୍ପ୍ରଦାୟର ମହନ୍ତ ଓ ସନ୍ନ୍ୟାସୀମାନେ ଏହି କାର୍ଯ୍ୟକ୍ରମ କରିଆସୁଛନ୍ତି। କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରୁ ସଙ୍କୀର୍ତ୍ତନ ମଣ୍ଡଳୀମାନେ ଯୋଗଦେଇ ନାମ ସଙ୍କୀର୍ତ୍ତନ କରିଥିଲେ। ୫ଶହରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇ ନାମ ସଂକୀର୍ତ୍ତନ ଶ୍ରବଣ କରିବା ସହିତ ମଠର ଆରାଧ୍ୟ ଦେବତା ଶ୍ରୀଗୋପାଳଙ୍କ ସମ୍ବନ୍ଧରେ ପ୍ରବଚନ ଶୁଣିଥିଲେ। ଏହି ଅବସରରେ ଶ୍ରୀଗୋପାଳଙ୍କ ପାଖରେ ଚଉଷଠି ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନ ଲାଗି କରାଯାଇଥିଲା। ୪୫ ବର୍ଷ ହେବ ଏହି ଆଧାତ୍ମିକ କାର୍ଯ୍ୟକ୍ରମ ମଠରେ ପାଳିତ ହୋଇ ଆସୁଛି ବୋଲି ମଠାଧିଶ ମହନ୍ତ ଡ. ଶ୍ରୀଚରଣ ଦାସ ପ୍ରକାଶ କରିଥିଲେ। ଗୁରୁଭାଇ ବାଙ୍କବିହାରୀ ଦାସ, ନରେଶ ମହାପାତ୍ର, ଶ୍ରୀଧର ବେହେରା ଓ ପବିତ୍ର ବେହେରା ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିଲେ।

### ଓଭରଲୋଡିଂ ଟ୍ରକ୍‌କୁ ୧୦ହଜାର ଟଙ୍କା ଜରିମାନା

ରଘୁନାଥପୁର,୯।୧୨(ଡି.ଏନ୍.ଏ.): ଓଭରଲୋଡିଂ ବାଲି ନେଇ ଯାଉଥିବା ଏକ ହାଇୱା(ଓଡି ୨୧ଇ ୪୯୯୪) ଗାଡିକୁ ରଘୁନାଥପୁର ତହସିଲଦାର ରୁପାଲିକା ଦାଶ ୧୦ହଜାର ଟଙ୍କା ଜରିମାନା କରିଛନ୍ତି। ଗାଡିର ସମସ୍ତ କାଗଜପତ୍ର ଥିବା ବେଳେ ଆବଶ୍ୟକତାଠାରୁ ଅଧିକ ପରିବହନ କରୁଥିବାରୁ ଜରିମାନା କରାଯାଇଛି ବୋଲି ଦାଶ କହିଛନ୍ତି। ଅନ୍ୟପକ୍ଷରେ ଗ୍ରାମ୍ୟ ରାସ୍ତାରେ ଟ୍ରକ ଦ୍ୱାରା ଓଭରଲୋଡିଂ ମାଲ ପରିବହନ କରାଯିବା ନିୟମ ନାହିଁ। ଏଭି ବେନିୟମ ଚାଳନା କରୁଥିବା ଟ୍ରକଗୁଡ଼ିକ ପ୍ରତି କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି।

# ଆଦାୟ ହେଲାନି ବକେୟା ୪୦ ଲକ୍ଷ ଟଙ୍କା

**ଜଗତ୍‌ସିଂହପୁର ଅଫିସ,୯।୧୨**

ମା'ଶାରଳା ମନ୍ଦିରରେ ନାନା ଅବ୍ୟବସ୍ଥା ଲାଗି ରହିଥିବାବେଳେ ଏବେ ଖର୍ଚ୍ଚକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏଭଳି ସନ୍ଦେହ କରିଛନ୍ତି, ଜିଲାପାଳ ତଥା ମନ୍ଦିର ମଧ୍ୟବର୍ତ୍ତୀକାଳିନ ଟ୍ରଷ୍ଟି ସଂଗ୍ରାମ କେଶରୀ ମହାପାତ୍ର। ଜିଲାପାଳ ତାଙ୍କ ପ୍ରତିକ୍ରିୟାରେ ମନ୍ଦିର ଖର୍ଚ୍ଚ ଓ କାର୍ଯ୍ୟ ସମ୍ପାଦନକୁ ନେଇ ସନ୍ତୁଷ୍ଟ ନ ଥିବା ସ୍ପଷ୍ଟ କରିଛନ୍ତି। ଏପରି କି କେତେକ ପ୍ରସଙ୍ଗରେ ସେ ଆପତ୍ତି ଉଠାଇଛନ୍ତି। ଅନ୍ୟପଟେ ଭୋଗ ଓ ଦୀପ ଦୋକାନୀଙ୍କ ଉପରେ ପାଖାପାଖି ୪୦ ଲକ୍ଷ ଟଙ୍କା ବକେୟା ରହିଥିଲେ ସୁଦ୍ଧା ତାହା ଆଦାୟ ହେଉନି। ସେମାନେ ଚଳିତ ବର୍ଷର ଶେଷ କିସ୍ତି ଟଙ୍କା ଏହିମାସ ସୁଦ୍ଧା ଦାଖଲ କରିବା କଥା। କିନ୍ତୁ ଏହି ଟଙ୍କା ଆଦାୟ ହେବା ନେଇ ସନ୍ଦେହ ପ୍ରକାଶ ପାଇଛି। ଦୋକାନୀଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ ପାଇଁ ଉଦ୍ୟମ ହେଉଥିବା ଅଭିଯୋଗ ହେଉଛି। ଏହା ଉପରେ ଜିଲାପାଳ କହିଛନ୍ତି, ଓଏଚ୍‌ଆର୍‌ଇ (ଓଡିଶା ହିନ୍ଦୁ ରିଲିଜିୟସ୍ ଏଣ୍ଡାଓମେଣ୍ଟ) ଆଇନ ଅନୁଯାୟୀ ବକେୟା ଅର୍ଥ ଆଦାୟ କରାଯିବ। ଯନ୍ତ୍ରାଂଶ କିଣା ବାବଦରେ ଭୋଗ ଦୋକାନୀ ଲକ୍ଷାଧିକ ଟଙ୍କା ଛାଡ ପାଇଁ କରିଥିବା ଅନୁରୋଧ ସମ୍ପର୍କିତ କୌଣସି ଫାଇଲ ତାଙ୍କ ପାଖକୁ ଆସି ନ ଥିବା ସେ କହିଛନ୍ତି। ସୋମବାରଠାରୁ ମନ୍ଦିର ଆୟ, ବ୍ୟୟ ଉପରେ ଏଜି ଅଡିଟ୍ ଆରମ୍ଭ ହୋଇଛି। ମନ୍ଦିର ଅନିୟମିତତା ନେଇ ଅଡିଟ୍‌ରେ ଅନେକ କିଛି ଧରାପଡିବା ଆଶା କରାଯାଉଥିବା ବେଳେ ପ୍ରକୃତରେ କ'ଣ ହେଉଛି ତାହା ଜାଣିବାକୁ ଏବେ ଅପେକ୍ଷା।

କିଛି ଦିନ ପୂର୍ବରୁ ଶୁଣାଯାଉଥିଲା, ମନ୍ଦିର ମାସିକିଆ ଖର୍ଚ୍ଚ ଉପରେ ଜିଲାପାଳ ସନ୍ଦେହ କରିଥିଲେ। ତେଣୁ ତାଙ୍କ ପାଖକୁ ଦସ୍ତଖତ ପାଇଁ ଯାଇଥିବା ଚେକ୍‌ରେ ପ୍ରଥମେ ଦସ୍ତଖତ କରି ନ ଥିଲେ। ଗତମାସ ୧୮ ତାରିଖ ନୂଆଁଖିଆ ପର୍ବରେ ପାଖାପାଖି ୨ ହଜାର ଲୋକଙ୍କ ପାଇଁ ପ୍ରସ୍ତୁତ ପ୍ରସାଦ ନଷ୍ଟ କରା ଯାଇଥିଲା। ଏହି ପ୍ରସଙ୍ଗ ସହ ଅନ୍ୟ ବିଶୃଙ୍ଖଳାକୁ ନେଇ ଜିଲାପାଳ ଅସନ୍ତୁଷ୍ଟ ଥିବା କହିଛନ୍ତି। କିଛି ଦିନ ପୂର୍ବରୁ ଭୋଗ ଓ ଦୀପ ଦୋକାନୀଙ୍କୁ ମନ୍ଦିର ପ୍ରଶାସନ ତରଫରୁ କେତେକ ଯନ୍ତ୍ରାଂଶ ଦିଆଯାଇଥିଲା। ଏହାବାଦ୍

> **ମା' ଶାରଳା ମନ୍ଦିର**
> - ଚଳିତ ମାସରେ ଶେଷ କିସ୍ତି ଆଦାୟ ନେଇ ସନ୍ଦେହ
> - ଫେବୃୟାରୀରେ ନୂଆ ଟେଣ୍ଡର
> - ମନ୍ଦିର ଖର୍ଚ୍ଚକୁ ନେଇ ସନ୍ଦେହ ପ୍ରକଟ କଲେ ଜିଲାପାଳ

ଦୋକାନୀ ପାଖାପାଖି ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ କିଣିଥିବା ଦର୍ଶାଇ ଏହି ଅର୍ଥ ଛାଡ ପାଇଁ ଆବେଦନ କରିଥିବା ଆଲୋଚନା ଚାଲିଛି। କିନ୍ତୁ ଏ ସମ୍ପର୍କରେ କୌଣସି ଆବେଦନ କରାଯାଇ ନ ଥିବା ମନ୍ଦିର ନିର୍ବାହୀ ଅଧିକାରୀ ସଂଗ୍ରାମ କେଶରୀ ଧଳ ସୂଚନା ଦେଇଛନ୍ତି।

ଭୋଗ ଓ ଦୀପ ଦୋକାନୀ ଡିସେମ୍ବର ସୁଦ୍ଧା ଶେଷ କିସ୍ତି ଟଙ୍କା ଦାଖଲ କରିବା ପାଇଁ ନିର୍ଦ୍ଦେଶ ରହିଛି। କୁହାଯାଉଛି ଦେବୋତ୍ତର ବିଭାଗର ବରିଷ୍ଠ ଅଧିକାରୀ ଓ ଭୋଗ ଏବଂ ଦୀପ ଦୋକାନୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ରହିଛି। ଏହା ହୋଇ ନ ଥିଲେ ବିଭାଗ କେଉଁ ମହତ ଲକ୍ଷ୍ୟ ରଖି ବକେୟା ଆଦାୟ ନ କରି ଦୋକାନୀଙ୍କୁ ମାସ ପରେ ମାସ ସମୟ ଦେଇ ଚାଲିଥାନ୍ତା ବୋଲି ଅନେକ ପ୍ରଶ୍ନ କରିଛନ୍ତି। କିଛି ମାସ ପୂର୍ବରୁ ବାତ୍ୟା ଫନୀରେ କ୍ଷତି ହୋଇଥିବା ଆଳ ନେଇ ଭୋଗ ଓ ଦୀପ ଦୋକାନୀ ରାଜସ୍ୱ ଛାଡ ପାଇଁ ଦେବୋତ୍ତର କମିଶନରଙ୍କ ନିକଟରେ ଆବେଦନ କରିଥିଲେ। କମିଶନର ଆବେଦନକୁ ଗ୍ରହଣ କରି ପାଖାପାଖି ୧୦ ଲକ୍ଷ ଟଙ୍କା ଛାଡ ନିଷ୍ପତ୍ତି ନେଇଥିବା କଥା ପଦାକୁ ଆସିଥିଲା। ଏହି କଥାକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ସେତେବେଳେ ମନ୍ଦିର ପରିସରରେ ଶତାଧିକ ସେବକ, ଭକ୍ତ, ବୁଦ୍ଧିଜୀବୀ ଓ ସାଧାରଣ ଜନତା ଏକତ୍ରିତ ହୋଇ ଦେବୋତ୍ତର କମିଶନରଙ୍କ ନିଷ୍ପତ୍ତିକୁ ତୀବ୍ର ବିରୋଧ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହସ୍ତକ୍ଷେପ ଲୋଡିଥିଲେ। ଏଥିରେ ଉଲ୍ଲେଖ ଥିଲା ନିଷ୍ପତ୍ତି ବଦଳାଯାଉ। ତାହା ନ ହେଲେ ସେମାନେ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇବେ। ଏହାର ନକଲ ଆଇନ ମନ୍ତ୍ରୀ, ଆଇନ ସଚିବ, ମୁଖ୍ୟ ସଚିବ, ଦେବୋତ୍ତର କମିଶନର, ସହକାରୀ ଦେବୋତ୍ତର କମିଶନର, ଜଗତ୍‌ସିଂହପୁର ଜିଲାପାଳ ଓ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରଦାନ କରିଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଜିଲାପାଳ ମନ୍ଦିର ପରିଚାଳନା ଟ୍ରଷ୍ଟର ମଧ୍ୟବର୍ତ୍ତିକାଳୀନ ଟ୍ରଷ୍ଟି ଥାଇ ମଧ୍ୟ ତାଙ୍କୁ ପଚରା ନ ଯାଇ ଏଭଳି ନିଷ୍ପତ୍ତି ହୋଇଥିଲା। ଭୋଗ ଦୋକାନୀ କିସ୍ତି ଟଙ୍କା ଜମା କରୁ ନ ଥିବାରୁ ଜିଲାପାଳ ଅସନ୍ତୁଷ୍ଟ ଥିଲେ। ଏ ସମ୍ପର୍କରେ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଲା ପରେ ଦେବୋତ୍ତର କମିଶନର ନିଷ୍ପତ୍ତି ଉପରେ ପୁନର୍ବିଚାର କରାଯିବ ବୋଲି ସୂଚନା ଦେଇଥିଲେ। ହେଲେ ୨୦୨୦ ଫେବୃୟାରୀରେ ନୂଆ ଟେଣ୍ଡର ହେବାର ଥିବାବେଳେ ଭୋଗ ଦୋକାନୀଙ୍କ ପ୍ରତି ଅନୁକମ୍ପା ଆଗକୁ ଯେଉଁମାନେ ଟେଣ୍ଡର ପାଇବେ ସେମାନଙ୍କୁ ଅନୁରୂପ ପନ୍ଥା ଆପଣାଇବା ପାଇଁ ସୁଯୋଗ ସୃଷ୍ଟି କରିବ ବୋଲି ଅଭିଯୋଗ ହେଉଛି।

### ଗଛରେ ପିଟିହେଲା ପିକ୍‌ଅପ୍ ଭ୍ୟାନ୍, ଜଣେ ଗୁରୁତର

**ବାଲିକୁଦା,୯।୧୨(ସ୍ୱ.ପ୍ର.)**

ଏକ ପଇଡ଼ ବୋଝେଇ ପିକଅପ୍ ଭ୍ୟାନ୍ ସୋମବାର ଭାରସାମ୍ୟ ହରାଇ ଗଛରେ ପିଟି ହୋଇଛି। ଏଥିରେ ଜଣେ ଗୁରୁତର ହୋଇଥିବାବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ଗୁରୁତର ହେଲେ ଭ୍ୟାନ୍‌ରେ ବସିଥିବା ଜଗତ୍‌ସିଂହପୁର ଥାନା ଚାରିପୋଲିଆ ଗାଁର ମିରନ ଭୋଇ(୪୨)। ଆହତ ଜଣଙ୍କ ହେଲେ ଭ୍ୟାନ୍ ଚାଳକ ଏରସମା ଥାନା ଲଛମାକଣ ଗାଁର ବିକ୍ରମ ସାମଲ(୩୬)। ଉଭୟଙ୍କୁ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମିରନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ବିକ୍ରମ ନିଜ ପିକଅପ୍ ଭ୍ୟାନରେ ପଇଡ ବୋଝେଇ କରି ଜଗତ୍‌ସିଂହପୁର ଆଡେ ଯାଉଥିଲେ। ଏହି ସମୟରେ କଣିଆ ଛକଠାରେ ବିପରୀତ ଦିଗରୁ ଏକ ବାଇକ ଭ୍ୟାନ ଆଗକୁ ମାଡି ଆସିଥିଲା। ବାଇକ ଆରୋହୀଙ୍କୁ ବଞ୍ଚାଇବାକୁ ଯାଇ ବିକ୍ରମ ଭ୍ୟାନକୁ ରାସ୍ତାର ବାମ ପାର୍ଶ୍ୱକୁ ନେଇଯାଇଥିଲେ। ଫଳରେ ରାସ୍ତା ପାର୍ଶ୍ୱରେ ଥିବା ଏକ ଚାକୁଣ୍ଡା ଗଛରେ ଭ୍ୟାନ ପିଟି ହୋଇଯାଇଥିଲା। ଖବରପାଇ ବାଲିକୁଦା ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

## ମତ୍ସ୍ୟ ଉତ୍ପାଦନ, ଗୁଣବତ୍ତା ସମ୍ପର୍କରେ ତାଲିମ

**ପାରାଦୀପ,୯।୧୨(ସ୍ୱ.ପ୍ର.)**

ନେହେରୁ ବଙ୍ଗଳାସ୍ଥ ମାଛଧରା ବନ୍ଦର ପରିସରରେ ସୋମବାର ମତ୍ସ୍ୟଜୀବୀଙ୍କ ପାଇଁ ଦିନିକିଆ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଏମ୍‌ପିଇଡିଏ (ମେରାଇନ ପ୍ରଡକ୍ଟ ଏକ୍ସପୋର୍ଟ ଡେଭଲେପମେଣ୍ଟ ଅଥରିଟି) ନେଟଫିସ୍ ଓ ମତ୍ସ୍ୟବିଭାଗ ପକ୍ଷରୁ ଆୟୋଜିତ ଶିବିରରେ ମତ୍ସ୍ୟଜୀବୀଙ୍କୁ ମତ୍ସ୍ୟ ଉତ୍ପାଦନ, ସଂରକ୍ଷଣ, ମାନ ଓ ଗୁଣବତ୍ତା ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଶିବିରକୁ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପିଇଡିଏର ସହକାରୀ ନିର୍ଦ୍ଦେଶକ ରତ୍ନାକର ନାୟକ, ଉପନିର୍ଦ୍ଦେଶକ ୟୁ.ସି. ମହାପାତ୍ର, ଜିଲା ମତ୍ସ୍ୟ ଅଧିକାରୀ ସୁବ୍ରତ ଦାଶ, ଓମ୍ଫା ସଭାପତି ସୁମନ୍ତ ବିଶ୍ୱାଳ, ଜିଲା ମତ୍ସ୍ୟ ଅଧିକାରୀ (ସାମୁଦ୍ରିକ) ମାନସ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ପ୍ରଶିକ୍ଷଣ ଶିବିରରେ ଅତିଥି ଜଣେ ମତ୍ସ୍ୟଚାଷୀଙ୍କୁ ପ୍ରମାଣପତ୍ର ଦେଉଛନ୍ତି।

ଅଧ୍ୟକ୍ଷ ରାୟ କହିଥିଲେ, କେନ୍ଦ୍ର ସରକାରଙ୍କ ସାଗରମାଳା ପ୍ରକଳ୍ପରେ ୪ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆଯାଇଛି। ସେଗୁଡିକ ହେଲା ବନ୍ଦରଗୁଡିକର ବୈଷୟିକ ସମ୍ପ୍ରସାରଣ, ରେଳପଥ ଓ ରାଜପଥର ସଂଯୋଗୀକରଣ, ବନ୍ଦର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଶିଳ୍ପାୟନ ଓ ଗୋଷ୍ଠୀ ବିକାଶ (କମୁନିଟି ଡେଭଲେପମେଣ୍ଟ)। ଏହି ଗୋଷ୍ଠୀ ମଧ୍ୟରେ ପାରାଦୀପର ୫୦ ହଜାର ମତ୍ସ୍ୟଜୀବୀ ଅଛନ୍ତି। ସେମାନଙ୍କ ପାଇଁ ପାରାଦୀପ ବନ୍ଦର ସମସ୍ତ ପ୍ରକାର ସହାୟତା ଯୋଗାଇଦେବ। ଗତ ୫ ବର୍ଷରେ ଅଠରବାଙ୍କିରୁ ମାଛଧରା ବନ୍ଦର ପର୍ଯ୍ୟନ୍ତ ରାସ୍ତାକ କଂକ୍ରିଟ୍ କରିବା ସହ ଆଲୋକୀକରଣ କରିଛି। ଏବେ ମହାନଦୀ ମୁହାଣ ଖୋଲାଯିବ। ଏହାକୁ ଏକ କର୍ତ୍ତବ୍ୟ ବୋଲି ସେ କହିଥିଲେ। ଶିବିରକୁ ନେଟ୍‌ଫିସର ସଂଯୋଜକ ଗୟାଧର ଜେନା, ମତ୍ସ୍ୟ ଅଧିକାରୀ ମଧୁମୟ ସାମଲ ପ୍ରମୁଖ ସଂଚାଳନ କରିଥିଲେ।

### ସ୍ୱାସ୍ଥ୍ୟ ସଚେତନତା ଶିବିର

**ଏରସମା,୯।୧୨(ସ୍ୱ.ପ୍ର.)**

ଏରସମା ବ୍ଲକ କୋଠି ଗ୍ରାମସ୍ଥିତ ସାଇ ହେଲ୍‌ଥ ପଏଣ୍ଟ ପକ୍ଷରୁ ସୋମବାର ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏରସମା ଅତିରିକ୍ତ ତହସିଲଦାର ଅଶ୍ୱିନୀ ଭୂୟାଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଉତ୍ତମ ସ୍ୱାସ୍ଥ୍ୟ ଓ ସକ୍ରିୟ ଜୀବନଶୈଳୀ ହିଁ ସାମାଜିକ ଜୀବନକୁ ସରସ ସୁନ୍ଦର କରିଥାଏ। ଆୟୋଜକ ଶିବାନୀ ପାଣି ପ୍ରାରମ୍ଭିକ ସୂଚନା ଦେବା ପରେ ସଭା ଆରମ୍ଭ ହୋଇଥିଲା। ୟୁବିଆଇ ଏରସମା ଶାଖା ପରିଚାଳକ ଜେକେ ମିଶ୍ର, ସ୍ଥାନୀୟ ସରପଞ୍ଚ ଖୁଲଣା ସୁନ୍ଦରୀ ସ୍ୱାଇଁ, ପ୍ରଶିକ୍ଷକ ମନୋଜ କୁମାର ସ୍ୱାଇଁ, ପୂର୍ବତନ ସରପଞ୍ଚ ବଲ୍ଲବାନନ୍ଦ ସ୍ୱାଇଁ, ନରେନ୍ଦ୍ର କୁମାର ଦାଶ, ଜ୍ଞାନରଞ୍ଜନ ଦାଶ ପ୍ରମୁଖ ଯୋଗଦେଇ ସୁସ୍ଥ ଜୀବନ ପାଇଁ ପୁଷ୍ଟିକର ଖାଦ୍ୟ ଏବଂ ଓଜନ କମାଇବାର ଆବଶ୍ୟକତା ଶୀର୍ଷକ ବିଷୟ ଉପରେ ବକ୍ତବ୍ୟ ରଖିଥିଲେ।



୩ ଦିନ ହେଲା କଲରାପତରିଆ ବାଘକୁ ନେଇ ପାରାଦୀପରେ ଚର୍ଚ୍ଚା ଚାଲିଥିଲା। ସୋମବାର ଏହି ଚର୍ଚ୍ଚାରେ ଉଚ୍ଛାପଡିଛି। କୌଣସି ଦୁର୍ବୃତ୍ତ ବାଘ ବୋଲି କୁହାଯାଉଥିବା ଏହି ପ୍ରାଣୀକୁ ମାରିଦେଇଛନ୍ତି। ମୃତ ପ୍ରାଣୀକୁ ମାଛରଙ୍କା ବିରାଡି(ଫିଶିଂ କ୍ୟାଟ)ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

## ଗୀତା ମହାଯଜ୍ଞ ଉଦ୍‌ଘାଟିତ

**ବାଲିକୁଦା,୯।୧୨(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ଅଳାଭର ପଞ୍ଚାୟତ ରଣପୁରସ୍ଥିତ ମା'ଜାଗ୍ରତଗୌରୀଙ୍କ ପୀଠରେ ଷଡବିଂଶତମ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଉଦ୍‌ଘାଟିତ ହୋଇଯାଇଛି। ଆଞ୍ଚଳିକ ଜାଗ୍ରତଗୌରୀ ଗୀତା ପ୍ରଚାର ସମିତି ପକ୍ଷରୁ ଅନୁଷ୍ଠିତ ଏହି ଉତ୍ସବ ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ସମିତି ସଭାପତି ଚକ୍ରଧର ଷଡଙ୍ଗୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଚିନ୍ତାମଣି ପର୍ବତ ଗୋସ୍ୱାମୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ପ୍ରଫେସର ଡା. ଜ୍ୟୋତିରଞ୍ଜନ ଦାସ, ସମ୍ମାନିତ ଅତିଥି ବାବାଜୀ ଦିବାକର ଦାସ ଯୋଗଦେଇ ସମାଜରେ ଧର୍ମୀୟ ଭାବ ଧାରା ବଞ୍ଚି ରହିବା ଦରକାର ବୋଲି କହିଥିଲେ। ପ୍ରଥମେ ସମିତି ସଦସ୍ୟା ଅନିତା ଦାଶଙ୍କ ବିୟୋଗରେ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ପଣ୍ଡିତ ବିଭୂତିଭୂଷଣ ଶତପଥୀଙ୍କ ଦ୍ୱାରା ବେଦପାଠ କରାଯାଇଥିଲା। ଅଧ୍ୟାପକ ପ୍ରଶାନ୍ତ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ବିଚ୍ ଭଲିବଲ ଟୁର୍ନାମେଣ୍ଟ: ଭୁବନେଶ୍ୱର ଚାମ୍ପିୟନ

**ପାରାଦୀପ,୯।୧୨(ସ୍ୱ.ପ୍ର.)**

ସ୍ଥାନୀୟ ବିଜୁ ମଇଦାନ ସମୁଦ୍ର ବେଳାଭୂମିରେ ରବିବାରଠାରୁ ଚାଲିଥିବା ୨ ଦିନିଆ ରାଜ୍ୟ ବିଦ୍ୟାଳୟ ସମୂହ ବିଚ ଭଲିବଲ୍ ପ୍ରତିଯୋଗିତା ସୋମବାର ଶେଷ ହୋଇଛି। ବାଳିକା ବିଭାଗରେ ୩ ଓ ବାଳକ ବିଭାଗରେ ୫ ଟିମ୍ ସାମିଲ ହୋଇଥିଲେ। ବାଳିକାରେ ଭୁବନେଶ୍ୱର ଚାମ୍ପିୟନ ହୋଇଥିବା ବେଳେ ଜଗତ୍‌ସିଂହପୁର ରନର୍ସଅପ୍ ହୋଇଛି।



ଟୁର୍ନାମେଣ୍ଟ ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି।

ବାଳକରେ ଭୁବନେଶ୍ୱର ଚାମ୍ପିୟନ ହୋଇଥିବା ବେଳେ ବାଲେଶ୍ୱର ରନର୍ସ ଅପ୍ ହୋଇଛି। ବାଳିକା ବିଭାଗର ଶ୍ରେଷ୍ଠ ୨ ଖେଳାଳି ହେଲେ ଭୁବନେଶ୍ୱରର ଲାସ୍ୟମୟୀ ମହାନ୍ତି ଓ ସ୍ମିତିପଜ୍ଞା ଜେନା। ରନର୍ସଅପ୍‌ର ୨ ଖେଳାଳି ହେଲେ ପାୟଲ କାଣ୍ଡି ଓ ରୋଜାଲିନ ଆଣ୍ଡିଆ। ସେହିପରି ବାଳକରେ ସୀମା ଶିଶା ଓ ନବୀନ କଣ୍ଡୁଲିନ୍ ଚାମ୍ପିୟନ ହୋଇଥିବାବେଳେ ରନର୍ସ ଅପ୍‌ରେ ପ୍ରଶାନ୍ତ ମେଧାପତ ଓ ଅରୁଣ ସେଠୀ ଶ୍ରେଷ୍ଠ ଥିଲେ। ଉଦ୍‌ଘାଟନୀ ସମାରୋହରେ ପୌରଉପାଧ୍ୟକ୍ଷା ପ୍ରଭାତୀ ନାୟକ ଓ ଉଦ୍‌ଯାପନୀ ସମାରୋହରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ଜିଲା ଶିକ୍ଷାଧିକାରୀ ପ୍ରତିଭା ମଞ୍ଜରୀ ଦାସ, ମନୋଜ ରଞ୍ଜନ ସେଠୀ ଓ ଶ୍ରୀଚରଣ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ଫାଇନାନ୍ସ କର୍ମଚାରୀଙ୍କ ନିର୍ଯାତନା ଯୋଗୁ ମୃତ୍ୟୁ ଅଭିଯୋଗ

**ଜଗତ୍‌ସିଂହପୁର ଅଫିସ,୯।୧୨**

ଫାଇନାନ୍ସ କର୍ମଚାରୀଙ୍କ ନିର୍ଯାତନା ଯୋଗୁ ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଅଲଣାହାଟ କାଂଶ ଗ୍ରାମର ସୂର୍ଯ୍ୟକାନ୍ତ ଖୁଣ୍ଟିଆ ନାମକ ବ୍ୟକ୍ତିଙ୍କ ରବିବାର ରାତିରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସୂର୍ଯ୍ୟକାନ୍ତଙ୍କ ବଡ ଭାଇ ସନ୍ତୋଷଙ୍କ ଅଭିଯୋଗକ୍ରମେ ପୋଲିସ ଦଫା ୩୦୬/୩୪ ଆଇପିସିରେ ମାମଲା ସଂଖ୍ୟା ୪୪୪/୧୯ ରୁଜୁ କରି ତଦନ୍ତ ଚଳାଇଛି। ସନ୍ତୋଷ ଅଭିଯୋଗରେ ଦର୍ଶାଇଛନ୍ତି, ରବିବାର ରାତି ପ୍ରାୟ ୧ଟାରେ ତାଙ୍କ ଭାଇ ସୂର୍ଯ୍ୟକାନ୍ତ ଶୋଇଥିବା ବେଳେ ବାଡେଇ ପିଟି ହୋଇଥିଲେ। ପାଟିରୁ ଫେଣ ବାହାରିବା ଦେଖି ସେମାନେ ସଙ୍ଗେସଙ୍ଗେ ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂର୍ଯ୍ୟକାନ୍ତଙ୍କ ମୃତ୍ୟୁ ପଛରେ ଏକ ଫାଇନାନ୍ସ କମ୍ପାନୀ ଓ ଏହାର ଜଣେ ଏଜେଣ୍ଟଙ୍କ ହାତ ରହିଛି। ସୂର୍ଯ୍ୟକାନ୍ତ ଏହି ଫାଇନାନ୍ସ ସଂସ୍ଥା ସହାୟତାରେ ଏକ ଟ୍ରାକ୍ଟର କିଣିଥିଲେ। ପ୍ରତି ମାସ କିସ୍ତି ଟଙ୍କା ଦେଉଥିଲେ। କିନ୍ତୁ ଅସୁବିଧା କାରଣରୁ ୨/୩ ମାସ ହେବ କିସ୍ତି ଟଙ୍କା ଦେବାରେ ବାଧା ଉପୁଜିଥିଲା। ଗତ ୨୮।୧୧।୧୯ରେ ଫାଇନାନ୍ସ କମ୍ପାନୀର ୫/୬ ଜଣ କର୍ମଚାରୀ ଓ ଏଜେଣ୍ଟ ତାଙ୍କ ଘରେ ପହଞ୍ଚି ଧମକ ଦେଇ ଗାଡି ନେବାକୁ ଚେଷ୍ଟା କରିଥିଲେ। ସେ ଯେତେ ନେହୁରା ହେଲେ ମଧ୍ୟ କର୍ମଚାରୀମାନେ କିଛି ନ ଶୁଣି ଟ୍ରାକ୍ଟର ନେଇଯାଇଥିଲେ। ତାର ୨/୩ ଦିନ ପରେ ସୂର୍ଯ୍ୟକାନ୍ତଙ୍କୁ ତାଙ୍କ ଅଫିସକୁ ଡାକି ଧମକଚମକ ଦେଇଥିଲେ। ତାଙ୍କ ଅନୁରୋଧ ମଧ୍ୟ ରକ୍ଷା କରି ନ ଥିଲେ। ଏପରି କି ତାଙ୍କୁ ଧମକ ଦେଇଥିଲେ ବୋଲି ସନ୍ତୋଷ ଅଭିଯୋଗରେ ଦର୍ଶାଇଛନ୍ତି। ସେମାନେ ଏକଥା କହିଥିଲେ ଯେ, ୩ଟା କିସ୍ତି ଟଙ୍କା ଦେବା ସହ ଅଗ୍ରୀମ ୪ର୍ଥ କିସ୍ତି ଦେବାକୁ ପଡିବ। ଏଥିରେ ସେ ନିରାଶ ହୋଇ ଫେରିଥିବା ବେଳେ ରବିବାର ସନ୍ଧ୍ୟାରେ ସେମାନେ ପୁଣି ତାଙ୍କ ଘରେ ପହଞ୍ଚିଥିଲେ। ସୂର୍ଯ୍ୟକାନ୍ତଙ୍କ ସହ କଥା ହେବେ ବୋଲି କହି ଘରୁ ଡାକି ନେଇଥିଲେ। ରାତି ୧୧ଟାରେ ପୁଣି ଘରେ ଆଣି ଛାଡି ଦେଇଥିଲେ। ଏହାପରେ ସେ ସୂର୍ଯ୍ୟକାନ୍ତଙ୍କୁ କ'ଣ ହେଲା ପଚାରିବାରୁ କିଛି ଉତ୍ତର ମିଳି ନ ଥିଲା। ବରଂ ସୂର୍ଯ୍ୟକାନ୍ତ କାନ୍ଦି କାନ୍ଦି ନ ଖାଇ ଭୋକରେ ଶୋଇ ପଡିଥିଲେ।

## ବିରିଡ଼ିରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର

# ଫେରିଯିବ ଫନୀ ସହାୟତା, ଆମ ଗାଁ ଆମ ବିକାଶ ଅର୍ଥ



ଜିଲାପାଳ ଓ ଅନ୍ୟ ଅଧିକାରୀ ଅଭିଯୋଗ ଶୁଣାଣି କରୁଛନ୍ତି।

**ବାଲିଆ/ବିରିଡ଼ି, ୯।୧୨ (ଡି.ଏନ୍.ଏ.)**

ବିରିଡ଼ି ବ୍ଲକ ସଭାଗୃହରେ ସୋମବାର ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଜନଶୁଣାଣିରେ ମାତ୍ର ୫୮ଟି ଅଭିଯୋଗ ଆସିଥିଲା। ସେଥିରୁ ୨ଟିର ତତ୍କାଳ ସମାଧାନ କରାଯାଇଥିଲା। ଅଭିଯୋଗଗୁଡ଼ିକ ମଧ୍ୟରୁ ବ୍ୟକ୍ତିଗତ ୪୯, ସାମୂହିକ ୭ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୨ଟି ଅଭିଯୋଗ ରହିଥିଲା। ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରକାଶ ଆର, ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି, ପିଡି ସରୋଜ ମାହାନ୍ତି, ଗ୍ରାଇଭେନ୍ସ ସେଲର ନୋଡାଲ ଅଧିକାରୀ କଲ୍ୟାଣ ସୌରଭ ଦାସ, ବ୍ଲକ ଅଧ୍ୟକ୍ଷ ପଦ୍ମନାଭ ଭୋଇ, ଉପାଧ୍ୟକ୍ଷା ଗୀତାଞ୍ଜଳି ସାହୁ, ଜିଲାପରିଷଦ ସଭ୍ୟ ପ୍ରତାପ ବେହେରା, ବିଡିଓ ଜୀବନ ଚନ୍ଦ୍ର ମଲ୍ଲିକ, ତହସିଲଦାର ସାଗରିକା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ସେସବୁ ବିଭାଗ ଉପରେ ଆସିଥିବା ଅଭିଯୋଗକୁ ଶୁଣାଣି କରି ଯନ୍ତ୍ରୀଙ୍କ ଉପରେ ଜିଲାପାଳ ବର୍ଷିଥିଲେ। ପାନୀୟଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଜନସାଧାରଣଙ୍କ ଅଭିଯୋଗକୁ ବେଖାତିର କରୁଥିବା କେତେଜଣ ଅଭିଯୋଗ କରିଥିଲେ। ବ୍ଲକରେ ଆମ ଗାଁ ଆମ ବିକାଶ ଏବଂ ଫନୀ ସହାୟତା ପାଇଁ ଆସିଥିବା ଅର୍ଥ ଖର୍ଚ୍ଚ ହୋଇ ନ ଥିବାରୁ ଜିଲାପାଳ ବିରକ୍ତି ପ୍ରକାଶ କରିଥିଲେ। ୭ଦିନ ମଧ୍ୟରେ ଯଦି ଉପରୋକ୍ତ କାର୍ଯ୍ୟଗୁଡିକ ସମ୍ପାଦନ କରିବା ପାଇଁ ପଦକ୍ଷେପ ନିଆ ନ ଯାଏ ତେବେ ଉପରୋକ୍ତ ଅର୍ଥ ଫେରିଯିବ ବୋଲି ଜିଲାପାଳ କହିଥିଲେ। ତେଣୁ ବ୍ଲକ ଅଧ୍ୟକ୍ଷ ଓ ବିଡିଓ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ।

### କାହାର କେଉଁ ଅଭିଯୋଗ

**ବାଲିଆ, ୯।୧୨:** ଜନଶୁଣାଣିରେ ବଡିମିରା ସମିତିସଭ୍ୟ ଗୋପବନ୍ଧୁ ସ୍ୱାଇଁ, ହାଜିପୁର ସରପଞ୍ଚ ବିମଳ ସେଠୀ, ବାଗଲପୁର ସରପଞ୍ଚ ନିବେଦିତା ମାଣିଆ, ସମିତିସଭ୍ୟା ବିଭାସିନୀ ପଟ୍ଟନାୟକ, କୁଲକଇଜଙ୍ଗା ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ବେହେରା, ଗୋପୀନାଥପୁର ସରପଞ୍ଚ ସ୍ୱର୍ଣ୍ଣପ୍ରଭା ଭୋଇ ଗ୍ରାମୀଣ ଗୃହ ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ଚୟନ କରିବା ସହିତ ପଞ୍ଚାୟତିରାଜ ବିଭାଗର ଚିଠି ଅନୁସାରେ ୨୦୧୬/୧୭ ଆର୍ଥିକ ବର୍ଷରେ ଯେଉଁମାନେ ଘର ପାଇଥିଲେ ସେମାନେ କୌଣସି କାରଣ ବସତ ଅଧା ଘର କରି ବସିଛନ୍ତି। ତେଣୁ ସେମାନଙ୍କଠାରୁ ଅର୍ଥ ଫେରସ୍ତ ଆଣି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବାକୁ ଦାବି କରିଥିଲେ। ଫନୀ ଘରଭଙ୍ଗା ଅର୍ଥ ଏପର୍ଯ୍ୟନ୍ତ ପ୍ରଦାନ କରାଯାଇ ନ ଥିବା ନେଇ ଜଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉକୁନ୍ଦରା ସରପଞ୍ଚ ଚନ୍ଦ୍ରଶେଖର ଦାଶ ନିଜ ଗ୍ରାମପଞ୍ଚାୟତର ଟୁସି ନାଥ ବେହେରା, ହଂସ ଭୋଇ, ଅକ୍ଷୟ ମଲିକ, ରାଜୁ ପାତ୍ରଙ୍କ ଘର ଗତ ଫନୀ ବାତ୍ୟାରେ ଭାଙ୍ଗି ଯାଇଥିବାରୁ ସେମାନଙ୍କୁ ତୁରନ୍ତ ପକ୍କାଘର ଓ ସହାୟତା ଯୋଗାଇବାକୁ ଦାବି କରିଥିଲେ। ୨୨ ମୌଜା ମା' ବରୁଣେଇ ପାଣିପଞ୍ଚାୟତ ଅଧୀନରେ ଥିବା ପ୍ରାୟ ୯୦ ଏକର ଚାଷ ଜମିକୁ ଜଳସେଚନ ପାଇଁ ଥିବା ଉଠା ଜଳସେଚନ ପ୍ରକଳ୍ପ ଫନୀ ବାତ୍ୟାରେ ଭାଙ୍ଗି ଯାଇଥିଲା। ମରାମତି ପାଇଁ ବିଭାଗ ଶୁଣୁ ନ ଥିବା ନେଇ ଚାଷୀଙ୍କ ତରଫରୁ ସଭାପତି ମହେନ୍ଦ୍ର ସାହୁ ଅଭିଯୋଗ କରିଥିଲେ। ବିରିଡି ହାଟରେ ଏକ ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍ ପ୍ରତିଷ୍ଠା ପାଇଁ କୁଲକଇଜଙ୍ଗା ସମିତିସଭ୍ୟ ରାଜକିଶୋର ଭୋଇ, ଶରତ ସେଠୀ, ଭାସ୍କର ବେହେରା, କ୍ଷୀର ବେହେରା, ବ୍ରଜକିଶୋର ଭୋଇ, ଶିବଶଙ୍କର ଦାସ, ପ୍ରଶାନ୍ତ ବେହେରା ପ୍ରମୁଖ ଦାବି କରିଥିଲେ। ପଞ୍ଚାୟତ ବୈଠକ ଭତ୍ତା ଏପର୍ଯ୍ୟନ୍ତ ପାଇପାରୁ ନ ଥିବା ନେଇ ବଡିମିରା ପଞ୍ଚାୟତର ଦୁଇ ପୂର୍ବତନ ୱାର୍ଡ ମେମ୍ବର ପୁଣି ଜିଲାପାଳଙ୍କୁ ଅଭିଯୋଗ କରିଥିଲେ।

ଡେରାବିଶ ବ୍ଲକ ନହଙ୍ଗ ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ସମସ୍ତ ଋଷୀ ଭାଇଙ୍କୁ ଅଭିନନ୍ଦନ । ଧରିତ୍ରୀ ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମବାୟ ଆନ୍ଦୋଳନକୁ ସୁଦୃଢ଼ କରିବା ପାଇଁ ଆସନ୍ତୁ ଶପଥ ନେବା ।




ପ୍ରସନ୍ନ କୁମାର ପାତ୍ର — ସଂପାଦକ
ପ୍ରସନ୍ନ କୁମାର ସାହୁ — ସଭାପତି

ନହଙ୍ଗ ପ୍ରାଥମିକ କୃଷି ସମବାୟ ସମିତି, ଡେରାବିଶ

ସତ୍ୟ ଓ ନିର୍ଭୀକ ଖବର ପରିବେଷଣ ପାଇଁ ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି । ଡେରାବିଶ ବ୍ଲକ କୁଣ୍ଡିଆପାଳ ପ୍ରାଥମିକ କୃଷି ସମବାୟ ସମିତିର ସମସ୍ତ ପରିଚାଳନା ନିର୍ଦ୍ଦେଶକ ଓ ସମସ୍ତ ଋଷୀଙ୍କ ଉଦ୍ୟମରେ ସମବାୟ ଆନ୍ଦୋଳନ ଆହୁରି ସୁଦୃଢ଼ ହେଉ । ଏହି ସମିତି ଜରିଆରେ ସମବାୟ ଆନ୍ଦୋଳନକୁ ଅଧିକ ତ୍ୱରାନ୍ୱିତ କରିବା ସହିତ କୃଷି ଓ କୃଷକଙ୍କ ବିକାଶ ପାଇଁ ଅମେ ସଂକଳ୍ପବଦ୍ଧ ।




ମୃତ୍ୟୁଞ୍ଜୟ ଦାଶ — ସମ୍ପାଦକ
ସରୋଜକାନ୍ତ ନାୟକ — ସଭାପତି

କୁଣ୍ଡିଆପାଳ ପ୍ରାଥମିକ କୃଷି ସମବାୟ ସମିତି, ଡେରାବିଶ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ମଙ୍ଗଳପୁର ପଂଚାୟତର ସମସ୍ତ ମାଆ, ଭାଇ, ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି ।



ପ୍ରଭାତ କୁମାର ମଲ୍ଲିକ
ସରପଂଚ
ମଙ୍ଗଳପୁର ଗ୍ରାମ ପଂଚାୟତ
ଡେରାବିଶ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଛୋଟି ପଂଚାୟତର ସମସ୍ତ ମାଆ, ଭାଇ, ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି ।



କୁମାର ଚନ୍ଦ୍ର ବଳ
ସରପଂଚ
ଛୋଟି ଗ୍ରାମ ପଂଚାୟତ
ଡେରାବିଶ

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ପଂଚାୟତବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା । ଖମୋଳ ପଂଚାୟତର ବିକାଶ ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଛି ।



ଲିଲିମା ପରିଡ଼ା
ସରପଂଚ
ଖମୋଳ ଗ୍ରାମପଂଚାୟତ
ଡେରାବିଶ ବ୍ଲକ

'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀର ସମସ୍ତ ପାଠକପାଠିକାମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ । ଏହି ଅବସରରେ 'ଧରିତ୍ରୀ'ରେ କାର୍ଯ୍ୟରତ ସମସ୍ତ କର୍ମଚାରୀ, ସମ୍ବାଦଦାତା, ବିତରକମାନଙ୍କୁ ମୋ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।



ଶ୍ରୀଯୁକ୍ତ ପଙ୍କଜରାଜ ମିଶ୍ର
କନିଷ୍ଠ ଯନ୍ତ୍ରୀ, ଗୋପ ବ୍ଲକ

ନିର୍ଭୀକ ଭାବେ ସତ୍ୟ ଖବର ପରିବେଷଣ କରି ପାଠକ ପାଠିକାଙ୍କ ପ୍ରିୟଭାଜନ ହୋଇଥିବା ଧରିତ୍ରୀ ଖବରକାଗଜର ୪୬ତମ ଜନ୍ମବାର୍ଷିକୀ ଅବସରରେ ସମସ୍ତଙ୍କୁ ମୋର ଶୁଭେଚ୍ଛା ଓ ଶୁଭକାମନା ।

ଅଭିମନ୍ୟୁ ବିଶିମାଝୀ
ପ୍ରଧାନ ଶିକ୍ଷକ, ଉନ୍ନୀତ ଉଚ୍ଚ ବିଦ୍ୟାଳୟ
ଗୈଡ଼ଗୁଡ଼ା, ଲକ୍ଷ୍ମୀପୁର ବ୍ଲକ, କୋରାପୁଟ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ କାଉପଡ଼ା ପଂଚାୟତର ସମସ୍ତ ମାଆ, ଭାଇ, ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି ।



ଲକ୍ଷ୍ମୀ ମଲ୍ଲିକ
ସରପଂଚ
କାଉପଡ଼ା ଗ୍ରାମ ପଂଚାୟତ
ଡେରାବିଶ

ଶୁଭେଚ୍ଛା ସହ...



ଝାଡ଼େଶ୍ୱର ଜାନି
ଫରେଷ୍ଟ ଗାର୍ଡ଼, କାକିରିଗୁମ୍ମା
ଲକ୍ଷ୍ମୀପୁର ରେଞ୍ଜ, କୋରାପୁଟ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ନରସିଂହପୁର ପଂଚାୟତର ସମସ୍ତ ମାଆ, ଭାଇ, ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି ।



କମଳା ପ୍ରଭା ଖଟୁଆ
ସରପଂଚ
ନରସିଂହପୁର ଗ୍ରାମ ପଂଚାୟତ
ଡେରାବିଶ

ଶୁଭେଚ୍ଛା ସହ...



ଉଦ୍ଧବଧର ମୁଦୁଲି
ସରପଞ୍ଚ, ଗୈଡ଼ଗୁଡ଼ା ଗ୍ରାମପଞ୍ଚାୟତ
ଲକ୍ଷ୍ମୀପୁର ବ୍ଲକ, କୋରାପୁଟ

ଡେରାବିଶର ପ୍ରାଚୀନ ଐତିହ୍ୟ ଓ ସଂସ୍କୃତି ମହାନ । ଏହାକୁ ଉଜ୍ଜୀବିତ ରଖିବା ପାଇଁ ଆସନ୍ତୁ ସଂକଳ୍ପ ନେବା । ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଡେରାବିଶ ମହାବିଦ୍ୟାଳୟ ସମସ୍ତ ଅଧ୍ୟାପିକା/ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀ ଛାତ୍ରଙ୍କ ସୁଖ ସମୃଦ୍ଧି କାମନା କରୁଛି ।



ପ୍ରାଧ୍ୟାପକ ଚତୁର୍ଭୁଜ କର
ଅଧ୍ୟକ୍ଷ
ଡେରାବିଶ ମହାବିଦ୍ୟାଳୟ

ଶୁଭେଚ୍ଛା ସହ...



ଗୋପାଳ ମିଶ୍ର
କନିଷ୍ଠ ଯନ୍ତ୍ରୀ, ଲକ୍ଷ୍ମୀପୁର ବ୍ଲକ
କୋରାପୁଟ

ସତ୍ୟ ଓ ନିର୍ଭୀକ ଖବର ପରିବେଷଣ ପାଇଁ ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି । ଡେରାବିଶ ବ୍ଲକ ଏଣ୍ଡର ପ୍ରାଥମିକ କୃଷି ସମବାୟ ସମିତିର ସମସ୍ତ ପରିଚାଳନା ନିର୍ଦ୍ଦେଶକ ଓ ସମସ୍ତ ଋଷୀଙ୍କ ଉଦ୍ୟମରେ ସମବାୟ ଆନ୍ଦୋଳନ ଆହୁରି ସୁଦୃଢ଼ ହେଉ । ଏହି ସମିତି ଜରିଆରେ ସମବାୟ ଆନ୍ଦୋଳନକୁ ଅଧିକ ତ୍ୱରାନ୍ୱିତ କରିବା ସହିତ କୃଷି ଓ କୃଷକଙ୍କ ବିକାଶ ପାଇଁ ଅମେ ସଂକଳ୍ପବଦ୍ଧ ।




ମନୋରଞ୍ଜନ ଦାସ — ସମ୍ପାଦକ
ଶ୍ୟାମଳେନ୍ଦୁ ନାୟକ — ସଭାପତି

ଏଣ୍ଡର ପ୍ରାଥମିକ କୃଷି ସମବାୟ ସମିତି ଡେରାବିଶ

ସତ୍ୟ ଓ ନିରପେକ୍ଷ ଖବର ପରିବେଷଣ କରି ସମସ୍ତ ପାଠକ ପାଠିକାଙ୍କ ପ୍ରିୟଭାଜନ ହୋଇଥିବା ଧରିତ୍ରୀର ୪୬ତମ ଜନ୍ମ ବାର୍ଷିକୀ ଅବସରରେ ଅଗଣିତ ଧରିତ୍ରୀ ପ୍ରେମୀ, ପାଠକ ପାଠିକାଙ୍କୁ ମୋର ଆନ୍ତରିକ ଶୁଭକାମନା ।

ଭବାନୀ ଶଙ୍କର କାଲୋ
ନିର୍ଦ୍ଦେଶକ, ଜଳବିଭାଜିକା ମିଶନ, କୋରାପୁଟ

ସମସ୍ତ ଜନସାଧାରଣଙ୍କୁ ଖବରକାଗଜ ମାଧ୍ୟମରେ ସଚେତନ କରୁଥିବା ଓଡିଶାରେ ଏକମାତ୍ର ନିର୍ଭିକ ଓ ନିରପେକ୍ଷ ଦୈନିକ ଧରିତ୍ରୀ ୪୬ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି । ଗୁରୁକୂଳ ପରମ୍ପରାକୁ ବଜାୟ ରଖିବା ଏବଂ ସମସ୍ତ ଛାତ୍ରୀଛାତ୍ରଙ୍କ ଭିତରେ ଆଧୁନିକ ଓ ନୈତିକ ଶିକ୍ଷା ପାଇଁ ପ୍ରୟାସ ଜାରି ରଖିଥିବା କଳିଙ୍ଗ ଆବାସିକ ବିଦ୍ୟାଳୟର ଅଭିବୃଦ୍ଧି ପାଇଁ ସମସ୍ତ ସହଯୋଗ କାମନା କରୁଛି ।



ମନୋଜ କୁମାର ପ୍ରଧାନ
ପରିଚାଳନା ନିର୍ଦ୍ଦେଶକ
କଳିଙ୍ଗ ଆବାସିକ ବିଦ୍ୟାଳୟ
କେଶରପୁର, ଦାନପୁର,
କେନ୍ଦ୍ରାପଡ଼ା

ଡେରାବିଶର ପ୍ରାଚୀନ ଐତିହ୍ୟ ଓ ସଂସ୍କୃତି ମହାନ । ଏହାକୁ ଉଜ୍ଜୀବିତ ରଖିବା ପାଇଁ ଆସନ୍ତୁ ସଂକଳ୍ପ ନେବା । ଧରିତ୍ରୀର ୪୬ ତମ ସ୍ୱନକ୍ଷତ୍ର ଅବସରରେ ସମବାୟ ଆନ୍ଦୋଳନକୁ ଆମ ସମିତି ପ୍ରତ୍ୟେକ ଋଷୀଭାଇଙ୍କ ନିକଟରେ ପହଂଚାଇବା ପାଇଁ ଆମେ ସଂକଳ୍ପବଦ୍ଧ ।




ଗୌରାଙ୍ଗ ପ୍ରଧାନ — ସମ୍ପାଦକ
ପ୍ରଶାନ୍ତ କୁମାର ଦାସ — ସଭାପତି

କାଉପଡ଼ା ପ୍ରାଥମିକ କୃଷି ସମବାୟ ସମିତି, କାଉପଡ଼ା, ଡେରାବିଶ

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ଆନ୍ତରିକ ଶୁଭେଚ୍ଛା ସହ...

କାକିରିଗୁମ୍ମା ଲ୍ୟାମ୍ପସ

ପଞ୍ଚାନନ ସାଉଁତା — ସଭାପତି
ସୁରେଶ ନାୟକ — ପରିଚାଳନା ନିର୍ଦ୍ଦେଶକ

ଧରିତ୍ରୀର ୪୬ ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଜଣାଉଛି । ଏହି ଅବସରରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ସ୍ୱପ୍ନର ଓଡ଼ିଶାକୁ ଅଧିକ ସମୃଦ୍ଧି ପାଇଁ ସହାୟତାର ହାତ ବଢ଼ାଇବାକୁ ସଂକଳ୍ପ ନେବା । ପାଟକୁରା ନିର୍ବାଚନ ମଣ୍ଡଳୀ ମା', ଭାଇଭଉଣୀଙ୍କ '




ପ୍ରାଧ୍ୟାପକ ଅଜୟ କୁମାର ରାଉତ
ଆବାହକ ପାଟକୁରା ସେବା ପରିଷଦ, କେନ୍ଦ୍ରାପଡ଼ା

'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଅବସରରେ ପୁରୀ ଜିଲ୍ଲା ତଥା ଗୋପ ବ୍ଲକର ମା' ମାଉସୀମାନଙ୍କୁ ଅଭିନନ୍ଦନ ଜଣାଉଛି ସହ ଜିଲ୍ଲାରେ ଥିବା ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଯେପରି ଆଗକୁ ଯାଇ ପାରିବେ ସେଥିଲାଗି ମୁଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି । ତତ୍‌ ସହିତ ଦୈନିକ ଖବରକାଗଜ 'ଧରିତ୍ରୀ'ର ଉତ୍ତରୋତ୍ତର କାମନା କରୁଛି ।



ଶ୍ରୀମତୀ ମିନାକ୍ଷୀ ପୃଷ୍ଟି
ସଭାନେତ୍ରୀ
ଗୋପ ବ୍ଲକ ମହିଳା ଶକ୍ତି ସଂଗଠନ

ekta

ଚାଷୀଙ୍କ ପାଇଁ ବିଶେଷ ସୂଚନା

କୋରାପୁଟ ଜିଲ୍ଲାର ଚାଷୀମାନେ ପାରମ୍ପରିକ କୃଷି ପଦ୍ଧତି ଚାଷ କରି ଜୈବିକ ସାର ପ୍ରୟୋଗ ଦ୍ୱାରା ଜମିର ଉର୍ବରତାକୁ ବଢ଼ାଇବା ସହିତ ଚାଷୀଙ୍କ ଉନ୍ନତି ଓ ଏହି ପାରମ୍ପରିକ ଚାଷ ପଦ୍ଧତିକୁ ବଜାୟ ରଖିବା ଆମର ଲକ୍ଷ୍ୟ । ଏହାକୁ ଆପଣେଇବା ପାଇଁ ଚାଷୀଭାଇଙ୍କ ସହଯୋଗ କାମନା କରୁଛୁ ।

ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ଉପଲକ୍ଷେ ଶୁଭେଚ୍ଛା ସହ

ଜଗନ୍ନାଥ ମିଶ୍ର, ସମ୍ପାଦକ ଏକତା, କୋରାପୁଟ

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଅବସରରେ ସମସ୍ତ ପାଠକପାଠିକାଙ୍କୁ ଶୁଭେଚ୍ଛା ଜଣାଇବା ସହ ଧରିତ୍ରୀର ଉତ୍ତରୋତ୍ତର କାମନା କରୁଛୁ ।

ରାସ୍ତା ଓ ଗୃହ ନିର୍ମାଣ ବିଭାଗ
କୋରାପୁଟ

ଶୁଭେଚ୍ଛା ସହ...

ଅମିଶା ଓ ଅନ୍ୱେଷା
କୋରାପୁଟ

'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀର ସମସ୍ତ ପାଠକ ପାଠିକାମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ । ଏହି ଅବସରରେ 'ଧରିତ୍ରୀ'ରେ କାର୍ଯ୍ୟରତ ସମସ୍ତ କର୍ମଚାରୀ, ସମ୍ବାଦଦାତା, ବିତରକମାନଙ୍କୁ ମୋ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।



ଶ୍ରୀଯୁକ୍ତ ପ୍ୟାରୀମୋହନ ବିଶ୍ୱାଳ
କନିଷ୍ଠ ଯନ୍ତ୍ରୀ, ଗୋପ ବ୍ଲକ

## ସଂକ୍ଷେପରେ

### ସ୍କୁଲ ପରିସରରେ ଛାତ୍ରୀଙ୍କୁ କାମୁଡ଼ିଲା ସାପ

ଛତିଆ,୯।୧୨ (ଡିଏନ୍ଏ): ବଡଚଣା ବ୍ଲକ ଅନ୍ତର୍ଗତ ଛତିଆ ପଞ୍ଚାୟତର ଇଛା ନଗରପାଟଣା ପ୍ରାଥମିକ ବିଦ୍ୟାଳୟର ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ସ୍କୁଲ ପରିସରରେ ଖେଳୁଥିବାବେଳେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ତାଙ୍କୁ ପ୍ରଥମେ ଆମ୍ବୁଲାନ୍ସ ଯୋଗେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠା ଯାଇଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି। ଆହତ ଛାତ୍ରୀଙ୍କ ନାମ ପାପାଲି ବାରିକ। ସେ ମଧ୍ୟାହ୍ନ ଛୁଟିରେ ଖେଳୁଥିବାବେଳେ ଏକ ବିଷଧର ସାପ ପାପାଲିଙ୍କୁ କାମୁଡ଼ି ଦେଇଥିଲା। ଏ ସମ୍ପର୍କରେ ପାପାଲିଙ୍କର ଜଣେ ସହପାଠୀ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଜଣାଇଥିଲେ। ତୁରନ୍ତ ପ୍ରଧାନ ଶିକ୍ଷୟିତ୍ରୀ ଏ ସମ୍ପର୍କରେ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ ଏବଂ ଆମ୍ବୁଲାନ୍ସ ଯୋଗେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

ଧର୍ମଶାଳା,୯।୧୨(ଡି.ଏନ୍.ଏ.): ଧର୍ମଶାଳା ବ୍ଲକ ଅନ୍ତର୍ଗତ ସେବତୀପୁର ଗ୍ରାମର ବିଶିଷ୍ଟ ସାମାଜିକ କର୍ମୀ ପଦ୍ମିନୀ ଦେବୀଙ୍କର ୭୦ବର୍ଷ ବୟସରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ପରଲୋକ ହୋଇଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ଚିକିତ୍ସାଧୀନ ଥିଲେ। ସେ ଜଣେ ପରୋପକାରୀ, ଧର୍ମପରାୟଣା ଓ ବିଶିଷ୍ଟ ସାମାଜିକ କର୍ମୀ ମହିଳା ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ୱାମୀ ଶଶୀଭୂଷଣ ଭୋଇ, ଦୁଇ ପୁଅ ରବୀନ୍ଦ୍ର ଓ ରାଜେନ୍ଦ୍ର, ପୁତ୍ରବଧୂ ଓ ଝିଅ ସ୍ନେହଲତା,ମିନାକ୍ଷୀ,ରୀନା ଓ ଭାନୁମତୀ ଉପସ୍ଥିତ ଥିଲେ। ତାଙ୍କ ମୃତଦେହ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

### ଜମିଜମା ବିବାଦ, ଜଣେ କୋର୍ଟ ଚାଲାଣ

ଧର୍ମଶାଳା,୯।୧୨(ଡି.ଏନ୍.ଏ.): ଧର୍ମଶାଳା ଥାନା ଅନ୍ତର୍ଗତ ଆରୁହା ଗ୍ରାମରେ ଜମିଜମା ଗଣ୍ଡଗୋଳକୁ ନେଇ ସୋମବାର ପୋଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଆରୁହା ଗ୍ରାମର ଆଲୋକ ବେହେରା। ପ୍ରକାଶ ଯେ, ସେପ୍ଟେମ୍ବରରେ ଜମିଜମା ବିବାଦକୁ ନେଇ ଆଲୋକ ରଞ୍ଜନ କୁମାର ବେହେରାଙ୍କୁ ମାରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ରଞ୍ଜନଙ୍କ ସ୍ତ୍ରୀ ପ୍ରମୋଦିନୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ. ୪୮୨/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ରିବିବାର ରାତିରେ ଆଲୋକଙ୍କ ଘରେ ଚଢାଉ କରି ତାଙ୍କୁ ଗିରଫ କରିଥିଲା।

## ମୋଟରଯାନ ଆଇନକୁ ବେଖାତିର

# ଜାତୀୟ ରାଜପଥରେ ଚାଲିଛି ଓଭରଲୋଡ୍ ଗାଡ଼ି

ଚଣ୍ଡିଖୋଲ,୯।୧୨(ଡ଼ି.ଏନ.ଏ)

ନୂଆ ମୋଟରଯାନ ଆଇନକୁ ନେଇ ଚାରିଆଡ଼େ ତନଖି ପ୍ରକ୍ରିୟା ଜୋରଦାର କରାଯାଇଛି। ରାଜ୍ୟ ସରକାର ମୋଟର ସାଇକେଲ ଆରୋହୀଙ୍କ ପାଇଁ ଡ୍ରାଇଭିଂ ଲାଇସେନ୍ସ, ଇନସ୍ୟୁରାନ୍ସ ଓ ପଲ୍ୟୁସନ ସାର୍ଟିଫିକେଟ ଚେକିଂକୁ ୩ମାସ କୋହଳ କରିଛନ୍ତି। କିନ୍ତୁ ହେଲମେଟ ଚେକିଂ ଓ ମଦୁଆ ଚାଳକଙ୍କ ପାଇଁ ଆଇନ କଡ଼ାକଡ଼ି କରାଯାଇଥିଲାବେଳେ ଯାଞ୍ଚ ପ୍ରକ୍ରିୟା ଚାଲୁ ରହିଛି। ଏହା ସହିତ ଓଭରଲୋଡିଂ ଗାଡ଼ିଗୁଡ଼ିକୁ ମଧ୍ୟ ଯାଞ୍ଚ କରାଯାଇ ୨୦ହଜାର ଟଙ୍କା ସହିତ ୨ହଜାର ଟଙ୍କା ଲେଖାଏ ଟନ୍ ପିଛା ଆଦାୟ କରାଯିବାର ନିୟମ ରହିଛି। ମାତ୍ର ଏହି ନିୟମକୁ କେହି ମାନୁ ନ ଥିବା ଚଣ୍ଡିଖୋଲ ଦେଇଯାଇଥିବା ୧୬ ନଂ, ୫ ନଂ(କ) ଓ ୫୩ ନଂ ଜାତୀୟ ରାଜପଥରେ ଦେଖିବାକୁ ମିଳିଛି। ଏହି ରାଜପଥଗୁଡ଼ିକରେ ବ୍ୟାପକ ଭାବେ ଓଭରଲୋଡ଼ ଗାଡ଼ି ଚଳପ୍ରଚଳ କରୁଛି। କିନ୍ତୁ ସେମାନଙ୍କୁ ଧରାଯାଉ ନାହିଁ କିମ୍ବା ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଉ ନାହିଁ। ଯେଉଁଥି ପାଇଁ ଦିନ ଦୁଇ ପ୍ରହରରେ ସମ୍ପୃକ୍ତ ଜାତୀୟ ରାଜପଥ ଉପରେ ଏହି ଓଭରଲୋଡ଼ ଗାଡ଼ିଗୁଡ଼ିକ ଯାତାୟତ କରୁଛି। ସେମାନେ ଲଘୁଖଣିଜ ଦ୍ରବ୍ୟ ଯଥା ମୋରମ, ବୋଲଡ଼ର, ଚିପ୍ସ, ମେଟାଲ ଓ କ୍ରଶର ଗୁଣ୍ଡ ପରିବହନ କରୁଛନ୍ତି। ଗାଡ଼ିଗୁଡ଼ିକ ନିଜର ପରିବହନ କ୍ଷମତାଠାରୁ ଦୁଇ ଗୁଣ ଅଧିକ ମାଲ ପରିବହନ କରୁଥିବା ଦେଖିବାକୁ ମିଳୁଛି। ଗାଡ଼ିର କ୍ଷମତା ଅନୁଯାୟୀ ୧୬ଟନରୁ ଆରମ୍ଭ କରି ୨୫ଟନ ପର୍ଯ୍ୟନ୍ତ ମାଲ ପରିବହନ କରିବାକୁ ଦଶଚକିଆ ହାଇୱା ଟ୍ରକରୁ ଆରମ୍ଭ କରି ୧୮ ଚକିଆ ପର୍ଯ୍ୟନ୍ତ ବିଭିନ୍ନ ବର୍ଗର ଗାଡ଼ି ପାଇଁ ନିର୍ଦ୍ଦିଷ୍ଟ କ୍ଷମତା ରହିଥିବାବେଳେ ସେମାନେ ଏହାକୁ ମାନୁ ନାହାନ୍ତି। ଯେଉଁଥିପାଇଁ ଅଧିକାଂଶ ସମୟରେ ଏହି ଓଭରଲୋଡ଼ ପାଇଁ ଜାତୀୟ ରାଜପଥ ଉପରେ ପରିବହନ ହେଉଥିବା ଲଘୁଖଣିଜ ଦ୍ରବ୍ୟ ଖସି ପଡୁଥିବା ଦେଖିବାକୁ ମିଳୁଛି। ଯଦ୍ଦ୍ୱାରା ଏହି ଓଭରଲୋଡ଼ ଗାଡ଼ି ପଛରେ ଯାଉଥିବା ଦୁଇ ଚକିଆ ଓ ଚାରିଚକିଆ ଗାଡ଼ିଗୁଡ଼ିକ ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି। ଅଧିକାଂଶ ମୋଟର ସାଇକେଲ ଆରୋହୀ ଏଥିପାଇଁ ଯାତାୟତରେ ଅସୁବିଧା ଭୋଗ କରୁଛନ୍ତି। ଏପରିକି ମାଟି, ବାଲି ଓ କ୍ରଶରଗୁଣ୍ଡ ପରିବହନ କରୁଥିବା ହାଇୱା ଟ୍ରକଗୁଡ଼ିକ ପଛରେ ଯାଉଥିବା ବାଇକ ଆରୋହୀମାନେ ଧୂଳିରେ ଅଣନିଶ୍ୱାସୀ ହୋଇଯାଉଛନ୍ତି। ମାତ୍ର ଏ ଦିଗରେ ପରିବହନ ବିଭାଗ ଆଖି ବୁଜି ଦେଇଛି। ଚଣ୍ଡିଖୋଲଠାରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ରହିଥିଲେ ମଧ୍ୟ ସମ୍ପୃକ୍ତ ଓଭରଲୋଡ଼ ଟ୍ରକଗୁଡ଼ିକୁ ତନଖି କରାଯାଉ ନାହିଁ। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ଜାଣିଥିଲେ ବି ନିରବତା ମାଧ୍ୟମରେ ଓଭରଲୋଡ଼ ପରିବହନକୁ ପ୍ରୋତ୍ସାହିତ କରାଯାଉଥିବା ଅଭିଯୋଗ ହୋଇଆସୁଛି। ଏ ସମ୍ପର୍କରେ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ ଲାଲ ମୋହନ ସେଠୀଙ୍କୁ ପଚାରିବାରୁ, ଜାତୀୟ ରାଜପଥ ଉପରେ ବେଳେବେଳେ ଯାଞ୍ଚ କରାଯାଉଛି। ଓଭରଲୋଡ଼ ନେଇ ଆସୁଥିବା ଗାଡ଼ିଗୁଡ଼ିକୁ ଧରି ଜରିମାନା ଆଦାୟ କରାଯାଉଛି।



୫ ନଂ(କ) ଜାତୀୟ ରାଜପଥ ଉପରେ ଯାଉଥିବା ଓଭରଲୋଡ୍ ଗାଡ଼ି।

- କଡ଼ାକଡ଼ି ହେଉନି ଯାଞ୍ଚ
- ଓଭରଲୋଡ୍ ଯୋଗୁ ରାସ୍ତାରେ ଖସୁଛି ଲଘୁଖଣିଜ ଦ୍ରବ୍ୟ
- ଦୁର୍ଘଟଣାର ଶିକାର ହେଉଛନ୍ତି ବାଇକ୍ ଆରୋହୀ

### ବାଳିକା ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ

ଚଣ୍ଡିଖୋଲ,୯।୧୨(ଡି.ଏନ.ଏ)

ଚଣ୍ଡିଖୋଲସ୍ଥିତ ବାବା ଭୈରାବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଙ୍କ ପାଇଁ ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ବିରେନ୍ଦ୍ର କୁମାର ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇ ସାଂପ୍ରତିକ ପରିସ୍ଥିତିରେ ନାରୀ ଆଜି ନିଜକୁ ସୁରକ୍ଷିତ ମନେ କରୁନାହିଁ। ନାରୀ ଚାହିଁଲେ ନାରୀର ସୁରକ୍ଷା ବଳୟ ସୃଷ୍ଟି କରିପାରିବ। ନାରୀ ମୁକ୍ତ ଭାବରେ ବୁଲି ପାରିଲେ ଆମେ ପ୍ରକୃତ ସ୍ୱାଧିନତା ପାଇବା। ସେତେବେଳେ ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନ ସାକାର ହେବ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ୧୨ଦିନିଆ ଶିବିରରେ ୩୦୦ ଛାତ୍ରୀ ପ୍ରଶିକ୍ଷଣ ନେଇଥିଲେ। ଶିବିରକୁ ଜାତୀୟ ସେବା ଯୋଜନାରେ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଜାତା ସେନାପତି ଓ ଅଧ୍ୟାପକ ସଲିଲ ରାଜନନ୍ଦନ ମହାନ୍ତି ପରିଚାଳନା କରିଥିବା ବେଳେ ପ୍ରଶିକ୍ଷିକା ଭାବେ ରୋଜା ପୃଷ୍ଟି, ଅଭିଶିକ୍ତା ରାଉତ ଓ ଶ୍ରୁତିଶ୍ରୀ ଦାସ ଯୋଗ ଦେଇଥିଲେ।

## 'ଭିତ୍ତିଭୂମିର ବିକାଶ ହେଲେ ଉନ୍ନତ ସ୍ୱାସ୍ଥ୍ୟସେବା ମିଳିବ'

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୯।୧୨ (ଡି.ଏନ.ଏ)

ସ୍ୱାସ୍ଥ୍ୟସେବା ପାଇଁ ଭିତ୍ତିଭୂମିର ଆବଶ୍ୟକତା ଜରୁରୀ। ସେଥିପାଇଁ ଭିତ୍ତିଭୂମିର ବିକାଶ ହେଲେ ଜନସାଧାରଣ ଉନ୍ନତ ସ୍ୱାସ୍ଥ୍ୟସେବା ପାଇପାରିବେ। ସେହିଭଳି ଶିକ୍ଷାର ମାନବୃଦ୍ଧି କରିବାକୁ ହେଲେ ଏହାର ଭିତ୍ତିଭୂମିକୁ ପ୍ରଥମେ ସଜାଡ଼ିବା ଆବଶ୍ୟକ ବୋଲି ସୋମବାର ବଡ଼ଚଣା ବ୍ଲକ ଗୋପାଳପୁର କ୍ଷେତ୍ରୀୟ ଚିକିତ୍ସାଳୟର ନୂତନ ଶଯ୍ୟା ଗୃହର ଶିଳାନ୍ୟାସ କରି ବିଧାୟକ ଅମର ପ୍ରସାଦ ଶତପଥୀ ମତବ୍ୟକ୍ତ କରିଛନ୍ତି। ୬୩ଲକ୍ଷ ୫୩ହଜାର ଟଙ୍କା ବ୍ୟୟ ବରାଦରେ ଗୋପାଳପୁର କ୍ଷେତ୍ରୀୟ ଚିକିତ୍ସାଳୟର ୬ଶଯ୍ୟା ବିଶିଷ୍ଟ ଗୃହ ଏବଂ ଅସ୍ତ୍ରୋପଚାର ଗୃହର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହାପରେ ବିଧାୟକ ଶତପଥୀ ଗୋପାଳପୁର ପଞ୍ଚାୟତର ଖଡ଼ଗପୁରଠାରେ ଥିବା ସହଦେବ ବିଦ୍ୟାପୀଠର ୮ଲକ୍ଷ ୫୦ହଜାର ଟଙ୍କା ବିନିମୟରେ ବିଧାୟକ ପାଣ୍ଠିରୁ ନୂତନ ଶ୍ରେଣୀଗୃହର ଶିଳାନ୍ୟାସ କରିଥିଲେ। ଏହାସହ ବିଦ୍ୟାଳୟର ନୂତନ ତୋରଣକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ଶତପଥି ମୁଖ୍ୟ ଅତିଥି ହୋଇଥିଲାବେଳେ ପଞ୍ଚାୟତ ସମିତି ଅଧକ୍ଷ ଭାଗ୍ୟଧର ମଳିକ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଇତିଶ୍ରୀ ସାମଲ, ଅବସର ପ୍ରାପ୍ତ ଅଧକ୍ଷ ଡଃ ହରିଶ୍ଚନ୍ଦ୍ର ପୃଷ୍ଟି, ସରପଞ୍ଚ ଶରତ କୁମାର ସାମଲ, ସରସ୍ୱତୀ ବେହେରା, ଗଣେଶ୍ୱର ବରାଳ, ସଂଜୟ କୁମାର ଖୁଣ୍ଟିଆ, ପଞ୍ଚାନନ ଧଳ, ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପିତାମ୍ବର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜୟଦୁର୍ଗା ନୋଡାଲ ବିଦ୍ୟାଳୟର ଶିକ୍ଷକ ଶରତ କୁମାର ସାହୁ ଅତିଥି ପରିଚୟ ଦେଇଥିଲେ। ଅଶୋକ କୁମାର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଫନୀନ୍ଦ୍ର ନାଥ ପଣ୍ଡା, ଯଦୁମଣୀ ଦାସ, ତାପସ ରାୟ, ମନୋରଞ୍ଜନ ମଳିକ, ସମିତି ସଭ୍ୟ ସୁରେଶ ଚନ୍ଦ୍ର ନାୟକ, ଅମୀୟ ବିଶ୍ୱାଳ, ସେକ ମୋଇନ ଅହମଦ, ବ୍ରଜମୋହନ ସାମଲ, ଅନନ୍ତ କୁମାର ସିଂହ, ଡାକ୍ତର ରଶ୍ମିରଞ୍ଜନ ପଶାୟତ, ଶରତ କୁମାର ସାହୁ, ଗ୍ରମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ତୁଳସୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ବିଧାୟକ ଗୋପାଳପୁର କ୍ଷେତ୍ରୀୟ ଚିକିତ୍ସାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

### ଅଗ୍ନି ବିପନ୍ନଙ୍କୁ ସହାୟତା କଲେ ବିଧାୟକ

ଚଣ୍ଡିଖୋଲ,୯।୧୨(ଡି.ଏନ.ଏ)

ବଡ଼ଚଣା ବ୍ଲକ ସୁଙ୍ଗୁଡ଼ା ଗ୍ରାମରେ ଗତ ୫ତାରିଖରେ ଅଗ୍ନିକାଣ୍ଡ ଘଟି ଆରଜାନ ବିବି ଓ ସେକ ନସିର ଉଦ୍ଦିନଙ୍କ ୩ବଖରା ବିଶିଷ୍ଟ ଚାଳ ଘର ଜଳିଯାଇଥିଲା। ଏଥିରେ ଉଭୟ ପରିବାରର ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ଓ ଆସବାବ ପତ୍ର ସମେତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିଲା। ସୋମବାର ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥି ସୁଙ୍ଗୁଡ଼ା ଗ୍ରାମକୁ ଯାଇ ଘଟଣା ସ୍ଥଳ ପରିଦର୍ଶନ କରିବା ସହ ବିପନ୍ନଙ୍କୁ ଚୁଡ଼ା, ଅଟା, ବିସ୍କୁଟ, କମ୍ବଳ, ଲୁଗାପଟା ପ୍ରଦାନ କରିବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏଥିସହିତ ଏହି ଗ୍ରାମରେ ପୂର୍ବରୁ ମୃତ୍ୟୁବରଣ କରିଥିବା ଅବଦୁଲ ଗଫୁର, ଗୋଲାପ ଖାନ, ଫିରୋଦ ଚନ୍ଦୟ ସାହୁଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ବିଧାୟକଙ୍କ ସହ ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ପୂର୍ବତନ ସମିତି ସଭ୍ୟ ନିରଞ୍ଜନ ସେନାପତି, ଗଣେଶ୍ୱର ବରାଳ, ପଲ୍ଲୀମଙ୍ଗଳ ସେବା ସମବାୟ ସମିତି ସଭାପତି ସଞ୍ଜୟ ସ୍ୱାଇଁ, ନାଏବ ସରପଞ୍ଚ ମସିର ଆଲାମ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମଲିକ, ପ୍ରିୟବ୍ରତ ଖିଲାର, ସେକ ସବିର ଉଦ୍ଦିନ, ପ୍ରମୋଦ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ଦିବ୍ୟାଙ୍ଗ ମା' କାନ୍ଧରେ ୩ ପିଲାଙ୍କ ବୋଝ

### ସହାୟତାର ହାତ ବଢ଼ାଇଲା ପ୍ରଶାସନ

ଯାଜପୁର ଟାଉନ,୯।୧୨(ଡିଏନଏ)

ଗୋଟିଏ ହାତ ଓ ଗୋଟିଏ ଗୋଡ଼ ନ ଥିବା ଜଣେ ଦିବ୍ୟାଙ୍ଗ ମହିଳା ପାକନ ମଲ୍ଲିକଙ୍କ କାନ୍ଧରେ ୩ କୁନି କୁନି ସନ୍ତାନର ବୋଝ। ଯାଜପୁର ଜିଲା ସୁକିନ୍ଦା ଅଞ୍ଚଳ କନ୍ତିରା ଗ୍ରାମର ପାକନ ୨୨ ବର୍ଷ ତଳେ ଟ୍ରେନ୍‌ରେ ନିଜର ଗୋଟେ ଗୋଡ ଓ ଗୋଟେ ହାତ ହରାଇଥିଲେ। ପାକନଙ୍କ ମା' ଦରିଦ୍ର୍ୟର ତାଡ଼ନା ସହି ନ ପାରି ୨୨ବର୍ଷ ତଳେ ପିଲାଙ୍କୁ ନେଇ ଯାଜପୁରରୋଡଠାରେ ଟ୍ରେନ୍ ତଳେ ଶୋଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ମାତ୍ର ଅନ୍ୟ ପିଲାମାନେ ଟ୍ରେନ ଆସିବା ପୂର୍ବରୁ ସେଠାରୁ ପଳାଇ ଯାଇଥିଲେ ହେଁ ପାକନ ମା' ସହ ଟ୍ରେନ୍ ତଳେ ଚାପି ହୋଇଯାଇଥିଲେ। ଫଳରେ ତାଙ୍କର ଗୋଟିଏ ଗୋଡ ଓ ଗୋଟିଏ ହାତ କଟାଯାଇଥିଲା। ହେଲେ ଘଟଣାସ୍ଥଳରେ ମା'ର ମୃତ୍ୟୁ ଘଟିଥିଲା। ପରେ ଦିବ୍ୟାଙ୍ଗ ପାକନ ମାମୁଁ ଘରେ ରହି ବଡ଼ ହେବା ପରେ କନ୍ତିରା ଗ୍ରାମର ରମେଶ ମଲିକଙ୍କୁ ବିବାହ କରିଥିଲେ। ବିବାହ ପରେ ପାକନଙ୍କର ୩ଟି ସନ୍ତାନ ହୋଇଥିଲା। ମାତ୍ର ପାକନଙ୍କ ସ୍ୱାମୀ ସବୁବେଳେ ମଦ୍ୟପାନ କରି ତାଙ୍କୁ ମାଡ ମାରିବା ସହ ନିର୍ଯାତନା ଦେଉଆସୁଥିଲେ। ଫଳରେ ପାକନ ଘରଛାଡି ଗତ ୪ଦିନ ହେବ ଯାଜପୁର ରୋଡକୁ ଲୁଚି ପଳାଇ ଆସିଥିଲେ। ସେଠାରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କୁ ଭେଟି ପିଲାଙ୍କୁ ମଣିଷ କରିବାକୁ ନେହୁରା ହୋଇଥିଲେ। ଏହାପରେ ତାଙ୍କୁ ଯାଜପୁର ସହରରେ ଥିବା ୱାନ୍‌ଷ୍ଟେପ୍ ସେଣ୍ଟର (ସଖୀ)କୁ ପଠାଇ ଦିଆଯାଇଥିଲା। ଦିବ୍ୟାଙ୍ଗ ପାକନ ଓ ଛୁଆଙ୍କୁ ସୋମବାର ଜିଲା ସମାଜ ମଙ୍ଗଳ ଅଧିକାରିଣୀ ବିଜୟଲକ୍ଷ୍ମୀ ପଣ୍ଡା ଯାଜପୁରରୋଡରେ ଥିବା ନିଶ୍ୱର ସ୍ୱାଧାର ଗୃହକୁ ପଠାଇ ଦେଇଛନ୍ତି। ଯେଉଁଠାରେ ଦିବ୍ୟାଙ୍ଗ ପାକନ ଏବଂ ତାଙ୍କ ପିଲାମାନେ ରହି ଶିକ୍ଷାଲାଭ କରିପାରିବେ। ପାକନଙ୍କ ପିଲାମାନେ ୮ବର୍ଷରୁ କମ୍ ହୋଇଥିବାରୁ ସେମାନଙ୍କୁ ବାଳାଶ୍ରମରେ ରଖାଯାଇପାରୁ ନାହିଁ ବୋଲି ପଣ୍ଡା ସୂଚନା ଦେଇଛନ୍ତି। ସୂଚନା ଥାଉକି, ପାକନ ୭୫ଭାଗ ଦିବ୍ୟାଙ୍ଗ ହୋଇଥିବାବେଳେ ତାଙ୍କୁ କେବଳ ମାସିକ ୭ଶହ ଟଙ୍କା ଭତ୍ତା ମିଳୁଛି। ଏପରିକି ଚାଉଳ ମିଳିବା ବ୍ୟବସ୍ଥା ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କୁ ମିଳିପାରି ନାହିଁ। ଏ ସମ୍ପର୍କରେ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ପଣ୍ଡା ପ୍ରଥମେ ପାକନ ଓ ତାଙ୍କ ସନ୍ତାନମାନଙ୍କୁ ଥଇଥାନ ବ୍ୟବସ୍ଥା କରାଯିବା ପରେ ତାଙ୍କ ଉପରେ ହେଉଥିବା ନିର୍ଯାତନା ସମ୍ପର୍କରେ ତଦନ୍ତ କରାଯିବ ବୋଲି ପ୍ରକାଶ କରିଛନ୍ତି।



୩ ପିଲାଙ୍କ ସହିତ ପାକନ ମଲ୍ଲିକ।

## ଅନ୍ତଃରାଷ୍ଟ୍ରୀୟ ବ୍ରାହ୍ମଣ ମହାସଭାର ଜିଲାସ୍ତରୀୟ ସମ୍ମିଳନୀ

ଯାଜପୁର ଅଫିସ,୯।୧୨

ଅନ୍ତଃରାଷ୍ଟ୍ରୀୟ ବ୍ରାହ୍ମଣ ମହାସଭା ଓଡ଼ିଶା ପ୍ରାନ୍ତର ଯାଜପୁର ଜିଲା ଶାଖା ତରଫରୁ ରବିବାର ଜିଲାସ୍ତରୀୟ ବ୍ରାହ୍ମଣ ସମ୍ମିଳନୀ, ଶତ ରୁଦ୍ରାଭିଷେକ ଓ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ କୋରେଇ ବ୍ଲକ ଅନ୍ତର୍ଗତ ବେଙ୍ଗମାଧବପୁର(ବଡବିରୁହାଁ) ପାରେଶ୍ୱର ଦେବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱଶାନ୍ତି ନିମିତ୍ତ ଶତ ରୁଦ୍ରାଭିଷେକ, ବେଦପାଠ, ସୂର୍ଯ୍ୟପୂଜା, ଗୋପୂଜା, ହୋମ, ତର୍ପଣ ମାର୍ଜନ କାର୍ଯ୍ୟ ପରେ ପୂର୍ବାହ୍ନ ୧୧ଟାରେ ବ୍ରାହ୍ମଣ ମହାସଭା ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ଅଶୋକ କୁମାର ମିଶ୍ର ମୁଖ୍ୟ ଅତିଥି, ମାନବାଧିକାର ଆୟୋଗ ସଭାପତି ସସ୍ମିତା ଦାସ ଅତିଥିଭାବେ ଯୋଗଦେଇ ବିଶ୍ୱଶାନ୍ତି ପାଇଁ ପ୍ରାର୍ଥନା କରିବା ସହିତ ବ୍ରାହ୍ମଣଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଅଚ୍ୟୁତାନନ୍ଦ ପଣ୍ଡା, ଯଶୋବନ୍ତ ପଣ୍ଡା, ବେଙ୍ଗମାଧବପୁର ଗ୍ରାମବାସୀ ସମେତ ଜିଲାର ଶତାଧିକ କର୍ମକାଣ୍ଡ ପଣ୍ଡିତ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପଣ୍ଡିତ ରମାକାନ୍ତ ପଣ୍ଡାଙ୍କ ଲିଖିତ କଳ୍ପନାକୁସୁମ ପୁସ୍ତକକୁ ଅତିଥିଙ୍କ ଦ୍ୱାରା ଲୋକାର୍ପିତ କରାଯାଇଥିଲା।

## ୩୧ ଅଭିଯୋଗର ତତ୍କାଳ ସମାଧାନ

**ଜିଲାପାଳଙ୍କ ଜନଶୁଣାଣି ଶିବିର**

ଦଶରଥପୁର,୯।୧୨(ଡି.ଏନ୍.ଏ.)

ଦଶରଥପୁର ବ୍ଲକ ସମ୍ମିଳନୀ ଗୃହରେ ସୋମବାର ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୮୯ଟି ଅଭିଯୋଗ ହୋଇଥିବାବେଳେ ବ୍ୟକ୍ତିଗତ ୭୯, ସାମୂହିକ ୫ ସହ ୩୧ ଅଭିଯୋଗର ତତ୍କାଳ ସମାଧାନ ହୋଇଛି। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୫ଜଣଙ୍କୁ ୨୧ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଶୁଣାଣିରେ ଉତ୍କଳ ଗୌରବ ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ପଦବୀ ଖାଲି ପଡିବା ନେଇ ଅଭଭାବକମାନେ ଦାବିପତ୍ର ପ୍ରଦାନ କରିଥିଲେ। ଏ ନେଇ ଏକ କମିଟି କରାଯାଇ ଘଟଣା ସମ୍ପର୍କରେ ତଦନ୍ତ କରାଯିବ ଏବଂ ଡେପୁଟେଶନ୍‌ରେ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ ପ୍ରତିଶ୍ରୁତି ଦେଇଥିଲେ। ପାଳଟପୁର ପଞ୍ଚାୟତରେ ୩୦ଲକ୍ଷ ଟଙ୍କା ବ୍ୟୟରେ କରାଯାଇଥିବା ଏକ ଶିଶୁ ଉଦ୍ୟାନରେ ତାଲା ପଡ଼ିବା ସହ ଲକ୍ଷାଧିକ ଟଙ୍କା ବାଟମାରଣା କରାଯାଇଛି। ଏହାର ତଦନ୍ତ ପାଇଁ ଗ୍ରାମବାସୀ ଦାବିପତ୍ର ଦେଇଥିଲେ। ଖାନନଗର ରାଜସ୍ୱ ନୀରିକ୍ଷକ ସର୍କଲର ନୂଆପାଟଣା ରାଜସ୍ୱ ଗ୍ରାମର ଆର ଏଣ୍ଡ ବି ରୋଡ଼ଠାରୁ ରାମପୁର ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟସଡ଼କ ଯୋଜନାରେ ରାସ୍ତା ନିର୍ମାଣ ହେଉଥିବାବେଳେ ଜୟପ୍ରକାଶ ନାୟକଙ୍କ ବ୍ୟକ୍ତିଗତ ଜାଗାରେ ବେଆଇନଭାବେ ରାସ୍ତା ନିର୍ମାଣ କରାଯାଇଛି। ଏ ବାବଦରେ ଜୟପ୍ରକାଶ ଠିକାଦାରଙ୍କୁ ପଚାରିବାରୁ ଠିକାଦାର ତାଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୋଗ କରିଥିଲେ। କଟିକେଟା ପଞ୍ଚାୟତ କଟିକେଟା ଗ୍ରାମର ସାଧୁଚରଣ ମହାନ୍ତି(୬୬) କଳାକାର ଭତ୍ତା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ଶୁଣାଣିରେ ରାଶନ କାର୍ଡରେ ଅଧିକାଂଶ ବ୍ୟକ୍ତିଙ୍କର ନାମ କଟିବା, ଆବାସ ଯୋଜନାରେ ଜିଓ ଟ୍ୟାଗ୍ ନ ହେବାସହ ବିଭିନ୍ନ ସମସ୍ୟା ନେଇ ବହୁ ଅଭିଯୋଗ ହୋଇଛି। ଅଭିଯୋଗ ଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ଭାରପ୍ରାପ୍ତ ଜିଲାପାଳ ମହିର ପ୍ରସାଦ ମହାନ୍ତି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶୁଣାଣିରେ ଭାରପ୍ରାପ୍ତ ଜିଲାପାଳ ମହାନ୍ତିଙ୍କ ସମେତ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ପିଡ଼ି ଇନ୍ଦ୍ରମଣି ନାୟକ, ଏସ୍‌ପି ଚରଣ ସିଂ ମୀନା, ବିଡିଓ ନାରାୟଣ ଚନ୍ଦ୍ର ନାୟକ, ବ୍ଲକ ଅଧକ୍ଷା ସୁଜାତା ସାହୁ, ଉପାଧକ୍ଷ ରଞ୍ଜନ କୁମାର ପୃଷ୍ଟି, ଜିଲା ପଞ୍ଚାୟତ ଅଧିକାରୀ ଅଶୋକ କୁମାର ସେଠୀ, ଏସ୍‌ଡିପିଓ ରବୀନ୍ଦ୍ର କୁମାର ଜେନା, ଅତିରିକ୍ତ ତହସିଲଦାର କୈଳାସ ଚନ୍ଦ୍ର ମହାଳିକ, ଜିପିଓ ଶ୍ରୀକାନ୍ତ ବେହେରା, ଜିଲା କୃଷି ଅଧିକାରୀ ବିମଳକାନ୍ତି ରଥ୍ତାନ, ଯୋଗାଣ ଅଧିକାରୀ ସୁରେନ୍ଦ୍ର ହୋତା, ବିଇଓ ଗୟାଧର ନନ୍ଦ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଯୋଗାଣ ଅଧିକାରୀ ଉପେନ୍ଦ୍ର କୁମାର ଭୋଇ, ବ୍ଲକ ସହ କୃଷୀ ଅଧିକାରୀ ସମରେସ ଚନ୍ଦ୍ର ବେହେରା, ଆର୍‌ଡବ୍ଲ୍ୟୁଏସ୍ଏସ୍‌ର ଜିଲା ଉପଖଣ୍ଡ ଅଧିକାରୀ ଅଶୋକ କୁମାର ମିଶ୍ର, କନିଷ୍ଠ ଯନ୍ତ୍ରୀ ମନୋଜ ବେହେରା, ସ୍ୱର୍ଣ୍ଣପ୍ରଭା ରାଉତ, ଜିଲା ଶିଶୁ ସୁରକ୍ଷା ଅଧିକାରୀ, ନିରଞ୍ଜନ କର, ଜିଲା ସମାଜ ମଙ୍ଗଳ ଅଧିକାରୀ ବିଜୟଲକ୍ଷ୍ମୀ ପଣ୍ଡା, ସିଡିପିଓ ମଞ୍ଜୁଳା ରଥ, ଭାରପ୍ରାପ୍ତ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ, ବ୍ଲକ ଅଧିକାରୀ ସୁମନ୍ତ କୁମାର ବେହେରା, ଜିଲା ଅବକାରୀ ଅଧିକାରୀ ରଜତ କୁମାର ପ୍ରହରାଜ, ଗ୍ରାମ୍ୟ ଉନ୍ନୟନ ବିଭାଗ ଆର୍‌ଡି(ଯାଜପୁର) ଦଶରଥପୁରର କନିଷ୍ଠଯନ୍ତ୍ରୀ ବିନୋଦ କୁମାର ଶିଅଳ, ମଙ୍ଗଳପୁର ଥାନାଧିକାରୀ ପ୍ରମୁଖ ଯୋଗଦେଇଥିଲେ।

## ଲଳିତେଶ୍ୱର ନଗରବାସୀଙ୍କ ଦୀର୍ଘ ବର୍ଷର ଅପେକ୍ଷା ଶେଷ

# ନିର୍ମାଣ ହେବ ଡ୍ରେନ୍, କଂକ୍ରିଟ ରାସ୍ତା

ଯାଜପୁର ଟାଉନ,୯।୧୨(ଡିଏନଏ)

ଦୀର୍ଘ ବର୍ଷ ପରେ ଲଳିତେଶ୍ୱର ନଗରରେ ୩କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବ ଡ୍ରେନ ଓ କଂକ୍ରିଟ ରାସ୍ତା। ଯାଜପୁରସହର ନିକଟସ୍ଥ ଲଳିତେଶ୍ୱର ନଗରରେ ୩/୪ ହଜାର ଲୋକେ ବାସ କରୁଛନ୍ତି। ସେହି ନଗରରେ ମାତ୍ର କେତେବର୍ଷ ମଧ୍ୟରେ ବହୁତଳ ପ୍ରାସାଦ ଗଢ଼ିଉଠିଥିବାବେଳେ ସେଠାରେ ବର୍ଷାଜଳ ନିଷ୍କାସନ ପାଇଁ ସୁବିଧା ନ ଥିଲା। ବର୍ଷାଦିନେ ଏହି ଅଞ୍ଚଳରେ ଆଣ୍ଠୁଏ ଲେଖାଏଁ ବର୍ଷାଜଳ ଜମି ରହୁଥିଲା। ମୁଖ୍ୟ ରାସ୍ତାରୁ ଏହି ନଗରକୁ ରାସ୍ତା ମଧ୍ୟ ସମ୍ପୂର୍ଣ୍ଣ ନ ଥିଲା। ଏହି ଅଞ୍ଚଳଟି ଯାଜପୁର ସଦର ବ୍ଲକ ଅଧୀନ ବିଚିତ୍ରପୁର ପଞ୍ଚାୟତ ବାରବାଟୀ ମୌଜାରେ ଅବସ୍ଥିତ ହୋଇଥିବା ବେଳେ ୩୦୦ରୁ ଊର୍ଦ୍ଧ୍ୱ ଗୃହ ନିର୍ମାଣ ହୋଇଛି। ଏହା ଟାଉନ ପ୍ଲାନିଂ ମଧ୍ୟରେ ଆସୁ ନ ଥିବାବେଳେ ଯୋଜନାହୀନ ଭାବେ ବିଶାଳ ବିଶାଳ ସୌଧମାନ ଏଠାରେ ଗଢି ଉଠିବା ଯୋଗୁ ବର୍ଷା ହେଲେ ଜଳ ନିଷ୍କାସନ ହୋଇ ନ ପାରିବା ଏକ ବଡ ସମସ୍ୟା ଭାବେ ଉଭା ହୋଇଛି। ବର୍ଷା ଦିନେ ପ୍ରାୟ ୩/୪ ମାସ ଧରି ଲଳିତେଶ୍ୱର ନଗରବାସୀ ହୀନସ୍ତା ହୋଇଥାନ୍ତି। ପିଲାମାନଙ୍କୁ ପାଠ ପଢାଇବା ପାଇଁ ଏହି ଅଞ୍ଚଳରେ ସର୍ବାଧିକ ଲୋକ ଘରଭଡା ନେଇ ରହୁଛନ୍ତି। ନିକଟସ୍ଥ କିଛି ଘରୋଇ ସ୍କୁଲ ଓ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଏନ୍‌ସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ପଢିବା ପାଇଁ ପିଲାଙ୍କ ସହ ପରିବାରଗୁଡିକ ଅବସ୍ଥାନ କରୁଛନ୍ତି। କିନ୍ତୁ ବର୍ଷା ପାଣିରେ ବୁଡି ରହିବା ଯୋଗୁ ଏହାର ସମସ୍ତ ରାସ୍ତାଘାଟର ଦୂରାବସ୍ଥା କଥା କହିଲେ ନ ସରେ। ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ମଶା ମାଛି ଓ ସରୀସୃପଙ୍କ ଆତଜାତ ଏଠାରେ ସର୍ବାଧିକ। ଏଫ୍‌ଡିଆର ଯୋଜନାରେ ଏଠାରେ ଡ୍ରେନ ସାଙ୍ଗକୁ ପକ୍କା ରାସ୍ତା ନିର୍ମାଣ କରାଯିବ। ୨କୋଟି ୯୨ ଲକ୍ଷ ଟଙ୍କା ଏଥିପାଇଁ ପ୍ରାଥମିକ ଭାବେ ମଞ୍ଜୁର ହୋଇଥିବାବେଳେ ବ୍ଲକ ପ୍ରଶାସନ ନିଜେ ଏହି ନିର୍ମାଣ କାର୍ଯ୍ୟ କରିବ। ସେଥିପାଇଁ ଶନିବାର ଓ ରବିବାର ମାପଚୁପ ହୋଇ କାର୍ଯ୍ୟାରମ୍ଭ ପ୍ରକ୍ରିୟା ଚାଲିଲାଣି। ଏଠାରେ ଜଳ ନିଷ୍କାସନ ସମସ୍ୟାର ସମାଧାନ ପାଇଁ କରାଯିବାକୁ ଥିବା ଡ୍ରେନଟି ନିକଟସ୍ଥ ସିଖରା ନାଳ ସହିତ ସଂଯୋଗ କରାଯିବ। ଏହା ସହିତ ଏଠାରେ ଥିବା ୪ଏକର ଜମିରେ ଏକ ଶିଶୁ ଉଦ୍ୟାନ ନିର୍ମାଣ କରାଯିବା ପାଇଁ କାର୍ଯ୍ୟ ଆରମ୍ଭ କରାଯାଇଛି। ସୂଚନା ଯୋଗ୍ୟ ଯେ, ଦୀର୍ଘବର୍ଷ ଧରି ଏହି ଯୋଜନା କରାଯାଇ କାର୍ଯ୍ୟ କରାଯିବାକୁ ସ୍ଥିର ହୋଇଥିଲେ ମଧ୍ୟ ସ୍ଥାନୀୟ ଲୋକଙ୍କ ରାସ୍ତା ଅବରୋଧ ଓ ଅସହଯୋଗ ପାଇଁ କାର୍ଯ୍ୟ ଆରମ୍ଭ କରାଯାଇପାରୁ ନ ଥିଲା।




- ୩ କୋଟି ଟଙ୍କା ବ୍ୟୟ ଅଟକଳ
- ବର୍ଷା ହେଲେ ଜଳ ନିଷ୍କାସନ ହୋଇ ନ ପାରିବା ବଡ ସମସ୍ୟା



ମୁଁ ପିଲାବେଳେ ଗୋଟେ ଝିଅ ଭଳି ଦିଶୁଥିଲି। ଲମ୍ବା ଚୁଟି ଥିଲା। ଜଣେ ହିରୋ ଭାବେ ମୋତେ କେହି ଦେଖି ନ ଥିଲେ।
**- ସୈଫ୍ ଅଲ୍ଲୀ ଖାନ୍, ବଲିଉଡ୍ ଅଭିନେତା**

# ନବଦମ୍ପତିଙ୍କୁ ପିଆଜ ଉପହାର

**ଚେନ୍ନାଇ:** ତାମିଲନାଡୁରେ ପିଆଜ କିଲୋ ୨ ଶହ ଟଙ୍କାରେ ପହଞ୍ଚିଛି। ଏହାକୁ ଦୃଷ୍ଟିରେ ରଖି ଆୟୋଜିତ ଏକ ବିବାହ ଭୋଜିରେ ଅତିଥିମାନେ ନବ ଦମ୍ପତିଙ୍କୁ ଅଢ଼େଇ କିଲୋ ପିଆଜ ଉପହାର ଦେଇଛନ୍ତି। ସ୍ଥାନୀୟ କୁଡ୍ଡାଲୋରରେ ହୋଇଥିବା ବିବାହ ଭୋଜିରେ ଶାହୁଲ ଏବଂ ସବରିନାଙ୍କ ବିବାହରେ ତାଙ୍କ ୬ ଜଣ ବନ୍ଧୁ ଏଭଳି କରିଛନ୍ତି। ଭୋଜିରେ ପିଆଜ ବିନା କୌଣସି ମେନ୍ୟୁ ପ୍ରସ୍ତୁତ କରିବା ଅସମ୍ଭବ। ତେଣୁ ଶାହୁଲଙ୍କୁ ଏହି ଉପହାର ଦେବା ପାଇଁ ଆମେ ଚିନ୍ତା କରିଥିଲୁ ବୋଲି ଜି. ଚେତନ କହିଛନ୍ତି। ଗୋଟିଏ ଦିନ ପୂର୍ବରୁ ପିଆଜ କିଲୋ ୧୯୫ ଟଙ୍କା ଥିଲା। ତେବେ ସେମାନେ ୫୦୦ଟଙ୍କାରେ ଉପହାର ଲାଗି ପିଆଜ କିଣିଥିବା ଚେତନ କହିଛନ୍ତି। ଏଭଳି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।



# ପୁଣି ଫେରିବେ ସୁସ୍ମିତା



**ମୁମ୍ବାଇ:** ୯୦ ଦଶକର ପିଢ଼ି ବଲିଉଡ୍ ନାୟିକା ସୁସ୍ମିତା ସେନ୍ ଓରଫ୍ ସୁସ୍‌ଙ୍କ ଜଲୱା ଆଜି ଯାଏ ଭୁଲିପାରି ନ ଥିବେ। 'ଦିଲ୍‌ବର୍..ଦିଲ୍‌ବର୍', 'ଚୁନ୍‌ରୀ..ଚୁନ୍‌ରୀ', 'ତୁମ୍‌ହେ ଯୋ ମୈନେ ଦେଖା..' ଭଳି ବଲିଉଡ୍ ହିଟ୍‌ସରେ ସୁସ୍ ନିଜ ଫ୍ୟାନ୍‌ମାନଙ୍କ ଦିଲ୍ ଖୁସ୍ କରିଦେଇଛନ୍ତି। ଆଜି ବି ତାଙ୍କ ଆକ୍ଟିଂ, ଡ୍ୟାନ୍ସ ଆଉ ବ୍ୟକ୍ତିତ୍ୱ ଫ୍ୟାନ୍‌ମାନଙ୍କୁ ବାନ୍ଧି ରଖିଛି। ଆପଣ ବି ଯଦି ମିସ୍ ୟୁନିଭର୍ସ ସୁସ୍ମିତା ସେନ୍‌ଙ୍କ ଫ୍ୟାନ୍, ତେବେ ଆପଣଙ୍କ ପାଇଁ ରହିଛି ଏକ ଖୁସି ଖବର। ପ୍ରାୟ ୧୦ ବର୍ଷର ବ୍ରେକ୍ ପରେ ପୁଣିଥରେ ସିଲଭର୍ ସ୍କ୍ରିନ୍‌କୁ ଫେରିବେ ସୁସ୍ମିତା ସେନ୍। ଏନେଇ ସେ ନିଜେ ସ୍ପଷ୍ଟ କରିଛନ୍ତି। ସୁସ୍ ବଲିଉଡ୍ ଛାଡ଼ିବାର ଇତି ମଧ୍ୟରେ ୧୦ ବର୍ଷ ହୋଇଗଲାଣି। ହେଲେ ସେ ନିଜ ଫ୍ୟାନ୍‌ମାନଙ୍କୁ ବିଲ୍‌କୁଲ୍ ଅଣଦେଖା କରିନାହାନ୍ତି। ସୋସିଆଲ ମିଡିଆରେ ସେ ପ୍ରାୟତଃ ନିଜର ଏବଂ ନିଜ ବୟଫ୍ରେଣ୍ଡ୍ ତଥା ଝିଅମାନଙ୍କ ଫଟୋ ଆଉ ଅପଡେଟ୍ସ ଦେଇ ଫ୍ୟାନ୍‌ମାନଙ୍କ ସହ ଯୋଡ଼ିହୋଇ ରହିଥାନ୍ତି। ଏହି କ୍ରମରେ ନିକଟରେ ସେ ସୋସିଆଲ ମିଡିଆରେ ବଲିଉଡ୍ ବ୍ୟାକ୍ କରୁଥିବା ନେଇ ଖୁଲାସା କରିଛନ୍ତି।

ନିଜ ଅଫିସିଆଲ ଇନ୍‌ଷ୍ଟାଗ୍ରାମରେ ସୁସ୍ ଏକ ଫଟୋ ଶେୟାର କରି ଲେଖିଛନ୍ତି, ଆପଣମାନେ ଧୈର୍ଯ୍ୟର ସହ ମୋତେ ଭଲପାଇବା ଦେଇଥିବାରୁ ମୁଁ ତା'ଙ୍କୁ ସମ୍ମାନ ଜଣାଉଛି। ଏହି କାରଣରୁ ମୁଁ ମୋ ଫ୍ୟାନ୍‌ମାନଙ୍କ ଫ୍ୟାନ୍ ହୋଇଯାଇଛି। ମୋ ଫ୍ୟାନ୍‌ମାନେ ବିନା ସର୍ତ୍ତରେ ସ୍କ୍ରିନ୍‌ରେ ମୋତେ ଦେଖିବାକୁ ୧୦ ବର୍ଷରୁ ଅଧିକ ସମୟ ଅପେକ୍ଷା କରିଛନ୍ତି। କୌଣସି ସର୍ତ୍ତ ନ ରଖି ମୋତେ ପ୍ରୋତ୍ସାହିତ କରିଛନ୍ତି। ମୁଁ କେବଳ ଆପଣମାନଙ୍କ ପାଇଁ ଫେରୁଛି ବୋଲି ସୁସ୍ ନିଜ ଇନ୍‌ଷ୍ଟାଗ୍ରାମ୍‌ରେ ଲେଖିଛନ୍ତି। ଅନ୍ୟପକ୍ଷରେ ସୁସ୍‌ଙ୍କ ବଲିଉଡ୍ ଫେରିବା ବିଷୟ ଜାଣିବା ପରେ ଫ୍ୟାନ୍‌ମାନେ ଖୁବ୍ ଉତ୍ସାହିତ ଅଛନ୍ତି। ଏନେଇ ତାଙ୍କୁ ଶୁଭେଚ୍ଛା ମଧ୍ୟ ଜଣାଉଛନ୍ତି। 'ମୈ ହୁଁ ନା', 'ବିବି ନଂ-୧', 'ସିର୍ଫ୍ ତୁମ୍', 'ଆଖେଁ', 'କ୍ୟୁଁ କି ମୈ ଝୁଠ୍ ନହିଁ ବୋଲ୍‌ତା' ଭଳି ବଲିଉଡ୍ ହିଟ୍ ଫିଲ୍ମରେ ଦମ୍‌ଦାର ଅଭିନୟ କରିଛନ୍ତି। ୧୯୯୪ରେ ମାତ୍ର ୧୮ ବର୍ଷ ବୟସରେ ସେ ଭାରତର ପ୍ରଥମ ମହିଳା ଭାବେ 'ମିସ୍ ୟୁନିଭର୍ସ' କ୍ରାଉନ୍ ପିନ୍ଧି ଦେଶକୁ ଗର୍ବିତ କରିଥିଲେ।

# ପୁଣି ଅନନ୍ୟାଙ୍କୁ ମିଳିଲା କରନଙ୍କ ଅଫର୍



**ମୁମ୍ବାଇ:** ବଲିଉଡ୍ ଷ୍ଟାର କିଡ୍ ଅନନ୍ୟା ପାଣ୍ଡେଙ୍କ ହାତରେ ଏବେ ଅଫର୍ ଉପରେ ଅଫର୍। ନିକଟରେ ତାଙ୍କ ଅଭିନୀତ ଫିଲ୍ମ 'ପତି ପତ୍ନୀ ଔର ୱ' ହିଟ୍ ହେବା ପରେ ପୁଣିଥରେ ଧର୍ମା ପ୍ରଡକସନରୁ ତାଙ୍କୁ ନେକ୍ସ ଫିଲ୍ମ ପାଇଁ ଅଫର୍ ମିଳିଥିବା ଜଣାପଡିଛି। ତାଙ୍କ ପ୍ରଥମ ଫିଲ୍ମ 'ଷ୍ଟୁଡେଣ୍ଟ ଅଫ୍ ଦି ଇୟର' ଫ୍ଲପ୍ ହେବା ପରେ କିନ୍ତୁ ଏବେ 'ପତି ପତ୍ନୀ ଔର ୱ' ତାଙ୍କୁ ସଫଳତା ଆଣି ଦେଇଛି। ଅବଶ୍ୟ ଏବେ ସେ କରନ ଜୋହରଙ୍କ ଫିଲ୍ମରେ ବି ଲିଡ୍ ରୋଲରେ ଆସୁ ନାହାନ୍ତି। କାରଣ ଏଥିରେ ଲିଡ୍ ରୋଲରେ ଆସିବେ ଦୀପିକା ପାଦୁକୋନ ଓ ଅନନ୍ୟା ଆସିବେ ସେକେଣ୍ଡ ଲିଡ୍ ରୋଲ୍‌ରେ। ଶକୁନ ବତ୍ରା ଏହାର ନିର୍ଦ୍ଦେଶକ ଭାବେ କାମ କରିବେ। ସେ ପୂର୍ବରୁ କରନଙ୍କ ସହ 'ଏକ ମେଁ ଔର ଏକ ତୁ' ଓ 'କପୁର ଆଣ୍ଡ ସନ୍ସ'ରେ କାମ କରି ସାରିଛନ୍ତି। ଏହା କରନଙ୍କ ସହ ଶକୁନଙ୍କର ତୃତୀୟ ଫିଲ୍ମ ହେବ। ହେଲେ ଏହି ଫିଲ୍ମରେ ଅନନ୍ୟାଙ୍କ ସହକଳାକାରଙ୍କ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ।

# ବିଳମ୍ବ ଯୋଗୁ ଶିଶୁପାଳ ହେଲେ ବର

**ବିଜ୍‌ନୋର(ଉତ୍ତରପ୍ରଦେଶ):** ବିବାହ ସମୟରେ ବରଯାତ୍ରୀଙ୍କ ପାଇଁ ଅନେକ ସମୟରେ କନ୍ୟାର ବାପଘର ଲୋକଙ୍କୁ ହଟହଟା ହେବାକୁ ପଡ଼ିଥାଏ। ଖାସ୍ ସେଥିପାଇଁ ବରଯାତ୍ରୀଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ କନ୍ୟାଘର ଲୋକେ ସବୁ ଉଦ୍ୟମ କରନ୍ତି। ହେଲେ ଉତ୍ତରପ୍ରଦେଶର ବିଜ୍‌ନୋର ଜିଲା ଅଧୀନ ନଙ୍ଗଲଜାତ ଗ୍ରାମରେ କିଛି ଭିନ୍ନ ଘଟଣା ଦେଖିବାକୁ ମିଳିଛି। ବିବାହ ପାଇଁ ଡେରିରେ ଆସି ବର ଶିଶୁପାଳ ହୋଇ ଫେରିବା ସହ ବରଯାତ୍ରୀଙ୍କୁ ମଧ୍ୟ ହଟହଟା ହେବାକୁ ପଡ଼ିଛି। ବରଯାତ୍ରୀ ନିର୍ଦ୍ଧାରିତ ସମୟଠାରୁ ବହୁ ବିଳମ୍ବରେ ପହଞ୍ଚିବାରୁ କନ୍ୟାଘର ଲୋକେ ବର ଏବଂ ବରଯାତ୍ରୀଙ୍କୁ ଅପମାନିତ କରିବା ସହ ସେମାନଙ୍କୁ ତାଲା ପକାଇଥିଲେ। ଏଥିସହ ବର ପକ୍ଷରୁ ଯୌତୁକ ଦାବି କରାଯାଇଥିବା କନ୍ୟାଘର ପକ୍ଷରୁ ଅଭିଯୋଗ ଆଣିଥିଲେ। ଅପରପକ୍ଷରେ କନ୍ୟାଘର ଲୋକେ ମୂଲ୍ୟବାନ ଜିନିଷ ଛଡ଼ାଇ ନେଇଥିବା ବର ଘର ପକ୍ଷରୁ ମଧ୍ୟ ଅଭିଯୋଗ କରିଛନ୍ତି। ତେବେ ବଡ଼ କଥା ହେଲା, ଘଟଣା ପରେ ବର ନିଜ ଘରକୁ ଫେରିଥିବାବେଳେ କନ୍ୟା ଅନ୍ୟ ଜଣେ ଯୁବକଙ୍କୁ ବିବାହ କରିଥିଲେ। ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

# ପ୍ରଥମ ମାଙ୍କଡ଼-ଘୁଷୁରି ହାଇବ୍ରିଡ୍

**ବେଜିଂ:** ନ୍ୟୁ ସାଇଣ୍ଟିଷ୍ଟର ଏକ ରିପୋର୍ଟ ମୁତାବକ, ଚାଇନାର ବୈଜ୍ଞାନିକମାନେ ଘୁଷୁରି ଭ୍ରୂଣରେ ମାଙ୍କଡର କୋଷକୁ ପ୍ରବେଶ କରାଇ 'କାଇମେରା ପିଗଲେଟ' (ଆଇଭିଏଫ୍ ଟେକ୍‌ନିକ୍‌ରେ ବିକାଶ କରାଯାଇଥିବା ଘୁଷୁରି ଛୁଆ) ଜନ୍ମ କରାଇବାରେ ସକ୍ଷମ ହୋଇଛନ୍ତି। ଏହାର ସବୁ ଅଙ୍ଗରେ ମାଙ୍କଡର କୋଷ ରହିଛି। ବିଜ୍ଞାନରେ ଏଭଳି ପ୍ରାଣୀକୁ କାଇମେରା କୁହାଯାଏ, ଯାହା ଶରୀରରେ ଏକାଧିକ ପ୍ରଜାତିର ପ୍ରାଣୀଙ୍କ କୋଷ ରହିଥାଏ। ବେଜିଂର ଲାବୋରେଟୋରି ଅଫ୍ ଷ୍ଟେମ୍‌ସେଲ୍ ଆଣ୍ଡ୍ ରିପ୍ରଡକ୍ଟିଭ ବାୟୋଲୋଜିର ବୈଜ୍ଞାନିକମାନେ ଏହି ସଫଳତା ପାଇପାରିଛନ୍ତି।



ଗବେଷଣାରେ ସାମିଲ ଟିମ୍‌ର ମୁଖ୍ୟ ଟେଙ୍ଗ୍ ହେ କୁହନ୍ତି, ମାଙ୍କଡ଼ର କୋଷରୁ ଏକ ଫ୍ଲାରୋସେଣ୍ଟ ପ୍ରୋଟିନ୍ ବିକାଶ କରିବା ପରେ ତାହାକୁ ଘୁଷୁରି ଭ୍ରୂଣରେ ପ୍ରବେଶ କରାଯାଇଥିଲା। ଏହି ଗବେଷଣାରେ ୪,୦୦୦ ଘୁଷୁରି ଭ୍ରୂଣ ଉପଯୋଗ କରାଯାଇଥିଲା। କିନ୍ତୁ ଶେଷରେ ମାଙ୍କଡ -ଘୁଷୁରିର ଦୁଇଟି ହାଇବ୍ରିଡ କାଇମେରା ପିଗଲେଟ୍‌କୁ ଜନ୍ମ ଦେବାରେ ବୈଜ୍ଞାନିକମାନେ ସକ୍ଷମ ହୋଇଥିଲେ। ଏହି ଦୁଇ ପିଗଲେଟ ସପ୍ତାହ ମଧ୍ୟରେ ମରିଯାଇଛନ୍ତି। ପ୍ରାଣୀଙ୍କ ମଧ୍ୟରେ କିପରି ମାନବ ଅଙ୍ଗ ବିକାଶ କରାଯାଇପାରିବ ତାହା ଏହି ଗବେଷଣାର ଲକ୍ଷ୍ୟ ଥିଲା ବୋଲି କହିଛନ୍ତି ବୈଜ୍ଞାନିକମାନେ। ଏହା ପୂର୍ବରୁ ୨୦୧୭ରେ ସାନ ଡିଏଗୋରେ ମାନବ-ଘୁଷୁରି ହାଇବ୍ରିଡ୍ ବିକାଶ କରାଯାଇଥିଲା ଯାହାର ୨୮ ଦିନ ପରେ ମୃତ୍ୟୁ ହୋଇଥିଲା।

# ହନୁମାନ ମନ୍ଦିରକୁ ୨ କୋଟିର ଆୟକର ନୋଟିସ

**ଇନ୍ଦୋର:** ଇନ୍ଦୋରସ୍ଥିତ ପ୍ରାଚୀନ ରଣଜିତ ହନୁମାନ ମନ୍ଦିରକୁ ଆୟକର ବିଭାଗ ଦ୍ୱାରା ୨ କୋଟି ଟଙ୍କା ଜମା କରିବା ପାଇଁ ନୋଟିସ ଜାରି କରାଯାଇଛି। ୨୦୧୬ରେ ବିମୁଦ୍ରୀକରଣ ପରେ ଏହି ମନ୍ଦିରର ଦାନବାକ୍ସରୁ ୨୬ ଲକ୍ଷ ଟଙ୍କାରୁ ଅଧିକ ମିଳିଥିଲା। ଏହାକୁ ମନ୍ଦିର ପ୍ରଶାସନ ବ୍ୟାଙ୍କରେ ଜମା କରିଥିଲା। ଏକକାଳୀନ ଏତେ ଟଙ୍କା ଜମା ହେବା ପରେ କମ୍ପ୍ୟୁଟରର ର୍‌ୟାଣ୍ଡମ ସ୍କ୍ରୁଟିନିଂରେ ଏହି ମାମଲା ଉପରେ ସନ୍ଦେହ ପ୍ରକଟ କରାଯିବା ପରେ ଆୟକର ବିଭାଗର ଅଧିକାରୀମାନଙ୍କ ପାଖରେ ପହଞ୍ଚିଥିଲା। ପରେ ମନ୍ଦିରର ଆୟ ଉପରେ ଖୋଳତାଡ କରାଯିବା ପରେ ମନ୍ଦିରକୁ ଦାନ କରାଯାଇଥିବା ଟଙ୍କା ପୂରା ୨ କୋଟି ରହିଥିଲା ବୋଲି ଜଣାପଡିଥିଲା। କିନ୍ତୁ ମନ୍ଦିର ଟ୍ରଷ୍ଟ ଆୟକର ନିୟମ ଅନୁଯାୟୀ ପଞ୍ଜିକୃତ ହୋଇ ନ ଥିବାରୁ ଆୟକର ନିୟମାନୁସାରେ ୭୭ ପ୍ରତିଶତ ଟ୍ୟାକ୍ସ ଓ ଏଥିପଇଁ ଫାଇନ୍‌କୁ ମିଶାଇ ପାଖାପାଖି ୨ କୋଟି ଟ୍ୟାକ୍ସ ଡିମାଣ୍ଡ କରାଯାଇଛି। ମନ୍ଦିର ଟ୍ରଷ୍ଟକୁ ଆୟକର ନୋଟିସ ମିଳିବା ପରେ ଏ ସମ୍ପର୍କରେ ସେମାନେ ପ୍ରଶାସନକୁ ଜଣାଇ ନ ଥିଲେ।



କିନ୍ତୁ ପରେ ମନ୍ଦରି ପ୍ରଶାସକ ଓ ଏସ୍‌ଡିଏମ୍ ରବି କୁମାର ସିଂହ ଏ ବାବଦରେ ଜାଣିବା ପରେ ଆୟକର ବିଭାଗର ଅଧିକାରୀଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। କିନ୍ତୁ ଆୟକର ବିଭାଗର ଅଧିକାରୀମାନେ କହିଛନ୍ତି, ଖଜରାନା ମନ୍ଦିର ଭଳି ରଣଜିତ ହନୁମାନ ମନ୍ଦିର ନିୟମ ମୁତାବକ ପରିଚାଳିତ ହେଉନାହିଁ କି ଆୟକର ବିଭାଗ ଛାଡ ନିୟମ ଅନୁସାରେ ପଞ୍ଜିକୃତ ହୋଇନାହିଁ।

## ଜଳବାୟୁ ପରିବର୍ତ୍ତନର ପ୍ରଭାବ

# ସମୁଦ୍ରରେ କମୁଛି ଅମ୍ଳଜାନ

**ମାଡ୍ରିଡ୍:** ଜଳବାୟୁ ପରିବର୍ତ୍ତନର ସବୁଠାରୁ ଭୟଙ୍କର ପ୍ରଭାବ ପଡ଼ିଛି ସାମୁଦ୍ରିକ ଜୀବନ ଉପରେ। ପ୍ଲାଷ୍ଟିକ ବର୍ଜ୍ୟକୁ ନେଇ ନିଜ ଭିତରେ ନୀରବ ଯୁଦ୍ଧ କରୁଥିବା ସମୁଦ୍ର ଏବେ ଅନୁଭବ କରୁଛି ଅମ୍ଳଜାନର ଅଭାବ। ଏହି କାରଣରୁ ସାମୁଦ୍ରିକ ଜୀବ, ଧୀବରଙ୍କ ସମେତ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା



ଲୋକଙ୍କ ଉପରେ ସଙ୍କଟ ବଢ଼ିବାରେ ଲାଗିଛି। ଏହାକୁ ନେଇ ଚେତାବନୀ ଜାରି କରିଛି ଅନ୍ତର୍ଜାତୀୟ ପ୍ରକୃତି ସଂରକ୍ଷଣ ସଂଘ (ଆଇୟୁସିଏନ୍)। ସାରା ପୃଥିବୀର ଏପରି ୭୦୦ ସ୍ଥାନ ଚିହ୍ନଟ କରାଯାଇଛି, ଯେଉଁଠାରେ ଅମ୍ଳଜାନର ମାତ୍ରା ହ୍ରାସ ପାଇଛି। ୧୯୬୦ ସର୍ଭେରେ ଏହି ସ୍ଥାନ ସଂଖ୍ୟା ଥିଲା ୪୫। ଚଳିତ ସର୍ଭେରେ ଏହା ୪ଗୁଣା ବଢ଼ିଛି। କେବଳ ଏତିକି ନୁହେଁ, ଚିହ୍ନଟ କରାଯାଇଥିବା ସ୍ଥାନଗୁଡ଼ିକ ମଧ୍ୟରେ ଏପରି କେତେକ ଜାଗା ରହିଛି ଯେଉଁଠି; ଅମ୍ଳଜାନର ମାତ୍ରା ଅତି ସ୍ୱଳ୍ପ। ସାମୁଦ୍ରିକ ଜୀବମାନେ ତାପମାତ୍ରା ବୃଦ୍ଧି, ଅତ୍ୟଧିକ ମାଛ ମାରିବା, ପ୍ଲାଷ୍ଟିକ ପ୍ରଦୂଷଣ ଭଳି ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ଯାହା ପରିବେଶ ପାଇଁ ଅଶୁଭ ସଙ୍କେତ।

ଆଇୟୁସିଏନ୍‌ର କହିବା କଥା, ଜୀବାଶ୍ମ ଇନ୍ଧନରୁ ନିର୍ଗମନ କାର୍ବନର ଏକ ଚତୁର୍ଥାଂଶ ଟାଣି ନେଇଥାଏ। ହେଲେ ତାପମାତ୍ରା ବଢ଼ିବା ଏବଂ ଅମ୍ଳଜାନ ମାତ୍ରା କମିବା ଯୋଗୁ ଏବେ ଏହି ଚକ୍ର ପ୍ରଭାବିତ ହୋଇଛି। ବିଶ୍ୱସ୍ତରରେ ବିଭିନ୍ନ ସମୁଦ୍ରରେ ହାରାହାରି ୨% ଯାଏ ଅମ୍ଳଯାନ କମିଛି। ଏପରି ଧାରା ଜାରି ରହିଲେ ୨୧୦୦ ସୁଦ୍ଧା ସମୁଦ୍ରର ଅକ୍ସିଜେନ ମାତ୍ରା ୩ରୁ ୪% ଯାଏ କମିଯିବା ଆଶଙ୍କା ଦେଖାଦେଇଛି।

ସଂଘର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଗ୍ରେଥଲ୍ ଏଗୁଇଲର କୁହନ୍ତି, ସମୁଦ୍ର ପୃଷ୍ଠରୁ ୧୦୦୦ ମିଟର (ହାରାହାରି ୧ କିମି) ଗଭୀରତା ଅଞ୍ଚଳ ଅତି ସମ୍ବେଦନଶୀଳ। ଏଠାରେ ହିଁ ଜଳଚର ଜୀବଙ୍କ ଜୀବନଚକ୍ର ସଞ୍ଚାଳିତ ହୋଇଥାଏ। ଏବେକାର ପରୀକ୍ଷଣରୁ ସମୁଦ୍ରରେ ଅମ୍ଳଜାନର ମାତ୍ରା ହ୍ରାସ ପାଉଥିବା ଜଣାପଡ଼ିଛି। ଏହାଦ୍ୱାରା ଅଧିକ ଅମ୍ଳଜାନ ଆବଶ୍ୟକ କରୁଥିବା ସାମୁଦ୍ରିକ ଜଳଚରଜୀବଙ୍କ ଜୀବନ ଅସନ୍ତୁଳିତ ହୋଇଯିବ। ଟୁନା, ମର୍ଲିନ, ସାର୍କ ପ୍ରଜାତିର ବଡ଼ ମାଛ ଦୈନନ୍ଦିନ ଅଧିକ ଶକ୍ତି ଆବଶ୍ୟକ କରିଥାନ୍ତି। ତଦନୁଯାୟୀ ସେମାନେ ଅଧିକ ଅମ୍ଳଜାନ ମଧ୍ୟ ଗ୍ରହଣ କରିଥାନ୍ତି। କମୁଥିବା ଅମ୍ଳଜାନର ମାତ୍ରାରେ ସୁଧାର ନ ଆସିଲେ ଏପରି ମତ୍ସ୍ୟପ୍ରଜାତିର ପ୍ରାଣୀ ବିଲୁପ୍ତ ହୋଇଯିବେ ବୋଲି ଏଗୁଇଲର ଆଶଙ୍କା ବ୍ୟକ୍ତ କରିଛନ୍ତି।

# ସମାନତା, ନ୍ୟାୟ ଓ ସ୍ୱାଧୀନତା ପ୍ରତିଷ୍ଠା କରେ ମାନବିକ ଅଧିକାର

**ଜାତିସଂଘ:** ଜାତିସଂଘ ଦ୍ୱାରା ପ୍ରତିବର୍ଷ ୧୦ ଡିସେମ୍ବରରେ ମାନବାଧିକାର ଦିବସ ପାଳନ କରାଯାଉଛି। ୧୯୪୮ରେ ଜାତିସଂଘ ସାଧାରଣ ପରିଷଦ ଏହି ଦିବସକୁ ଗ୍ରହଣ କରିଥିଲେ ମଧ୍ୟ ଆଧିକାରିକ ସ୍ତରରେ ୪ ଡିସେମ୍ବର ୧୯୫୦ରେ ଆନ୍ତର୍ଜାତିକ ମାନବାଧିକାର ଦିବସ ପାଳନ କରିବା ଲାଗି ଜାତିସଂଘ ସାଧାରଣ ପରିଷଦ ପ୍ରସ୍ତାବ ଘୋଷଣା କରିବା ସହ ସବୁ ଦେଶ ତଥା ଏହା ସହ ଜଡିତ ସଂଗଠନଗୁଡ଼ିକୁ ଏହି ଦିବସ ପାଳନ କରିବା ଲାଗି ସୂଚନା ଜାରି କରିଥିଲା। ଏହି ଦିବସ ପାଳନ ଅବସରରେ ଜାତିସଂଘ ମାନବାଧିକାର ପୁରସ୍କାର ପ୍ରଦାନ କରାଯାଏ।

ପ୍ରତିଦିନ ଆମ ଜୀବନରେ ମାନବାଧିକାରର ପ୍ରାସଙ୍ଗିକତା ରହିଛି। ଆମେ ପ୍ରକଟ କରୁଥିବା ମାନବିକତାର ମୂଲ୍ୟ ସାର୍ବଜନୀନ ସ୍ତରରେ ରହିଛି। ମାନବିକ ଅଧିକାର ସମାନତା, ନ୍ୟାୟ ଓ ସ୍ୱାଧୀନତା ପ୍ରତିଷ୍ଠା କରେ। ଏହା ହିଂସା ଦୂରକରି ଶାନ୍ତି ପ୍ରତିଷ୍ଠା କରେ। ଯେଉଁଠି ଓ ଯେତେବେଳେ ମାନବିକତାର ମୂଲ୍ୟକୁ ଅଣଦେଖା କରାଯାଏ ସେତେବେଳେ ସମସ୍ତେ ବିପଦକୁ ଠେଲି ହୋଇଯାନ୍ତି। ବିଶ୍ୱର ବିଭିନ୍ନ ସ୍ଥାନରେ ମାନବାଧିକାର ଉଲ୍ଲଂଘନକୁ ନେଇ ସ୍ୱର ଉଠୁଛି। ଏହି ପରିପ୍ରେକ୍ଷୀରେ ମାନବାଧିକାରର ବୈଶ୍ୱିକ ଘୋଷଣା ଆମକୁ ସଶକ୍ତ କରିପାରିଛି। ମାନବାଧିକାର ଲାଗି ସମସ୍ତେ ଠିଆହେବା ପାଇଁ ଜାତିସଂଘ ଆହ୍ୱାନ ଦେଇଆସିଛି।




ମାନବାଧିକାରକୁ ଗୁରୁତ୍ୱ ଦେଇ ସାମଗ୍ରିକ ବିକାଶ ତଥା ସଚେତନତା ଆଣିବା ଲାଗି ଯୁବପିଢିଙ୍କ ଉପରେ ଆସ୍ଥା ସ୍ଥାପନ କରିଛି। 'ୟୁଥ ଷ୍ଟାଣ୍ଡିଂ ଅପ୍ ଫର୍ ହ୍ୟୁମାନ ରାଇଟସ୍' ସ୍ଲୋଗାନ ବି ଦେଇଛି। ଯୁବପିଢିଙ୍କ ନିଷ୍ପତ୍ତି ପରୋକ୍ଷରେ ହେଉ କିମ୍ବା ପ୍ରତ୍ୟକ୍ଷରେ ସମାଜର ରାଜନୈତିକ, ଅର୍ଥନୈତିକ ତଥା ସାମାଜିକ କ୍ଷେତ୍ରରେ ତୃଣମୂଳ ସ୍ତରରେ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ସକ୍ରିୟ ଭାବେ କାର୍ଯ୍ୟ କରିଥାଏ। ଯୁବ ସମାଜ ମାନବାଧିକାରକୁ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚାଇବାକୁ ପ୍ରସ୍ତୁତ ହୋଇ ରହିଛନ୍ତି। ସେମାନଙ୍କୁ ଆମେ ଆଗକୁ ଯିବାକୁ ପ୍ରେରଣ ଦେବା ଓ ଆମେ ବି ତାଙ୍କ ସହ ଠିଆ ହେବା ସାମ୍ପ୍ରତିକ ସମୟର ଏକ ବଡ଼ ଆହ୍ୱାନ ବୋଲି ଗ୍ରହଣ କରିବା ଆବଶ୍ୟକ। ଯୁବପିଢି ବାସ୍ତବରେ ଶକ୍ତିଶାଳୀ। ସେମାନଙ୍କ ନେତୃତ୍ୱ ଗ୍ରହଣ କରିବା ଦରକାର। କେବେ ବି ଭାବନି ଯେ ଯୁବଶକ୍ତି ବିଶ୍ୱ ସ୍ତରୀୟ ଆନ୍ଦୋଳନର ନେତୃତ୍ୱ ନେଇପାରିବନି? ଜଳବାୟୁ ପରିବର୍ତ୍ତନ ଆମ ମୂଳ ଅଧିକାର ପ୍ରତି ବିପଦ ସୃଷ୍ଟି କରିଛି। ଏଥିପାଇଁ ଯୁବଗୋଷ୍ଠୀ ତାଙ୍କ ଭବିଷ୍ୟତ ସୁରକ୍ଷା ଲାଗି ଏକାଠି ହୋଇଛନ୍ତି। ୧୬ ବର୍ଷୀୟା ଗ୍ରେଟା ଥନ୍‌ବର୍ଗ ଇତିହାସରେ ସବୁଠାରୁ ବଡ କ୍ଲାଇମେଟ ପ୍ରୋଟେଷ୍ଟର ନେତୃତ୍ୱ ନେଇଛନ୍ତି। ୧୬୩ଟି ଦେଶରୁ ୪ ମିଲିୟନ ଲୋକଙ୍କୁ ଯୋଡିପାରିଛନ୍ତି। ପ୍ରଭାବିତ ମଧ୍ୟ କରିପାରିଛନ୍ତି। ବିଶ୍ୱରେ ପାଖାପାଖି ୪୫ ହଜାର ସାଂସଦ ରହିଛନ୍ତି, ସେଥିରୁ ମାତ୍ର ୨ ପ୍ରତିଶତଙ୍କ ବୟସ ୩୦ ବର୍ଷରୁ କମ୍। ଏବେ ବିଶ୍ୱରେ ଯେଉଁମାନେ ଅର୍ଥନୈତିକ, ସାମାଜିକ ତଥା ପରିବେଶ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛନ୍ତି ସେମାନଙ୍କ ମଧ୍ୟରେ ବି ଯୁବପିଢି ରହିଛନ୍ତି। ସେମାନେ ସରକାରରେ ସେମାନଙ୍କ ଆବଶ୍ୟକ ନେତୃତ୍ୱ ପାଇପାରୁନାହାନ୍ତି। ସେମାନଙ୍କ ଏକ୍ଷେତ୍ରରେ ଭାଗ ନେଇ ନିଷ୍ପତ୍ତି ନେବାର ଅଧିକାର ରହିଛି ଏବଂ ସେମାନଙ୍କ ସ୍ୱରକୁ ବିଶ୍ୱ ଶୁଣିବା ଜରୁରୀ ମନେହୁଏ। ଭାରତରେ ୧୨ ଅକ୍ଟୋବର ୧୯୯୩ରେ ରାଷ୍ଟ୍ରୀୟ ମାନବାଧିକାର ଆୟୋଗ ଗଠନ କରାଯାଇଥିଲା। ଏବେ ମାନବାଧିକାର ଆୟୋଗ ଅଧିକ ଲୋକଙ୍କୁ ସଚେତନ କରିପାରୁଛି।

# ପଞ୍ଚାୟତ ଅଫିସରେ ଲାଗୁନି ଫନୀ କ୍ଷତିଗ୍ରସ୍ତଙ୍କ ତାଲିକା

**ନାଉଗାଁ,୯।୧୨(ସ୍ୱ.ପ୍ର.)**

ବାତ୍ୟା ଫନୀ ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ନାଉଗାଁ ତହସିଲ ଅଞ୍ଚଳର ୨୮୨୪ ଜଣ ହିତାଧିକାରୀଙ୍କୁ ଘର ଭଙ୍ଗା ସହାୟତା ପ୍ରଦାନ କରାଯିବା ପାଇଁ ତାଲିକା ପ୍ରସ୍ତୁତ କରାଯାଇଛି। ତେବେ ଏହି ତାଲିକାରେ କେତେ ଯୋଗ୍ୟ ଓ ଅଯୋଗ୍ୟ ହିତାଧିକାରୀ ସାମିଲ ହୋଇଛନ୍ତି ତାହା ଜଣା ପଡ଼ିନାହିଁ। ତେଣୁ ଫନୀ କ୍ଷତିଗ୍ରସ୍ତଙ୍କ ଏକ ତାଲିକା ପ୍ରତି ପଞ୍ଚାୟତ କାର୍ଯ୍ୟାଳୟରେ ଲଗାଇବାକୁ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ମିଶ୍ର ଗତ ମାସ ୧୧ ତାରିଖରେ ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ ପ୍ରତି ପଞ୍ଚାୟତ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ଫନୀ କ୍ଷତିଗ୍ରସ୍ତ ତାଲିକା ଲଗାଗଲେ ପ୍ରକୃତ ହିତାଧିକାରୀ କିଏ ? ଜଣାପଡ଼ିବ। ଅଭିଯୋଗ ପରେ ଜିଲାପାଳ ତହସିଲଦାରଙ୍କୁ ତାଲିକା ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗକୁ ୧ ମାସ ହେବ। ହେଲେ ଏ ପର୍ଯ୍ୟନ୍ତ ତାଲିକା ଲଗାଯାଉ ନାହିଁ। ଏବିଷୟରେ ପୁନର୍ବାର ସେ ଜିଲାପାଳଙ୍କୁ ଗତ ୨ ତାରିଖରେ ମଧ୍ୟ ଜଣାଇଥିଲେ। ହେଲେ ଫଳ ଶୂନ। ଫନୀ କ୍ଷତିଗ୍ରସ୍ତଙ୍କ ସଂଖ୍ୟା ଯଦି ପାଖାପାଖି ୩ ହଜାର ତେବେ ମାତ୍ର ୫୪ ଜଣଙ୍କୁ କାହିଁକି ପଲିଥିନ ପ୍ରଦାନ କରାଯାଇଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଆବାସ ଯୋଜନାରେ ଚଞ୍ଚକତା କରିବା ପାଇଁ ଏହିପରି ରିପୋର୍ଟ ପ୍ରଦାନ କରାଯାଇଥିବା ପ୍ରତାପ ଅଭିଯୋଗ କରିଛନ୍ତି। ଏବିଷୟରେ ମିଶ୍ର ସୋମବାର ଟୁଇଟ୍ ମାଧ୍ୟମରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜଣାଇଛନ୍ତି। ତେଣୁ ଶୀଘ୍ର ତାଲିକା ପଞ୍ଚାୟତ କାର୍ଯ୍ୟାଳୟରେ ଲଗାଇବା ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ଜେ. କଳ୍ପନାଙ୍କୁ ପଚାରିବାରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସବୁ ପଞ୍ଚାୟତ କାର୍ଯ୍ୟାଳୟରେ ଫନୀ ସହାୟତା ପାଇବାକୁ ଥିବା ହିତାଧିକାରୀଙ୍କ ନାମ ଲଗାଯାଇଥିବା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଫନୀ ସହାୟତା ପାଇଁ ଅସିଥିବା ତାଲିକାରେ ଅନେକ ଅଯୋଗ୍ୟ ବ୍ୟକ୍ତି ସାମିଲ ହୋଇଥିବା ଅଭିଯୋଗ ହୋଇଛି।

# ସାଇମନ୍ଦିର ବାର୍ଷିକୋତ୍ସବ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ବିଧାୟକ ଓ ଅନ୍ୟ ଅତିଥି ଉପସ୍ଥିତ।

**ରଘୁନାଥପୁର,୯।୧୨(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ଶାଳିଜଙ୍ଗାସ୍ଥିତ ଶ୍ରୀ ସିରିଡି ସାଇ ମନ୍ଦିରର ତୃତୀୟ ବାର୍ଷିକୋତ୍ସବ ଲାଗି ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସର୍ବସମ୍ମତିକ୍ରମେ ପ୍ରତିଷ୍ଠାନର ସଭାପତିଭାବେ ବିଧାୟକ ବିଷ୍ଣୁ ଦାସ ମନୋନୀତ ହୋଇଥିଲେ। ଏହି ଉତ୍ସବ ୩ଦିନ ଧରି ତଥା ଜାନୁୟାରୀ ୨୮ରୁ ଆରମ୍ଭ ହୋଇ ୩୦ରେ ଶେଷ ହେବ। ହଜାର ହଜାର ଭକ୍ତଙ୍କ ଆଗମନକୁ ଲକ୍ଷ୍ୟ ରଖି ଆଲୋକ, ପାନୀୟଜଳ ଓ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ କର୍ମଚାରୀ ନିୟୋଜିତ ହେବେ। ପ୍ରତିଷ୍ଠାନର ସମସ୍ତ ସଦସ୍ୟ ଉତ୍ସବରେ ଦାୟିତ୍ୱ ବହନ କରିବା ପାଇଁ ସ୍ଥିର ହୋଇଥିଲା। ବ୍ଲକ ଅଧ୍ୟକ୍ଷା ସ୍ୱପ୍ନାସରିତା ବଳ ଉତ୍ସବରେ ସହଯୋଗ କରିବା ନେଇ ପ୍ରକାଶ କରିଥିଲେ। ଏହି ବୈଠକରେ ଦିଲ୍ଲୀପ ରଥ, ଇଂ.ବାବାଜି ଚରଣ ଜେନା, ପାର୍ଥଶାଖା ପାଲଟାସିଂ, ପ୍ରଶାନ୍ତ ଦାସ, ବିଜୟ ସ୍ୱାଇଁ, ଗୋବିନ୍ଦ ଚନ୍ଦ୍ର ଜେନା, ସରୋଜକାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ହରିରାମପାଟଣାରେ ଗୀତାଯଜ୍ଞ

**ବିରିଡି,୯।୧୨(ଡି.ଏନ.ଏ):** ବ୍ୟଞ୍ଜନ ଦ୍ୱାଦଶୀ ତିଥିରେ ସୋମବାର ଶ୍ରୀମଦ୍ ଭଗବତ ଗୀତାଯଜ୍ଞ ହରିରାମାପାଟଣାଠାରେ ଅନୁଷ୍ଠିତ ହୋଇଯାଇଛି। ରବିବାର ସନ୍ଧ୍ୟାରେ ଶୁଭାଧିବାସ, ସୋମବାର ସୂର୍ଯ୍ୟପୂଜା, କୁଣ୍ଡମଣ୍ଡଳ ପୂଜା, ମଣ୍ଡଳ ପୂଜା, ବାସୁଦେବଙ୍କ ଉପଚାର ପୂଜା, ଗଭବତ ଗୀତାର ଆହୁତି, ପୁଷ୍ପାଞ୍ଜଳି ପରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ରାତ୍ରରେ ମା'ରାମଚଣ୍ଡୀ ରାମନାଟ୍ୟ ସଂସଦ ନୟାଗଡ଼ର କଳାକାରଙ୍କ ଦ୍ୱାରା ସୀତାଙ୍କ ଅନ୍ତିମ ଦର୍ଶନ ବା ଲବ କୁଶ ଜନ୍ମ ଉପରେ ରାମଲୀଳା ପ୍ରଦର୍ଶିତ ହୋଇଥିଲା। ଏହାକୁ ଦେଖିବା ଲାଗି ବହୁ ଜନ ସମାଗମ ହୋଇଥିଲା।


## OFFICE OF THE REGULATED MARKET COMMITTEE, SARGIPALI, SUNDARGARH

**INVITATION OF BIDS THROUGH E-PROCUREMENT**

**TENDER CALL NOTICE**

**NO.767 OF 2019-20** **DATED: 07.12.2019**

**BID IDENTIFICATION NO.02**

The office of the R.M.C., Sargipali, Sundargarh invites percentage rate of bids on online mode from eligible contractors for execution of the different works under RMC Sargipali. The details of which are available at e-procurement portal **www.tenderorissa.gov.in.** The interested tenders are advised to visit the above website for submission of e-tender.

**Tender will be closed at 17.00 hours on 21.12.2019.**

**Sd./-**
**Collector, Sundargarh-cum-Chairman, R.M.C., Sargipali Sundargarh**

E-Mail:- serwbpr2004@yahoo.com
Tel/Fax:- 0680-2404287

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ,
ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର

**OFFICE OF THE SUPERINTENDING ENGINEER**
**RURAL WORKS CIRCLE, BERHAMPUR**

At/Po:- Ambapua
Near Income Tax office,
Berhampur-760011
Ganjam, Odisha.

**O-603**

No. e-Procurement // 4458 // RWC// BAM // Dated. 07.12.2019 E-Mail / E-despatch

**CORRIGENDUM**

**Vide Bid identification No. Online Tender/17-2019-20/BPR**

Due to unavoidable circumstances the tender for the Bid Identification No. Online Tender/17-2019-20/BPR invited vide this office Letter No. 4171 dt. 11.11.2019 is hereby cancelled.

Superintending Engineer
R.W.Circle, Berhampur

25071/11/0017/1920

GOVERNMENTOFODISHA
OFFICEOFTHEEXECUTIVEENGINEER,RWS&SDIVISION, MALKANGIRI
Tel: 06861-231617,E-mail-eerwss_mal@nic.in, eerwssmlkg@gmail.com

No.O-596 :-

INVITATION FOR BIDS
**NATIONAL COMPETITIVE BIDDING**

**Bid Identification No: RWSS_MKG_ONLINE_07/2019-20** **DATED: - 06.12.2019**

The Executive Engineer, RWS&S Division, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of "e" Procurement system in online mode for the works detailed in the table below to be eventually drawn up in P-1 contract.

1 Name of the Work: : 02 Nos.Spring based piped water supply schemes &03 Nos. Water supply to different ST/SC Hostels in the Malkangiridistrict.
2 No. of Works : **04 Nos.**
3 Estimated Cost : **₹5.81Lakhs to ₹ 12.17 Lakhs**
4 Tender Paper Cost : ₹.4000/- to ₹.6000/-
5 Class of Contractor :

| Estimated cost up to ₹20.00 lakhs | Estimated cost more than ₹20.00 lakhs & within ₹40.00 lakhs | Estimated cost more than ₹40.00 lakhs & within ₹300.00 lakhs |
|---|---|---|
| 'D' & 'C' | 'C' & 'B' | 'B' & 'A' |

6 Period of Completion : 03 (Three) to 06 (Six) calendar months
7. **Critical dates** :

| ProcurementOfficer | BidIdentificationNo. | AvailabilityofTender onlineforBidding | | Last Dateof seekingtender Clarification | Date of opening of Bid |
|---|---|---|---|---|---|
| | | From | To | | |
| **Executive Engineer, RWS&S Division, Malkangiri** | **RWSS_MKG_ONLINE_05 of 2019-20** | **16.12.2019** at **09.00AM** | **26.12.2019** up to **05.00PM** | **24.12.2019** | **27.12.2019 at11.00AM** |

- Furtherdetailscanbeseeninthebiddingdocuments,whichisavailablein thee-procurement portal **https://www.tendersorissa.gov.in.**
- Subsequent corrigendum if required shall be appeared in the web site.
- Authority reserves the right to reject any or all tenders without assigning any reason thereof.

25044/11/0008/1920 ExecutiveEngineer, RWS&SDivision, Malkangiri

## PARADIP PORT TRUST

**e-TENDER CALL NOTICE**

Name of the Work: **Cleaning of the roads, berms and disposal of debrises / spilled materials from the stretch from Gate No. 2 to Gate No. 1 with MCHP road for the year 2019-20 (Zone-III).**
Estimated Cost: ₹ **68,71,315/-.**
Last Date & Time of Submission: **28.12.2019 upto 17:00 Hrs.**
Refer our website for details: **eprocure.gov.in/eprocure/app.**

**Executive Engineer, PRD, Paradip Port Trust**

PPT/PR/533/19-20, Dt. 09.12.2019




idco
Your power to grow
ISO 9001 & 14001 Corporation
ODISHA
NEW OPPORTUNITIES

## OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, JANPATH, BHUBANESWAR-751022

**No.CAD-664:-** **Tender Call Notice No. H.O./P&C/EST/E-3631/03/2011/P-III/21246, Dt. 03.12.2019**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the Work :- Construction of Bitimen road over compacted quarry dust in the out-side of west side compound wall at Chhatabara Industrial Estate, Khurda.
2. Estimated cost :- Rs. 46.19 Lakhs (Approx.)
3. Period of completion :- 03 (Three) Calendar Months.
4. Other details :-

| Procurement Officer | Bid/ Tender reference No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Tender/ Bid reference No. PC/ EST/ E-49/ 2019-20 | 13.12.2019 at 16.00 Hrs. | 26.12.2019 upto 17.00 Hrs. |

Further details can be seen from the e- Procurement Portal **www.tendersodisha.gov.in** and Corrigendum if any will not be published in newspapers and can only be seen in the e-procurement portal **www.tenderodisha.gov.in** and **www.idco.in**.

**Sd./-**
**Chief General Manager (P&C) I/C, IDCO, Bhubaneswar**

**14003/11/0025/1920**

No. gg-19:-

## Government of Odisha
## Department of Social Security & Empowerment of Persons with Disabilities

No. 11001 /SSEPD Dt. 09.12.2019
SSEPD-DA3-DA-0001/2017

**NOTICE**

Applications are hereby invited for appointment to **One** post of State Coordinator for the Project "Universal ID for Persons with Disabilities (UDID)". Details of this notice containing required educational qualification, age etc. and other terms and conditions of appointment are available at the web-site www.ssepd.gov.in. Interested persons may furnish their application in plain paper along with bio-data addressed to the Commissioner-cum-Secretary to Government, Social Security & Empowerment of Persons with Disabilities Department by 23rd December 2019. Those who have applied for the post in response to SSEPD Department notice no. 6148 dated 10.07.2019, *need not apply again*.

Sd/- Joint Secretary to Government

46001/11/0023/1920

## OFFICE OF THE PRINCIPAL
## GOVERNMENT COLLEGE (AUTONOMOUS), ANGUL

Letter No. 3549 / Dt. 09.12.2019

Sealed quotations are invited from interested registered dealers / agencies having IT and GST clearance by Speed Post / Registered Post only for supply, installation and commissioning of various items in Govt. College (Auto.), Angul under RUSA 2.0 Grant, WB-OHEPEE IDP Grand and Establishment of Computer Lab. The quotations must reach the office of the undersigned separately under each grant latest by dt.02.01.20120 by 5.00 PM. For further details logon to the college website http://www.gaca.nic.in/.

*Sd./- PRINCIPAL*

## OFFICE OF THE ASKA COOP. SUGAR INDUSTRIES LTD., NUAGAM (ASKA)

**PO-NUAGAM (ASKA)-761111, GANJAM, DISTRICT-ODISHA**
**Phones: 06822-273464, email- askasugar@yahoo.co.in,**
**Tender No.1732** **website-www.askasugar.com** **Dt.09.12.2019**

**Sealed Tender Call Notice**

The Aska Cooperative Sugar Industries Ltd., Aska invites sealed tenders from the interested Associations of Truck Owners (having their valid registration number)/ Truck Owners for engagement of 65 (sixty five) number of trucks of 10MT capacity for transportation of sugarcane from cane field of growers to The Aska Cooperative Sugar Industries Ltd. premises within a radious of 80K.M. during the Crushing Season 2019-20. The cane transportation will commence tentatively from 1st week of January 2020 till end of the crushing operation of the Industry. The last date of filing of tender is 5 P.M. of Dt.23.12.2019 and tender will be opened on Dt.24.12.2019 at 11 A.M. Interested Associations / Truck owners can visit to our website **www.askasugar.com** for details of the Tender Call Notice and Terms & Condition of engagement of trucks for the crushing season 2019-20.

**Sd./- Managing Director**

## ODISHA LIFT IRRIGATION CORPORATION LIMITED

**(A Government of Odisha Undertaking)**

**OFFICE OF THE EXECUTIVE ENGINEER, L.I. DIVISION, BHUBANESWAR**

**e-Mail: eeolicdivn.bbsr@ymail.com, Tel. 0674-2391847**

**e-Procurement Notice**

**Bid Identification No. 4879 /2019-20 / Dt. 03.12.2019 (Re-bid)**

No.CAD-660 :- The Executive Engineer, Lift Irrigation Division, Bhubaneswar on behalf of ODISHA LIFT IRRIGATION CORPORATION LIMITED, BHUBANESWAR invites percentage rate bids in online mode for revival of defunct Lift Irrigation Projects in Puri district under State Plan Fund 2018-19 in TURNKEY BASIS as mentioned below from the reputed Contractors/ Firms having valid HT license issued by E.L.B.O, Odisha and Civil license as mentioned in the DTCN with experience in similar nature of work.

1. Nature of work : Execution of work for revival of Badaora-I & II L. I. Projects in Kanas block of Puri District.
2. No. of packages : 01 No.
3. Estimated cost : Rs.22,02,226/-
4. Period of completion : 90 days.
5. Date & time of availability of bid documents in the portal : 12.12.2019 at 10.00 A.M.
6. Last date & time for receipt of bids in the portal : 27.12.2019 up to 5.00 P.M.
7. Date & time of seeking clarification : 12.12.2019 at 10.00 A.M. to 23.12.2019 up to 5.00 P.M.
8. Opening date & time : 30.12.2019 at 04.00P.M.
9. Name & address of the officer inviting Bid : Executive Engineer, Lift Irrigation Division, Bhubaneswar

The details of tender are available in the Government tender website i.e. **www.tendersorissa.gov.in.** and other related documents are available in the DTCN for bidding. Any Addendum/ corrigendum/ Cancellation of tender will be available in the said website

**Executive Engineer**
**L.I.Division, Bhubanesw**

**32155/11/0001/1920**

OPHWC

## THE ODISHA STATE POLICE HOUSING & WELFARE CORPORATION LTD.

(A Government of Odisha Undertaking)
JANAPATH, BHOINAGAR, BHUBANESWAR-22
Ph: 0674-2541545, 2542921, fax: 0674-2541543, Email: ophwc.od@nic.in, Website: www.ophwc.nic.in

**No. CAD-665:-**

**e-Procurement Notice No.- 30/SE/16/OPHWC/2019-20**

**INVITATION FOR BIDS (IFB)**

1. The Superintending Engineer (OSPH&WC), Odisha, Bhubaneswar invites Pecentage rate bids in single cover system in ONLINE MODE only, for works as detailed below:-
2. Nature of work : Building works
3. No. of works : 08 Nos.
4. Value of Tender : Rs. 18,00,000.00 to Rs. 46,00,000.00
5. Bid Cost : Rs. 7,080.00 (To be paid online)
6. Class of Contractor : 'C' Class to 'B' Class
7. Availability of Bid documents in the website : Dt.11.12.2019 to Dt.21.12.2019 upto 5.00 PM
8. Last date / time of Receipt of Bids in the Portal : Dt.21.12.2019 upto 5.00 PM
9. Date of opening of Bid : Dt.23.12.2019 at 11.30 AM
10. The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website.

12025/11/0043/1920 *Sd./- Superintending Engineer (OSPH&WC), Odisha*

**N.B.:** The quoted rate should be all inclusive but excluding G.S.T. as applicable under works contract.

GOVERNMENT OF ODISHA, "e"-PROCUREMENT NOTICE
For Turn key Project **B-411**

## WORKS DEPARTMENT

E-mail : ceworldbankprojects@gmail.com

Bid Identification No. CE-W.B.P. (O) - 07 /2019 - 20

1.

| Sl. No | Name of work | Bid Security (Rs in lakh) | Period of completion | Class of Bidder |
|---|---|---|---|---|
| 1 | 2 | 3 | 4 | 5 |
| 1 | Construction of H.L. Bridge over Indrabati Reservoir on 1st km of Mahulpatna - Kenduguda - Gopinathpur road in the District of Kalahandi under State Plan | 50.00 | 30 (Thirty) calendar months | Super Class |

2. Date & time of availability of bid document in the portal from **10.00 AM of dtd.12.12.2019 to 5.00PM of dtd.08.01.2020 for online bidding.**
3. Last date / Time for receipt of bids in the portal upto **5.00 PM of dtd.08.01.2020 and to be opened on dtd.09.01.2020 at 11.30 AM.**
4. A pre-bid meeting will be held on **dtd.20.12.2019 at 11.30 AM** at the Venue as specified in IFB
5. Name and address of the officer inviting Bid: **Chief Engineer, World Bank Project, Odisha, Nirman Soudha, Unit -V, Bhubaneswar - 751001.**
6. Further details can be seen from the e-procurement portal "https://tendersorissa.gov.in". Any addendum / corrigendum / cancellation of tender can also be seen in the said website.

34003/11/0012/1920 Sd/- Chief Engineer (World Bank Project), Odisha

## GOVERNMENT OF ODISHA
## OFFICE OF THE EXECUTIVE ENGINEER
## RURAL WORKS DIVISION, JEYPORE

**No. 3723** **Date. 06.12.2019**

**NOTICE INVITING TENDER FOR CIVIL WORKS IN ODISHA**
**NATIONAL COMPETITIVE BIDDING THROUGH e-Procurement**

**No.O-601 :-**

**Bid Identification No: EERWDJYP – Online – 03/2019-20**

1) Type of works : Building
2) Class of contractor : **"C & B" Class Contractor** (of Odisha PWD) or relevant class of other licensing authorities.
3) Mode of submission of tender : Tender should be submitted online only in **https://tendersodisha.gov.in**
4) Period of completion : 6 months
5) Period of availability of tenders online/Date & time of bidding online / Date of opening of tender papers : The details are as follows :

| Procurement officer | Bid Identification No. | No. of works | Availability of Tender online for bidding | | Date & Time of opening of tender in O/o E.E. R.W. Division, Jeypore |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division, Jeypore | EERWDJYP-Online-03/2019-20 | 6 (Six) Nos. | 12.12.2019 at 11.00 AM | 22.12.2019 upto 5.30 PM | 23.12.2019 at 11.00 AM |

6) Bid documents consisting of qualification information and eligibility criterion of bidders, specifications, the schedule of quantities and the set of terms and conditions of contract and other necessary documents can be seen in the website: www.tendersodisha.gov.in.

**25160/11/0003/1920** Sd/- Executive Engineer, Rural Works Division, Jeypore

## ODISHA TRIBAL DEVELOPMENT SOCIETY (OTDS)

(A Society registered under the Societies Registration Act – 1860 by ST & SC Development Department, Government of Odisha)
Adivasi Exhibition Ground, Unit – I, Bhubaneswar – 751001

**No. CAD-672:-**

**Expression of Interest (EoI)**

The Odisha Tribal Development Society (OTDS) invites Expression of interest from eligible Training Agencies for empanelment under "Placement Linked Skill Development Training programme for the youth of the State". The EoI document can be downloaded from website: *http://www.stscodisha.gov.in*

26017/11/0001/1920 **Sd/ CEO, OTDS**

**Last date of submission of EoI, 30th December 2019 up to 5.00 PM**

GOVERNMENT OF ODISHA
OFFICE OF THE SUPERINTENDING ENGINEER

## EASTERN MINOR IRRIGATION CIRCLE, KEONJHAR

Tel No. (06766) 255453, e-Mail ID seemickeonjhar@yahoo.com

**"e" Procurement Notice**

Identification No- 02 EMIC (KJR/2019-20)

**No. A-456:-**

The Superintending Engineer, E.M.I. Circle, Keonjhar on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

1. Name of the works : Civil Construction work
2. Total No. of works : **01(One)**
3. Estimated Cost : Rs.**295.61 Lakh** (Detail list of work annexed)
4. Class of Contractor : As mentioned against work
5. Period of completion : As mentioned against work
6. Date & time of Availability of Bid Document in the Portal : **13.12.2019** at **10.00** AM to **26.12.2019** up to **5.30 PM.**
7. Last date/Time for receipt of Bid in the Portal : 26.12.2019 up to **5.30** PM.
8. Date/Time of Opening of Technical Bid : **27.12.2019** at **10.30** AM. at Office of the S.E., E.M.I.C. Keonjhar.
9. Date/Time of Opening of Financial Bid : **03.01.2020 at 10.30 AM**
10. Name & Address of the Officer Inviting the Bid : Superintending Engineer., E.M.I. Circle, Keonjhar
11. Mode of Payment of Bid Cost & Bid Security: **Online**
12. Further details can be seen from the "e" Procurement Portal https://tendersorissa.gov.in

**ANNEXURE**

| Sl No | Name of the Project & Location | Approx Estd. Cost in Rs.lakhs | Places of clarification of the tender documents | Bid Security @1% in Rs. | Cost of Bid Documents | Class of Contractor | Completion period |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | CONSTRUCTION OF KALANDA MIP (D/W) HEAD WORKS NEAR VILLAGE KALANDA IN BANSPAL BLOCK UNDER TRANCHE RIDF- XXIV | 295.61 | Superintending Engineer E.M.I.Circle Keonjhar/Executive Engineer, M.I. Division, Keonjhar | 295610/- | 10000 .00 | 'A'& 'Special' Class | 11 (Eleven) calendar months |

*Sd/- SUPERINTENDING ENGINEER*
*EASTERN MINOR IRRIGATION CIRCLE, KEONJHAR.*

32270/11/0002/1920

## ODISHA LIFT IRRIGTION CORPORATION LIMITED

( A Government of Odisha Undertaking)

**OFFICE OF THE EXECUTIVE ENGINEER, L.I. DIVISION, BHUBANESWAR**

**e-Mail: eeolicdivn.bbsr@ymail.com Tel. 0674-2391847**

***e-Procurement Notice***

**Bid Identification No. 4889 /2019-20 Dt. 03.12.2019**

**No. CAD-661:-** The **Executive Engineer, Lift Irrigation Division, Bhubaneswar** on behalf of ODISHA LIFT IRRIGATION CORPORATION LIMITED, BHUBANESWAR invites **percentage Rate bids in online mode** for installation of Lift Irrigation Projects in Puri district under BKVY in TURNKEY BASIS as mentioned below from the reputed Contractors/ Firms having valid HT license issued by E.L.B.O, Odisha and Civil license as mentioned below with experience in similar nature of work.

1. Nature of work : Execution of work for installation & energisation of 10 Nos L. I. Projects in different blocks of Puri district.
2. No. of packages : 06 Nos.
3. Estimated cost : Varies from Rs.1025342/- to Rs.4313614/-
4. Period of completion : 90 days .
5. Date & time of availability of bid documents in the portal : 12.12.2019 at 10.00 A.M.
6. Last date & time for receipt of bids in the portal : 27.12.2019 up to 5.00 P.M.
7. Date & time of seeking clarification : 12.12.2019 at 10.00 A.M. to 23.12.2019 up to 5.00 P.M.
8. Opening date & time : 30.12.2019 at 04.00P.M.
9. Name & address of the officer inviting Bid : Executive Engineer, Lift Irrigation Division, Bhubaneswar

The details of tender are available in the Government tender web site i.e. www.tendersorissa.gov.in. and other related documents are available in the DTCN for bidding. Any Addendum/ corrigendum/ Cancellation of tender will be available in the said website.

32155/11/0002/1920 **Executive Engineer, L.I. Division, Bhubaneswar**

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଗରଦପୁର

**ପତ୍ର ସଂଖ୍ୟା.୬୩୭୩** **ବିଜ୍ଞାପନ** **ତା.୦୫।୧୨।୨୦୧୯**

ଏତଦ୍ଦ୍ୱାରା ଗରଦପୁର ପଞ୍ଚାୟତ ସମିତିର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ କାର୍ଯ୍ୟସୂଚୀ ମୁତାବକ ୨୦୧୯-୨୦ ଆର୍ଥିକ ବର୍ଷ (ପିରିୟଡ: ୧ ଅପ୍ରେଲ ୨୦୧୮ ରୁ ୩୧ ମାର୍ଚ୍ଚ ୨୦୧୯) ପର୍ଯ୍ୟନ୍ତ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର (NSAP) ଓ ପଞ୍ଚାୟତ ସମିତି ତଥା ସମସ୍ତ ଗ୍ରାମ ପଞ୍ଚାୟତ ଓ ବିଭିନ୍ନ କାର୍ଯ୍ୟନିର୍ବାହୀ ସଂସ୍ଥା ଦ୍ୱାରା ସମ୍ପାଦିତ ହୋଇଥିବା ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (MGNREGS) ବିଭିନ୍ନ ପ୍ରକଳ୍ପଗୁଡିକର ଶତ ପ୍ରତିଶତ ମଷ୍ଟର ରୋଲ (Muster Roll) ଓ କ୍ଷେତ୍ର ତଦନ୍ତ ପୂର୍ବକ ତଥା ସାମାଜିକ ସମୀକ୍ଷା ନିମନ୍ତେ କାର୍ଯ୍ୟସୂଚୀ ମୁତାବକ ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ସାମାଜିକ ସମୀକ୍ଷାର ଗ୍ରାମସଭା ଅନୁଷ୍ଠିତ ହେବ। ଉକ୍ତ ସଭାରେ ସର୍ବସାଧାରଣ ନିର୍ବାଚିତ ପ୍ରତିନିଧି ଗ୍ରାମ୍ୟ ସ୍ତରୀୟ ସାମାଜିକ ସମୀକ୍ଷା କମିଟିର ସଦସ୍ୟ/ସଦସ୍ୟା, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ/ସଦସ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଶ୍ରମିକ ନେତା, ସମସ୍ତ କୁଶଳୀ/ଅଣ କୁଶଳୀ ଶ୍ରମିକ ନିଜ ନିଜର କାର୍ଯ୍ୟ ପତ୍ର (JOB CARD) ସହ ଉପସ୍ଥିତ ରହି ମଷ୍ଟର ରୋଲ (Muster Roll) ତନଖି ବାବଦକୁ ସତ୍ୟାସତ୍ୟ ପ୍ରତିପାଦନ ପୂର୍ବକ ନିଜ ନିଜ ମତାମତ ପ୍ରଦାନ କରିବାକୁ ଅନୁରୋଧ। ଉକ୍ତ ଗ୍ରାମ ସଭାରେ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଏବଂ ସମସ୍ତ ମେଟ୍ ସମ୍ପୃକ୍ତ ନଥିପତ୍ର ଓ କାଗଜାତ ସହ ନିଜେ ଉପସ୍ଥିତ ରହି ସାମାଜିକ ସମୀକ୍ଷା ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉପସ୍ଥାପନ କରିବେ। କ୍ଷେତ୍ର ତଦନ୍ତ ସହଯୋଗ ପୂର୍ବକ ଗ୍ରାମସଭାରେ ବହୁଳ ସଂଖ୍ୟାରେ ଉପସ୍ଥିତ ରହିବା ପାଇଁ ସମସ୍ତ ଲୋକ ପ୍ରତିନିଧି ପଞ୍ଚାୟତି ରାଜ ପ୍ରତିନିଧି ଏବଂ ଜନସାଧାରଣମାନଙ୍କୁ ଅନୁରୋଧ।

**କାର୍ଯ୍ୟସୂଚୀ: (ଗ୍ରାମସଭା ହେବାର ସ୍ଥାନ-ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ- (ସକାଳ ୧୧.୦୦ଘଟିକା)**

| ସାମାଜିକ ସମୀକ୍ଷା ପର୍ଯ୍ୟାୟ | ଗ୍ରାମପଞ୍ଚାୟତ ନାମ | ସାମାଜିକ ସମୀକ୍ଷାର ବ୍ୟବଧାନ (ନଥିପତ୍ର ତଦାରଖ ଓ କାର୍ଯ୍ୟ ପରିଦର୍ଶନ) | ଗ୍ରାମ ପଞ୍ଚାୟତସ୍ତରୀୟ ଜନଶୁଣାଣି ବା ସାମାଜିକ ସମୀକ୍ଷା | ବ୍ଲକସ୍ତରୀୟ ଜନଶୁଣାଣି |
|---|---|---|---|---|
| ୧ମ ପର୍ଯ୍ୟାୟ | କଳାବୁଦା, ବଡବେତରା, ବଙ୍ଗାଳପୁର, ବନ୍ତଳା, ବେଡାରୀ, ଭଗବାନପୁର | ୨୦।୧୨।୨୦୧୯ ରୁ ୩୦।୧୨।୨୦୧୯ | ୩୦।୧୨।୨୦୧୯ | ୧୮।୦୩।୨୦୨୦ |
| ୨ୟ ପର୍ଯ୍ୟାୟ | ପାଟକୁରା, ମଧୁଶାସନ, ପାଖଡ, ସାନଅଡ଼ଙ୍ଗା, ପଦ୍ମପୁର, ପଳସୁଧା | ୦୩।୦୧।୨୦୨୦ ରୁ ୧୩।୦୧।୨୦୨୦ | ୧୩।୦୧।୨୦୨୦ | |
| ୩ୟ ପର୍ଯ୍ୟାୟ | ଗରଦପୁର, ନଡିଆବୋରାଇ, ରାମଚନ୍ଦ୍ରପୁର, ତଳକୁସୁମା, ତିକନପୁର, ତେଣ୍ଡାକୁଡା | ୨୧।୦୧।୨୦୨୦ ରୁ ୩୧।୦୧।୨୦୨୦ | ୩୧।୦୧।୨୦୨୦ | |

**ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା**
**କାର୍ଯ୍ୟକ୍ରମ ଅଧିକାରୀ, ଏମ୍.ଜି.ଏନ୍.ଆର.ଜି.ଏସ୍., ଗରଦପୁର**

ଫ୍ୟାଶନ୍

# ଶୀତଦିନରେ ବୁଟ୍ସ ଦେବ ଷ୍ଟାଇଲିଶ୍ ଲୁକ୍



**ଶୀତଦିନରେ ନିଜକୁ ଷ୍ଟାଇଲିଶ୍ ଦେଖାଇବାକୁ ହେଲେ ଅନେକ ଉପାୟ ରହିଛି । ଏହି ସିଜିନ୍‌ରେ ନିଜ ଲୁକ୍‌କୁ ଷ୍ଟାଇଲିଶ୍ କରିବାକୁ ହେଲେ ବୁଟ୍ସ ଭଲ ଅପ୍‌ସନ୍ । ଆପଣ ଦେଖିଥିବେ ଅନ୍‌ଲାଇନ୍ ହେଉ କି ଅଫ୍‌ଲାଇନ୍ ସବୁ ଜାଗାରେ ବୁଟ୍ସ ନଜର ଆସିଥାଏ। ୱିଣ୍ଟରରେ ବୁଟ୍ସକୁ ଆପଣ ଜିନ୍ସ, ଟ୍ରାଉଜର୍ସ, ପ୍ୟାଣ୍ଟ୍ସ, ଲେଗିଙ୍ଗ କିମ୍ବା ଡ୍ରେସ କୌଣସି ବି ଆଉଟ୍‌ଫିଟ୍ ସହିତ ପିନ୍ଧିପାରିବେ। ଏଠାରେ ଆପଣଙ୍କୁ ଡ୍ରେସ୍ ସହିତ ପିନ୍ଧାଯାଉଥିବା ବୁଟ୍ସ ଏବଂ ତାକୁ କେଉଁ ପ୍ରକାରେ ପିନ୍ଧିବେ ତା'ର ଉପାୟ ଆମେ ଦେଉଛୁ ଜାଣନ୍ତୁ ସେ ସମ୍ପର୍କରେ...**

**ବିଭିନ୍ନ ପ୍ରକାର ବୁଟ୍ସ**

ଆଜିକାଲି ମାର୍କେଟ୍‌ରେ ଅନେକ ଡିଜାଇନ୍‌ର ବୁଟ୍ସ ମିଳୁଛି। ଯେମିତି କି ବୁଟିଜ୍, ଆଙ୍କଲ ଲେଙ୍ଗଥ, ମିଡ୍ କଫ ଲେଙ୍ଗଥ, ବୁଟ୍ସ ନୀ ଲେଙ୍ଗଥ ଓ ଓଭର ନି ଲେଙ୍ଗଥ ବୁଟ୍ସକୁ ଥାଇ ହାଇ ବୁଟ୍ସ ବି କୁହାଯାଇଥାଏ। ଏହା ଆଣ୍ଠୁଠୁ ଟିକେ ଉପରକୁ ହୋଇଥାଏ।

**ବୁଟ୍ସକୁ ଡ୍ରେସ ସହିତ ପିନ୍ଧିବାର ଷ୍ଟାଇଲିଶ୍ ଉପାୟ**

ନି ଲେଙ୍ଗଥ ଫ୍ଲୋରାଲ ଡ୍ରେସ ସହିତ ହାଇ ଲେନ୍ଥ ବୁଟ୍ସକୁ ଆପଣ ଅଫିସ୍ କିମ୍ବା କକ୍‌ଟେଲ୍ ପାର୍ଟିରେ ପିନ୍ଧିପାରିବେ। ଡ୍ରେସ ଓ ବୁଟ୍ସ ସହିତ ବେକରେ ଲଙ୍ଗ ଚେନ୍ ନେକଲେସ୍, ହାତରେ ବ୍ରେସଲେଟ୍ ଓ ଘଣ୍ଟା କ୍ୟାରି କରିପାରିବେ। ଏହି ଲୁକ୍‌କୁ ଆପଣ କଲେଜ୍ କିମ୍ବା ଆଉଟିଂରେ ଟ୍ରାଏ କରିପାରିବେ। ଲାଇଟ୍ କଲରର ଶର୍ଟ ଡ୍ରେସ, ବ୍ରାଉନ୍ ବୁଟ୍ସ ସହିତ ମ୍ୟାଚ୍ କଲାଭଳି ଆସେସରିଜ୍ ସହ ସ୍ଲିଙ୍ଗ ବ୍ୟାଗ୍ ଆପଣଙ୍କୁ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ।

**ବୁଟ୍ସ ଚୟନ କରିବା ସମୟରେ..**

ଯଦି ଆପଣ ବୁଟ୍ସକୁ ପ୍ରଥମଥର ଚୟନ କରୁଛନ୍ତି ତେବେ ଅନ୍‌ଲାଇନ୍ କିଣିବାକୁ ଆଭଏଡ୍ କରନ୍ତୁ। ସବୁବେଳେ ଦୋକାନରୁ ବୁଟ୍ସ କିଣନ୍ତୁ। ଯଦି ଆପଣ ବ୍ରାଣ୍ଡ ଓ ସାଇଜ୍‌କୁ ନେଇ ସିଓର ଥାନ୍ତି ତେବେ ଅନ୍‌ଲାଇନ୍‌ରେ ବି ଏହାକୁ କିଣିପାରିବେ। ବୁଟ୍ସ କିଣିବା ସମୟରେ ଏହାକୁ ଦୁଇଟି ପାଦରେ ସବୁ ପିନ୍ଧି ଟ୍ରାଏ କରନ୍ତୁ। ଏହାଦ୍ୱାରା ଆପଣଙ୍କୁ ବୁଟ୍‌ର ପରଫେକ୍ଟ ସାଇଜ୍ ମିଳିଯିବ। ବୁଟ୍ସକୁ ଯେତେବେଳେ ଟ୍ରାଏ କରୁଛନ୍ତି ତାକୁ ପିନ୍ଧି କିଛି ବାଟ ଚାଲନ୍ତୁ। କେବେ କେବେ ବୁଟ୍ସକୁ କେବଳ ଟ୍ରାଏ କଲେ ଏହା ଆରାମ ଦାୟକ କି ନୁହେଁ ଜଣା ପଡି ନ ଥାଏ।

ଖାଦ୍ୟରୁଚି

## ଏଗ୍ ପରଟା



**ଆବଶ୍ୟକ ସାମଗ୍ରୀ:** ଅଟା ଦୁଇକପ,ଲୁଣ ଅଳ୍ପ ପରିମାଣର, ତେଲ ଏକ ବଡ ଚାମଚ,ଅଣ୍ଡା ଦୁଇଟି,କଟା ପିଆଜ ଏକ ଚତୁର୍ଥାଂଶ, ଗରମ ମସଲା ଅଧା ଚାମଚ,କଟା ହୋଇଥିବା କଞ୍ଚାଲଙ୍କା ଗୋଟିଏ, ଧନିଆପତ୍ର ଦୁଇ ବଡ ଚାମଚ।


**ପ୍ରସ୍ତୁତି ପ୍ରଣାଳୀ:**ଏକ ପାତ୍ରରେ ଅଟା,ଲୁଣ ଓ ତେଲକୁ ଭଲଭାବେ ମିଶାନ୍ତୁ। ଧୀରେ ଧୀରେ ପାଣି ପକାଇ ଅଟାକୁ ଭଲଭାବେ ଚକଟନ୍ତୁ। ଅଟା ଚକଟା ଭଲଭାବେ ହୋଇଗଲା ପରେ ଗୁଳା ପ୍ରସ୍ତୁତ କରନ୍ତୁ। ଏବେ ଏହାକୁ ପରଟା ଆକାରରେ ବେଲନ୍ତୁ। ତ୍ରିକୋଣୀୟ ଶେପ୍‌ରେ ରୋଲ କରନ୍ତୁ। ଏବେ ପାତ୍ର ନେଇ ଅଣ୍ଡା ଫଟାଇ ରଖନ୍ତୁ। ଏବେ ସେଥିରେ ପିଆଜ, କଞ୍ଚାଲଙ୍କା, ଧନିଆପତ୍ର, ଲୁଣ ଓ ଗରମ ମସଲା ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏହାକୁ ଅନ୍ୟ ପାଖରେ ରଖନ୍ତୁ। ଏକ ପ୍ୟାନ୍ ନିଅନ୍ତୁ ଏହାକୁ ଭଲଭାବେ ଗରମ କରନ୍ତୁ। କିଛି ସେକେଣ୍ଡ ଲାଗି ତାକୁ ପରଟାରେ ତେଲ ଏକ ଚାମଚ ମଖନ/ଘିଅ ଲଗାନ୍ତୁ। ଯେତେବେଳେ କୋଣ ଟିକେ ମୁଡ଼ମୁଡ଼ ହେବାକୁ ଲାଗିବ ଜଲ୍‌ଦି ତାକୁ ଛୁରିରେ କାଟି ସେଥିରେ ଅଣ୍ଡା ପେଷ୍ଟକୁ ପକାଇ ଦିଅନ୍ତୁ। ତାଓ୍ୱାରେ ଅଳ୍ପ ତେଲ ପକାନ୍ତୁ ପରଟା ଗୋଲଡେନ୍ ବ୍ରାଉନ୍ କଲର ହେବା ପର୍ଯ୍ୟନ୍ତ ସେକନ୍ତୁ। ଏବେ ଏହି ଅଣ୍ଡା ପରଟା ପ୍ରସ୍ତୁତ ହୋଇଗଲା।

ସୌନ୍ଦର୍ଯ୍ୟ

# କର୍ମଜୀବୀ ଓ ମେକ୍‌ଅପ

**ୱାର୍କିଂ ୱମେନ ଅର୍ଥାତ୍ କର୍ମଜୀବୀ ମହିଳା ନିଜର ଦୈନନ୍ଦିନ କାମକୁ ନେଇ ଏତେ ବ୍ୟସ୍ତ ଯେ ନିଜ ସୌନ୍ଦର୍ଯ୍ୟକୁ ଚମକଦାର ରଖିବା ପାଇଁ ଆବଶ୍ୟକ ସମୟ ଦେଇପାରି ନ ଥାନ୍ତି। ହେଲେ ଖୁବ୍ ଅଳ୍ପ ସମୟ ମଧ୍ୟରେ ସେମାନେ ନିଜକୁ ବେଶ୍ ସୁନ୍ଦର ଭାବରେ ସଜାଇ ପାରିବେ, ଯାହା ତାଙ୍କୁ ଆକର୍ଷଣୀୟ ଲୁକ୍ ମଧ୍ୟ ଦେବ । ଜାଣନ୍ତୁ ସେ ସମ୍ପର୍କରେ....**





**କାଜଲ:** କାଜଲ ତ ସବୁ ଝିଅଙ୍କ ପର୍ସରେ ଦେଖିବାକୁ ମିଳେ। ଏହାକୁ ଆପଣ ଘରେ ହେଉ କି ଅଫିସ୍ ଯେଉଁଠି ବି ଲଗାଇ ପାରିବେ। ଆପଣଙ୍କ ପାଖରେ ଯଦି କିଛି ମେକ୍‌ଅପ୍ ସାମାନ ନାହିଁ ତେବେ କାଜଲ୍ ଲଗାଇ ସୁନ୍ଦର ଦେଖାଯାଇପାରିବେ। କାଜଲ ଲଗାଇବା ପରେ ଫେସ୍ ପାଉଡର ଦ୍ୱାରା ଟଚ୍‌ଅପ୍ ମଧ୍ୟ କରିପାରିବେ।

**ଫେସ୍ ପାଉଡର:** ଫେସ୍ ପାଉଡର ବେସିକ୍ ତ ନୁହେଁ। କିନ୍ତୁ ଏକ ପରଫେକ୍ଟ ମେକ୍‌ଅପ୍ ଟଚଅପ୍ ପାଇଁ ଏହା ଜରୁରୀ। ଏହାଦ୍ୱାରା ଆପଣ ନିଜ ଫେସ୍‌କୁ ଟଚ୍‌ଅପ୍ ଦେଇପାରିବେ। କିନ୍ତୁ ଫେସ ପାଉଡର କିଣିବା ସମୟରେ ନିଜ ଫେସ ସ୍କିନ୍‌ର ମଧ୍ୟ ଧ୍ୟାନ ଦେବା ଜରୁରୀ।

**ଲିପ୍‌ଷ୍ଟିକ୍:** ଆପଣ ଲଗାଇ ଥିବା ଲିପ୍‌ଷ୍ଟିକ୍ ଦିନ ମଧ୍ୟରେ ଫିକା ପଡିଯାଇପାରେ। ପୁଣି ବହୁତ ମହିଳାଙ୍କ ପାଖରେ ବାରମ୍ବାର ଟଚ୍‌ଅପ୍ କରିବା ଲାଗି ସମୟ ନ ଥାଏ। ଏମିତି ଆମେ ଗୋଟିଏ ଉପାୟ ଦେଉଛୁ ଯାହା ଆପଣଙ୍କ ଲିପ୍‌ଷ୍ଟିକ୍‌କୁ ଲଙ୍ଗ ଲାଷ୍ଟିଙ୍ଗ କରିପାରିବ। ଲଙ୍ଗ ଲାଷ୍ଟିଙ୍ଗ ଲିପ୍‌ଷ୍ଟିଙ୍ଗ ପାଇଁ ପ୍ରଥମେ ଲିପ୍‌ଷ୍ଟିକ୍ ଲଗାଇ ଟିସୁ ପେପରରେ ଓଠକୁ ଦାବନ୍ତୁ। ଏହାପରେ ଅଳ୍ପ ଟିକେ ପାଉଡର ଓଠରେ ଲଗାନ୍ତୁ ଓ ଏହାପରେ ଫାଇନାଲ କୋର୍ଟ ଲିପ୍‌ଷ୍ଟିକ୍ ଓଠରେ ଲଗାନ୍ତୁ।

**କନ୍‌ସିଲର:** କନସିଲର ଲଗାଇବେ ଯଦି ଏହା ଅଧିକ ସମୟ ପର୍ଯ୍ୟନ୍ତ ରହିବ। କନ୍‌ସିଲର ଲଗାଉଥିବା ସମୟରେ ଟ୍ରାଙ୍ଗଲ ଶେପ୍‌ରେ ଲଗାନ୍ତୁ। ପୁଣି ଧୀରେ ଧୀରେ ଟ୍ରାନ୍ସଲୁସେଣ୍ଟ ପାଉଡର ଲଗାନ୍ତୁ। ଏହା ଆପଣଙ୍କ ରୂପଚର୍ଯ୍ୟାରେ ଆହୁରି ଚମକ୍ ଆଣିଥାଏ।

**ଆଇଲାଇନର:** ଆଖିକୁ ସଜାଇବା ଲାଗି ଆଇଲାଇନର ଭଲ ଅପ୍‌ଶନ୍। ଆଜିକାଲି ବଜାରରେ ବିଭିନ୍ନ ରଙ୍ଗର ଆଇଲାଇନର ମିଳୁଛି। ଏଥିମଧ୍ୟରୁ ହ୍ୱାଇଟ୍ କଲର ଅଧିକ ଗ୍ଲାମରସ ଲୁକ୍ ଦେଇଥାଏ। ଏହାକୁ ଆପଣ ୱାଟରପ୍ରୁଫ୍ ଲାଇନ୍‌ରେ ଲଗାନ୍ତୁ। ଅଧିକ ଷ୍ଟାଇଲିଶ୍ ଦେଖାଯିବାକୁ ହେଲେ ଏହା ସହିତ ଆଖିରେ କାଜଲ ବି ଲଗାଇପାରିବେ।

**ଲୋଶନ୍:** ଲୋଶନ୍ ବହୁତ୍ ଛୋଟ ଜିନିଷ, ଯାହାର ଆବଶ୍ୟକତା ଆମକୁ ବାରମ୍ବାର ପଡିଥାଏ। ଯେତେବେଳେ ଆପଣ ହାତ ଓ ମୁହଁକୁ ଧୋଇଥାନ୍ତି ଯାହା ଦ୍ୱାରା ସ୍କିନ୍ ଡ୍ରାଏ ହୋଇଯାଏ। ଏମିତିରେ ଆପଣ ଲୋଶନ୍ ଲଗାଇ ପାରିବେ।

**ମେକ୍‌ଅପ୍ ରିମୁଭର ୱାଇପ୍ସ:** ମେକ୍‌ଅପ୍ ରିମୁଭର ୱାଇପ୍ସ ଏକ ଭଲ ଜରୁରୀ ଜିନିଷ । ଯଦି ପାର୍ଟି ଫଙ୍କସନ୍‌ରେ ମେକ୍‌ଅପ୍ ଭଲ ହୋଇନାହିଁ କିମ୍ବା ମେକ୍‌ଅପ୍ ଯାଡେସ୍ୟାଡେ ହୋଇଯାଇଛି ତାକୁ ସଫା କରିବାକୁ ହେଲେ ଏହି ୱାଇପ୍ସ ସାହାଯ୍ୟରେ ସଫା କରିପାରିବେ।

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ରରେ ଅଗଣିତ ପାଠିକା ପାଠକଙ୍କୁ ଶୁଭେଚ୍ଛା ଜଣାଇବା ସହ ଖଲ୍ଲିକୋଟ ବ୍ଲକ ଜନସାଧାରଣଙ୍କ ସୁଖ ସମୃଦ୍ଧି କାମନା କରୁଛି।
ଦୟାନିଧି ସାହୁ
ଖଲ୍ଲିକୋଟ ବ୍ଲକ, ଯୁବ ବିଜେଡି ସଭାପତି

ବିଜୁ ଜନତା ଦଳ
ଦୈନିକ ଖବର କାଗଜ ଧରିତ୍ରୀ ର ୪୬ ତମ ସର୍ଣ୍ଣକ୍ଷେତ୍ର ଅବସର ରେ ଧରିତ୍ରୀ ପରିବାର ର ସମସ୍ତ ସଦସ୍ୟ ଏବଂ ପାଠକ ପାଠିକା ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।
ଶ୍ରୀମତୀ ନିରୁପମା ବୋଷ
ସରପଞ୍ଚ,
ନିଜିଗଡ ଗ୍ରାମ ପଞ୍ଚାୟତ,ପାଳଲହଡା

ଧରିତ୍ରୀର ଜନ୍ମ ଦିବସ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ।
ନବୀନ କୁମାର ରାମ
ସଭାପତି, ବିଜେପି ପଶ୍ଚିମ ମୟୂରଭଞ୍ଜ ଶାଖା

'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଶଙ୍କରାଖୋଲ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ସୁଶାନ୍ତ କୁମାର ବେହେରା
ପରିଚାଳକ ନିର୍ଦ୍ଦେଶକ, ଶଙ୍କରାଖୋଲ ଲ୍ୟାମ୍ପ୍ସ ଲିଃ.

ବିଜୁ ଜନତା ଦଳ
ଦୈନିକ ଖବର କାଗଜ ଧରିତ୍ରୀ ର ୪୬ ତମ ସର୍ଣ୍ଣକ୍ଷେତ୍ର ଅବସର ରେ ଧରିତ୍ରୀ ପରିବାର ର ସମସ୍ତ ସଦସ୍ୟ ଏବଂ ପାଠକ ପାଠିକା ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।
ଶ୍ରୀଯୁକ୍ତ ନରେନ୍ଦ୍ର କୁମାର ଭୁକ୍ତା
ବିଧାୟକଙ୍କ ପ୍ରତିନିଧି,
ପାଳଲହଡା

'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଶଙ୍କରାଖୋଲ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
କନିଷ୍ଠ ଆଞ୍ଚଳିକ ମହାବିଦ୍ୟାଳୟ, ଶଙ୍କରାଖୋଲ
ଅଧ୍ୟକ୍ଷ ଓ କର୍ମଚାରୀ ବୃନ୍ଦ

'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଶଙ୍କରାଖୋଲ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଜଗନ୍ନାଥ ସାହାଣି
ପ୍ରଧାନ ଶିକ୍ଷକ, ଶଙ୍କରଖୋଲ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ

ବିଜୁ ଜନତା ଦଳ
ଦୈନିକ ଖବର କାଗଜ ଧରିତ୍ରୀର ୪୬ ତମ ସର୍ଣ୍ଣକ୍ଷେତ୍ର ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟ ଏବଂ ପାଠକ ପାଠିକା ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।
ଶ୍ରୀମାନ୍ ଦିଲ୍ଲିପ କୁମାର ଉଦାବଳ
ସମିତିସଭ୍ୟ,
ନିଜିଗଡ ଗ୍ରାମ ପଞ୍ଚାୟତ,ପାଳଲହଡା

'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଚକାପାଦ ବ୍ଲକର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଜୀତ ପାଟ ମାଝୀ
କନିଷ୍ଠ ଯନ୍ତ୍ରୀ, ଚକାପାଦ ବ୍ଲକ

ବିଜୁ ଜନତା ଦଳ
ଦୈନିକ ଖବର କାଗଜ ଧରିତ୍ରୀର ୪୬ ତମ ସର୍ଣ୍ଣକ୍ଷେତ୍ର ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟ ଏବଂ ପାଠକ ପାଠିକା ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।
ଶ୍ରୀମାନ୍ ମୁକେଶ କୁମାର ପାଳ
ବିଧାୟକ, ପାଳଲହଡା

ବିଜୁ ଜନତା ଦଳ
ଦୈନିକ ଖବର କାଗଜ ଧରିତ୍ରୀର ୪୬ ତମ ସର୍ଣ୍ଣକ୍ଷେତ୍ର ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟ ଏବଂ ପାଠକ ପାଠିକା ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।
ଶ୍ରୀଯୁକ୍ତ ଲଳିତ ମୋହନ ପ୍ରଧାନ
ବି.ଜେ.ଡି ସଭାପତି,
ପାଳଲହଡା ବ୍ଲକ

ଦୈନିକ ଖବର କାଗଜ ଧରିତ୍ରୀ ର ୪୬ ତମ ସର୍ଣ୍ଣକ୍ଷେତ୍ର ଅବସର ରେ ଧରିତ୍ରୀ ପରିବାର ର ସମସ୍ତ ସଦସ୍ୟ ଏବଂ ପାଠକ ପାଠିକା ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।
ଶ୍ରୀଯୁକ୍ତ ତୀର୍ଥରାଜ ଶେଠୀ
ସରପଞ୍ଚ ସଇତା ଗ୍ରାମ ପଞ୍ଚାୟତ,
ପାଳଲହଡା ବ୍ଲକ

ନିର୍ଭୀକ, ସତ୍ୟନିଷ୍ଠ ଓ ନିରପେକ୍ଷ ଖବର ପରିବେଷଣ ପାଇଁ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ଧରିତ୍ରୀ ୪୬ତମ ସ୍ୱନକ୍ଷତ୍ର ଅବସରରେ ଆନ୍ତରିକ ଅଭିନନ୍ଦନ। ଜଳର ସଦୁପଯୋଗ କରନ୍ତୁ।
ସୀମାଞ୍ଚଳ ବୈଦ୍ୟ
ଏମ୍.ଆଇ. ଖଲ୍ଲିକୋଟ

HELPAGE ODIA
stop smoking
save life
free surgery heart and Cancer disease
joining to helpage odia call 8456966613

ବିଜୁ ଜନତା ଦଳ
ଦୈନିକ ଖବର କାଗଜ ଧରିତ୍ରୀ ର ୪୬ ତମ ସର୍ଣ୍ଣକ୍ଷେତ୍ର ଅବସର ରେ ଧରିତ୍ରୀ ପରିବାର ର ସମସ୍ତ ସଦସ୍ୟ ଏବଂ ପାଠକ ପାଠିକା ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।
ଶ୍ରୀଯୁକ୍ତ ନବକିଶୋର ନାୟକ
ଅଧ୍ୟକ୍ଷ, ପଞ୍ଚାୟତ ସମିତି,
ପାଳଲହଡା

See Career Appointment on every Wednesday & Saturday



ଦେଶ ମଧ୍ୟରେ ନିବେଶକୁ ପ୍ରୋତ୍ସାହିତ କରିବା ଲାଗି ସରକାର କର୍ପୋରେଟ ଟିକସ ହ୍ରାସ ଭଳି ପଦକ୍ଷେପ ହାତକୁ ନେଇଛନ୍ତି।

– କେ.ଭି. ସୁବ୍ରମଣ୍ୟନ, ସିଇଏ



ଦୀର୍ଘମିଆଦୀ ଜଳସେଚନ ପାଣ୍ଠିର ଠିକ୍ ବିନିଯୋଗ ନେଇ ଏକ ଉଚ୍ଚ ସ୍ତରୀୟ କମିଟି ଗଠନ ପାଇଁ ସରକାର ବର୍ତ୍ତମାନ ବିଚାର କରୁଛନ୍ତି।

–ନିର୍ମଳା ସୀତାରାମନ

## ସଂକ୍ଷେପରେ

### ଏମ୍‌ସିଏଲ୍‌ଆର୍ କମାଇଲା ଏସ୍‌ବିଆଇ

ମୁମ୍ବାଇ,୯-୧୨

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ପକ୍ଷରୁ ମାର୍ଜିନାଲ କଷ୍ଟ ଅଫ୍ ଫଣ୍ଡ୍‌ସ ବେସ୍‌ଡ ଲେଣ୍ଡିଂ ରେଟ୍ (ଏମ୍‌ସିଏଲ୍‌ଆର୍) ବା ଋଣ ସୁଧ ୧୦ ବେସିସ୍ ପଏଣ୍ଟ ହ୍ରାସ କରିଛି। ସମସ୍ତ ବର୍ଷିକିଆ ପ୍ରଡକ୍ଟ ଉପରେ ଏହା କାର୍ଯ୍ୟକାରୀ ହେବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ବର୍ଷ ନିମନ୍ତେ ବ୍ୟାଙ୍କ ଅଷ୍ଟମଥର ଲାଗି ଏଭଳି ସୁଧହାର ହ୍ରାସ କରିଛି। ଗ୍ରାହକଙ୍କୁ ସୁବିଧା ଲାଗି ଏଭଳି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଏହା ଫଳରେ ନୂଆ ବର୍ଷିକିଆ ଏମ୍‌ସିଏଲ୍‌ଆର୍ ୭.୯୦%କୁ କମିଛି। ଏହା ପୂର୍ବରୁ ୮% ରହିଥିଲା।

### ଦେଶରେ ନିଯୁକ୍ତି ହ୍ରାସ ହୋଇନି: ସନ୍ତୋଷ ଗଙ୍ଗୱାର


ନୂଆଦିଲ୍ଲୀ,୯-୧୨

ଦେଶରେ କୌଣସି ପ୍ରକାରର ନିଯୁକ୍ତି ହ୍ରାସ ହୋଇ ନ ଥିବା କେନ୍ଦ୍ର ସରକାର ସୋମବାର ପୁଣି ଥରେ କହିଛନ୍ତି। ନିଯୁକ୍ତି ହ୍ରାସ ହେବା ନେଇ କୌଣସି ସ୍ପଷ୍ଟ କାରଣ ନ ଥିବା କେନ୍ଦ୍ର ଶ୍ରମ ଏବଂ ନିୟୋଜନ ମନ୍ତ୍ରୀ ସନ୍ତୋଷ ଗଙ୍ଗୱାର ଲୋକ ସଭାରେ ସୂଚନା ଦେଇଛନ୍ତି। ବିମୁଦ୍ରୀକରଣ ପରେ ବୃହତ୍ତ ସଂଖ୍ୟାରେ ଲୋକମାନେ ନିଯୁକ୍ତି ହରାଇଥିବା ନେଇ ଏକ ପ୍ରଶ୍ନର ଉତ୍ତର ରଖି ଗଙ୍ଗୱାର ଏହା କହିଛନ୍ତି। ଅଧିକ ସଂଖ୍ୟାରେ ନିଯୁକ୍ତି ସୃଷ୍ଟି ଲାଗି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ସେ କହିଛନ୍ତି।

### ମାନବ ବିକାଶ ସୂଚକାଙ୍କ

# ୧୨୯ ତମ ସ୍ଥାନକୁ ଉଠିଲା ଭାରତ

ନୂଆଦିଲ୍ଲୀ,୯-୧୨



- ଗୋଟିଏ ସ୍ଥାନ ଉନ୍ନତି
- ପାକିସ୍ତାନ ୩ଟି ସ୍ଥାନ ଉଠିଛି

ୟୁନାଇଟେଡ୍ ନେସନ୍ସ ଡେଭଲପମେଣ୍ଟ ପ୍ରୋଗ୍ରାମ(ୟୁଏନ୍‌ଡିପି) ପକ୍ଷରୁ ସୋମବାର ପ୍ରକାଶିତ ମାନବ ବିକାଶ ସୂଚକାଙ୍କ ରିପୋର୍ଟରେ ଭାରତ ଗୋଟିଏ ସ୍ଥାନ ଉପରକୁ ଉଠି ୧୨୯ତମ ସ୍ଥାନରେ ରହିଛି। ଏହି ତାଲିକାରେ ମୋଟ ୧୮୯ ଦେଶ ରହିଛନ୍ତି। ୨୦୧୮ର ହ୍ୟୁମାନ ଡେଭଲପମେଣ୍ଟ ଇଣ୍ଡେକ୍ସ(ଏଚ୍‌ଡିଆଇ)ରେ ଭାରତର ଭାଲ୍ୟୁ ୦.୬୪୭ ରହିଥିଲା। ଫଳରେ ଭାରତ ୧୩୦ତମ ସ୍ଥାନରେ ରହିଥିଲା। ୨୦୦୫-୦୬ରୁ ୨୦୧୫-୧୬ରେ ଭାରତ ୨୭.୧ କୋଟି ଲୋକଙ୍କୁ ଦାରିଦ୍ର୍ୟ କବଳରୁ ମୁକ୍ତ କରିଥିବା ୟୁଏନ୍‌ଡିପି ଇଣ୍ଡିଆର ରେସିଡେଣ୍ଟ ରିପ୍ରେଜେଣ୍ଟଟେଟିଭ୍ ସୋକୋ ନୋଡା କହିଛନ୍ତି। ଭାରତର ବିକାଶମୂଳକ ପଦକ୍ଷେପ ଯଥା -ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଏବଂ ଆୟୁଷ୍ମାନ ଭାରତ ଏଦିଗରେ ଏକ ପ୍ରମୁଖ ଯୋଗଦାନ ରଖୁଥିବା ସେ କହିଛନ୍ତି। ଗତ ୩୦ ବର୍ଷ ମଧ୍ୟରେ ଭାରତ ଦାରିଦ୍ର୍ୟ ଦୂରୀକରଣ, ଜୀବନ କାଳ ବୃଦ୍ଧି, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଭଳି କ୍ଷେତ୍ରରେ ବିଭିନ୍ନ ଯୋଗଦାନ ରଖିଥିବା ସେ ଗୁରୁତ୍ୱାରୋପ କରିଛନ୍ତି। ଏଚ୍‌ଡିଆଇ ରିପୋର୍ଟ ମୁତାବକ ଅନ୍ୟ କୌଣସି ଦେଶ ଭାରତ ଭଳି ମାନବ ବିକାଶ କ୍ଷେତ୍ରରେ ଦ୍ରୁତ ଉନ୍ନତି ହାସଲ କରିନାହିଁ।

ଏହା ସତ୍ତ୍ୱେ ମଧ୍ୟ ଭାରତ ତାଲିକାର ବହୁ ନିମ୍ନରେ ରହିଛି। ଶ୍ରୀଲଙ୍କା, ଇରାନ ଏବଂ ଚାଇନା ତୁଳନାରେ ଭାରତ ଏହି ମାନବ ବିକାଶ ବହୁ ପଛୁଆ ରହିଛି। ପାକିସ୍ତାନ ଏହି ତାଲିକାରେ ୩ଟି ସ୍ଥାନ ଉପରକୁ ଉଠିବାକୁ ସକ୍ଷମ ହୋଇଛି। ସେହିଭଳି ବାଂଲାଦେଶ ଏଥିରେ ୨ଟି ସ୍ଥାନ ଉପରକୁ ଉଠିଛି। ବାଂଲାଦେଶ ଏବଂ ପାକିସ୍ତାନର ଏଚ୍‌ଡିଆଇ ଭାଲ୍ୟୁ ଯଥାକ୍ରମେ ୦.୬୦୮ ଏବଂ ୦.୫୬୨ ରହିଛି। ତାଲିକାରେ ବାଂଲାଦେଶର ର୍ୟାଙ୍କ ୧୩୪ ରହିଥିବା ବେଳେ ପାକିସ୍ତାନରେ ୧୪୭ତମ ସ୍ଥାନକୁ ଉନ୍ନୀତ ହୋଇଛି। ଦକ୍ଷିଣ ଏସିଆ ଦେଶଗୁଡିକ ମାନବ ବିକାଶ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ୧୯୯୦-୨୦୧୮ ମଧ୍ୟରେ ଏହି ଦେଶଗୁଡିକ ମାନବ ବିକାଶ କ୍ଷେତ୍ରରେ ୪୬% ଅଭିବୃଦ୍ଧି ହାସଲ କରିଛନ୍ତି। ଏହି ସମୟରେ ପୂର୍ବ ଏସିଆ ଏବଂ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳଗୁଡିକର ଅଭିବୃଦ୍ଧି ୪୩% ରହିଛି। ତାଲିକାର ପ୍ରଥମ ୧୦ଟି ସ୍ଥାନରେ ନରୱେ, ସୁଇଜରଲାଣ୍ଡ, ଅଷ୍ଟ୍ରେଲିଆ, ଆୟର୍ଲାଣ୍ଡ, ଜର୍ମାନୀ, ଆଇସଲାଣ୍ଡ, ହଂକଂ, ସ୍ୱିଡେନ, ସିଙ୍ଗାପୁର ଏବଂ ନେଦରଲାଣ୍ଡ ରହିଛନ୍ତି।

# ଗୁଗନାନୀ ହୋଣ୍ଡା ପକ୍ଷରୁ ଫନ୍ ରାଇଡ୍



ନୂଆଦିଲ୍ଲୀ,୯-୧୨

ଗୁଗନାନୀ ହୋଣ୍ଡା ଶୋ'ରୁମ ପକ୍ଷରୁ ଫନ୍ ରାଇଡ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା କାକଟପୁର ନିକଟସ୍ଥ ପୀର ଜାହାନିଆଠାରେ ହୋଣ୍ଡାର ହର୍ନେଟ ୧୬୦ଆର୍ ଏବଂ ଏକ୍ସବ୍ଲେଡ ମଡେଲର ପ୍ରାୟ ୪୦ ଗ୍ରାହକ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଏହାବାଦ ଗ୍ରାହକମାନଙ୍କୁ ନେଇ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଜୋନାଲ ମ୍ୟାନେଜର ଅଜିତ ପଣ୍ଡା ଏବଂ ଏରିଆ ଇନଚାର୍ଜ ରଜନୀଶ ଜୟଶ୍ୱାଲ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଗ୍ରାହକଙ୍କୁ ବ୍ରାଣ୍ଡ ସହ ଯୋଡି ରଖିବା ଲାଗି ବିଭିନ୍ନ ପ୍ରକାରର ପଦକ୍ଷେପ ଗ୍ରହଣ କରାଯାଉଛି। ଗ୍ରାହକ ସନ୍ତୁଷ୍ଟିକୁ ଧ୍ୟାନରେ ରଖି ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ଏମ୍.ପି. ଲୋଧା ଭାରତର ସବୁଠୁ ଧନୀ ରିୟଲ ଇଷ୍ଟେଟ ଉଦ୍ୟୋଗୀ

ନୂଆଦିଲ୍ଲୀ,୯-୧୨

ଲୋଧା ଡେଭଲପର୍ସର ଏମ୍.ପି.ଲୋଧା ଏବଂ ପରିବାର ଭାରତର ସବୁଠୁ ଧନୀଶାଳୀ ରିୟଲ ଇଷ୍ଟେଟ ଉଦ୍ୟୋଗୀ ଭାବେ ବିବେଚିତ ହୋଇଛନ୍ତି। ଏହି ଗ୍ରୁପ ନିକଟରେ ମୋଟ ୩୧,୯୬୦ କୋଟି ଟଙ୍କାର ସମ୍ପତ୍ତି ରହିଛି। ତାଲିକାର ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ଯଥାକ୍ରମେ ଡିଏଲ୍‌ଏଫ୍‌ର ରାଜୀବ ସିଂ ଏବଂ ଏମ୍ବାସି ଗ୍ରୁପ ପ୍ରତିଷ୍ଠାତା ଜିତେନ୍ଦ୍ର ଭିରୱାନୀ ରହିଛନ୍ତି। ହୁରୁନ ଏବଂ ଗ୍ରୋହେ ଇଣ୍ଡିଆ ପକ୍ଷରୁ ମିଳିତ ଭାବେ ପ୍ରକାଶିତ ଗ୍ରୋହେ ହୁରୁନ ଇଣ୍ଡିଆ ରିୟଲ ଇଷ୍ଟେଟ ରିଚ୍ ଲିଷ୍ଟ ୨୦୧୯ ତାଲିକାରେ ଧନୀ ରିୟଲ ଇଷ୍ଟେଟ ଉଦ୍ୟୋଗୀଙ୍କୁ ସାମିଲ କରାଯାଇଛି। ତାଲିକାର ପ୍ରଥମ



ସ୍ଥାନରେ ଥିବା ଲୋଧା ପରିବାରର ସମ୍ପତ୍ତି ୨୦୧୯ରେ ୧୮% ବଢିଛି। ତାଲିକାରେ ସ୍ଥାନିତ ସବୁ ଉଦ୍ୟୋଗୀଙ୍କ ସମ୍ପତ୍ତି ମଧ୍ୟରୁ କେବଳ ୧୨% ଲୋଧା ଗ୍ରୁପ ନିକଟରେ ରହିଛି। ଏହି ତାଲିକାରେ ୯୯ ଉଦ୍ୟୋଗୀଙ୍କୁ ସ୍ଥାନିତ କରାଯାଇଛି। ଦ୍ୱିତୀୟ ସ୍ଥାନରେ ରହିଥିବା ଡିଏଲ୍‌ଏଫ୍‌ର ରାଜୀବ ସିଂଙ୍କ ନିକଟରେ ୨୫,୦୮୦ କୋଟି ଟଙ୍କାର ସମ୍ପତ୍ତି ରହିଛି। ତାଙ୍କ ସମ୍ପତ୍ତିରେ ୪୨% ବୃଦ୍ଧି ଘଟିଛି। ସେହିଭଳି ତୃତୀୟ ସ୍ଥାନରେ ରହିଥିବା ଏମ୍ବାସୀ ପ୍ରପର୍ଟି ଡେଭଲପର୍ସର ଜିତେନ୍ଦ୍ର ଭିରୱାନୀଙ୍କ ନିକଟରେ ୨୪,୦୦୦ କୋଟି ଟଙ୍କାର ସମ୍ପତ୍ତି ରହିଛି। ତାଲିକାର ୪ର୍ଥ ସ୍ଥାନରେ ହିରାନନ୍ଦିନୀ କମ୍ୟୁନିଟିଜର ନିରଞ୍ଜନ ହିରାନନ୍ଦିନୀ ( ୧୭,୦୩୦ କୋଟି ସମ୍ପତ୍ତି), କେ ରାହେଜାର ଚନ୍ଦ୍ରୁ ରାହେଜା(୫ମ ସ୍ଥାନ, ୧୫,୪୮୦ କୋଟି), ଓବରେଇ ରିୟଲିଟିର ବିକାଶ ଓବରେଇ(୬ଷ୍ଠ ସ୍ଥାନ, ୧୩,୯୧୦ କୋଟି), ବାଗମାନେ ଡେଭଲପର୍ସର ରାଜା ବାଗମାନେ(୭ମ, ୯୯୬୦ କୋଟି), ହାଉସ ଅଫ୍ ହିରାନନ୍ଦିନୀର ସୁରେନ୍ଦ୍ର ହୀରାନନ୍ଦିନୀ (୮ମ, ୯୭୨୦ କୋଟି), ରନୱାଲ ଡେପଲପର୍ସର ସୁଭାଷ ରନୱାଲ(୯ମ, ୭,୧୦୦ କୋଟି) ଏବଂ ପିରାମଲ ରିୟଲିଟିର ଅଜୟ ପିରାମଲ ୧୦ସ୍ଥାନରେ ଥିବା ବେଳେ ତାଙ୍କ ପାଖରେ ୬୫୦୦ କୋଟିଟଙ୍କାର ରିୟଲ ଇଷ୍ଟେଟ ସମ୍ପତ୍ତି ରହିଛି।


# ୭୫ ଟଙ୍କା ଛୁଇଁଲା ପେଟ୍ରୋଲ, ଡିଜେଲ ୬୬

ନୂଆଦିଲ୍ଲୀ,୯-୧୨

ସୋମବାର ନୂଆଦିଲ୍ଲୀରେ ପେଟ୍ରୋଲ ଦର ଲିଟର ପିଛା ୭୫ ଟଙ୍କା ଛୁଇଁଥିବା ବେଳେ ଡିଜେଲ ଦର ୬୬ ଟଙ୍କା ଛୁଇଁଛି। ଗତ ଏକ ବର୍ଷ ମଧ୍ୟରେ ଏହା ସବୁଠାରୁ ସର୍ବୋଚ୍ଚ ସ୍ତର। ଉତ୍ପାଦନ ମୂଲ୍ୟ ବଢିବା ଯୋଗୁ ତୈଳ ବିପଣନ କମ୍ପାନୀଗୁଡିକ ସେମାନଙ୍କ ଉତ୍ପାଦ ମୂଲ୍ୟ ବଢାଇଥିବା ଜଣାପଡିଛି। ସୋମବାର ପେଟ୍ରୋଲ ଦର ୫ ପଇସା ବଢିଥିବା ବେଳେ ଡିଜେଲ ଦର ୧୦ ପଇସା ବଢିଛି। ନଭେମ୍ବର ୯ ପରଠାରୁ ପେଟ୍ରୋଲ ଦରରେ ଏଭଳି ବୃଦ୍ଧି ପରିଲକ୍ଷିତ ହେଉଛି। ଗତ ଗୋଟିଏ ମାସ ମଧ୍ୟରେ ପେଟ୍ରୋଲ ଦର ମୋଟ ୨.୩୦ ଟଙ୍କା ବଢିଛି। ସୌଦି ଆରବର ଆରାମକୋ ତୈଳ ଫିଲ୍ଡ ଉପରେ ଡ୍ରୋନ ଆକ୍ରମଣ ହେବା ପରେ ଇନ୍ଧନ ଦର ହଠାତ ବୃଦ୍ଧି ଘଟିଥିଲା। ଏହାପରେ ଏଥିରେ ସାମାନ୍ୟ ବିରତି ଲାଗି ଥିଲା। ଏହା ୭୪.୬୧ ଟଙ୍କାରୁ ୭୨.୬୦ ଟଙ୍କାକୁ ଖସିଥିଲା। ମାତ୍ର ନଭେମ୍ବର ୯ ପରେ ପୁଣିଥରେ ବୃଦ୍ଧି ହୋଇଥିବା ଦେଖାଯାଇଛି। ଏହି ସମୟ ମଧ୍ୟରେ ଡିଜେଲ ଦର ୬୭ ଟଙ୍କା ଛୁଇଁଥିଲା।





























See Career Appointment on every Wednesday & Saturday

ବିଶ୍ୱର ଯେକୌଣସି ଗ୍ରାଉଣ୍ଡରେ ଛକା ମାରିବା ସାମର୍ଥ୍ୟ ମୋ ନିକଟରେ ରହିଛି। ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଟି୨୦ରେ ତାହାର ଏକ ନମୁନା ମୁଁ ଦେଖାଇଛି।
**– ଶିବମ୍ ଦୁବେ, ଭାରତୀୟ କ୍ରିକେଟର**



ପାକିସ୍ତାନ କ୍ରିକେଟ ଦଳ ବର୍ତ୍ତମାନ ଯେଉଁ ସ୍ଥିତିରେ ଅଛି, ସେଥିରେ ଶୀଘ୍ର ସୁଧାର ଆସିବା ସମ୍ଭବ ନୁହେଁ, ଏଥିଲାଗି କିଛି ସମୟ ଲାଗିପାରେ। **– ମିସ୍‌ବା ଉଲ୍ ହକ୍, ପାକିସ୍ତାନ ମୁଖ୍ୟ କୋଚ୍ ଓ ଚୟନକର୍ତ୍ତା**



## ସଂକ୍ଷେପରେ

### ରୁଷିଆକୁ ୪ ବର୍ଷ ବାସନ୍ଦ କଲା ୱାଡା

ଲାଉସାନେ, ୯।୧୨ (ଏପି): ଆସନ୍ତା ବର୍ଷ ହେବାକୁଥିବା ଟୋକିଓ ଅଲିମ୍ପିକ୍ସରେ ରୁଷିଆ ପତାକା ଉଡ଼ିବ ନାହିଁ କିମ୍ବା ଏହାର ଜାତୀୟ ସଙ୍ଗୀତ ଗାନ ହେବ ନାହିଁ। କେବଳ ସେତିକି ନୁହେଁ ସୋମବାରଠାରୁ ୪ ବର୍ଷ ପର୍ଯ୍ୟନ୍ତ ଅନ୍ୟ ପ୍ରମୁଖ କ୍ରୀଡ଼ା ଇଭେଣ୍ଟରୁ ରୁଷିଆକୁ ବାସନ୍ଦ କରାଯାଇଛି। ମସ୍କୋ ଲାବରେଟୋରି ଡାଟାବେସ୍ ଟ୍ୟାମ୍ପରିଂ ଅଭିଯୋଗରେ ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି (ୱାଡା) ତରଫରୁ ଏହି ଦଣ୍ଡ ବିଧାନ କରାଯାଇଛି। ସୋମବାର ଏଠାରେ ୱାଡା କାର୍ଯ୍ୟନିର୍ବାହୀ କମିଟି ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ରୁଷିଆର ଯେଉଁ ଆଥଲେଟ୍ ଡୋପ୍ ଟେଷ୍ଟରେ ଧରାପଡ଼ି ନ ଥିବେ ଏବଂ ସେମାନଙ୍କ ଡାଟା ଜାଲିଆତି କରାଯାଇ ନ ଥିବ ସେମାନଙ୍କୁ ହୁଏତ ପ୍ରମୁଖ ଇଭେଣ୍ଟଗୁଡ଼ିକରେ ଭାଗ ନେବାଲାଗି ଅନୁମତି ମିଳିପାରେ ବୋଲି ୱାଡା ରୁଲିଂରେ କୁହାଯାଇଛି। କିନ୍ତୁ ବିଶ୍ୱ ଚାମ୍ପିୟନଶିପ୍ ଏପରିକି ଫୁଟ୍‌ବଲ ବିଶ୍ୱକପ୍‌ରେ ରୁଷିଆ ଦଳର ଅଂଶଗ୍ରହଣ ଏହାଦ୍ୱାରା ପ୍ରଭାବିତ ହେବ କି ନା ତାହା ଏବେ ସୁଦ୍ଧା ଅସ୍ପଷ୍ଟ। ରୁଷିଆର ଆଣ୍ଟି ଡୋପିଂ ଏଜେନ୍ସି ୱାଡାର ଏହି ନିଷ୍ପତ୍ତି ବିରୋଧରେ କୋର୍ଟ ଅଫ୍ ଆର୍ବିଟ୍ରେଶନ (କାସ୍)ରେ ୨୧ ଦିନ ମଧ୍ୟରେ ଆବେଦନ କରିପାରିବ।

### ରୋହିତ-କୋହଲିଙ୍କ ମଧ୍ୟରେ ୧ ରନ୍‌ର ବ୍ୟବଧାନ

ଥିରୁଭାନନ୍ତପୁରମ,୯।୧୨: ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ସବୁଠୁ ଅଧିକା ରନ୍ କରିଥିବା ବ୍ୟାଟ୍ସମ୍ୟାନ ହେବା ପାଇଁ ଦୀର୍ଘ ଦିନ ହେଲା ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ମଧ୍ୟରେ ଜବରଦସ୍ତ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ରବିବାର ଏଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ପୁଣି ରୋହିତଙ୍କୁ ପଛରେ ପକାଇ ଦେଇଛନ୍ତି କୋହଲି। ମ୍ୟାଚ୍ ପୂର୍ବରୁ ରୋହିତ (୨୫୪୭) କୋହଲି (୨୫୪୪)ଙ୍କଠାରୁ ୩ ରନ୍ ଆଗରେ ଥିଲେ। ମ୍ୟାଚ୍‌ରେ ରୋହିତ ୧୫ ଓ କୋହଲି ୧୯ ରନ୍ କରି ଆଉଟ ହେବାରୁ ଉଭୟଙ୍କ ମଧ୍ୟରେ ବ୍ୟବଧାନ ୧ ରନ୍‌କୁ ଖସି ଆସିଛି। କୋହଲି ୨୫୬୩ ରନ୍ ସହ ଶୀର୍ଷରେ ଥିବାବେଳେ ୨୫୬୨ ରନ୍ କରିଥିବା ରୋହିତ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

### ଭଉଣୀଙ୍କୁ ନେଇ ଡୁ ପ୍ଲେସିସଙ୍କ ବିବାଦୀୟ ବୟାନ

ଜୋହାନ୍ସବର୍ଗ, ୯।୧୨: ଦକ୍ଷିଣ ଆଫ୍ରିକାରେ ଚାଲିଥିବା ମଞ୍ଜସି କ୍ରିକେଟ୍ ଲିଗ୍ (ଏମ୍ଏସ୍ଏଲ୍)ର ଚଳିତ ସଂସ୍କରଣ ବିଭିନ୍ନ କାରଣକୁ ନେଇ ବେଶ୍ ଚର୍ଚ୍ଚାରେ ରହିଆସିଛି। ପୂର୍ବରୁ ଭିନ୍ନ ବୋଲିଂ ଶୈଳୀ, ହେଲ୍‌ମେଟ ପିନ୍ଧିକି ବୋଲିଂ କରିବା, ଉଇକେଟ୍ ନେବା ପରେ ଫିଲ୍ଡରେ ଯାଦୁବିଦ୍ୟା ଦେଖାଇ ପୂର୍ବରୁ ଖେଳାଳିମାନେ ଚର୍ଚ୍ଚାରେ ରହିଥିଲେ। ତେବେ ଏହି ଲିଗ୍‌ର ଏକ ମ୍ୟାଚ୍ ଅବସରରେ ଦକ୍ଷିଣ ଆଫ୍ରିକା ଟେଷ୍ଟ କ୍ରିକେଟ୍ ଦଳର ଅଧିନାୟକ ଫାଫ୍ ଡୁ ପ୍ଲେସିସ ଦେଇଥିବା ଏକ ବୟାନ ମଧ ଏବେ ଖବରର ଶିରୋନାମାରେ ରହିଛି। ପାର୍ଲ ରକ୍ସ ଓ ନେଲସନ ମଣ୍ଡେଲା ବେ ଜିଆଣ୍ଟ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଟସ୍ ପଡ଼ିବା ସମୟରେ ସାଥୀ ଖେଳାଳି ତଥା ଦ୍ରୁତ ବୋଲର ହାର୍ଡୁସ ଭିଲଜୋଏନ ନ ଖେଳିବାକୁ ନେଇ ଭାଷ୍ୟକାର ଡୁ ପ୍ଲେସିସଙ୍କୁ କାରଣ ପଚାରିଥିଲେ। ପାର୍ଲ ରକ୍ସର ଅଧିନାୟକ ରହିଥିବା ପ୍ଲେସିସ କହିଥିଲେ, 'ହାର୍ଡୁସ ଭିଜନ ଏହି ମ୍ୟାଚ୍‌ରେ ଖେଳୁ ନାହାନ୍ତି କାରଣ ସେ ମୋ ଭଉଣୀଙ୍କ ସହ ଥିବେ। ଉଭୟ ପରସ୍ପର ଶନିବାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି'। ୩୫ ବର୍ଷୀୟ ପ୍ଲେସିସଙ୍କ ଏହି ଉତ୍ତର ଶୁଣି ଭାଷ୍ୟକାର ମଧ ଚକିତ ହୋଇଯାଇଥିଲେ। ଉଲ୍ଲେଖଯୋଗ୍ୟ, ଏହି ମ୍ୟାଚ୍‌ର ପୂର୍ବଦିନ ପ୍ଲେସିସଙ୍କ ଭଉଣୀ ରେମି ରିନର୍ସ ଓ ହାର୍ଡୁସଙ୍କ ମଧ୍ୟରେ ବିବାହ ଅନୁଷ୍ଠିତ ହୋଇଥିଲା। ୩୦ ବର୍ଷୀୟ ହାର୍ଡୁସ ଦକ୍ଷିଣ ଆଫ୍ରିକା ପକ୍ଷରୁ ଗୋଟିଏ ମାତ୍ର ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି।

### ରଣଜୀ ଟ୍ରଫି: ଛତିଶଗଡ଼ ୧୩୪ରେ ଅଲଆଉଟ

# ରାଜେଶଙ୍କୁ ୬ ଉଇକେଟ ସଫଳତା

କଟକ ଅଫିସ,୯।୧୨

ରାୟପୁରସ୍ଥିତ ଶହୀଦ ବୀର ନାରାୟଣ ସିଂ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ସୋମବାର ଠାରୁ ଓଡ଼ିଶା-ଛତିଶଗଡ଼ ପ୍ରଥମ ରଣଜୀଟ୍ରଫି କ୍ରିକେଟ ମ୍ୟାଚ୍ ଆରମ୍ଭ ହୋଇଛ। ପେସ୍ ବୋଲିଂ ସୁହାଉଥିବା ଏହି ଗ୍ରାଉଣ୍ଡରେ ପ୍ରଥମ ଦିବସରେ ମୋଟ୍ ୧୩ଟି ଉଇକେଟ ପତନ ଘଟିଛି। ପ୍ରଥମେ ବ୍ୟାଟିଂ କରିଥିବା ଛତିଶଗଡ଼ ୧୩୪ରନରେ ଅଲଆଉଟ ହୋଇଛି। ଓଡ଼ିଶା ପକ୍ଷରୁ ରାଜେଶ ମହାନ୍ତି ଘାତକ ବୋଲିଂ କରି ଛତିଶଗଡ଼ର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଛନ୍ତି। ତାଙ୍କୁ ୬ଟି ଉଇକେଟ ମିଳିଥିବା ବେଳେ ବସନ୍ତ ମହାନ୍ତି ୩ଟି ଓ ସୂର୍ଯ୍ୟକାନ୍ତ ପ୍ରଧାନ ଗୋଟିଏ ଉଇକେଟ ପାଇଛନ୍ତି। ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ୩ ଉଇକେଟ ହରାଇ ୪୮ରନ କରିଛି।

ଓଡ଼ିଶା ଅଧିନାୟକ ଶୁଭ୍ରାଂଶୁ ସେନାପତି ଟସ୍ ଜିତି ଛତିଶଗଡ଼କୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲେ। ଦଳୀୟ ସ୍କୋର ୧ ହୋଇଥିବା ବେଳେ ଓପନର ଅବିନାଶ ଧାଲିୱାଲ ଖାତା ଖୋଲିବା ପୂର୍ବରୁ ରାଜେଶଙ୍କ ବଲରେ ସନ୍ଦୀପ ପଟ୍ଟନାୟକଙ୍କ ହାତରେ କ୍ୟାଚ୍ ଆଉଟ ହୋଇଥିଲେ। ପରେ ୨୩ରନରେ ଦ୍ୱିତୀୟ ଓ ୬୧ରନରେ ୬ଷ୍ଠ ଉଇକେଟ ହରାଇ ଛତିଶଗଡ଼ ସଙ୍କଟରେ ପଡ଼ିଥିଲା। ଛତିଶଗଡ଼ର ଦଳୀୟ ସ୍କୋର ୧୦୦ ଟପିବନି ବୋଲି ଆଶଙ୍କା ରହିଥିଲା। ଅନ୍ତିମ ଉଇକେଟ ଭାଗିଦାରୀରେ ଅଜୟ ମଣ୍ଡଳ ଓ ପଙ୍କଜ ରାଓ ୪୨ରନ ଯୋଡ଼ିବା ଫଳରେ ଛତିଶଗଡ଼ ୧୩୪ରନ କରିଥିଲା। ଅଜୟ ଛତିଶଗଡ଼ ପକ୍ଷରୁ ସର୍ବାଧିକ ୪୭ରନ କରିଥିଲେ। ଏହାଛଡ଼ା ଅମନଦୀପ ଖାରେ ୨୦ରନ, ନିମ୍ନକ୍ରମର ବ୍ୟାଟ୍ସମ୍ୟାନ ବୀରପ୍ରତାପ ସିଂ ୧୪ରନ କରିଛନ୍ତି। ଉକ୍ତ ମ୍ୟାଚ୍‌ରେ ଓଡ଼ିଶାର ପେସ୍ ବୋଲିଂ ଆଟାକ୍ ଉତ୍କୃଷ୍ଟ ଧରଣର ରହିଛି। ୧୦ଟି ଯାକ ଉଇକେଟ ୩ପେସ୍ ବୋଲରଙ୍କ ମଧ ବାଣ୍ଟି ହୋଇଯାଇଥିଲା। ପ୍ରଥମ ଇନିଂସ ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ୨୨ରନରେ ଓପନର ଅନୁରାଗ ଷଡ଼ଙ୍ଗୀଙ୍କ ଉଇକେଟ ହରାଇଥିଲା। ଅନୁରାଗ ୧୪ରନ କରି ପୁନୀତ ଦତେଙ୍କ ବଲରେ କ୍ଲିନ ବୋଲ୍ଡ ହୋଇଥିଲେ। ପରେ ଦେବାଶିଷ ସାମନ୍ତରାୟ ୮ରନରେ ପଙ୍କଜ ରାଓଙ୍କ ଦ୍ୱାରା ଓ ଅଧିନାୟକ ଶୁଭ୍ରାଂଶୁ ୧୬ରନରେ ପୁନୀତଙ୍କ ବଲରେ ଉଇକେଟ କିପର ହାତରେ ଧରାପଡ଼ି ପ୍ୟାଭିଲିୟନ ଫେରିଥିଲେ। ଅପରାଜିତ ଥିବା ଦୁଇ ଅଭିଜ୍ଞ ଖେଳାଳି ବିପ୍ଳବ ସାମନ୍ତରାୟ(୪ରନ) ଓ ଗୋବିନ୍ଦ ପୋଦ୍ଦାର(୦)ଙ୍କ ଦ୍ୱାରା ଦ୍ୱିତୀୟ ଦିବସର ଖେଳ ଆରମ୍ଭ ହେବ।



କ୍ୟାରିୟରର ଶ୍ରେଷ୍ଠ ବୋଲିଂ କରିଥିବା ରାଜେଶ ମହାନ୍ତି ।

#### ସନ୍ଦୀପ ଆହତ, ମ୍ୟାଚ୍‌ରୁ ବାଦ୍

ଓପନର ସନ୍ଦୀପ ପଟ୍ଟନାୟକଙ୍କ ହାତରେ ଆଘାତ ଲାଗିଛି। ଅନୁରାଗଙ୍କ ସହ ଓପନିଂ କରିବାକୁ ଆସିଥିବା ସନ୍ଦୀପ ୭ଟି ବଲ ଖେଳି କୌଣସି ରନ ସଂଗ୍ରହ କରିବା ପୂର୍ବରୁ ରିଟାୟର୍ଡ ହର୍ଟ୍ ହୋଇ ଫେରିଥିଲେ। ପେସ୍ ବୋଲର ବୀରପ୍ରତାପ ସିଂଙ୍କୁ ସମ୍ମୁଖୀନ କରୁଥିବା ବେଳେ ତାଙ୍କ ଡାହାଣ ହାତରେ ବଲ ବାଜିଥିଲା। ଏଥିରେ ସନ୍ଦୀପଙ୍କ ହାତ ହାଡ଼ ଭାଙ୍ଗିଥିବା ଜଣାପଡ଼ିଛି।

#### ରାଜେଶଙ୍କ ଶ୍ରେଷ୍ଠ ବୋଲିଂ ଫିଗର୍

ଡାହାଣହାତୀ ପେସ୍ ବୋଲର ରାଜେଶ ମହାନ୍ତି ଛତିଶଗଡ଼ ବିପକ୍ଷରେ ଚମତ୍କାର ବୋଲିଂ କରିଛନ୍ତି। ଏଠାରେ ସେ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ପୂର୍ବରୁ ୫୫/୬ ରାଜେଶଙ୍କ ଶ୍ରେଷ୍ଠ ବୋଲିଂ ଫିଗର୍ ଥିଲା। ଛତିଶଗଡ଼ ବିପକ୍ଷ ପ୍ରଥମ ଇନିଂସରେ ସେ ୪୭ରନରେ ୬ଟି ଉଇକେଟ ଅକ୍ତିଆର କରି କ୍ୟାରିୟରରେ ନୂତନ ରେକର୍ଡ ଯୋଡ଼ିଛନ୍ତି। ଏଥିସହ ୧୦ଟି ପ୍ରଥମଶ୍ରେଣୀ କ୍ରିକେଟ ମ୍ୟାଚ୍‌ରୁ ୪୬ଟି ଉଇକେଟ ଅକ୍ତିଆର କରିସାରିଲେଣି ରାଜେଶ। ତେଣୁ ଏହି ମ୍ୟାଚ୍‌ରେ ରାଜେଶଙ୍କ ପାଇଁ ୫୦ ଉଇକେଟ ପୂରଣ କରିବାର ସୁଯୋଗ ରହିଛି।

### ଜାଫରଙ୍କ ରେକର୍ଡ ୧୫୦ତମ ରଣଜୀ ମ୍ୟାଚ୍



ବିଜୟୱାଡା,୯।୧୨

ଭେଟେରାନ ଓପନର ୱାସିମ ଜାଫର ସୋମବାର ରଣଜୀ କ୍ୟାରିୟରର ୧୫୦ ମ୍ୟାଚ୍‌ରେ ପଦାର୍ପଣ କରିଛନ୍ତି। ଏଠାରେ ଆନ୍ଧ୍ର ପ୍ରଦେଶ ଓ ବିଦର୍ଭ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଜାଫର ଏହି ସମ୍ମାନଜନକ ମାଇଲଷ୍ଟୋନ ସ୍ପର୍ଶ କରିଛନ୍ତି। ଜାଫରଙ୍କ ପଛକୁ ସର୍ବାଧିକ ରଣଜୀ ମ୍ୟାଚ୍ ଖେଳିଥିବା ଖେଳାଳିଙ୍କ ମଧ୍ୟରେ ଦେବେନ୍ଦ୍ର ବୁଣ୍ଡେଲା (୧୪୫ତମ) ଓ ଅମୋଲ ମଜୁମଦାର (୧୩୬ତମ) ରହିଛନ୍ତି। ଜାଫରଙ୍କ କ୍ୟାରିୟରରେ ୪୦ ଶତକ ସହ ୧୧,୭୭୫ ରନ୍ ରହିଛି। ମୁମ୍ବାଇରେ ଜନ୍ମିତ ବ୍ୟାଟ୍ସମ୍ୟାନ ମୋଟ ୨୫୩ ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୧୯,୧୪୭ ରନ୍ କରିଛନ୍ତି। ଦେଶ ପାଇଁ ସେ ୩୧ ଟେଷ୍ଟ ଓ ୨ ଦିନିକିଆ ମଧ ଖେଳିଛନ୍ତି। ଜାଫରଙ୍କ ୧୫୦ତମ ରଣଜୀ ମ୍ୟାଚ୍‌ରେ ଏକ ଭିନ୍ନ ଘଟଣା ଘଟିଥିଲା। ମ୍ୟାଚ୍‌ବେଳେ ଗ୍ରାଉଣ୍ଡକୁ ସାପ ପଶି ଯାଇଥିଲା।



ସାଉଥ୍ ଏସିଆନ୍ ଗେମ୍ସର ମହିଳା ଫୁଟବଲରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ଖେଳାଳିମାନେ ଖୁସି ମନାଉଛନ୍ତି ।

## ଭାରତୀୟ ମହିଳା ଫୁଟ୍‌ବଲ ଦଳକୁ ହ୍ୟାଟ୍ରିକ ସ୍ୱର୍ଣ୍ଣ

ପୋଖରା (ନେପାଳ), ୯।୧୨ (ପି.ଟି.)

ଏଠାରେ ଚାଲିଥିବା ସାଉଥ୍ ଏସିଆନ୍ ଗେମ୍ସ (ସାଗ୍)ର ମହିଳା ଫୁଟ୍‌ବଲରେ ଭାରତୀୟ ଦଳ ଚାମ୍ପିୟନ ହୋଇଛି। ସୋମବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ଭାରତ ୨-୦ ଗୋଲରେ ଘରୋଇ ନେପାଳକୁ ପରାସ୍ତ କରିଥିଲା। ଏଥିସହ ସାଗ୍‌ରେ ଭାରତୀୟ ମହିଳା ଫୁଟ୍‌ବଲ ଦଳ ଲଗାତର ୩ୟ ସ୍ୱର୍ଣ୍ଣ ପଦକ ଜିତି ହ୍ୟାଟ୍ରିକ ସଫଳତା ପାଇଛି। ଭାରତୀୟ ଦଳ ପକ୍ଷରୁ ବାଲା ଦେବୀ ୨ଟି ଯାକ ଗୋଲସ୍କୋର କରି ଦଳକୁ ଚାମ୍ପିୟନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୨୯ ବର୍ଷୀୟା ବାଲା ଦେବୀ ମ୍ୟାଚ୍‌ର ଉଭୟାର୍ଦ୍ଧରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମ୍ୟାଚ୍‌ର ୧୮ତମ ମିନିଟ୍‌ରେ ପ୍ରଥମ ଓ ୫୪ତମ ମିନିଟ୍‌ରେ ଦ୍ୱିତୀୟ ଗୋଲ ହୋଇଥିଲା। ଏଥିସହ ସେ ପ୍ରତିଯୋଗିତାରେ ମୋଟ୍ ୪ ମ୍ୟାଚ୍ ଖେଳି ୫ ଗୋଲ ଦେବା ସହ ସର୍ବାଧିକ ଗୋଲ ସ୍କୋରର ହୋଇଛନ୍ତି। ସେହିଭଳି ଭାରତୀୟ ଦଳର ଗୋଲକିପର ଆଦିତି ଚୌହାନ ମଧ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଟୁର୍ନାମେଣ୍ଟରେ ସେ ଗୋଟିଏ ବି ଗୋଲବରଣ କରିନାହାନ୍ତି। ଭାରତୀୟ ଦଳରେ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ଜବାମଣି ଟୁଡୁ ସ୍ଥାନ ପାଇଛନ୍ତି।

### ମ୍ୟାଚବେଳେ ଗ୍ରାଉଣ୍ଡରେ ସାପ

ବିଜୟୱାଡା,୯।୧୨

ସୋମବାରଠାରୁ ଚଳିତ ସିଜନର ରଣଜୀ ଟ୍ରଫି ଟୁର୍ନାମେଣ୍ଟ ଆରମ୍ଭ ହୋଇଯାଇଛି। ପ୍ରଥମ ଦିନରେ ହିଁ ଚକିତ କଲାଭଳି ଏକ ଘଟଣା ସାମ୍ନାକୁ ଆସିଛି। ଗ୍ରାଉଣ୍ଡରେ ସାପ ପଶିବା କାରଣରୁ ବିଦର୍ଭ-ଆନ୍ଧ୍ରପ୍ରଦେଶ ମ୍ୟାଚ୍ ବିଳମ୍ବରେ ଆରମ୍ଭ ହୋଇଛି। ଏ ଘଟଣା ସମ୍ପର୍କରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତା'ର ଅଫିସିଆଲ ଡୋମେଷ୍ଟିକ ଟୁଇଟ୍‌ର ହ୍ୟାଣ୍ଡେଲରେ ଏକ ଭିଡିଓ ଅପ୍‌ଲୋଡ୍ କରି ସୂଚନା ଦେଇଛି। ବିଦର୍ଭ ଅଧିନାୟକ ଫୈଜ ଫାଜଲ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଛନ୍ତି। ଫାଜଲଙ୍କ ନେତୃତ୍ୱାଧୀନ ବିଦର୍ଭ ଡିଫେଣ୍ଡିଂ ଚାମ୍ପିୟନ। ଗତ ସଂସ୍କରଣର ଫାଇନାଲରେ ସୌରାଷ୍ଟ୍ରକୁ ହରାଇ ଦେଇଥିଲା।



## ଭୁବନେଶ୍ୱରରେ ୨୦୨୬ ଯୁବ ଅଲିମ୍ପିକ୍ସ ଆୟୋଜନ ସମ୍ଭାବନା

ନୂଆଦିଲ୍ଲୀ, ୯।୧୨ (ପି.ଟି.)

୨୦୨୬ ଯୁବ ଅଲିମ୍ପିକ୍ସ ଆୟୋଜନ ନେଇ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ନରିନ୍ଦର ବାତ୍ରା ସୋମବାର ଗୃହମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟି ତାଙ୍କ ସମର୍ଥନ ଲୋଡ଼ିଛନ୍ତି। 'ଅଲିମ୍ପିକ୍ସ ଆୟୋଜନ ନେଇ ବିଡ୍ ଦାଖଲ ପୂର୍ବରୁ ଦିଲ୍ଲୀ, ମୁମ୍ବାଇ ଓ ଭୁବନେଶ୍ୱର ମଧ୍ୟରୁ ଗୋଟିଏ ସହରକୁ ଚୟନ କରାଯିବ। ଏହାପରେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ସ୍ୱୀକୃତି କିମ୍ବା ଅନୁମୋଦନ ଦେବା ପାଇଁ ଭାରତର ବିଡ୍‌କୁ ମୂଲ୍ୟାଙ୍କନ କରିବ' ବୋଲି ଆଇଓସି ସଦସ୍ୟ ଥିବା ବାତ୍ରା କହିଛନ୍ତି। ବିଡିଂ ପ୍ରକ୍ରିୟା ଆସନ୍ତାବର୍ଷ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ସେହିଭଳି ଶାହାଙ୍କୁ ସାକ୍ଷାତ୍ କରିବା ଅବସରରେ ବାତ୍ରା ୨୦୨୩ରେ ମୁମ୍ବାଇରେ ଆଇଓସି ସେସନ୍ ଆୟୋଜନ କରିବା ନେଇ ଆଲୋଚନା କରିଥିଲେ। ଆଇଓସିର ସେସନ ଆୟୋଜନ ପାଇଁ ମଧ ବିଡ୍ ଦାଖଲ କରିବାର ପ୍ରକ୍ରିୟା ରହିଛି। ଏହି ସମ୍ମାନଜନକ ଇଭେଣ୍ଟରେ ଅଲିମ୍ପିକ ବଡି ଆଇଓସିର ସମସ୍ତ ସଦସ୍ୟ ଓ ଅଫିସିଆଲ ଉପସ୍ଥିତ ରହିବେ। ସେହିବର୍ଷ ଭାରତ ସ୍ୱାଧୀନତାର ୭୫ ବର୍ଷ ପାଳନ କରିବାକୁ ଯାଉଥିବାରୁ ଏହାକୁ ଅଧିକ ସ୍ମରଣୀୟ କରିବା ପାଇଁ ଏହି ସମ୍ମାନଜନକ ଇଭେଣ୍ଟ ଆୟୋଜନ ନେଇ ବାତ୍ରା ଆଲୋଚନା କରିଥିଲେ। ଏଥିସହ ୨୦୨୩ରେ ଭୁବନେଶ୍ୱର ଓ ରାଉରକେଲାରେ ପୁରୁଷ ହକି ବିଶ୍ୱକପ୍ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଥିବାରୁ ଶାହାଙ୍କ ସହ ଏନେଇ ମଧ ଆଲୋଚନା ହୋଇଥିଲା ବୋଲି ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍ଆଇଏଚ୍)ର ସଭାପତି ଥିବା ବାତ୍ରା କହିଛନ୍ତି। ସାକ୍ଷାତକାର ଅବସରରେ ସରକାରଙ୍କ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ, ଫିଟ୍ ଇଣ୍ଡିଆ ମୁଭମେଣ୍ଟ ଓ ଟାର୍ଗେଟ୍ ଅଲିମ୍ପିକ ପୋଡିୟମ ସ୍କିମ ଉପରେ ମଧ ଉଭୟ ଶାହା ଓ ବାତ୍ରା ଆଲୋଚନା କରିଥିଲେ।

## ରାଉରକେଲା, ସୁନ୍ଦରଗଡ଼, ଢେଙ୍କାନାଳ, ବରଗଡ଼ ସେମିରେ

କଟକ ଅଫିସ,୯।୧୨

ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ଆନୁକୂଲ୍ୟରେ ବରଗଡ଼ ଓ ଢେଙ୍କାନାଳରେ ଚାଲିଥିବା ୬୦ତମ ସିନିୟର ପୁରୁଷ ଆନ୍ତଃ ଜିଲା ଫୁଟବଲ ଚାମ୍ପିୟନଶିପ ସାହାଣୀ କପ୍‌ରେ ସୋମବାର ୪ଟି ଯାକ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯାଇଛି। ଏଥିରେ ରାଉରକେଲା, ସୁନ୍ଦରଗଡ଼, ଢେଙ୍କାନାଳ ଓ ବରଗଡ଼ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

ବରଗଡ଼ର ସୋହେଲା ଗ୍ରାଉଣ୍ଡରେ ରାଉରକେଲା ଓ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ନିର୍ଦ୍ଧାରିତ ସମୟରେ ଗୋଲଶୂନ୍ୟ ରହିଥିଲା। ପେନାଲ୍ଟି ସୁଟଆଉଟ ଜରିଆରେ ରାଉରକେଲା ୪-୨ ଗୋଲରେ ବିଜୟୀ ହୋଇଛି। ବରଗଡ଼ର କଦଳିପାଲି ଗ୍ରାଉଣ୍ଡରେ ବରଗଡ଼ ୫-୦ ଗୋଲରେ ଭୁବନେଶ୍ୱରକୁ ହରାଇଥିଲା। ବରଗଡ଼ ପକ୍ଷରୁ ଭରତ ମୁଣ୍ଡା, ଅମର ଲାକ୍ରା, ଅଖିଳେଶ ଟପ୍ପୋ, ସନ୍ତୋଷ ବେହେରା ଓ ରାକେଶ ଓରାମ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବରଗଡ଼ର ଭେଡେନ ଗ୍ରାଉଣ୍ଡରେ ସୁନ୍ଦରଗଡ଼ ୨-୦ ଗୋଲରେ ଦେବଗଡ଼କୁ ପରାସ୍ତ କରିଛି। ସୁନ୍ଦରଗଡ଼ ପକ୍ଷରୁ ବିସ୍ରା ଓରାମ ଓ କିଶୋର ଖାଡ଼ିଆ ଗୋଟିଏ ଲେଖାଏ ଗୋଲ ସ୍କୋର କରିଛନ୍ତି। ଢେଙ୍କାନାଳ ଘରୋଇ ଗ୍ରାଉଣ୍ଡରେ ୧-୦ ଗୋଲରେ ବାଲେଶ୍ୱରକୁ ହରାଇ ସେମିରେ ପ୍ରବେଶ କରିଛି। ଢେଙ୍କାନାଳ ପକ୍ଷରୁ ଶାଶ୍ୱତ ସ୍ୱାଇଁ ଏକମାତ୍ର ଗୋଲ ଦେଇଥିଲେ।



ସାହାଣୀ କପ୍ ଫୁଟବଲ ଟୁର୍ନାମେଣ୍ଟରେ ସୋମବାର ଢେଙ୍କାନାଳ ଓ ବାଲେଶ୍ୱର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ୧୨ କାଉଣ୍ଟରରେ ୧୦,୦୫୦ ଟିକେଟ




ଭାରତ-ୱେଷ୍ଟଇଣ୍ଡିଜ ଦିନିକିଆ ମ୍ୟାଚକୁ ନେଇ ସୋମବାର ଓସିଏ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀ।

**ବାରବାଟୀ ଦିନିକିଆ**
**ଆଉ ୧୨ଦିନ**

କଟକ ଅଫିସ,୯।୧୨

ଭାରତ-ୱେଷ୍ଟଇଣ୍ଡିଜ ଦିନିକିଆ କ୍ରିକେଟ ମ୍ୟାଚ ପାଇଁ ଆସନ୍ତା ୧୯ ଓ ୨୦ରେ କାଉଣ୍ଟରରେ ଟିକେଟ ବିକ୍ରି ହେବ। କାଉଣ୍ଟରରେ ବିଭିନ୍ନ ଗ୍ୟାଲେରିର ମୋଟ୍ ୧୦,୫୦୦ଟି ଟିକେଟ ଉପଲବ୍ଧ ରହିବ। ଏ ନେଇ ଚଳିତବର୍ଷ ୧୨ଟି କାଉଣ୍ଟର ଖୋଲାଯିବାର ବ୍ୟବସ୍ଥା ହୋଇଛି। ହର୍ସଗେଟ୍ ନିକଟରେ ଖୋଲିବାକୁ ଥିବା ୨ଟି କାଉଣ୍ଟରରେ ସ୍ପେସାଲ ଏନକ୍ଲୋଜର, ନ୍ୟୁ ପ୍ୟାଭିଲିୟନ, କର୍ପୋରେଟ ବକ୍ସ ଓ ଏସି ବକ୍ସ ଟିକେଟ ବିକ୍ରି କରାଯିବା ବେଳେ ଅନ୍ୟ ୧୦ଟି କାଉଣ୍ଟରରେ ବିଭିନ୍ନ ଗ୍ୟାଲେରି ଗୁଡ଼ିକର ଟିକେଟ୍ ବିକ୍ରି କରାଯିବ। ପୂର୍ବରୁ ଅନଲାଇନ ଜରିଆରେ ୮,୧୫୦ଟି ଟିକେଟ ବିକ୍ରି ସରିଛି। ଏଣୁ ଆସନ୍ତା ଅନ୍ତର୍ଜାତୀୟ ମ୍ୟାଚ୍‌ରେ ମୋଟ୍ ୧୮,୨୦୦ଟିକେଟ ସାଧାରଣ ଦର୍ଶକଙ୍କ ନିମନ୍ତେ ବିକ୍ରି ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଉଦ୍ଦିଷ୍ଟ କରିଛ। ମ୍ୟାଚ୍ ଆୟୋଜନ ନେଇ ସୋମବାର ଅପରାହ୍ନରେ ଓସିଏ ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଓସିଏ ସମ୍ପାଦକ ସଞ୍ଜୟ ବେହେରା ଉପସ୍ଥିତ ରହି ମ୍ୟାଚ ଆୟୋଜନ ନେଇ ସମସ୍ତ ସୂଚନା ଦେଇଥିଲେ। ଏହାଛଡ଼ା ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରା, ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ବିଧାୟକ ଚନ୍ଦ୍ରସାରଥୀ ବେହେରା, ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ବିଧାୟକ ସୌଭିକ ବିଶ୍ୱାଳଙ୍କ ସମେତ ଓସିଏର ଅନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

#### ୧୬ରେ ଅନୁବନ୍ଧିତ ୟୁନିଟ୍‌ଙ୍କୁ ଟିକେଟ୍

୧୬ ଓ ୧୭ ତାରିଖରେ ଓସିଏର ଅନୁବନ୍ଧିତ ୟୁନିଟ୍ ଗୁଡ଼ିକୁ ଟିକେଟ ବିକ୍ରି କରାଯିବ। ଅନୁବନ୍ଧିତ ୟୁନିଟ ସମେତ ବିସିସିଆଇ ପ୍ରାୟୋଜକଙ୍କ ପାଇଁ ମୋଟ୍ ୮,୯୪୬ଟିକେଟ୍ ବିକ୍ରି ପାଇଁ ଉଦ୍ଦିଷ୍ଟ କରାଯାଇଛି। ଅନ୍ୟପକ୍ଷରେ ଗ୍ୟାଲେରି ନଂ-୭ ବାଦ୍ ପଡ଼ିବା ଯୋଗୁଁ ବାରବାଟୀ ଷ୍ଟାଡିୟମରେ ଦର୍ଶକ କ୍ଷମତା ୩୮,୮୬୨କୁ ଖସିଛି।

#### ଗଠନ ହେଲା ବିଭିନ୍ନ କମିଟି

ମ୍ୟାଚ୍‌କୁ ସୁଚାରୁରୂପେ ପରିଚାଳନା ନିମନ୍ତେ ଓସିଏ ବିଭିନ୍ନ କମିଟି ଓ ସବ୍‌କମିଟି ଗଠନ କରିଛି। ସାଙ୍ଗଠନିକ କମିଟିରେ ବିଭିନ୍ନ ବିଧାୟକଙ୍କ ସମେତ ଓସିଏର ପଦାଧିକାରୀ ଅଛନ୍ତି। ଏହାଛଡ଼ା ଅଭ୍ୟର୍ଥନା କମିଟି, ପରାମର୍ଶ କମିଟି, ମିଡ଼ିଆ କମିଟି, ପ୍ରେସ ବକ୍ସ ସଂଯୋଜକ କମିଟି, ବିସିସିଆଇ କମିଟି, ବିସିସିଆଇ ବକ୍ସ ସଂଯୋଜକ, ଫ୍ଲଡ ଲାଇଟ୍ ପରିଚାଳନା କମିଟି, ନେଟ୍ ପ୍ରାକ୍ଟିସ ମ୍ୟାନେଜମେଣ୍ଟ, ଟିକେଟ ବଣ୍ଟନ କମିଟି, ଫାଟକ ନିୟନ୍ତ୍ରଣ କମିଟି ଠାରୁ ଆରମ୍ଭ କରି ବିଭିନ୍ନ କମିଟି ଗଠନ କରାଯାଇଛି।

# 'ପାଠ୍ୟକ୍ରମରେ କ୍ରୀଡ଼ାର ଆବଶ୍ୟକତା ରହିଛି'

''ବର୍ତ୍ତମାନ ଏକାଡେମୀ ପାଠ୍ୟକ୍ରମରେ କ୍ରୀଡ଼ାପାଇଁ ନିର୍ଦ୍ଦିଷ୍ଟ ମାପ ରଖା ଯାଇନାହିଁ। ଶିକ୍ଷା ବିଭାଗ ଏହା ଉପରେ ଦୃଷ୍ଟି ଦେବା ଆବଶ୍ୟକତା ରହିଛି। ଏହା ହେଲେ ରାଜ୍ୟରେ ଖେଳ ପ୍ରତି ଅଧିକ ଫୋକସ ଦିଆଯାଇ ପାରିବ।୨୦୨୮ ଓ ୨୦୩୨ ଅଲିମ୍ପିକ୍ସକୁ ଦୃଷ୍ଟିରେ ରଖି କ୍ରୀଡ଼ା ପ୍ରତିଭାଙ୍କୁ ଗ୍ରୁମିଂ କରାଯାଉଛି। ଏହାର ସୁଫଳ ନିଶ୍ଚିତ ଆଗାମୀ ଦିନରେ ମିଳିବ। ଏବେ ଖେଳ ଭିତ୍ତିଭୂମି କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ନ ରହି ରାଜ୍ୟସାରା ପରିବ୍ୟାପ୍ତ ହୋଇଛି। ଫଳରେ ପ୍ରତି ଅଞ୍ଚଳର ଖେଳାଳି ଏଥିରୁ ଫାଇଦା ପାଇ ପାରିବେ। ପୂର୍ବରୁ ୨୦୧୮ ହକି ବିଶ୍ୱକପ କେବଳ ଭୁବନେଶ୍ୱରରେ ଆୟୋଜନ ହୋଇଥିଲା। ୨୦୨୩ରେ ଏହି ମେଗା ପ୍ରତିଯୋଗିତା ଭୁବନେଶ୍ୱର ଓ ରାଉରକେଲାରେ ଆୟୋଜନ ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହା ଆମ ପାଇଁ ଏକ ଚ୍ୟାଲେଞ୍ଜ୍। ଭୁବନେଶ୍ୱର ଏବେ ଭାରତର କ୍ରୀଡ଼ା ରାଜଧାନୀଭାବେ ବିବେଚିତ ହେଉଛି। ଆଗାମୀ ଦିନରେ ଭୁବନେଶ୍ୱରରେ ଆଇଟି ହବ୍ ପ୍ରତିଷ୍ଠା କରିବାକୁ ମଧ୍ୟ ଆମେ ଚେଷ୍ଟା କରୁଛୁ'' ବୋଲି ଧରିତ୍ରୀ ସହ ଏକ ସ୍ୱତନ୍ତ୍ର ସାକ୍ଷାତ୍କାର ଅବସରରେ ପ୍ରକାଶ କରିଛନ୍ତି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା। ଏହି ଅବସରରେ କ୍ରୀଡ଼ା ବିଭାଗରେ ପ୍ରଚଳିତ ନୀତି ଏବଂ ଭବିଷ୍ୟତର ଯୋଜନା ସମ୍ପର୍କରେ କ୍ରୀଡ଼ାମନ୍ତ୍ରୀ ପ୍ରକାଶ କରିଛନ୍ତି।

–ସାକ୍ଷାତ: ତପନ ସ୍ୱାଇଁ



**■ ରାଜ୍ୟରେ ଏବେ କ୍ରୀଡ଼ାର ଗୁରୁତ୍ୱ ବହୁପରିମାଣରେ ବଢ଼ି ଯାଇଥିବାବେଳେ ଆପଣ କ୍ରୀଡ଼ା ସହିତ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱରେ ଅଛନ୍ତି। ଦୁଇ ବିଭାଗ ମଧ୍ୟରେ କେମିତି ସମନ୍ୱୟ ରକ୍ଷା କରୁଛନ୍ତି?**

ରାଜ୍ୟପାଇଁ ୨ଟି ଯାକ ବିଭାଗ ଗୁରୁତ୍ୱପୂର୍ଣ୍ଣ। ଭାରତ ସରକାର କହୁଛନ୍ତି ଆମେ ୨୦୨୮ ଓ ୨୦୩୨ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ସଂଖ୍ୟା ବଢ଼ାଇବାକୁ ଚାହୁଁଛୁ। ତେଣୁ ୧୦ରୁ ୧୪ ବର୍ଷ ମଧ୍ୟରେ ଯେଉଁ କ୍ରୀଡ଼ା ପ୍ରତିଭା ଅଛନ୍ତି ଆମେ ତାଙ୍କୁ ଟାର୍ଗେଟ କରୁଛୁ। ଅଲିମ୍ପିକ୍ସକୁ ଲକ୍ଷ୍ୟରେ ରଖି ସେମାନଙ୍କୁ ଟ୍ରେନିଂ ଦିଆଯିବ। ଆଇଟିରେ ମଧ୍ୟ ଇଷ୍ଟର୍ନ ଜୋନରେ ଆମେ ସବୁଠାରୁ ବଡ଼ ଆଇଟି ହବ୍ ହେବାପାଇଁ ଚେଷ୍ଟା କରୁଛୁ। ବାଙ୍ଗାଲୋର, ହାଇଦ୍ରାବାଦ, ପୁଣେ କିମ୍ବା ଗୁରଗାଁଓପରି ଅଞ୍ଚଳରେ ଆଇଟି ହବ୍‌ସବୁ ହୋଇଛି। ସେ ତୁଳନାରେ ଓଡ଼ିଶାରେ ଆଇଟି ହବ୍ ନାହିଁ। ଇକୋ ସିଷ୍ଟମକୁ ଆମେ ବର୍ତ୍ତମାନ ସପୋର୍ଟ ଦେଉଛୁ। ଆଗାମୀ ଦିନରେ ଭୁବନେଶ୍ୱରରେ ମଧ୍ୟ ଆଇଟି ହବ୍ ପ୍ରତିଷ୍ଠା କରିବାକୁ ଆମେ ଚେଷ୍ଟା କରୁଛୁ।

**■ ମନ୍ତ୍ରୀଭାବେ ଦାୟିତ୍ୱ ନେବାବେଳେ କ'ଣ ସବୁ ଲକ୍ଷ୍ୟ ଥିଲା। ବର୍ତ୍ତମାନ ସୁଦ୍ଧା କେତେ ପରିମାଣରେ ପୂରଣ ହୋଇଛି?**

ଦାୟିତ୍ୱ ନେବାର ମୋର ମାତ୍ର ୫-୬ ମାସ ହୋଇଛି। ପୂର୍ବରୁ ମଧ୍ୟ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ କ୍ରୀଡ଼ାର ବ୍ୟାପକ ଉନ୍ନତି ହୋଇଛି। ୨୦୧୮ରେ ହକି ବିଶ୍ୱକପ ଆୟୋଜିତ ହୋଇଛି। ମୁଁ ଦାୟିତ୍ୱ ନେବାପରେ ଅଲିମ୍ପିକ୍ସ କ୍ୱାଲିଫାୟର ହକି, ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ହୋଇଛି। ଆଗାମୀ ଦିନରେ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ହେବାକୁ ଯାଉଛି। ରେସଲିଂ ଚାମ୍ପିୟନଶିପ୍ ମଧ୍ୟ ରହିଛି। ଅନେକ ବିଶ୍ୱସ୍ତରୀୟ ଇଭେଣ୍ଟ ଆୟୋଜନ ପାଇଁ ଭୁବନେଶ୍ୱର ଏବେ ଭାରତର କ୍ରୀଡ଼ା ରାଜଧାନୀଭାବେ ବିବେଚିତ ହେଉଛି।

**■ ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିର ବ୍ୟାପକ ଉନ୍ନତି ଘଟିଛି। ଏହାର ସୁଫଳ ଆମ ରାଜ୍ୟକୁ କିପରି ମିଳିଛି ବୋଲି ଆପଣ ଭାବୁଛନ୍ତି ?**

ପୂର୍ବରୁ ଅଳ୍ପ କେତୋଟି ଅଞ୍ଚଳରେ ଖେଳାଳିଙ୍କର ନିର୍ଦ୍ଦିଷ୍ଟ ଖେଳପ୍ରତି ଆଗ୍ରହ ଥିଲା, ତାକୁ ଦେଖି ପିଲାଙ୍କୁ ଗ୍ରୁମ୍ କରାଯାଉଥିଲା। ମାତ୍ର ବର୍ତ୍ତମାନ ପ୍ରତି ବ୍ଲକର ମୁଖ୍ୟକାର୍ଯ୍ୟାଳୟରେ ଆମେ ଗୋଟିଏ ଲେଖାଏ ମିନି ଷ୍ଟାଡିୟମ ନିର୍ମାଣ କରିଛୁ। ଅନେକ ସ୍ଥାନରେ ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ଆମେ ୩୧୪ ବ୍ଲକ ଏବଂ ୧୪୯ ଅର୍ବାନ ବଡି(ଏନ୍‌ଏସି ହେଉ କିମ୍ବା ମ୍ୟୁନିସିପାଲିଟି)ରେ ମିନି ଷ୍ଟାଡିୟମ ପାଇଁ ଟାର୍ଗେଟ ରଖିଛୁ। ଏହା ଫଳରେ ସ୍ଥାନୀୟ ଖେଳାଳି ଆଗାମୀ ଦିନରେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ଅଭ୍ୟାସର ସୁଯୋଗ ପାଇବେ। ଭିତ୍ତିଭୂମି ରାଜ୍ୟବ୍ୟାପୀ ପରିବ୍ୟାପ୍ତ ହେବାରୁ ଯେଉଁ ପିଲାର ଯେଉଁ ଖେଳପ୍ରତି ଆଗ୍ରହ ତାକୁ ସେହି ଖେଳରେ ସୁଯୋଗ ମିଳୁଛି। ଆଗାମୀ ଦିନରେ ଯେଉଁ ପିଲାମାନେ ଭଲ ପ୍ରଦର୍ଶନ କରିବେ ସେମାନଙ୍କୁ ବିଭିନ୍ନ ସ୍ଥାନରେ ଥିବା କ୍ରୀଡ଼ା ଛାତ୍ରାବାସରେ ରଖାଯାଇ ଗ୍ରୁମିଂ କରାଯିବ।

**■ ୨୦୨୩ ହକି ବିଶ୍ୱକପ ଏଠାରେ ହେବ ବୋଲି ଘୋଷଣା କରାଯାଇଛି। ଓଡ଼ିଶାକୁ ଦ୍ୱିତୀୟ ଥର ପାଇଁ ଏହି ମେଗା ଇଭେଣ୍ଟ ମିଳିବା ପଛର କାରଣ କ'ଣ?**

ଆପଣ ଜାଣିଥିବେ ଯେ ୪-୫ଟି ଦେଶ ଆୟୋଜନ ଦୌଡ଼ରେ ଥିଲେ। ୨ଟି ଦେଶ କଟିଯିବାପରେ ବେଲଜିୟମ, ମାଲେସିଆ ଓ ଭାରତ ଚୂଡ଼ାନ୍ତ ଆୟୋଜନ ଦୌଡ଼ରେ ରହିଥିଲେ। ଭାରତରେ ଯେଉଁ କ୍ରୀଡ଼ା ଭିତ୍ତିଭୂମି ଅଛି ତାହା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ। ତେଣୁ ଅନ୍ତର୍ଜାତୀୟ ହକି ଫେଡେରେଶନ ଭାରତକୁ ହିଁ ଚୟନ କଲା। ଦିଲ୍ଲୀ ପରି କେତେକ ଭେନ୍ୟୁ ମଧ୍ୟ ଏହି ପ୍ରତିଯୋଗିତା ଆୟୋଜନ ପାଇଁ ଆଶାୟୀ ଥିଲେ, ମାତ୍ର ୨୦୧୮ ବିଶ୍ୱକପ ଆୟୋଜନରେ ହକି ଇଣ୍ଡିଆ ସମ୍ପୂର୍ଣ୍ଣ ସନ୍ତୁଷ୍ଟ ଥିଲା। ଏଠାରେ ସେତେବେଳେ କେବଳ ଖେଳ ନୁହେଁ ସ୍ପୋର୍ଟ୍ସ ଟୁରିଜମ୍‌ର ଏକ ଇକୋ ସିଷ୍ଟମ ତିଆରି ହୋଇଥିଲା। ଏହାକୁ ଏବଂ ଭିତ୍ତିଭୂମିକୁ ଲକ୍ଷ୍ୟକରି ଓଡ଼ିଶାକୁ ପୁଣି ଆୟୋଜନ ଅଧିକାର ମିଳିଛି। ବର୍ତ୍ତମାନ ଆମ ଆଗରେ ଏକ ଚ୍ୟାଲେଞ୍ଜ ଅଛି। ପୂର୍ବରୁ କେବଳ ଏହା ଭୁବନେଶ୍ୱରରେ ଆୟୋଜନ ହୋଇଥିଲା, ଏବେ ରାଉରକେଲାରେ ମଧ୍ୟ ଆୟୋଜନ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ତେଣୁ ରାଉରକେଲାରେ ଯେଉଁଭଳି ଭିତ୍ତିଭୂମି ଆବଶ୍ୟକ ତାକୁ ଆମେ ୨୦୨୩ ପୂର୍ବରୁ ତିଆରି କରିଦେବାକୁ ଆଶା ରଖିଛୁ।

**■ ରାଜ୍ୟରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ଅଛି, ମାତ୍ର ତାହା ଆମ ରାଜ୍ୟର ଖେଳାଳିଙ୍କ ପାଇଁ ଉପଲବ୍ଧ ହେଉନାହିଁ ବୋଲି ଅଭିଯୋଗ ହେଉଛି?**

ଖେଳାଳିମାନଙ୍କଠାରୁ ସେଭଳି କୌଣସି ଅଭିଯୋଗ ଆମ ନିକଟକୁ ଆସିନାହିଁ। ପୂର୍ବରୁ ଧାରଣା ଥିଲା ଯେ, ସୁନ୍ଦରଗଡ଼ ପିଲା କେବଳ ହକି, ପୁରୀ ପିଲା କୁସ୍ତି, ବାଲେଶ୍ୱର ପିଲା ଭଲିବଲ ଖେଳିବେ, ମାତ୍ର ଆମେ ଏହି ଧାରାକୁ ଭାଙ୍ଗି ଦେଇଛୁ। ସୁନ୍ଦରଗଡ଼ରେ ହକି ପ୍ରତି ଅଧିକ ଆଗ୍ରହ ଥିବାରୁ ସେହି ଜିଲାର ୧୭ଟି ଯାକ ବ୍ଲକ ହେଡ୍‌କ୍ୱାର୍ଟରରେ ଆମେ ଆଷ୍ଟ୍ରୋଟର୍ଫ ଷ୍ଟାଡିୟମ ନିର୍ମାଣ କରୁଛୁ। ତା ମାନେ ନୁହେଁ ଯେ ଜୟପୁରର ଜଣେ ପିଲା ହକି ଖେଳିବାରୁ ବଞ୍ଚିତ ହେବେ। ସବୁ ପିଲା ଯେପରି ନିଜ ପସନ୍ଦର ଖେଳ ଖେଳିପାରିବ ତା' ଉପରେ ଗୁରୁତ୍ୱ ଦେଉଛୁ।

**■ ତୃଣମୂଳ ସ୍ତରରେ କ୍ରୀଡ଼ାର ବିକାଶ ପାଇଁ ରାଜ୍ୟ ସରକାର କ'ଣ ସବୁ ଯୋଜନା ହାତକୁ ନେଉଛନ୍ତି?**

ଏବେ ଆମର ଯେଉଁ ପ୍ରତିଭା ସନ୍ଧାନ ପ୍ରକ୍ରିୟା ଚାଲିଛି ତାହା ଗ୍ରାମାଞ୍ଚଳରୁ ହିଁ ହେଉଛି। ସେଠାରୁ ପିଲା ବଛାହୋଇ ବ୍ଲକସ୍ତରକୁ ଆସିବେ। ବ୍ଲକସ୍ତରରୁ ଜିଲାସ୍ତରକୁ ଏବଂ ସେଠାରେ ଭଲ ପ୍ରଦର୍ଶନ କଲେ ରାଜ୍ୟସ୍ତରକୁ ଆସିବେ। ତାକୁ ଛାଡ଼ି ଖେଲୋ ଇଣ୍ଡିଆ ପ୍ରୋଗ୍ରାମରେ ସ୍କୁଲ କଲେଜରେ ମଧ୍ୟ ପ୍ରତିଭା ଠାବ କରାଯାଉଛି।

**■ ବିଦ୍ୟାଳୟ ସ୍ତରରେ କ୍ରୀଡ଼ାକୁ ଅଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ କି ?**

ବିଦ୍ୟାଳୟସ୍ତରୀୟ କ୍ରୀଡ଼ାକୁ ଗୁରୁତ୍ୱ ଦିଆଯାଉଛି। ମାତ୍ର ବର୍ତ୍ତମାନ ଏକାଡେମୀ ପାଠ୍ୟକ୍ରମରେ କ୍ରୀଡ଼ାପାଇଁ ନିର୍ଦ୍ଦିଷ୍ଟ ମାପ ରଖାଯାଇନାହିଁ। ତେଣୁ ଆମେ ଚାହୁଁଛୁ ଉଚ୍ଚ ଶିକ୍ଷା ବିଭାଗ ହେଉ କିମ୍ବା ଗଣଶିକ୍ଷା ବିଭାଗ ପକ୍ଷରୁ ଯଦି ପାଠ୍ୟକ୍ରମରେ ଏହାକୁ ରଖାଯିବ ଏବଂ ସେଥିପାଇଁ କ୍ରେଡିଟ୍ କିମ୍ବା ମାର୍କ ରହିବ ତେବେ ଏଥିପ୍ରତି ଅଧିକ ଫୋକସ ଦିଆଯାଇପାରିବ। ପିଲାମାନେ ଏଥିପ୍ରତି ଅଧିକ ଧ୍ୟାନ ମଧ୍ୟ ଦେଇପାରିବେ।

**■ କ୍ରିକେଟ, ଫୁଟବଲ ଓ ହକିକୁ ଛାଡ଼ିଦେଲେ ଅନ୍ୟ ଖେଳଗୁଡ଼ିକ ରାଜ୍ୟର ସବୁ ଅଞ୍ଚଳରେ ଲୋକପ୍ରିୟ ହୋଇ ପାରିନାହିଁ। ସେଥିପାଇଁ କିଛି ଯୋଜନା ଅଛି କି ?**

ପାରମ୍ପରିକ ଖେଳକୁ ଆମେ ଗୁରୁତ୍ୱ ଦେଇ ଆସୁଛୁ। ଭଲିବଲ, କବାଡ଼ି ହେଉ କିମ୍ବା ଖୋ ଖୋ ଆଜି ମଧ୍ୟ ତା'ର ଅନେକ ଗୁରୁତ୍ୱ ରହିଛି। ମାତ୍ର କମର୍ସିଆଲ ଦୃଷ୍ଟିକୋଣରୁ ଆପଣ ଯେମିତି ଆଶା କରୁଛନ୍ତି ଆମେ ଆଗାମୀ ଦିନରେ ଯେପରି ପ୍ରୋ କବାଡ଼ି ଲିଗ୍ ବାହାରେ ହେଉଛି ଓଡ଼ିଶାରେ ଯେପରି ତାହା ହୋଇପାରିବ ତା' ଉପରେ ଧ୍ୟାନ ଦେବୁ।

**■ ଆମ କ୍ରୀଡ଼ା ନୀତିରେ କିଛି ପରିବର୍ତ୍ତନ ଆବଶ୍ୟକ କି?**

ଖେଳ ନୀତିରେ ଯେଉଁ ପରିବର୍ତ୍ତନ ଆବଶ୍ୟକ ଅଛି ତାହା ବର୍ତ୍ତମାନ ଡ୍ରାଫ୍ଟିଂ ଷ୍ଟେଜ୍‌ରେ ଅଛି। ଖେଳପ୍ରତି ଉତ୍ସାହୀ ବ୍ୟକ୍ତି, ବିଶେଷଜ୍ଞ କିମ୍ବା ଅତୀତରେ ଅଲିମ୍ପିକ୍ସ ଆଦିରେ ପ୍ରତିନିଧିତ୍ୱ କରିଥିବା ବିଭିନ୍ନ ଖେଳାଳିଙ୍କଠାରୁ ପରାମର୍ଶ ନେଉଛୁ। ଭାରତୀୟ କ୍ରୀଡ଼ା ନୀତିର ଯେଉଁ ନୀତି ନିୟମ ଅଛି ତାକୁ ମଧ୍ୟ ଆମେ ଅନୁସରଣ କରୁଛୁ। ଯେପରି କୌଣସି ପଏଣ୍ଟ ଛାଡ଼ି ନ ଯିବୁ ତାକୁ ଧ୍ୟାନରେ ରଖି ଆମେ କ୍ରୀଡ଼ାନୀତି ପ୍ରସ୍ତୁତ କରୁଛୁ।

**■ କଳିଙ୍ଗ ଷ୍ଟାଡିୟମ ପୂର୍ବରୁ ସାଧାରଣ ଲୋକଙ୍କ ପାଇଁ ଉନ୍ମୁକ୍ତ ଥିଲା। ମାତ୍ର ତାହା ଏବେ ବନ୍ଦ କରି ଦିଆଯାଇଛି। କାରଣ କ'ଣ?**

କେବଳ ନିରାପତ୍ତା ସମସ୍ୟା ଯୋଗୁ ଏପରି ପଦକ୍ଷେପ ନିଆଯାଇଛି। ଆମେ ଯେହେତୁ ଅନ୍ତର୍ଜାତୀୟ ମ୍ୟାଚମାନ ଆୟୋଜନ କରୁଛୁ ବିଭିନ୍ନ ଦୃଷ୍ଟିକୋଣରୁ ସୁରକ୍ଷାକୁ ଧ୍ୟାନ ଦେବାକୁ ହେଉଛି। ବାହାରଲୋକ ଷ୍ଟାଡିୟମରେ ପଶିଲେ ଯଦି କୌଣସି ଦୁର୍ଘଟଣା ଘଟେ ତେବେ ସେଥିପାଇଁ ମଧ୍ୟ ଆମେ ଉତ୍ତରଦାୟୀ ରହିବୁ। ତେଣୁ ବିକଳ୍ପ କୌଣସି ସ୍ଥାନରେ ଯେପରି ଲୋକମାନେ ମର୍ନିଂୱାର୍କ କିମ୍ବା ଯୋଗ କରିପାରିବେ ତା' ଉପରେ ଆମେ ଧ୍ୟାନଦେବାକୁ ପ୍ରତିଶ୍ରୁତି ଦେଇଛୁ।

**■ ହାତଗଣତି କେତେଜଣ ଖେଳାଳି କୋଚ୍‌ଙ୍କ ସୁପାରିସକ୍ରମେ ଷ୍ଟାଡିୟମରେ ପ୍ରବେଶ ଅନୁମତି ପାଉଛନ୍ତି। ମାତ୍ର ଅନେକ ସ୍ଥାନୀୟ ଖେଳାଳି ଏହି ସୁଯୋଗ ପାଇପାରୁ ନାହାନ୍ତି?**

ଯଦି କାହା ପାଖରେ କ୍ରୀଡ଼ା ପ୍ରତିଭା ଅଛି ଆଉ ସେ ଅଭ୍ୟାସ କରିବାକୁ ଚାହୁଁଛି ସେ ନିର୍ଦ୍ଦିଷ୍ଟ କାଟେଗୋରିପାଇଁ ଆବେଦନ କଲେ ଆମେ ତାଙ୍କୁ ଆଇ-କାର୍ଡ ଦେଉଛୁ ଏବଂ ଅନୁମତି ଦିଆଯାଉଛି। ସେହି ନିୟମ ଏବେ ବି ପ୍ରଯୁଜ୍ୟ।

**■ ଦେଖାଯାଉଛି ବହୁ କ୍ରୀଡ଼ା ଛାତ୍ରାବାସରେ ଏବେ କୋଚ୍ ନାହାନ୍ତି। ମାତ୍ର ସେଠାରେ ପିଲା ଗ୍ରହଣ କରାଯାଉଛି। ଯେଉଁଠି କ୍ରୀଡ଼ାର ପ୍ରାଥମିକ ଶିକ୍ଷା ଦୁର୍ବଳ ସେଠାରେ ହାଇପରଫରମାନ୍ସ ସେଣ୍ଟର କିମ୍ବା ହଷ୍ଟେଲ କିପରି ସହାୟକ ହୋଇପାରିବ ବୋଲି କହିପାରିବା?**

ହାଇପରଫରମାନ୍ସ ସେଣ୍ଟର କେବଳ ଭୁବନେଶ୍ୱରରେ ଅଛି। ଆପଣ ଯେଉଁ କଥା କହିଲେ ତାହା ଆଂଶିକ ସତ୍ୟ। କେତେକ ସ୍ଥାନରେ କୋଚ୍‌ମାନେ ଯେହେତୁ ସ୍ପୋର୍ଟ୍ସ ଅଫିସରଭାବେ ଅଛନ୍ତି ତାଙ୍କୁ ପିଲାମାନଙ୍କୁ ଗ୍ରୁମିଂ ପାଇଁ ସମୟ ମିଳୁନି। ଯେଉଁ ସ୍ଥାନରେ ଭ୍ୟାକେନ୍ସି ଅଛି ବହୁତ ଶୀଘ୍ର ନିଯୁକ୍ତି ଦେବୁ। ଫଳରେ ଯେଉଁ ଡିସିପ୍ଲିନରେ ଯେଉଁ ପିଲା ଅଛନ୍ତି ତାଙ୍କୁ ଗ୍ରୁମିଂ କରିବା ପାଇଁ ସେହି ଡିସିପ୍ଲିନର କୋଚ୍ ରହିବେ। ଆଉ କିଛି ଅସୁବିଧା ହେବନାହିଁ।

**■ ଏବେ ରାଜ୍ୟ ଖେଳାଳିମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ କରିପାରୁ ନାହାନ୍ତି। ଏଥିପାଇଁ କ'ଣ ପଦକ୍ଷେପ ନିଆଯାଉଛି?**

ଏହା ଏକ ଲଙ୍ଗ ଜର୍ନି। ଯଦି କିଛି ବର୍ଷ ପାଇଁ କ୍ରୀଡ଼ା ଭିତ୍ତିଭୂମିରେ କିଛି ଅଭାବ ହୋଇଛି କିମ୍ବା ଗ୍ରୁମିଂରେ କିଛି ଅସୁବିଧା ହୋଇଛି ତା'ର ଫଳାଫଳ ମିଳିବାକୁ ୮-୧୦ ବର୍ଷ ଲାଗିଯିବ। ୨୦୨୮ ଓ ୨୦୩୨କୁ ଆମେ ଟାର୍ଗେଟ କରୁଛୁ। ଦୂତୀ ଚାନ୍ଦ, ପୂର୍ଣ୍ଣିମା ହେମ୍ବ୍ରମଙ୍କ ପରି ଆଥଲେଟ ଓଡ଼ିଶାକୁ ଗର୍ବିତ କରିଛନ୍ତି। ତାଙ୍କ ପରବର୍ତ୍ତୀ ପିଢ଼ିର ପିଲାଙ୍କୁ ଆମେ ଗ୍ରୁମିଂ କରୁଛୁ। ଯେପରି ଅଧିକ ସଂଖ୍ୟାରେ ଖେଳାଳି ସର୍ବଭାରତୀୟ ସ୍ତରରେ ଏବଂ ବିଶ୍ୱସ୍ତରରେ ଭଲ ପ୍ରଦର୍ଶନ କରିବେ ତା' ଉପରେ ଧ୍ୟାନ ଦେଉଛୁ। ସେଥିପାଇଁ ହାଇପରଫରମାନ୍ସ ସେଣ୍ଟରମାନ ପ୍ରତିଷ୍ଠା ହୋଇଛି।

**■ ଓଡ଼ିଶାର କିଛି କ୍ଲବ କିମ୍ବା ଅନୁଷ୍ଠାନ ଯେପରି କି ଯାଜପୁରର ଖଣ୍ଡିତର ହେଉ କିମ୍ବା ଭୁବନେଶ୍ୱରର ୟୁନିଟ-୬, ବ୍ରହ୍ମପୁରର ହନୁମାନ କ୍ଲବ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଖେଳାଳି ସୃଷ୍ଟି କରୁଛନ୍ତି। ମାତ୍ର ସେମାନଙ୍କୁ ସରକାର ସ୍ୱୀକୃତି ଦେଉ ନ ଥିବା ଅଭିଯୋଗ ହେଉଛି।**

ରାଜ୍ୟ ସରକାର ସ୍ୱୀକୃତି ଦେବାରେ କିଛି ଅସୁବିଧା ନାହିଁ। ନିର୍ଦ୍ଦିଷ୍ଟ ନିୟମ ଗାଇଡ୍‌ଲାଇନ ଅନୁସାରେ ସବୁ କାର୍ଯ୍ୟ କରାଯାଉଛି। ତା' ଭିତରେ ଯଦି କିଛି ଆସୁଛି ତେବେ ରାଜ୍ୟ ସରକାର ନିଶ୍ଚିତ ସ୍ୱୀକୃତି ଦେବେ, ଏଥିରେ ଦ୍ୱିମତ ନାହିଁ।

**■ ପାରମ୍ପରିକ କ୍ରୀଡ଼ାର ପୁନରୁଦ୍ଧାର ଦିଗରେ କ'ଣ ପଦକ୍ଷେପ ନିଆଯାଉଛି?**

ଏବେ ଯାଦବ ମହାସଂଘ ପକ୍ଷରୁ ଲଉଡ଼ି ଖେଳ ପାଇଁ ଆବେଦନ ଆସିଥିଲା। ଆଉଏକ ମହାସଂଘ ପକ୍ଷରୁ ତାଙ୍କ ପାରମ୍ପରିକ କ୍ରୀଡ଼ା ପାଇଁ ମଧ୍ୟ ଆବେଦନ ଆସିଛି। ମୁଁ ସବୁକିଛିକୁ ଦୃଷ୍ଟିରେ ରଖିଛି। କୁମାରପୂର୍ଣ୍ଣିମା ସମୟରେ ହେଉଥିବା ପୁଚିଖେଳ ପାଇଁ ମଧ୍ୟ ଆବେଦନ ଆସିଛି। ତାକୁ କିପରି ଆମ କ୍ରୀଡ଼ା ବିଭାଗରେ ସାମିଲ କରାଯାଇପାରିବ ତାକୁ ଅନୁଧ୍ୟାନ କରାଯାଉଛି।

**■ କ୍ରୀଡ଼ା ମନ୍ତ୍ରୀ ଭାବେ ବର୍ତ୍ତମାନ ପର୍ଯ୍ୟନ୍ତ ଆପଣଙ୍କର ଅଭିଜ୍ଞତା କିପରି ରହିଛି ?**

ମୁଁ ସମ୍ପୂର୍ଣ୍ଣ ଭାବେ ଏକାଡେମୀ ଫିଲ୍ଡରେ ଏବଂ ଇଞ୍ଜିନିୟରିଂ ବ୍ୟାକ୍‌ଗ୍ରାଉଣ୍ଡରେ ଥିଲି। କ୍ରୀଡ଼ା ବିଭାଗ ଉପରେ ମୋର ସେମିତି କିଛି ଧ୍ୟାନ ନ ଥିଲା। ଦାୟିତ୍ୱ ନେବାପରେ ମୁଁ ଧୀରେଧୀରେ ଶିଖୁଛି। ପୂର୍ବରୁ ଯେଉଁମାନେ ଏହି ବିଭାଗର ମନ୍ତ୍ରୀ ଥିଲେ, କିମ୍ବା ଯେଉଁମାନଙ୍କର ଅଭିଜ୍ଞତା ରହିଛି ସେମାନଙ୍କୁ ପଚାରୁଛି ଏବଂ ତାଙ୍କଠାରୁ ଶିଖୁଛି।

**■ ରାଜ୍ୟରେ କ୍ରୀଡ଼ାବିତ୍‌ଙ୍କ ବିକାଶ ପାଇଁ କ'ଣ ଭବିଷ୍ୟତ ଯୋଜନା ରହିଛି ?**

ଯେଉଁ କ୍ରୀଡ଼ାବିତ୍‌ମାନେ ଓଡ଼ିଶାକୁ ସର୍ବଭାରତୀୟ ସ୍ତରରେ କିମ୍ବା ବିଶ୍ୱସ୍ତରରେ ପ୍ରତିଷ୍ଠିତ କରାଇଛନ୍ତି ସେମାନଙ୍କୁ ଚାକିରି ଦିଆଯାଉଛି। ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ ଯେଉଁଠାରେ କି ବିଶ୍ୱସ୍ତରରେ କିମ୍ବା ସର୍ବଭାରତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ଖେଳାଳିଙ୍କୁ ସିଧାସଳଖ ନିଯୁକ୍ତି ଦିଆଯାଉଛି।

## ସାଇନାଙ୍କୁ ଦ୍ୱିତୀୟ ଡବ୍ଲ୍ୟୁଆଇଏମ୍ ନର୍ମ

ଭୁବନେଶ୍ୱର, ୯।୧୨(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ଚେସ୍ ଭବିଷ୍ୟତ ଭାବେ ବିବେଚିତ ହେଉଥିବା ମହିଳା ଫିଡେ ମାଷ୍ଟର ସାଇନା ସାଲୋନିକା ନିଜ ଲକ୍ଷ୍ୟ ପଥରେ ଆଉ ଏକପାଦ ଆଗକୁ ବଢ଼ିଛନ୍ତି। ସର୍ବିୟାର



ପାରାସିନଠାରେ ସୋମବାର ଶେଷ ହୋଇଥିବା ଓର୍ବିସ-୩ ଟୁର୍ନାମେଣ୍ଟରେ କ୍ୟାରିୟରର ଦ୍ୱିତୀୟ ଡବ୍ଲ୍ୟୁଆଇଏମ୍ (ମହିଳା ଅନ୍ତର୍ଜାତୀୟ ମାଷ୍ଟର) ନର୍ମ ହାସଲ କରିଛନ୍ତି ଏହି ଚେସ୍ ପ୍ରତିଭା। ପ୍ରତିଯୋଗିତାର ୮ମ ରାଉଣ୍ଡରେ କୋରିଆ ଖେଳାଳି କିମ୍ ଜିନ୍ ଶୁଙ୍କ ସହ ମ୍ୟାଚ ଡ୍ର ରଖି ସାଇନା ଏହି ସଫଳତା ପାଇଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟରେ ନର୍ମ ପାଇଁ ସାଇନାଙ୍କୁ ୪.୫ ପଏଣ୍ଟ ହାସଲ ଆବଶ୍ୟକ ହେଉଥିଲା। ଟୁର୍ନାମେଣ୍ଟ ସରିବାର ଗୋଟିଏ ରାଉଣ୍ଡ ପୂର୍ବରୁ ସେ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ଯାଇଥିଲେ। ସମ୍ପ୍ରତି ୨୦୭୪ ରେଟିଂ ପଏଣ୍ଟରେ ଥିବା ସାଇନା ଉଚ୍ଚ ରେଟିଂପ୍ରାପ୍ତ ଖେଳାଳିଙ୍କୁ ହରାଇ ଏହି ସଫଳତା ପାଇଛନ୍ତି। ଟୁର୍ନାମେଣ୍ଟର ଆଭରେଜ ରେଟିଂ ପଏଣ୍ଟ ଥିଲା ୨୨୫୬। ସେ ମୋଟ ୩ ବିଜୟ, ୨ ପରାଜୟ ଓ ୪ ଡ୍ର ସହ ୫ ପଏଣ୍ଟ ପାଇ ପ୍ରତିଯୋଗିତା ଶେଷ କରିଛନ୍ତି। ଫଳରେ ଏଥିରୁ ତାଙ୍କୁ ମୂଲ୍ୟବାନ ୧୦୨ ଏଲୋ ରେଟିଂ ପଏଣ୍ଟର ଫାଇଦା ମିଳିଛି। ଏହା ପୂର୍ବରୁ ମଧ୍ୟ ସେ ସର୍ବିୟାର ନୋଭିସାଡଠାରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ୭୬ ପଏଣ୍ଟର ଫାଇଦା ପାଇଥିଲେ। କେନ୍ଦୁଝର ଜିଲା ହାଟଡିହି ବ୍ଲକସ୍ଥିତ ସୁଲଣ ଗ୍ରାମର ବବିତା ଓ ଗଣେଶ୍ୱର ଜେନାଙ୍କ ସୁକନ୍ୟା ହେଉଛନ୍ତି ସାଇନା। ସମ୍ପ୍ରତି କିଟ୍ ଅନ୍ତର୍ଜାତୀୟ ସ୍କୁଲର ଏକାଦଶ ଷ୍ଟାଣ୍ଡାର୍ଡରେ ଅଧ୍ୟୟନରତ ଏହି ଚେସ୍ ପ୍ରତିଭା ଗତ ଜୁନ୍ ମାସରେ ଗୋଆ ଅନ୍ତର୍ଜାତୀୟ ଚେସ୍ ଟୁର୍ନାମେଣ୍ଟରେ ପ୍ରଥମ ମହିଳା ଅନ୍ତର୍ଜାତୀୟ ମାଷ୍ଟର ନର୍ମ ହାସଲ କରିଥିଲେ। ସେ ଗତ ସିବିଏସଇ ଦଶମ ପରୀକ୍ଷାରେ କୃତୀତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିବାବେଳେ କ୍ୟାରିୟରରେ ୧୭ଟି ଅନ୍ତର୍ଜାତୀୟ ପଦକ ହାସଲ କରି ସାରିଛନ୍ତି।

## ରାଜ୍ୟସ୍ତରୀୟ ନିମାପଡ଼ା ଫୁଟ୍‌ବଲ ଉଦ୍‌ଘାଟିତ

ନିମାପଡ଼ା, ୯।୧୨ (ଡିଏନ୍‌ଏ)

ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସୋମବାର ୬ଷ୍ଠ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ନିମାପଡ଼ା ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଖେଳାଯାଇଥିବା ଉଦ୍‌ଘାଟନୀ ମୁକାବିଲାରେ କଟକ ସାଇ ହଷ୍ଟେଲ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି।

**ସେମିରେ କଟକ ସାଇ ହଷ୍ଟେଲ**



ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ଗହଣରେ ଦୁଇ ଦଳର ଖେଳାଳିମାନେ।

ଢେଙ୍କାନାଳର ପପୁଲାର ଫୁଟ୍‌ବଲ କ୍ଲବ ଓ କଟକ ସାଇ ହଷ୍ଟେଲ ମଧ୍ୟରେ ଅନୁଷ୍ଠିତ ଏହି ମ୍ୟାଚ୍ ଅମୀମାଂସିତ ଭାବେ ସମାପ୍ତ ହୋଇଥିଲା। ଶେଷରେ ଫଳାଫଳ ପାଇଁ ପେନାଲ୍ଟି ଶୁଟ୍ ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ପପୁଲାର ଫୁଟ୍‌ବଲ କ୍ଲବକୁ ୪-୩ ଗୋଲରେ ପରାସ୍ତ କରି କଟକ ସାଇ ହଷ୍ଟେଲ ବିଜୟୀ ହୋଇଛି। ବିଜୟୀ ଦଳର ଗୋଲରକ୍ଷକ ଆଲୋକ ଏକ୍କାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଅତିଥି ଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ବିଜୟ ବେହେରା, ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଶଶିଭୂଷଣ ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତି, କ୍ରୀଡ଼ାବିତ୍ ମହେନ୍ଦ୍ର ସିଂ ଭାଟିଆ, ଦୋଳଗୋବିନ୍ଦ ସେଠୀ ଓ ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନର ସମ୍ପାଦକ ଜୀବନାନନ୍ଦ ମହାପାତ୍ର ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ। ସୋମବାର ମ୍ୟାଚ୍‌କୁ ଜାତୀୟସ୍ତରର ରେଫରି ବିଷ୍ଣୁପ୍ରିୟା ଦାଶ, ନିର୍ମଳ ମିଶ୍ର, ସରୋଜ ମହାରଣା, ଜ୍ୟୋତିରଞ୍ଜନ ଦାସ ପରିଚାଳନା କରିଥିଲେ। ସୁଦୀପ ଦାସ ମ୍ୟାଚ୍ କମିଶନ ରହିଥିଲେ। ମଙ୍ଗଳବାର ଭୁବନେଶ୍ୱରର ସଂଗ୍ରାମ ଫୁଟ୍‌ବଲ କ୍ଲବ ଓ ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ମଧ୍ୟରେ ୨ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

## ପାକିସ୍ତାନରେ ପହଞ୍ଚିଲା ଶ୍ରୀଲଙ୍କା ଦଳ

ରାୱଲପିଣ୍ଡି (ପାକିସ୍ତାନ), ୯।୧୨

ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା ପାଇଁ ଶ୍ରୀଲଙ୍କା କ୍ରିକେଟ୍ ଦଳ ସୋମବାର ପାକିସ୍ତାନରେ ପହଞ୍ଚିଛି। ୨୦୦୯ରେ ଲାହୋରରେ ଶ୍ରୀଲଙ୍କା ଖେଳାଳିଙ୍କ ବସ୍ ଉପରକୁ ଆତଙ୍କବାଦୀମାନେ ଗୁଳି କରିବାର ଦୀର୍ଘ ୧୦ ବର୍ଷର ବ୍ୟବଧାନ ପରେ ଶ୍ରୀଲଙ୍କା ପ୍ରଥମଥର ଲାଗି ପାକିସ୍ତାନ ଗସ୍ତ କରିଛି। 'ଶ୍ରୀଲଙ୍କା ଦଳର ଆଗମନ ଏକ ଐତିହାସିକ ଅବସର। ବୁଧବାରଠାରୁ ୨ ମ୍ୟାଚ୍‌ବିଶିଷ୍ଟ ସିରିଜ ଆମେ ଆୟୋଜନ କରିବାକୁ ଯାଉଥିବାରୁ ଉତ୍ସାହିତ ରହିଛୁ' ବୋଲି ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ମୁଖ୍ୟ କାର୍ଯ୍ୟନିର୍ବାହୀ ୱାସିମ ଖାଁ କହିଛନ୍ତି। ପିସିବି ପକ୍ଷରୁ ମଧ୍ୟ ଏହି ଅବସରରେ ଏହାର ଅଫିସିଆଲ ଟ୍ୱିଟର୍ ଆକାଉଣ୍ଟରେ ଏକ ଭିଡିଓ ଶେୟାର କରାଯାଇଛି, ଯେଉଁଥିରେ ଶ୍ରୀଲଙ୍କା ଖେଳାଳିମାନେ ଇସଲାମାବାଦ୍‌ରେ ପହଞ୍ଚିବା ପରେ ପାକିସ୍ତାନ ଆର୍ମି ସିକ୍ୟୁରିଟି ଫୋର୍ସ ଦ୍ୱାରା ସେମାନଙ୍କୁ ଏକ୍ସର୍ଟ କରି ନିଆଯାଉଛି। ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ବୁଧବାରଠାରୁ ରାୱଲପିଣ୍ଡିଠାରେ ଆରମ୍ଭ ହେବ। ଏହାପରେ ଡିସେମ୍ବର ୧୯ରୁ କରାଚୀରେ ଅନ୍ତିମ ତଥା ୨ୟ ଟେଷ୍ଟ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଏଥିସହ ଲାହୋର ଆକ୍ରମଣ ଘଟଣାର ୧୦ ବର୍ଷ ପରେ ପାକିସ୍ତାନ ମାଟିକୁ ଟେଷ୍ଟ କ୍ରିକେଟ୍ ଫେରିଛି। ଏହି ଆକ୍ରମଣରେ ୮ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଥିଲା। ଏହାପରଠାରୁ କୌଣସି ବିଦେଶୀ ଦଳ ପାକିସ୍ତାନରେ ଖେଳିବାକୁ ରାଜି ହୋଇ ନ ଥିଲେ। ଫଳରେ ୟୁଏଇକୁ ପାକିସ୍ତାନ ଏହାର ଘରୋଇ ଭେନ୍ୟୁ ଭାବେ ବ୍ୟବହାର କରି ଦ୍ୱିପାକ୍ଷିକ ସିରିଜ ଖେଳି ଆସୁଥିଲା।

## ବିବାହ ପରେ ସ୍କୁଟିରେ ଗଲେ ଗୋଥାମ୍

ବାଙ୍ଗାଲୋର, ୯।୧୨

ଚଳିତ ବିବାହ ସିଜନରେ ଜଣେ ପରେ ଜଣେ କ୍ରିକେଟର ବିବାହ କରୁଛନ୍ତି। ନିକଟରେ ମନୀଷ ପାଣ୍ଡେ ଟଲିଉଡ ଅଭିନେତ୍ରୀଙ୍କୁ ବିବାହ କରିଥିଲେ। ଏବେ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି ତାଙ୍କ ସାଥୀ ଖେଳାଳି କ୍ରିଷ୍ଣାପା ଗୋଥାମ। ତାଙ୍କ ବିବାହ ଖବରରେ ରହିବାର କାରଣ ତାଙ୍କ ବିଦାୟୀ ସ୍କୁଟିରେ ହୋଇଛି। ତାଙ୍କ ସ୍ତ୍ରୀ ଅର୍ଚ୍ଚନା ଗଗଲ୍ସ ପିନ୍ଧି ସ୍କୁଟି ଚଲାଉଥିବାବେଳେ ଗୌଥାମ ପଛରେ ବସି ଫଟୋ ପାଇଁ ପୋଜ ଦେଉଥିଲେ। ଦୁହେଁ ଦୀର୍ଘ ଦିନ ହେଲା ରିଲେଶନଶିପରେ ଥିଲେ। ଉଭୟଙ୍କ ପରିବାର ମଧ୍ୟ ଏ ସମ୍ପର୍କରେ ଜାଣି ଥିଲେ। ପରିବାର ସଦସ୍ୟ, ସମ୍ପର୍କୀୟ, ବନ୍ଧୁଙ୍କ ଉପସ୍ଥିତିରେ ପାରମ୍ପରିକ ଦକ୍ଷିଣ ଭାରତୀୟ ରୀତିନୀତିରେ ବିବାହ ସମ୍ପନ୍ନ ହୋଇଯାଇଛି। ଏ ନେଇ ଉଭୟ ନିଜ ନିଜ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି। ଉଲ୍ଲେଖଥାଉ କି, ଗୌତମ କର୍ନାଟକ ଦଳ ପାଇଁ ରଣଜୀ କ୍ରିକେଟ ଖେଳନ୍ତି। ଏହି ଅଲରାଉଣ୍ଡରଙ୍କୁ ଗତବର୍ଷ ୬.୨ କୋଟି ଟଙ୍କାରେ କିଣିଥିଲା ରାଜସ୍ଥାନ ରୟାଲ୍ସ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୧୦/୨୦୧୯ Bhubaneswar, Tuesday, December 10/ 2019

# ନାଳକଡ଼ରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ବରୀ/ରତ୍ନଗିରି,୯।୧୨(ସ୍ୱ.ପ୍ର./ଡି.ଏନ୍.ଏ.)** ବରୀ ଥାନା ସୀମାନ୍ତ ଏରଡା ଗ୍ରାମ ନିକଟ ବଣିଆ ନାଳ କଡ଼ରୁ ସୋମବାର ପୋଲିସ ଏକ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତ ଯୁବକ ଜଣଙ୍କ ପାଣିକୋଇଲି ଅଞ୍ଚଳର ରାଜୁ ଜେନା ବୋଲି ଜଣାପଡିଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୧/୧୯) ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏହି ଘଟଣାରେ ୨ ଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ମାର୍କଣ୍ଡ ମିଶ୍ର ସୂଚନା ଦେଇଛନ୍ତି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି କହିଛନ୍ତି। ତେବେ ଖବର ଲେଖା ହେବ ପର୍ଯ୍ୟନ୍ତ ମୃତ ଯୁବକଙ୍କ ପରିବାର ପକ୍ଷରୁ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି। ପ୍ରକାଶ ଯେ, ସକାଳେ ଜମିକୁ ଚାଷ କରିବାକୁ ସ୍ଥାନୀୟ ଲୋକେ ଯାଉଥିଲାବେଳେ ବଣିଆ ନାଳ କଡ଼ରେ ରାଜୁଙ୍କ ମୃତ ଦେହ ପଡିଥିବା ଦେଖିଥିଲେ। ଏ ନେଇ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା।

# ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରୁ ଉଚ୍ଛେଦ ଆରମ୍ଭ

## ହଟିବ ଜବରଦଖଲ,୩ ଦିନ ଚାଲିବ ଉଚ୍ଛେଦ

**ଭୁବନେଶ୍ୱର (ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର ୯।୧୨(ଡି.ଏନ୍.ଏ)**

ଶ୍ରୀମନ୍ଦିର ଭଳି ଶ୍ରୀଲିଙ୍ଗରାଜ ମନ୍ଦିର ଚତୁର୍ପାର୍ଶ୍ୱରୁ ହଟିବ ଜବରଦଖଲ। ସୌନ୍ଦର୍ଯ୍ୟକରଣ ସହ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ଯାତାୟାତ ସହଜ ହେବ। ଏଥିପାଇଁ ସୋମବାରଠାରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ୩ଦିନ ଧରି ଚାଲିବାକୁ ଥିବା ଏହି ଉଚ୍ଛେଦର ପ୍ରଥମ ଦିନରେ ଲିଙ୍ଗରାଜ ମନ୍ଦିରର ସମ୍ମୁଖ ତଥା ପୂର୍ବପାର୍ଶ୍ୱରୁ ଜବରଦଖଲ ହଟାଯାଇଛି। ୧୮ କ୍ୟାବିନ୍, ୧୧ ଫାଷ୍ଟଫୁଡ ଦୋକାନ, ୧୮ ଉଠା ଦୋକାନ, ୪ ଅସ୍ଥାୟୀ ଘର, ୫ ଘରର ଆଜ୍‌ବେଷ୍ଟ, ୨ ପିଣ୍ଡି, ଭଜନ ମଣ୍ଡପକୁ ଲାଗି ରହିଥିବା ଛୋଟ ମନ୍ଦିରକୁ ଭାଙ୍ଗି ଦିଆଯାଇଛି। ମିଳିତ ଉଚ୍ଛେଦ ଟିମ୍‌ରେ ବିଏମ୍‌ସି, ବିଡିଏ, ଜିଏ, ଆର୍ ଆଣ୍ଡ ବି ଓ କମିଶନରେଟ୍ ପୋଲିସ୍ ସାମିଲ୍ ରହିଛି। ମଙ୍ଗଳବାର ବିନ୍ଦୁସାଗରରୁ ବଡେଇବାଙ୍କ ଛକ ଯାଏ ଉଚ୍ଛେଦ କରାଯିବ। ମନ୍ଦିର ପ୍ରଶାସନିକ ଅଧିକାରୀଙ୍କ ଚିଠି ନଂ.୧୪୩୫ ଅନୁସାରେ ମିଳିତ ଟିମ୍ ଏହି ଉଚ୍ଛେଦ କରୁଥିବା ବିଡିଏ ପକ୍ଷରୁ ସୂଚନା ଦିଆଯାଇଛି। ଉଚ୍ଛେଦ ସମୟରେ ୨ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିବାବେଳେ ବିଏମ୍‌ସିର ୧, ୩, ୪ ଏନ୍‌ଫୋର୍ସମେଣ୍ଟ ଟିମ୍ ସାମିଲ ଥିଲା। ବିଡିଏର ଆଡିଶନାଲ କମିଶନର ହରିଶଚନ୍ଦ୍ର ନାୟକ(ଏନ୍‌ଫୋର୍ସମେଣ୍ଟ), ଉଚ୍ଛେଦ ଅଧିକାରୀ-୨ ପ୍ରମୋଦକୁମାର ପାତ୍ର, ଜୋନ୍ ଏସିପି ସୁବାଷଚନ୍ଦ୍ର ପଣ୍ଡା, ଲିଙ୍ଗରାଜ ଥାନା ଅଧିକାରୀ ଶରତଚନ୍ଦ୍ର ପାତ୍ର, ବିଡିଏ ଯୋଗସୂତ୍ର ଅଧିକାରୀ ଶୁଭ୍ରାଂଶୁଶେଖର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ବିଲରୁ ଶ୍ରମିକଙ୍କ ମୃତଦେହ ଉଦ୍ଧାର

**ଧର୍ମଶାଳା/ଚଢେଇଧରା,୯।୧୨(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ କୃଷ୍ଣପଶି ଗ୍ରାମର ଜଣେ ବ୍ୟକ୍ତିଙ୍କ ମୃତଦେହ ସୋମବାର ପୋଲିସ ଗ୍ରାମ ନିକଟ ଏକ ବିଲରୁ ଉଦ୍ଧାର କରିଛି। ମୃତକ ଜଣଙ୍କ କୃଷ୍ଣପଶି ଗ୍ରାମର ଶେଷଦେବ ମଳିକ (୪୬)। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ଲାଗି ବଡ଼ଚଣା ଡାକ୍ତରଖାନାକୁ ପଠାଯିବ ବୋଲି ପୋଲିସ ସୂଚନା ଦେଇଛି। ପ୍ରକାଶ ଯେ, ଗଡ଼ମଧୁପୁର ଗ୍ରାମର ଜିତେନ ଜେନାମଣିଙ୍କ ପରିବା କ୍ଷେତକୁ ଶେଷଦେବ କାମ କରିବାକୁ ଯାଇଥିଲେ। ହେଲେ ସନ୍ଧ୍ୟାସୁଦ୍ଧା ଘରକୁ ଫେରି ନ ଥିଲେ। ଏ ନେଇ ପରିବାର ଲୋକେ ଜିତେନଙ୍କୁ ଖବର ଦେବା ସହ ପୋଲିସକୁ ଜଣାଇଥିଲେ। ବହୁ ଖୋଜାଖୋଜି ପରେ ସନ୍ଧ୍ୟାରେ ତାଙ୍କ ମୃତଦେହ ବିଲରୁ ଉଦ୍ଧାର ହୋଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଶେଷଦେବଙ୍କ ମୃତହେଦ ଜବତ କରିଥିଲା।












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ସଂକ୍ଷେପରେ**

## ବିଜ୍ଞାନ ମନସ୍କ ହେବା ପାଇଁ ଆହ୍ୱାନ

**ନୟାଗଡ଼ ଅଫିସ,୯।୧୨:** ନୟାଗଡ଼ ବ୍ଲକସ୍ତରୀୟ ୨୫ତମ ବିଜ୍ଞାନମେଳା ସୋମବାର ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକରେ ଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗଦେଇ ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ସବ୍‌ଜୁନିୟରରେ ୨୯, ଜୁନିୟରରେ ୮୫ ଓ ସିନିୟର ବିଭାଗରେ ୩୩ ଏହିଭଳି ମୋଟ ୧୪୭ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ୬ ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନମେଳାରେ ପ୍ରଦର୍ଶିତ ହେବା ପାଇଁ ମନୋନୀତ ହୋଇଛି। ଜିଲା ଶିକ୍ଷା ଅଧିକାରୀ ଶିବଶଙ୍କର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଗୀତାଞ୍ଜଳି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଅତିରିକ୍ତ ଜିଲା ଶିକ୍ଷାଅଧିକାରୀ ନିବେଦିତା ପାଣି ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ମନସ୍କ ହେବା ପାଇଁ ଆହ୍ୱାନ ଦେଇଥିଲେ। ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷା ମଞ୍ଜୁଶ୍ରୀ ପତି ମୁଖ୍ୟବକ୍ତା ଭାବେ ଯୋଗଦେଇ ପିଲାମାନଙ୍କୁ ବିଜ୍ଞାନ ଦ୍ୱାରା ହୋଇଥିବା ପରିବର୍ତ୍ତନ ବିଷୟରେ କହିଥିଲେ।

# ଆକୃଷ୍ଟ କରୁଛି ପ୍ରାକୃତିକ ପରିବେଶ

**ନୟାଗଡ଼ ଅଫିସ,୯।୧୨**

**ଶିମିଳିସାହିର ଶିମିଳିଝରଣା**

**ଗତବର୍ଷ ଲୋକଲୋଚନକୁ ଆସିଥିଲା**



ଶିମିଳିଝରଣାରେ ପର୍ଯ୍ୟଟକମାନେ ମଜା ଉଠାଉଛନ୍ତି।

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ କଜଳାଇପଲ୍ଲୀ ପଞ୍ଚାୟତ ଶିମିଳିସାହିର ଶିମିଳି ଝରଣା ବର୍ତ୍ତମାନ ପର୍ଯ୍ୟଟନସ୍ଥଳୀ ପାଲଟିଛି। ବିଶେଷକରି ଶୀତ ଦିନ ଆରମ୍ଭ ହୋଇଯାଇଥିବାରୁ ଏଠାକୁ ପର୍ଯ୍ୟଟକଙ୍କ ସୁଅ ଛୁଟିବାରେ ଲାଗିଛି। ଛୁଟି ଦିନରେ ମଧ୍ୟ ଆଖପାଖ ବିଭିନ୍ନ ଅନୁଷ୍ଠାନର ଛାତ୍ରୀଛାତ୍ର ଏଠାକୁ ଆସି ଭିଡ଼ ଜମାଇଲେଣି। ବିଭାଗ ପକ୍ଷରୁ କୌଣସି ପ୍ରଚାର ପ୍ରସାର ହୋଇ ନ ଥିଲେ ମଧ୍ୟ ଏଠାକାର ପ୍ରାକୃତିକ ପରିବେଶ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ଗତବର୍ଷ ଏହି ଝରଣା ଲୋକଲୋଚନକୁ ଆସିଥିବା ସ୍ଥାନୀୟ ଲୋକଙ୍କଠାରୁ ଜଣାପଡିଛି।

ଶିମିଳିସାହି ଗ୍ରାମ ନିକଟରେ ଥିବା ଶିମିଳି ପାହାଡ଼ରୁ ଝରଣା ବାହାରି ତିନି ଭାଗରେ ବିଭକ୍ତ ହୋଇ ତଳକୁ ଖସୁଛି। ପର୍ଯ୍ୟଟକମାନେ ଏହି ଝରଣାରେ ଗାଧୋଇ ବେଶ୍ ମଜା ଉଠାଇଥାନ୍ତି। ଏଭଳି ଏକ ଶାନ୍ତ ପରିବେଶରେ କିଛିସମୟ କଟାଇବା ଏକ ନିଆରା ଅନୁଭୂତି ଦିଏ ବୋଲି ପର୍ଯ୍ୟଟକମାନେ ପ୍ରକାଶ କରନ୍ତି। ବିଶେଷ କରି ପିକନିକ୍ ସ୍ଥଳ ପାଇଁ ଏହା ବେଶ୍ ଆଦୃତ ହେଉଛି। ଛୁଟିଦିନରେ କିଏ ସାଙ୍ଗ ସହିତ ଆଉ କିଏ ପରିବାର ସହିତ ଏଠାକୁ ଆସୁଥିବା ଦେଖାଯାଉଛି। ଆଗାମୀ ଦିନରେ ବନ ବିଭାଗ ଏଠାରେ ବିଭିନ୍ନ କାର୍ଯ୍ୟକ୍ରମ କରିବାର ଯୋଜନା ରଖିଛି। ନୟାଗଡ଼ ସହରଠାରୁ ଶିମିଳି ଝରଣାର ଦୂରତା ମାତ୍ର ୨୫ କିଲୋମିଟର। ନୟାଗଡ଼ରୁ ଶରଣକୁଳ ଦେଇ ବଡ଼କୁଟୁଣୀ ଗ୍ରାମଠାରେ ପହଞ୍ଚି ସେଠାରୁ ୫ କିଲୋମିଟର ଗଲେ ପଡିବ ଶିମିଳି ଝରଣା। ଏଠାକାର ମନଲୋଭା ଦୃଶ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିଲେ ମଧ୍ୟ କିଛିଟା ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ସୂଚନାଯୋଗ୍ୟ ଜିଲାର ୮ ବ୍ଲକରେ ୧୪ଟି ସ୍ୱୀକୃତିପ୍ରାପ୍ତ ପର୍ଯ୍ୟଟନସ୍ଥଳୀ ରହିଛି। ସେଗୁଡ଼ିକ ହେଲା ଗଣିଆର ବରମୂଳ, ଓଡ଼ଗାଁର ରଘୁନାଥଜୀଉ ମନ୍ଦିର, ଜାମୁପାଟଣାର ଦୁତୀକେଶ୍ୱର ମନ୍ଦିର, କଣ୍ଟିଲୋ ନୀଳମାଧବ ମନ୍ଦିର, କୁଟୁରୀ ଡାକବଙ୍ଗଳା, ଦଶପଲ୍ଲାର କୁଆଁରିଆ ଡ୍ୟାମ, ନୟାଗଡ଼ ସହରର ଦକ୍ଷିଣକାଳୀ ମନ୍ଦିର, ରଣପୁରର ମଣିନାଗ ପୀଠ, ଶରଣକୁଳ ଲଡୁବାବା ମନ୍ଦିର, ନୂଆଗାଁ ବ୍ଲକ ଉଦୟପୁରର ଦାଶିଆ ଅଜା ଲାଇବ୍ରେରି, ଭାପୁର ବ୍ଲକର ନୀଳକନ୍ଦର, ସିଧାମୂଳା ଗୋକୁଳାନନ୍ଦ ପୀଠ, ଗଣିଆର ପଞ୍ଚୁପଲ୍ଲୀ ପ୍ରଜ୍ଞା ଓ ଖଣ୍ଡପଡାର ଏକମାତ୍ର ଯୋଗୀଯୋଗିଆଣୀ ବୌଦ୍ଧପୀଠ। ଏହାବ୍ୟତୀତ ଦଶପଲ୍ଲା ମହାବୀର ମନ୍ଦିର, ଖଣ୍ଡପଡ଼ା ସୁନାମୁହିଁ, ନୟାଗଡ଼ରେ ଥିବା ଝରଦେଇ ପୀଠ ଭଳି ଅନେକ ପର୍ଯ୍ୟଟନସ୍ଥଳୀ ରହିଛି। ଶିମିଳିଝରଣାକୁ ପର୍ଯ୍ୟଟନସ୍ଥଳୀ ରୂପେ ଘୋଷଣା କରିବା ସହିତ ଏହାର ଉନ୍ନତି ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ବନ ବିଭାଗ ପକ୍ଷରୁ ଏଠାରେ କରାଯିବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ନୟାଗଡ଼ ଡିଏଫଓ ଧନରାଜ ଏଚ୍‌ଡି କହନ୍ତି, ଏହା ଏକ ସଂରକ୍ଷିତ ଜଙ୍ଗଲ। ହାତୀମାନେ ସେଠାରେ ଚଳପ୍ରଚଳ କରୁଛନ୍ତି। ଝରଣାରେ ପର୍ଯ୍ୟଟକମାନଙ୍କ ସତର୍କତା ପାଇଁ ବିଭିନ୍ନ ବୋର୍ଡ଼ ଲଗାଯିବାକୁ ଯୋଜନା ରହିଛି। ଆଗାମୀ ଦିନରେ ବନ ସୁରକ୍ଷା ସମିତି କରାଯାଇ ଉକ୍ତ ପାହାଡ଼ ଓ ଝରଣାର ରକ୍ଷଣାବେକ୍ଷଣ କରାଯିବ ବୋଲି ସେ ପ୍ରକାଶ କରିଥିଲେ।

**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚଷା ହୁଡ଼ିଲେ ବରଷେ**
**ଗଉଡ଼ ହୁଡ଼ିଲେ ଦିନେ**
**ହାଟୁଆ ହୁଡ଼ିଲେ ହାଟ ପାଳିଏ**
**ଏହା ରଖିଥାଅ ମନେ ।**

ଚାଷବାସରେ ହେଳା କରିବା ଉଚିତ ହୋଇ ନ ଥାଏ। ଚାଷକାର୍ଯ୍ୟରେ ହେଳା କଲେ ଚାଷୀଟିକୁ ପୁନଶ୍ଚ ଚାଷକାର୍ଯ୍ୟ କରିବା ପାଇଁ ପୂରା ବର୍ଷଟିଏ ଅପେକ୍ଷା କରିବାକୁ ପଡ଼ିଥାଏ। ଗଉଡ଼ କୌଣସି କାରଣବଶତଃ କ୍ଷୀର ଦୁହିଁ ନ ପାରିଲେ କ୍ଷୀର ପାଇବା ପାଇଁ ତା' ପରଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥାଏ। ସେହିପରି ହାଟୁଆ ଯଦି ହାଟକୁ ଯାଇ ନ ପାରେ ତା'ହେଲେ ତାକୁ ହାଟସଉଦା କରିବାପାଇଁ ଆର ହାଟ ପାଳି ପର୍ଯ୍ୟନ୍ତ ଅପେକ୍ଷା କରିବା ଛଡ଼ା ଆଉ କିଛି ବାଟ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚୋର ସେବକ, ଚୋରଣୀ ଗାଈ,**
**ପଡ଼ୋଶୀ ଖଳ, ଦୁଷ୍ଟଭାଇ**
**ଦୁଷ୍ଟା ନାରୀ, ପୁତ୍ର ଜୁଆରି**
**ଡାକ ବୋଲେ ହରୁ ପରିହରି ।**

ଉପର ବର୍ଣ୍ଣିତ ପ୍ରାଣୀ ନିଜ ନିଜ ପରିସର ମଧ୍ୟରେ ଅପର ପ୍ରତି ଖରାପ ତଥା ଅସୁବିଧାଜନକ ପରିସ୍ଥିତି ସୃଷ୍ଟି କରିଥାନ୍ତି। ତେଣୁ ଏମାନଙ୍କ ଠାରୁ ସଦା ଦୂରେଇ ରହିବା ବୁଦ୍ଧିମାନର କାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଟିପଚିହ୍ନ ଦେଇ ୫ମାସର ଭତ୍ତା ହଡ଼ପ

**ଗଣିଆ,୯।୧୨(ଡି.ଏନ.ଏ.):** ଗଣିଆ ବ୍ଲକ କରଡ଼ାପଡ଼ା ପଞ୍ଚାୟତ ରଗଡ଼ିସାହିର ଜଣେ ବିଧବାଙ୍କ ୫ମାସର ଭତ୍ତାଟଙ୍କାକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ହଡ଼ପ କରିଥିବା ଅଭିଯୋଗ ହୋଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ନିଜେ ଟିପ ଚିହ୍ନ ମାରି ଭତ୍ତାଟଙ୍କା ଉଠାଇଥିବା ଅଭିଯୋଗକାରିଣୀ ନିଆଶା ଦେଇ (୪୫) ସୋମବାର ବିଡିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସୂଚନା ଅନୁସାରେ ସ୍ୱାମୀ କାଳନ୍ଦୀ ବେହେରାଙ୍କ ମୃତ୍ୟୁର ୬ମାସ ପରେ ନିଆଶା ଭତ୍ତା ପାଇଁ ଆବେଦନ କରିଥିଲେ । ଜୁଲାଇ ୨୫ରେ ଉପଜିଲାପାଳ ଭତ୍ତା ଆବେଦନ ଫର୍ମକୁ ମଞ୍ଜୁର କରିଥିଲେ। ହେଲେ କରଡ଼ାପଡ଼ା ପଞ୍ଚାୟତର ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଜୁଲାଇରୁ ନଭେମ୍ବର ପର୍ଯ୍ୟନ୍ତ ଭତ୍ତା ଟଙ୍କାକୁ ଚଳୁ କରିଦେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ସେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ତୁରନ୍ତ ଏହାର ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଜିଲାପାଳ ବିଡିଓ ଓ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସେହି ଗ୍ରାମର ବାଉରୀବନ୍ଧୁ ବେହେରା (୬୪)ଙ୍କର ମଧ୍ୟ ୫ମାସର ଭତ୍ତା ମଞ୍ଜୁର ହୋଇଥିଲେ ମଧ୍ୟ ଭତ୍ତା ହୋଇ ନ ଥିବା କହି ସମ୍ପୃକ୍ତ ଅଧିକାରୀ ହିତାଧିକାରୀଙ୍କୁ ନିରାଶ କରୁଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ମାନସ ରଞ୍ଜନ ସାମଲଙ୍କୁ ପଚାରିବାରୁ ଜିଲାପାଳ ସମ୍ପୃକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି ଓ ଥାନାରେ ତାଙ୍କ ବିରୋଧରେ ମାମଲା ରୁଜୁ କରାଯିବ ବୋଲି କହିଛନ୍ତି।

# ନୀଳମାଧବଙ୍କ ଆଜ୍ଞାମାଳ ପରିକ୍ରମା ଆରମ୍ଭ



ଆରତି ରଥ ଶୁଭାରମ୍ଭ ପାଇଁ ନୀଳମାଧବ ଜୀଉଙ୍କ ଆଜ୍ଞାମାଳ ପ୍ରଦାନ କରାଯାଉଛି।

**ଖଣ୍ଡପଡା,୯।୧୨(ସ୍ୱ.ପ୍ର.)**

**ଫେବୃୟାରୀ ୯ରେ ମହାନଦୀ ଆରତି ମହୋତ୍ସବ**

ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ପରିଚିତ କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉଙ୍କ ପୀଠସ୍ଥ ଗଙ୍ଗା ମନ୍ଦିର ନିକଟ ମହାନଦୀରେ ୧୧ତମ ମହାନଦୀ ଆରତି ମହୋତ୍ସବ ଫେବୃୟାରୀ ୯ ତାରିଖରେ ଅନୁଷ୍ଠିତ ହେବ। ଏହି ଅବସରରେ ସୋମବାର ଶ୍ରୀ ଜୀଉଙ୍କ ଆଜ୍ଞାମାଳ ପରିକ୍ରମା ରଥ ମନ୍ଦିର ପଶ୍ଚିମ ଦ୍ୱାରଠାରୁ ଶୁଭାରମ୍ଭ କରିଛି । ପୂଜକ ସମାଜ ପକ୍ଷରୁ ସଭାପତି ରାଜୀବ କୁମାର ମିଶ୍ରଙ୍କ ସମେତ କର୍ମକର୍ତ୍ତା ମନୋଜ କୁମାର ମିଶ୍ର, ପୀତବାସ ମିଶ୍ର, ରାମଚନ୍ଦ୍ର ମିଶ୍ର ପ୍ରମୁଖ ରଥ ପରିକ୍ରମାର ମୁଖ୍ୟ ଜଗନ୍ନାଥ ଦଳର ମାର୍ଗଦର୍ଶକ ସନ୍ଥ ସେବକ ଲଳିତ ନାରାୟଣଙ୍କୁ ଆଜ୍ଞାମାଳ ଅର୍ପଣ କରିବା ପରେ ରଥ ଗଡିଥିଲା । ବହୁ ସାଧୁସନ୍ଥ ଓ ଶ୍ରଦ୍ଧାଳୁ ମାଘ ପୂର୍ଣ୍ଣମୀ ସନ୍ଧ୍ୟାରେ ସ୍ଥାନୀୟ ଚଉରାସିଙ୍ଗସ୍ଥିତ ମା' ଗଙ୍ଗାଦେବୀଙ୍କ ପୀଠରେ ଉପସ୍ଥିତ ରହି ଦୀପ ପ୍ରଦାନ କରିବା ସହ ଗଙ୍ଗା ଆଳତିରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି।

# ବୋମା ପକାଇ ବ୍ୟବସାୟୀଙ୍କୁ ଧମକ

**ଖଣ୍ଡପଡା,୯।୧୨(ସ୍ୱ.ପ୍ର.):** ଖଣ୍ଡପଡା ଥାନା ଖଳିସାହି ଦୁର୍ଗା ବଜାରରେ ସୋମବାର ବୋମା ପକାଇ ବ୍ୟବସାୟୀଙ୍କୁ ଧମକ ଦେବା ଘଟଣାରେ ପୋଲିସ ୩ଜଣଙ୍କୁ ଥାନାରେ ଅଟକ ରଖିବା ସହ ୨ଟି ବାଇକ୍ ଜବତ କରିଛି। ଦୁର୍ଗା ବଜାରରେ ବ୍ୟବସାୟୀ ଶରତ ମହାପାତ୍ରଙ୍କ ଦୋକାନ ସମ୍ମୁଖରେ ଅପରାହ୍ଣ ୧ଟା ସମୟରେ ୮ରୁ ୧୦ ଜଣ ଯୁବକ ବୋମା ପକାଇ ତାଙ୍କୁ ଭୟଭୀତ କରିବା ସହ ଦୋକାନ ମଧ୍ୟରୁ ଲୁଟ୍ କରିବାକୁ ଉଦ୍ୟମ କରିଥିଲେ। ଶରତଙ୍କ ପାଟି ଶୁଣି ଅନ୍ୟ ବ୍ୟବସାୟୀମାନେ ଚାଲି ଆସିବାରୁ ଅସାମାଜିକ ବ୍ୟକ୍ତିମାନେ ସେଠାରୁ ପଳାଇବାକୁ ଚେଷ୍ଟା କରିଥିଲେ। ସେମାନଙ୍କ ମଧ୍ୟରୁ ୩ ଯୁବକଙ୍କୁ ସ୍ଥାନୀୟ ବାସିନ୍ଦା କାବୁ କରି ଖଣ୍ଡପଡା ପୋଲିସ ଜିମା ଦେଇଛନ୍ତି। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଉକ୍ତ ଦୋକାନର ଆଗରେ ପଡିଥିବା ୨ଟି ଅଫୁଟା ବୋମା ଜବତ କରିଛି। ସମ୍ପୃକ୍ତ ବ୍ୟକ୍ତିମାନେ ବଜାର ମଧ୍ୟରେ ଛାଡିଯାଇଥିବା ୨ଟି ବାଇକ୍‌କୁ ମଧ୍ୟ ପୋଲିସ ଜବତ କରି ଥାନାକୁ ଆଣିଛି । ଶରତଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରିଛି। ଘଟଣା ସମ୍ପର୍କରେ ଦୁର୍ଗା ବଜାର ବଣିକ ସଂଘର ସଭାପତି ଦାଶରଥି ସାଥୁଆ ଆଉ ଏକ ଲିଖିତ ଅଭିଯୋଗ କରିଥିବା ଜଣା ଯାଇଛି । ରାତ୍ରକାଳୀନ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା, ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ବଣିକ ସଂଘର ସଦସ୍ୟମାନେ ଦାବି କରିଛନ୍ତି । ବଣିକ ସଂଘର ଶହେରୁ ଊର୍ଦ୍ଧ୍ୱ ସଦସ୍ୟ ଅପରାହ୍ଣରେ ଖଣ୍ଡପଡା ଥାନାକୁ ଆସି ଦାବିପତ୍ର ପ୍ରଦାନ କରିଥିବା ଆଇଆଇସି ବିମଳ କୁମାର ମଲ୍ଲିକଙ୍କଠାରୁ ପ୍ରକାଶ ।



ଖଣ୍ଡପଡ଼ା ଥାନାକୁ ଅଭିଯୋଗ କରିବାକୁ ଆସିଥିବା ବଣିକସଂଘ ସଦସ୍ୟମାନେ।

**୩ ଅଟକ, ୨ ବାଇକ୍ ଓ ବୋମା ଜବତ**

# ରେଳ ଧାରଣରୁ ମୃତଦେହ ଉଦ୍ଧାର

**ନିରାକାରପୁର,୯।୧୨(ଡି.ଏନ.ଏ.):** ଖୋର୍ଦ୍ଧା ରେଳ ଡିଭିଜନ ଅଧୀନରେ ଥିବା ହରିପୁର ଲେଭଲ କ୍ରସିଂ ନିକଟ ରେଳ ଧାରଣା ପାର୍ଶ୍ୱରୁ ସୋମବାର ଜଣେ ଅଚିହ୍ନା ବ୍ୟକ୍ତିଙ୍କ ଗଳିତ ମୃତଦେହ ନିରାକାରପୁର ରେଲ୍‌ୱେ ଫାଣ୍ଡି ପୋଲିସ ଉଦ୍ଧାର କରିଛି। ଫାଣ୍ଡି ପକ୍ଷରୁ ଏ ନେଇ ୯୭/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ସରକାରୀ ମେଡିକାଲକୁ ପଠାଯାଇଛି। ମୃତ ବ୍ୟକ୍ତିଙ୍କ ପକେଟରୁ ପୋଲିସ ଏକ ଟ୍ରେନ ଟିକେଟ ମଧ୍ୟ ଜବତ କରିଛି।


# CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

KUBER FINANCE
All Odisha
★ Mudra Loan
★ Cash Credit Loan
★ Vehicle Loan
★ Agriculture Loan
★ Personal Loan
★ Business Loan
★ Mortgage Loan
★ Housing Loan
All types of Loan@ 1% Interest 50% Subsidy Fund Received in 24 Hours
7599779418, 9599068151
B-34/A Block, Vijay Enclave, Burari, New Delhi

ନବବର୍ଷ ଧମାକା
ଗୋଟିଏ କଲ୍‌ରେ ଋଣ ପାଆନ୍ତୁ
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
ASF FINANCE
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ
ଆଧାରକାର୍ଡ, ବ୍ୟବସାୟ
ସବୁ ପ୍ରକାର ଋଣ
1% ସୁଧ 25% ଛାଡ଼
ଘରେ ବସି ପାଆନ୍ତୁ ଅନ୍‌ଲାଇନ୍ ସୁବିଧା ଉପଲବ୍ଧ।
94634-86078
Email : financeabirami32@gmail.com
Airport Road, Gandhi Nagar, Bhopal (MP)

ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ସବୁ ଯୋଜନା ଅଧୀନରେ ସବୁ ବ୍ୟାଙ୍କରୁ
କମ୍ କିମ୍ବା ଖରାପ CIBIL ସ୍କୋର୍‌ଧାରୀଙ୍କୁ ମଧ୍ୟ ଋଣ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ବ୍ୟବସାୟ
ଏଗ୍ରିକଲ୍‌ଚର ଋଣ
ସବୁ ପ୍ରକାର ଋଣ
୨% ସୁଧ - ୪୦% ରିହାତିରେ
୨୪ ଘଣ୍ଟା ମଧ୍ୟରେ ଘରେ ବସି ପାଆନ୍ତୁ
ସତ୍ୟମ୍ ଫାଇନାନ୍ସ
9953125459
9667227985
Sec-102, Sukh Complex, Noida (Delhi)

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

MAHESHWARI FINANCE
ବିନା ଗ୍ୟାରେଣ୍ଟିରେ ମହିଳା/ପୁରୁଷ (ଦୋକାନୀ) ୫ ଲକ୍ଷରୁ ୨୫ ଲକ୍ଷ ଲୋନ ୨% ସୁଧ ୫୦% ରିହାତି ମାର୍କଶିଟ୍ ଓ ପ୍ରପର୍ଟି ଲୋନ।
E-mail - maheshwarifinance111@gmail.com
Ph - 9716825082
9716001694

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

BUSINESS

ASTROLOGY

GTL Telecom Co.
ଦ୍ୱାରା ଖାଲି ଜମି, ଛାତ, କ୍ଷେତରେ ଡିଜିଟାଲ ଟାୱାର ଲଗାନ୍ତୁ
ଅଗ୍ରିମ - 60,00000/-
ଭଡ଼ା - 25,000/-
ଅନ୍ୟାନ୍ୟ ସୁବିଧା (ମାସିକ 15000/-)
ମେଡିକାଲ + ବୀମା ଫ୍ରି
9450647834
7027273944
Network Vision, ITC Industrial Area, Navi Mumbai, Maharashtra.

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଳେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୂଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଗାନ୍ଧୀ ସ୍ମାରକୀ ସମାରୋହ ଉଦ୍‌ଘାଟିତ



**ବୋଲଗଡ,୯।୧୨(ଡି.ଏନ୍.ଏ.):** ବୋଲଗଡ ନନ୍ଦିଘୋଷ ଭବନ ପରିସରରେ ସୋମବାର ଗାନ୍ଧୀ ସ୍ମାରକୀ ସମାରୋହ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ ଅନୁଷ୍ଠାନର ସଭାପତି ତଥା ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ପୌରୋହିତ୍ୟ କରିଥିଲେ। ଚିଲିକା ବିଧାୟକ ତଥା ଖୋର୍ଦ୍ଧା ଜିଲା ଯୋଜନାବୋର୍ଡର ଅଧକ୍ଷ ପ୍ରଶାନ୍ତ କୁମାର ଜଗଦେବ ପ୍ରାରମ୍ଭିକ ଆଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଅଧାପକ ଦାଶ ବେନହୁର, ଜିଲାପରିଷଦ ସଭ୍ୟ ଅର୍ଜୁନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନ ପକ୍ଷରୁ ଐତିହାସିକ ରବୀନ୍ଦ୍ର କୁମାର ପରିଡା ମଞ୍ଚ ପରିଚାଳନା କରିଥିଲେ। ନନ୍ଦିଘୋଷର ସମ୍ପାଦକ ଗୁଣନିଧି ହୋତା ଧନ୍ୟବାଦ ଦେଇଥିଲେ। ଗାନ୍ଧିଜୀଙ୍କ ଜୀବନୀକୁ ନେଇ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀକୁ ଅତିଥିମାନେ ବୁଲି ଦେଖିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୂଚନାଥାଉକି, ୧୯୨୭ମସିହା ଡିସେମ୍ବର ୯ରୁ ୧୧ତାରିଖ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ବୋଲଗଡରେ ରହଣୀ କରିଥିଲେ। ଏହି ଅବିସ୍ମରଣୀୟ ସ୍ମୃତିକୁ ନେଇ ନନ୍ଦିଘୋଷ ଭବନ ପକ୍ଷରୁ ଏହି ସ୍ମାରକୀ ସମାରୋହ ଆୟୋଜିତ ହୋଇଛି।

### କୃଷ୍ଣପ୍ରସାଦ ଭାଜପାର କର୍ମୀ ସମ୍ମିଳନୀ

**କୃଷ୍ଣପ୍ରସାଦ,୯।୧୨(ଡି.ଏନ.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଭାଜପାର କର୍ମୀ ସମ୍ମିଳନୀ ସୋମବାର ଚିଲିକା ନୂଆପଡାସ୍ଥିତ ମା' ଚଣ୍ଡୀ ଠାକୁରାଣୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣପ୍ରସାଦ ମଣ୍ଡଳ ସଭାପତି ଦୀନବନ୍ଧୁ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟକଙ୍କ ପ୍ରତିନିଧି ରଘୁନାଥ ବଡୁ, ବ୍ଲକ ଭାଜପା ଯୁବମୋର୍ଚ୍ଚା ପ୍ରଭାରୀ ଉତ୍ତମ କୁମାର ତରେଇ, ବ୍ଲକ ମିଡିଆସେଲ ମୁଖ୍ୟ ସଂଗ୍ରାମ କେଶରୀ ଜେନା, ବ୍ଲକ ଭାଜପା ଯୁବମୋର୍ଚ୍ଚା ସଭାପତି ବିଷ୍ଣୁ ପ୍ରସାଦ ବେହେରା, ପୁରୀ ଜିଲା ଭାଜପା ମୁଖପାତ୍ର କ୍ଷେତ୍ରବାସୀ ପଲେଇ, ବ୍ରହ୍ମଗିରୀ ନିର୍ବାଚନ ମଣ୍ଡଳୀ ଯୁବ ସଂଯୋଜକ ସୁରେନ୍ଦ୍ର କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ।
କୃଷ୍ଣପ୍ରସାଦ ଭାଜପା ମଣ୍ଡଳ ସଭାପତି ଭାବେ ପୁନର୍ବାର ଦୀନବନ୍ଧୁ ଜେନାଙ୍କୁ ମନୋନୀତ କରାଯାଇଥିଲା।

### ମତ୍ସ୍ୟଜୀବୀ ମହାସଂଘର ଆନ୍ଦୋଳନ ୧୫ଦିନରେ

**କୃଷ୍ଣପ୍ରସାଦ,୯।୧୨(ଡି.ଏନ.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ଚିଲିକାରୁ ଘେରି ଉଚ୍ଛେଦ ବିରୋଧରେ ଚିଲିକା ଦ୍ୱୀପାଞ୍ଚଳ ପେଶାଦାର ମତ୍ସ୍ୟଜୀବୀ ମହାସଂଘ ତରଫରୁ ତହସିଲ ଅଫିସ ଆଗରେ ଚାଲିଥିବା ଧାରଣା ସୋମବାର ୧୫ଦିନରେ ପହଞ୍ଚିଛି। ଏହି ଅବସରରେ ପୂର୍ବାହ୍ନରେ ୩୫ ମୌଜା ପରିଚାଳନା କମିଟି ସ୍ଥାୟୀ ସଭାପତି ଦାମୋଦର ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ସଭା କରାଯାଇ ଚିଲିକା ଘେରିବନ୍ଧ ଉଚ୍ଛେଦ କରାଗଲେ ଉପକୂଳବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଗ୍ରାମବାସୀ ବନ୍ୟା କିମ୍ବା ବାତ୍ୟା ସମୟରେ ହଇରାଣ ହେବେ ବୋଲି କହିଥିଲେ।

## ପୁରୀ ପୋଲିସ କ୍ୱାର୍ଟର୍ସରେ ଗଣବଳାତ୍କାର ଘଟଣା

# ଭୁବନେଶ୍ୱରରୁ ଦମ୍ପତି ଗିରଫ

**ପୁରୀ ଅଫିସ, ୯।୧୨**

ପୁରୀ ପୋଲିସ କ୍ୱାର୍ଟର୍ସରେ ନାବାଳିକାଙ୍କୁ ଗଣବଳାତ୍କାର ଘଟଣାରେ କୁମ୍ଭାରପଡ଼ା ପୋଲିସ ସୋମବାର ଭୁବନେଶ୍ୱରରୁ ଏକ ଦମ୍ପତିଙ୍କୁ ଗିରଫ କରିଛି। ସମ୍ପୃକ୍ତ ଦମ୍ପତି ହେଲେ ରଞ୍ଜିତ ପରିଡ଼ା ଓ ତାଙ୍କ ସ୍ତ୍ରୀ ସୌମ୍ୟା ଶେଫାଳି। ରଞ୍ଜିତଙ୍କ ନାମରେ ଯୁବତୀ ଚାଲାଣ ଅଭିଯୋଗରେ ଭୁବନେଶ୍ୱର ମହିଳା ଥାନାରେ ଦଫା ୩୪୧, ୩୨୩, ୨୯୪, ୩୫୪, ୫୦୬, ୩୭୯, ୩୪ ଆଇପିସି, ୩, ୪, ୫, ୭ ଆଇଟିପି ଆକ୍ଟ ଏବଂ ଆଟ୍ରୋସି ଆକ୍ଟରେ ଏକ ମାମଲା (ନଂ. ୯୪/୧୮) ରହିଛି। ଜିତେନ୍ଦ୍ର ସେଠୀ (ବହିଷ୍କୃତ କନଷ୍ଟେବଳ) ନୁହେଁ ବରଂ ଏହି ଦମ୍ପତି ପୋଲିସ କ୍ୱାର୍ଟର୍ସ ଗଣବଳାତ୍କାର ଘଟଣାର ମୁଖ୍ୟ ଅଭିଯୁକ୍ତ ବୋଲି ସୋମବାର ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି। ସେହିପରି ବର୍ତ୍ତମାନ ସୁଦ୍ଧା ଏହି ମାମଲାରେ ମୋଟ ୬ଜଣଙ୍କୁ ଗିରଫ କରାଗଲାଣି। ପୂର୍ବରୁ ଘଟଣା ଦିନ ଅର୍ଥାତ୍ ୨ତାରିଖରେ ୩ଜଣ ଏବଂ ୬ରେ ରାମଚନ୍ଦ୍ର ପ୍ରଧାନ ଏବଂ ୮ତାରିଖରେ ବୁଲୁ ବାରିକଙ୍କୁ ଗିରଫ କରାଯାଇଥିଲା। ୨୦ଦିନ ମଧ୍ୟରେ ଚାର୍ଜଶିଟ୍ ପ୍ରସ୍ତୁତ ସହ ପୀଡ଼ିତାଙ୍କୁ କ୍ଷତିପୂରଣ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ। ଅଧିକ ପଚରାଉଚରା ଲାଗି ଜିତେନ୍ଦ୍ର ଓ ରାଜେଶଙ୍କୁ ରିମାଣ୍ଡରେ ଆଣିବା ଲାଗି ଖୁବ୍‌ଶୀଘ୍ର କୋର୍ଟରେ ଆବେଦନ କରାଯିବ ବୋଲି ଏସ୍‌ପି ଦାଶ ସୂଚନା ଦେଇଛନ୍ତି।

**ଜିତେନ୍ଦ୍ର ନୁହେଁ, ଦମ୍ପତି ମୁଖ୍ୟ ଅଭିଯୁକ୍ତ**

ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଜିତେନ୍ଦ୍ର ବୋଲି ପୋଲିସ ପୂର୍ବରୁ ଦର୍ଶାଇଥିବାବେଳେ ଏବେ ଉକ୍ତ ଦମ୍ପତିଙ୍କୁ ମୁଖ୍ୟ ଅଭିଯୁକ୍ତ ଭାବେ ଅଭିହିତ କରିଛି। ଫଳରେ ପୂରା ଘଟଣା ରହସ୍ୟ ଘେରକୁ ଟାଣି ହୋଇଯାଇଛି। ପୋଲିସ ସୂଚନା ଅନୁଯାୟୀ, ପୀଡ଼ିତାଙ୍କୁ ଅଭିଯୁକ୍ତ ଦମ୍ପତି ଭୁବନେଶ୍ୱରରୁ ପୁରୀ ଆଣିଥିଲେ। ପରେ ତାଙ୍କୁ ପୋଲିସ କ୍ୱାର୍ଟର୍ସରେ ଗଣବଳାତ୍କାର କରାଯାଇଥିଲା। ତାଙ୍କ ଅଭିଯୋଗ କ୍ରମେ କୁମ୍ଭାରପଡ଼ା ଥାନାରେ ୬ ପୋକ୍‌ସୋ ଆକ୍ଟରେ କେସ୍ ନଂ. ୩୦୮/୧୯ ରୁଜୁ ହୋଇଥିଲା।

**ଘଟଣାରେ ଖବରଦାତା ଓ ଯବାନ ସମ୍ପୃକ୍ତ**

ରଞ୍ଜିତ ନିଜକୁ ଖବରଦାତା ବୋଲି ପରିଚୟ ଦେଇଥିବାବେଳେ ବୁଲୁ ସିଆର୍‌ପିଏଫ୍‌ରେ ଯବାନ ଥିବା କହିଛନ୍ତି। ବୁଲୁ ସିଆର୍‌ପିଏଫ୍ ଯବାନ କି ନୁହେଁ, ତାହାର ତଦନ୍ତ ଜାରି ରହିଛି। ଏ ନେଇ ସିଆର୍‌ପିଏଫ୍ ଅଫିସ୍‌କୁ ଚିଠି ଲେଖାଯିବ। କୌଣସି ର୍‍ୟାକେଟ ସହ ତାଙ୍କର ସମ୍ପୃକ୍ତି ରହିଛି କି ନାହିଁ ତାହାର ତଦନ୍ତ କରାଯିବ ବୋଲି ଏସ୍‌ପି ଦାଶ ପ୍ରକାଶ କରିଛନ୍ତି।

**କାର୍ ନୁହେଁ ସ୍କୁଟିରେ ଆସିଥିଲେ**

ଘଟଣା ଦିନ ଅର୍ଥାତ୍ ୨ତାରିଖରେ ନିମାପଡ଼ାରୁ କାର ଯୋଗେ ପୁରୀ ଆସିଥିବା ନେଇ ପୀଡ଼ିତା ଗଣମାଧ୍ୟମକୁ ବୟାନ ଦେଇଥିଲେ। ଏହି କାର୍‌କୁ ନେଇ ସନ୍ଦେହ ଲାଗି ରହିଥିବାବେଳେ ଏସ୍‌ପି ଏହାର ପର୍ଦ୍ଦାଫାଶ୍ କରିଛନ୍ତି। ସେ କହିଛନ୍ତି, ତାଙ୍କୁ କାର୍ ନୁହେଁ ବରଂ ଏକ ନାଲି ରଙ୍ଗର ସ୍କୁଟିରେ ସମ୍ପୃକ୍ତ ଦମ୍ପତି ପୁରୀ ଆଣିଥିଲେ। ପିପିଲି ଟୋଲ୍‌ଗେଟ୍‌ରେ ଲାଗିଥିବା ସିସିଟିଭି ଫୁଟେଜ୍ ଓ ମୋବାଇଲ ଫୋନ୍ ଟ୍ରାକିଂରୁ ଉକ୍ତ ଦମ୍ପତିଙ୍କ ସମ୍ପର୍କରେ ସୂଚନା ମିଳିଛି। ପୂର୍ବରୁ ପୀଡ଼ିତା କହିଥିଲେ ଯେ, ତାଙ୍କୁ ନିମାପଡ଼ା ବସ୍‌ଷ୍ଟାଣ୍ଡରୁ କାକଟପୁର ଯିବା ପାଇଁ କାର୍‌ରେ ଲିଫ୍ଟ ଦିଆଯାଇଥିଲା। କିନ୍ତୁ ବଳପୂର୍ବକ ତାଙ୍କୁ ଉକ୍ତ କାର୍‌ରେ ପୁରୀ ନିଆଯାଇ ଗଣବଳାତ୍କାର କରାଯାଇଥିଲା। ପୀଡ଼ିତାଙ୍କ ବୟାନ ଓ ପୋଲିସର ସୂଚନା ମଧ୍ୟରେ ବ୍ୟାପକ ତଫାତ୍‌କୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ପୋଲିସରେ ଅଭିଯୋଗ ହୋଇନି**

ଗିରଫ ଜିତେନ୍ଦ୍ର (ବହିଷ୍କୃତ କନଷ୍ଟେବଳ)ଙ୍କ ଦ୍ୱିତୀୟ ସ୍ତ୍ରୀ ବୋଲି ଦାବି କରୁଥିବା ଜଣେ ମହିଳା ଅଭିଯୋଗ ଆଣିଥିଲେ ଯେ, ପୋଲିସ କ୍ୱାର୍ଟର୍ସରେ ସେକ୍ସ ରାକେଟ ଚାଲିଥିଲା। ଏଥିରେ ପ୍ରଥମ ସ୍ତ୍ରୀଙ୍କ ହାତ ରହିଥିବା ମଧ୍ୟ ସେ କହିଥିଲେ। ଏ ନେଇ ଏସ୍‌ପିଙ୍କୁ ପଚାରିବାରେ କହିଛନ୍ତି, ଆମ ନିକଟରେ ସେ କୌଣସି ଅଭିଯୋଗ କରିନାହାନ୍ତି। ଅଭିଯୋଗ ଆସିଲେ ଘଟଣାର ତଦନ୍ତ କରାଯିବ।

**ତଥ୍ୟ ଲୁଚାଇଲେ :**

ଗିରଫ ରାଜେଶ ସେଠୀ ଓ ରାମଚନ୍ଦ୍ର ପ୍ରଧାନ କେଉଁ ମାମଲାରେ ଜଡ଼ିତ ରହିଛନ୍ତି ସେ ନେଇ ପୋଲିସ ବର୍ତ୍ତମାନ ସୁଦ୍ଧା କୌଣସି ତଥ୍ୟ ପ୍ରଦାନ କରିନାହିଁ। ଜିତେନ୍ଦ୍ରଙ୍କ ନାମରେ ବିଭିନ୍ନ ଥାନାରେ ୫ରୁ ଉର୍ଦ୍ଧ୍ୱ ମାମଲା ଥିବାବେଳେ ଏହି ଅଭିଯୁକ୍ତ ଦ୍ୱୟ କେଉଁ ଘଟଣାରେ ସମ୍ପୃକ୍ତ ଅଛନ୍ତି ସେ ସମ୍ପର୍କରେ ପୋଲିସ ମୁହଁ ଖୋଲିବାକୁ ନାରାଜ।

## ସାଇକେଲରେ ସଚେତନତା ବାର୍ତ୍ତା



ସିଂହଦ୍ୱାର ସମ୍ମୁଖରୁ ବାହାରିଥିବା ସାଇକେଲ ଯାତ୍ରା।

**ପୁରୀ ଅଫିସ, ୯।୧୨**

ପଞ୍ଚମ କୋଣାର୍କ ଅନ୍ତର୍ଜାତୀୟ ସାଇକେଲ ଯାତ୍ରା ସୋମବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ସକାଳୁ ସମସ୍ତ ସାଇକେଲଯାତ୍ରୀ ସିଂହଦ୍ୱାରରେ ପହଞ୍ଚିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଦ୍ୱିତୀୟ ଦିନର ଯାତ୍ରା ଆରମ୍ଭ କରିଥିଲେ। ଏମାନେ ଚିଲିକା, କୃଷ୍ଣପ୍ରସାଦ ଦେଇ ଗଞ୍ଜାମ ଜିଲାର ତାମ୍ପରା ଅଭିମୁଖେ ଯାଇଥିଲେ। ଯିବା ବାଟରେ କୃଷ୍ଣପ୍ରସାଦ ବ୍ଲକର ତ୍ରିଲୋଚନେଶ୍ୱର ବିଦ୍ୟାପୀଠରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରିଥିଲେ। ଏଥିସହ ତମାଖୁମୁକ୍ତ ଏବଂ ପରିବେଶ ସୁରକ୍ଷା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରିଥିଲେ। ଦିନକୁ ଦିନ ଗାଡ଼ିମୋଟର ସଂଖ୍ୟା ବଢୁଥିବାରୁ ବାୟୁ ପ୍ରଦୂଷଣ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଯଥାସମ୍ଭବ ସାଇକେଲ ବ୍ୟବହାର କରିବା ଲାଗି କହିଥିଲେ। ଏଥିସହ ଝିଅପୁଅଙ୍କ ମଧ୍ୟରେ କୌଣସି ତାରତମ୍ୟ ନ ରଖି ଉଭୟଙ୍କୁ ସମାନ ଭାବେ ଆଗକୁ ବଢିବା ଲାଗି ସୁଯୋଗ ଦିଆଯିବା ଦରକାର ବୋଲି ବାର୍ତ୍ତା ବାଣ୍ଟିଥିଲେ। ସୂଚନାଥାଉ କି, ଏହି ସାଇକେଲ ଯାତ୍ରୀମାନେ ୧୩ ଦିନରେ ୧୩୦୦ କିମି ଯାତ୍ରା କରିବେ। ରବିବାର ଭୁବନେଶ୍ୱରଠାରୁ ଏହି ଯାତ୍ରା ଆରମ୍ଭ ହୋଇଥିଲା।

## 'ଦେଶର ପ୍ରଗତିରେ ବିଜ୍ଞାନର ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ରଣପୁର, ୯।୧୨ (ସ୍ୱ.ପ୍ର.)**




ଜଣେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରୁଛନ୍ତି।

ରଣପୁର ଏନ୍‌ଏସିସ୍ଥିତ ବ୍ରଜେନ୍ଦ୍ର ଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୦୬ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦ୍‌ଘାଟନୀ ସଭାରେ ଏନ୍‌ଏସି ଅଧକ୍ଷା ସବିତା ଦାସ ମୁଖ୍ୟଅତିଥି ଓ ରଣପୁର ପଞ୍ଚାୟତ ସମିତି ଉପାଧକ୍ଷ ପ୍ରଶାନ୍ତ କୁମାର ନାୟକ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସର୍ବେଶ୍ୱର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଉପେନ୍ଦ୍ରନାଥ ସାହୁ ସଭାପତିତ୍ୱ କରିଥିଲେ। ଉଦ୍‌ଯାପନୀ ସଭାରେ ରଣପୁର ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ସତ୍ୟ ନାରାୟଣ ପ୍ରଧାନ ମୁଖ୍ୟଅତିଥି, ଏନ୍‌ଏସି ଉପାଧକ୍ଷ ପ୍ରିୟବ୍ରତ ପ୍ରହରାଜ, ବ୍ରଜେନ୍ଦ୍ର ଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟର ସଭାପତି ମାଧବ ଚନ୍ଦ୍ର ପ୍ରଧାନ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରତ୍ନାକର ପାଣି, ସର୍ବେଶ୍ୱର ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ତାଙ୍କ ଅଭିଭାଷଣରେ ଦେଶର ପ୍ରଗତିରେ ବିଜ୍ଞାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଓ ଆଜିର କୁନି ବୈଜ୍ଞାନିକ ଆସନ୍ତାକାଲି କିପରି ଚନ୍ଦ୍ରପୃଷ୍ଠରେ ପହଞ୍ଚିପାରିବ ସେଥିପାଇଁ ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେବାକୁ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ମୋଟ ୫ ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନମେଳାରେ ଭାଗ ନେବାକୁ ବିଚାରକ ମଣ୍ଡଳୀ ଦ୍ୱାରା ଚୟନ ହୋଇଛି।

## ବିଜ୍ଞାନମେଳାରେ ୧୪୦ ପ୍ରକଳ୍ପ ପ୍ରଦର୍ଶିତ

**ଭାପୁର,୯।୧୨(ଡି.ଏନ୍.ଏ.)**

ଭାପୁର ବ୍ଲକସ୍ତରୀୟ ବିଜ୍ଞାନ ମେଳା ସୋମବାର ଶାଳପଡ଼ା ପଞ୍ଚାୟତ କବିରାଜ ବୈଦ୍ୟନାଥ ଚିନ୍ତାମଣି ସରକାରୀ ଉଚ୍ଚବିଦ୍ୟାଳୟ ବାରବାଟୀ ନୂଆଗାଁଠାରେ ଆୟୋଜିତ ହୋଇଯାଇଛି। ଏଥିରେ ବ୍ଲକର ୧୧୪ ଏଲିମେଣ୍ଟାରୀ ବିଦ୍ୟାଳୟ, ୨୦ ଉଚ୍ଚ ବିଦ୍ୟାଳୟ, ୮ ଘରୋଇ ବିଦ୍ୟାଳୟ ସହ ୨ଟି ଯୁକ୍ତ ୨ କଲେଜର ମୋଟ ୧୪୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହାକୁ ଉଦ୍‌ଘାଟନ କରିଥିଲେ ବ୍ଲକ ଶିକ୍ଷାଧିକାରୀ ନୀଳକଣ୍ଠ ମହାନ୍ତି। ଶିକ୍ଷା ଅଧିକାରୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଛବିରାଣୀ ସ୍ୱାଇଁ ମୁଖ୍ୟଅତିଥି, ନିରଞ୍ଜନ ଆଚାର୍ଯ୍ୟ ମୁଖ୍ୟବକ୍ତା, ଏବିଇଓ କୃଷ୍ଣ ଚନ୍ଦ୍ର ତ୍ରିପାଠୀ, ବସନ୍ତ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ବୈଜ୍ଞାନିକ ଡ. ବୈଶାଖି ଆଚାର୍ଯ୍ୟ ଓ ଡ. ପରାଗ ଆଚାର୍ଯ୍ୟ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଉପାଧକ୍ଷ ଗୟାଧର ପରିଡ଼ା, ସରପଞ୍ଚ ରୋଜାଲିନ ପାଣିଗ୍ରାହୀ ଓ ସମିତିସଭ୍ୟ ବସନ୍ତ କୁମାର ମାଝି ଯୋଗ ଦେଇଥିଲେ। ଓଷ୍ଟା ବ୍ଲକ ସଭାପତି ସୋମନାଥ ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ।

## ଆକାଂକ୍ଷାଙ୍କ ଖାଦ୍ୟଶସ୍ୟ ସଂରକ୍ଷଣ ଶ୍ରେଷ୍ଠ ପ୍ରକଳ୍ପ

**ଓଡ଼ଗାଁ,୯।୧୨(ସ୍ୱ.ପ୍ର.)**

ନୂଆଗାଁ ବ୍ଲକ ବାହାଡ଼ାଖୋଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର କୁନି ବୈଜ୍ଞାନିକଙ୍କ ଦ୍ୱାରା ସମୁଦାୟ ୧୦୧ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବାହାଡ଼ାଖୋଲା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଆକାଂକ୍ଷା ସାହୁଙ୍କ ଖାଦ୍ୟଶସ୍ୟ ସଂରକ୍ଷଣ ଶ୍ରେଷ୍ଠ ବିବେଚିତ ହୋଇଥିଲା । ମଣ୍ଡଳ ସ୍ତରରୁ ୬ଟି ପ୍ରକଳ୍ପ ଜିଲା ସ୍ତରୀୟ ବିଜ୍ଞାନ ମେଳାକୁ ଉନ୍ନୀତ ହୋଇଛି । ନୂଆଗାଁ ବ୍ଲକ ଉପାଧକ୍ଷା ପୁଷ୍ପାଞ୍ଜଳି ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ଅପରାହ୍ନରେ ଉଦଯାପନୀ ଅଧିବେଶନରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷ ଅନ୍ତର୍ଯ୍ୟାମୀ ସାହୁ, ବ୍ଲକ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ପଣ୍ଡାଙ୍କ ସମେତ ବାହାଡ଼ାଖୋଲା ଅଞ୍ଚଳର ସମସ୍ତ ପଞ୍ଚାୟତର ଜନପ୍ରତିନିଧି, ଶିକ୍ଷାବିତ୍ ଅଂଶ ଗ୍ରହଣ କରିଥିଲେ ।

## ପ୍ରଶାନ୍ତ ମେମୋରିଆଲ ଟି ୨୦: ଭୁବନେଶ୍ୱର ଫାଇନାଲରେ

**ଭାପୁର,୯।୧୨(ଡି.ଏନ୍.ଏ.)**

ଭାପୁର ବ୍ଲକ ଚକ୍ରଧରପ୍ରସାଦ ପଞ୍ଚାୟତର ପ୍ରଗତି କ୍ଲବ ଆନୁକୂଲ୍ୟରେ ଚାଲିଥିବା ପ୍ରଶାନ୍ତ ମେମୋରିଆଲ ଟି ୨୦ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲରେ କୁମାରଖାଡିଆ ଦଳକୁ ୬ ଉଇକେଟରେ ହରାଇ ଭୁବନେଶ୍ୱର ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିଣି କୁମାରଖାଡିଆ ପ୍ରଥମେ ବ୍ୟାଟିଂ କରି ୧୬ ଓଭରରେ ସମସ୍ତ ଉଇକେଟ ହରାଇ ୧୭୭ ରନ ସଂଗ୍ରହ କରିଥିଲା। ଜବାବରେ ଭୁବନେଶ୍ୱର ଦଳ ୧୫.୩ ଓଭରରେ ୪ ଉଇକେଟ ହରାଇ ୧୭୯ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ସୂର୍ଯ୍ୟନାରାୟଣ ବାରିକ ୪୧ ବଲରେ ୯୨ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ପ୍ରଭାତ ରାୟ ଓ ରାମପ୍ରକାଶ ପାଇକରାୟ। ମଙ୍ଗଳବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଜଟଣୀ ଓ ରଣପୁର ଟିମ୍ ମଧ୍ୟରେ ଆୟୋଜିତ ହେବ।

## ଆଜିର ଜିଜ୍ଞାସୁ ଶିଶୁ କାଲିର ବୈଜ୍ଞାନିକ



ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

**ଖଣ୍ଡପଡା, ୯।୧୨(ସ୍ୱ.ପ୍ର.)**

ଆଜିର ଜିଜ୍ଞାସୁ ଶିଶୁ ଆସନ୍ତାକାଲିର ବୈଜ୍ଞାନିକ। ଖଣ୍ଡପଡା ବ୍ଲକ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ସୋମବାର ଅନୁଷ୍ଠିତ ବ୍ଲକସ୍ତରୀୟ ବିଜ୍ଞାନମେଳାରେ ଯୋଗଦେଇ ଅତିଥିମାନେ ଏହି ମତ ରଖିଥିଲେ। ବିଜ୍ଞାନ ମେଳାରେ ୧୨୭ ବିଦ୍ୟାଳୟରୁ ୧୫୯ ଗୋଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ମଣ୍ଡଳୀଙ୍କ ଦ୍ୱାରା ଯୋଗ୍ୟ ବିବେଚିତ ଜୁନିୟର ଓ ସବ୍‌ଜୁନିୟର ବିଭାଗରେ ୩ଜଣ ଲେଖାଏ ଛାତ୍ରୀଛାତ୍ରୀଙ୍କୁ ପ୍ରଥମ, ୨ୟ ଓ ୩ୟ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି ସିନିୟର ବିଭାଗରେ ୬ଜଣ ଛାତ୍ରଛାତ୍ରୀଙ୍କ ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ ହୋଇଛି। ବିଡିଓ ପ୍ରମୋଦ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ନୟାଗଡ ଜିଲା ପରିଷଦ ଅଧକ୍ଷା ବୈଜୟନ୍ତୀମାଳା ମହାନ୍ତି ମୁଖ୍ୟ ଅତିଥି ଓ ଏବିଇଓ ରବୀନ୍ଦ୍ର କୁମାର ରାଉତରାୟ, କଳିଙ୍ଗ ଚନ୍ଦ୍ର ନାୟକ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ । ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ମୋହନ ପ୍ରଧାନ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।

## ଚିଲିକା ସେଲ୍‌ଡ଼ କ୍ ଫକ୍ କାର୍ନିଭାଲ ତୃତୀୟ ସନ୍ଧ୍ୟା

**ବାଲୁଗାଁ,୯।୧୨(ଡ଼ି.ଏନ.ଏ.):** ପୁରାତନ ସଂସ୍କୃତି ଓ ଲୋକକଳାକୁ ଉଜ୍ଜୀବିତ ଉଦ୍ଦେଶ୍ୟରେ ସ୍ଥାନୀୟ ବଡ଼କୁଳସ୍ଥିତ ଚିଲିକା ତଟଦେଶରେ ଅବସ୍ଥାପିତ ଓଡ଼ିଆର୍ଟ ପୂର୍ବାଶା ମ୍ୟୁଜିୟମ୍ ପରିସରରେ ଚାଲିଥିବା ଚିଲିକା ସେଲ୍‌ଡ଼କ୍ ଫକ୍ କାର୍ନିଭାଲର ସୋମବାର ଥିଲା ତୃତୀୟ ସନ୍ଧ୍ୟା। ଆସାମର ବିହୁ ଓ ପଶ୍ଚିମବଙ୍ଗର ପୁରୁଲିଆ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ମଧ୍ୟାହ୍ନରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଚିତାମୁରୁଜ ଓ ଚିତ୍ରକଳା ପ୍ରତିଯୋଗିତା ହୋଇଥିଲା । ନୌକା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ତିନୋଟି ଗ୍ରୁପ୍ ଓ ସୁନ୍ଦର କଳା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଅନୁଷ୍ଠାନକୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

## ଅତିରିକ୍ତ ଜିଲାପାଳଙ୍କ ପ୍ରତିଶ୍ରୁତି ପରେ ଆମରଣ ଅନଶନ ପ୍ରତ୍ୟାହୃତ

**ଭାପୁର,୯।୧୨(ଡି.ଏନ୍.ଏ.)**

ଭାପୁର ବ୍ଲକରେ ହେଉଥିବା ଦୁର୍ନୀତିର ତଦନ୍ତ ଓ ଏବିଡିଓଙ୍କ ବଦଳି ଦାବିରେ ବ୍ଲକ ସମ୍ମୁଖରେ ଚାଲିଥିବା ଆମରଣ ଅନଶନ ଅତିରିକ୍ତ ଜିଲାପାଳଙ୍କ ପ୍ରତିଶ୍ରୁତି ପରେ ସୋମବାର ପ୍ରତ୍ୟାହୃତ ହୋଇଛି। ବ୍ଲକର ଯୁବନେତା ଜିତେନ୍ଦ୍ର କୁମାର ରଣସିଂହଙ୍କ ନେତୃତ୍ୱରେ ୪୧ ଜଣ ସକ୍ରିୟ ବିଜେଡି କର୍ମୀ ଓ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ ଗତ ମଙ୍ଗଳବାରଠାରୁ ଆମରଣ ଅନଶନରେ ବସିଥିଲେ। ସୋମବାର ଆନ୍ଦୋଳନର ସପ୍ତମ ଦିନରେ ନୟାଗଡ଼ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ନୟାଗଡ଼ ଅତିରିକ୍ତ ଏସ୍‌ପି ଦିଲୀପ କୁମାର ସାହାଣୀ, ପୋଲିସ ଏସ୍‌ଡିପିଓ ଖଣ୍ଡପଡ଼ା ଶ୍ରୀନିବାସ ମହାନ୍ତି ଓ ଫତେଗଡ଼ ଆଇଆଇସି ଗିରିଜା ନନ୍ଦନ ପଟ୍ଟନାୟକ ଅନଶନ ସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ପରେ ଏବିଡିଓଙ୍କ ବଦଳି ପାଇଁ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିବା ଓ ୨ ସପ୍ତାହ ମଧ୍ୟରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ହୋଇଥିବା ଦୁର୍ନୀତି ଉପରେ ତଦନ୍ତ କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିଶ୍ରୁତି ପରେ ଅନଶନକାରୀ ଆନ୍ଦୋଳନରୁ ଓହରି ଯାଇଥିଲେ।



ଅନଶନକାରୀଙ୍କ ସହ ଆଲୋଚନା କରୁଛନ୍ତି ଅତିରିକ୍ତ ଜିଲାପାଳ।

## ୫୫ ଅଭିଯୋଗର ଶୁଣାଣି କଲେ ଜିଲାପାଳ

**ଗଣିଆ, ୯।୧୨(ଡି.ଏନ.ଏ.)**



ଜିଲାପାଳ ଅଭିଯୋଗକାରୀଙ୍କଠାରୁ ଅଭିଯୋଗ ଶୁଣୁଛନ୍ତି।

ଗଣିଆ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସୋମବାର ନୟାଗଡ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପୋମା ଟୁଡୁ, ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ, ଏସ୍‌ପି ଶଶିଭୂଷଣ ଶତପଥୀ, ଜିଲା ଆପତ୍‌କାଳୀନ ଅଧିକାରୀ ଧୋବା ନାୟକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶ୍ୱେତ ମହାପାତ୍ର, ତହସିଲଦାର ମିତାଲି ପାତ୍ର, ବିଡିଓ ମାନସ ରଞ୍ଜନ ସାମଲ, ବ୍ଲକ ଅଧକ୍ଷ ଶେଷଦେବ ସ୍ୱାଇଁ, ଅତିରିକ୍ତ ବିଡିଓ ସରୋଜ କୁମାର ନାୟକ, ଗଣିଆ ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟଙ୍କ ସମେତ ବିଭିନ୍ନ ବିଭାଗର ଜିଲା ଓ ବ୍ଲକସ୍ତରୀୟ କର୍ମଚାରୀ ଉପସ୍ଥିତ ଥିଲେ । ଜିଲାପାଳ ଟୁଡୁ ମୋଟ ୫୫ଟି ଅଭିଯୋଗର ଶୁଣାଣି କରି ତୁରନ୍ତ ଏହାର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପାନୀୟଜଳ, ରାଶନ କାର୍ଡ, ବିଦ୍ୟୁତ୍ ଯୋଗାଣ, ରାସ୍ତା, ପୋଖରୀ, ଇନ୍ଦିରା ଆବାସ, ଭତ୍ତା, କାଳିଆ ଯୋଜନା, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ସମ୍ପର୍କରେ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ବିଦ୍ୟୁତ୍, ପାନୀୟଜଳ, ପୋଖରୀ ଓ ରାସ୍ତାକୁ ନେଇ ୪ଟି ଓ ଅବଶିଷ୍ଟ ୫୧ଟି ବ୍ୟକ୍ତିଗତ ଅଭିଯୋଗ ଆସିଥିଲା। କରଡ଼ାପଡ଼ା ଗ୍ରାମର ସୁମିତ୍ରା ବେହେରାଙ୍କୁ ରେଡକ୍ରସ ପାଣ୍ଠିରୁ ୫ହଜାର ଟଙ୍କା ଆର୍ଥିକ ସହାୟତା ଦିଆଯାଇଥିଲା।

# ଫଳକରେ ଶୋଭାପାଇବ ଜମିଦାତାଙ୍କ ନାମ

**ପୁରୀ ଅଫିସ, ୯।୧୨**

ଭିଟାମାଟି ଛାଡ଼ିବାର ଦୁଃଖ ଅନ୍ୟ କେହି ବୁଝିପାରନ୍ତି ନାହିଁ। ପରିସ୍ଥିତିରେ ପଡ଼ି ହେଉ ଅବା ବାଧ୍ୟବାଧକତାରେ ଯେଉଁମାନେ ଭିଟାମାଟି ଛାଡ଼ନ୍ତି ସେହିମାନେ ହିଁ ଜାଣନ୍ତି ଏହାର କଷ୍ଟ। ପ୍ରତିବଦଳରେ ଯେତେ ଟଙ୍କା ଦେଲେ ବି ସେମାନଙ୍କ ମନ ବୁଝି ନ ଥାଏ। ଅନିଚ୍ଛା ସତ୍ତ୍ୱେ ସେମାନଙ୍କ ଠିକଣା ବଦଳିଯାଏ। ଆଉ ବିସ୍ଥାପିତର ନୂଆ ପରିଚୟ ପାଆନ୍ତି। କିଛିଦିନ ଆଲୋଚନା ପରେ ପୁଣି ସମସ୍ତେ ସେମାନଙ୍କୁ ଭୁଲିଯାଆନ୍ତି। ହେଲେ ଏଥିରେ ବ୍ୟତିକ୍ରମ ହେବାକୁ ଯାଉଛି

**ମହାପ୍ରଭୁଙ୍କ ପାଇଁ ତ୍ୟାଗ**

ପୁରୀ ପ୍ରଶାସନ। ଶ୍ରୀମନ୍ଦିର ସୁରକ୍ଷା ପାଇଁ ଯେଉଁମାନେ ଜମି ତ୍ୟାଗ କରି ବିସ୍ଥାପିତ ହେବେ ସେମାନଙ୍କ ନାମ ଫଳକରେ ଶୋଭାପାଇବ। ପୁରୀକୁ ଆସୁଥିବା ଭକ୍ତ, ପର୍ଯ୍ୟଟକ ଏବଂ ଯାତ୍ରୀ ସେମାନଙ୍କ ତ୍ୟାଗର କଥାକୁ ମନେ ପକାଇବେ। ଏଥିଲାଗି ସୁରକ୍ଷା ଜୋନ ମଧ୍ୟରେ ଫଳକ ରହିବ। ଏଥିରେ ଜମିଦାତାଙ୍କ ନାମ ରଖାଯିବା ଲାଗି ପ୍ରଶାସନିକସ୍ତରରେ ଆଲୋଚନା ହୋଇଛି।

ଶ୍ରୀମନ୍ଦିର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ମେଘନାଦ ପାଚେରି କଡ଼ରୁ ୭୫ ମିଟର ପରିଧି ମଧ୍ୟରେ ଜାଗା ଖାଲି କରିବାକୁ ରାଜ୍ୟ ସରକାର ଘୋଷଣା କରିବା ପରେ ଏହାକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ଚାଲିଥିଲା। ମହାପ୍ରଭୁଙ୍କ ପାଇଁ ତ୍ୟାଗ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ ଦେଇଥିଲେ। ତେବେ ଏହି ସୁରକ୍ଷା ଜୋନ୍‌ରେ ଥିବା ୧୮୫ଟି ଘରୋଇ ପ୍ଲଟ ମଧ୍ୟରେ ବହୁ ବାସଗୃହ, ହୋଟେଲ, ଲଜିଂ, ମଠ, ମନ୍ଦିର ଏବଂ ବ୍ୟବସାୟ ପ୍ରତିଷ୍ଠାନ ରହିଥିବାରୁ ଏହା ଏକପ୍ରକାର ଚ୍ୟାଲେଞ୍ଜ ହୋଇଥିଲା। ମାତ୍ର ମହାପ୍ରଭୁଙ୍କ ପ୍ରତି ଲୋକମାନଙ୍କ ସମର୍ପଣ ଭାବ ସରକାରଙ୍କୁ ସୁରକ୍ଷା ଜୋନ୍‌ରୁ ଜମି ଅଧିଗ୍ରହଣ ସହଜ କରିଦେଇଥିବା କୁହାଯାଇପାରେ। କାରଣ ବର୍ତ୍ତମାନ ସୁଦ୍ଧା ପ୍ରାୟ ୮୦ ପ୍ରତିଶତ ଘରୋଇ ଜମିର ବିକ୍ରି କବଲା ସରିଥିବାବେଳେ ପ୍ରଶାସନ ମଧ୍ୟ ଉଚ୍ଛେଦ ଆରମ୍ଭ କରିଛି। ତେଣୁ ଯେଉଁମାନେ ମହାପ୍ରଭୁଙ୍କ ପାଇଁ ସେମାନଙ୍କ ଭିଟାମାଟି ତ୍ୟାଗ କରିଛନ୍ତି ତାଙ୍କୁ ମନେ ପକାଇବା ପାଇଁ ପ୍ରଶାସନ ଏହି ପଦକ୍ଷେପ ନେବାକୁ ଯାଉଥିବା ଜଣାପଡ଼ିଛି। ସୂଚନାଥାଉ କି, ପୂର୍ବରୁ ମୁଖ୍ୟମନ୍ତ୍ରୀ ୧୧ ଜଣ ଜମିଦାତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିସାରିଛନ୍ତି।